
ଅନିମେଷଙ୍କୁ ସ୍ୱର୍ଣ୍ଣ
ପୃଷ୍ଠା ୭

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 34 | ଭାଗ ୩୪ | ସଂଖ୍ୟା ୩୪ Bhubaneswar | Saturday 26 April 2025 | Page 8 Rs. 4.00 ● ଭୁବନେଶ୍ୱର ଶନିବାର ୨୬ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ଭାରତକୁ ସହଯୋଗ କରିବ ଆମେରିକା

## ପ୍ରତିଶ୍ରୁତି ଦେଲେ ତୁଳସୀ ଗବାର୍ଡ

**ନୂଆଦିଲ୍ଲୀ,୨୫।୪:** ଆତଙ୍କବାଦୀଙ୍କୁ ନିପାତରେ କରିବାରେ ଭାରତକୁ ସବୁପ୍ରକାର ସହାୟତା କରିବ ଆମେରିକା। ପହଲଗାମ୍ ହମ୍‌ଲାରେ ଜଡିତ ଆତଙ୍କୀଙ୍କୁ ଚିହ୍ନଟ, ଠାବ ଓ ନିପାତରେ ସହାୟତା କରିବା ସକାଶେ ଆମେରିକା ଗୁଇନ୍ଦା ମୁଖ୍ୟ ତୁଳସୀ ଗବାର୍ଡ ପ୍ରତିଶ୍ରୁତି ଦେଇଛନ୍ତି। ସେ ପହଲଗାମ୍‌ରେ ନିହତ ହୋଇଥିବା ୨୬ ନିରୀହ ପର୍ଯ୍ୟଟକଙ୍କ ପାଇଁ ଶୋକ ବ୍ୟକ୍ତ କରିଛନ୍ତି। ତେବେ ଆମେରିକା ବୈଦେଶିକ ମନ୍ତ୍ରାଳୟ ମୁଖପାତ୍ର ଟାମି ବ୍ରୁସ ପହଲଗାମ୍ ଆକ୍ରମଣକୁ ନେଇ ପାକିସ୍ତାନୀ ସାମ୍ବାଦିକଙ୍କ ପ୍ରଶ୍ନକୁ ଏଡାଇଯିବା ପରେ ଗବାର୍ଡଙ୍କ ସମର୍ଥନ ଭାରତର ମନୋବଳ ବଢାଇଛି। ପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ପହଲଗାମ୍ ଆକ୍ରମଣ ନେଇ ଭାରତକୁ ସମର୍ଥନ ଜଣାଇଥିଲେ। ଆତଙ୍କବାଦର ମୁକାବିଲା ପାଇଁ ଆମେରିକା ଭାରତ ସହ ଛିଡା ହୋଇଥିବାରୁ ଏ ସମ୍ପର୍କରେ ପାକିସ୍ତାନୀ ସାମ୍ବାଦିକଙ୍କୁ ପ୍ରଶ୍ନ କରିବାକୁ ଦିଆଯିବ ନାହିଁ ବୋଲି ବ୍ରୁସ କହିଥିଲେ।

## ସତ ମାନିଲା ପାକିସ୍ତାନ

# ୩୦ ବର୍ଷ ହେଲା ଚଳାଇଛୁ ଘୃଣ୍ୟ କାମ: ପ୍ରତିରକ୍ଷା ମନ୍ତ୍ରୀ

ମାନିଲା ପାକିସ୍ତାନ । ଆମେ ପାଳିଛୁ ଆତଙ୍କବାଦ...। ସାକ୍ଷାତକାର ବେଳେ ପାଟିରୁ ବାହାରିଗଲା ସତ । ପାକିସ୍ତାନର ମୁଖା ଖୋଲିଦେଲେ ନିଜେ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ । ବ୍ରିଟିଶ ଗଣମାଧ୍ୟମକୁ ସାକ୍ଷାତକାର ସମୟରେ ସେ ମାନିଛନ୍ତି । ଅବଶ୍ୟ ଏଥିପାଇଁ ଆମେରିକା ଓ ବ୍ରିଟେନକୁ ଦାୟୀ କରିଛନ୍ତି। କିନ୍ତୁ ଖ୍ୱାଜା ଆସିଫ୍ ମାନିଛନ୍ତି, ଆତଙ୍କବାଦୀଙ୍କୁ, ଟ୍ରେନିଂ, ଫଣ୍ଡିଂ ଓ ପ୍ରୋତ୍ସାହନ ଦେଇଆସିଛି ପାକିସ୍ତାନ । ଏହାର ଇତିହାସ ୩୦ ବର୍ଷରୁ ବି ଅଧିକ ପୁରୁଣା । ଯାହା ସ୍ପଷ୍ଟ କରୁଛି, ଭାରତର ଦାବି ସତ । ଯାହାକୁ ସିଧାସଳଖ କେବେ ବି ମାନୁନଥିଲା ପାକିସ୍ତାନ। କିନ୍ତୁ ଆମେରିକା, ବ୍ରିଟେନ ବାହାନାରେ ହେଉ ପଛେ ପାକିସ୍ତାନ ପାଟିରୁ ସତ ବାହାରିଛି। ଲସ୍କରରୁ ଜନ୍ମ ନେଇଥିବା ➺ପୃଷ୍ଠା-୬

# ଅପରେସନ ଅଲ୍-ଆଉଟ୍

ଭାରତୀୟଙ୍କ ସହନଶୀଳତାକୁ ତା'ର ଦୁର୍ବଳତା ଭାବିବା ଉଚିତ ନୁହେଁ। ନୀରିହ ପର୍ଯ୍ୟଟକଙ୍କୁ ନିର୍ମମ ଭାବେ ଧର୍ମ ପଚାରି ମାରି ପାକିସ୍ତାନ ନିଜେ ନିଜ ପାଇଁ କବର ଖୋଳିଦେଇଛି। ଦେଶର ସୁରକ୍ଷାକର୍ମୀ ଓ ସାଧାରଣ ନାଗରିକଙ୍କ ମଧ୍ୟରେ ଏବେ ଏଭଳି ଏକ ଭାବନା ଜାଗ୍ରତ ହୋଇଛି। ଏଥିସହିତ ପ୍ରତିଶୋଧ ପାଇଁ ସବୁଆଡୁ ଏକ ସ୍ୱରରେ ଉଠୁଛି 'ପାକିସ୍ତାନ ମୁର୍ଦ୍ଦାବାଦ'ର ନାରା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅପରେସନ ଅଲଆଉଟକୁ ଏଭଳି ସାଧାରଣ ଲୋକଙ୍କ ସହ ରାଜନୈତିକ ଓ କୂଟନୈତିକ ସମର୍ଥନ ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା। ପର୍ଯ୍ୟାୟକ୍ରମେ କେନ୍ଦ୍ର ସରକାର ଆତଙ୍କୀଙ୍କ ଆଡ୍ଡା ପାଳଟିଥିବା ପାକିସ୍ତାନକୁ ମୂଳପୋଛ କରିଦେବାକୁ ସୁବ୍ୟବସ୍ଥିତ ରଣନୀତି ପ୍ରସ୍ତୁତ ହେଉଛି। ଯେକୌଣସି ସମୟରେ କିଛି ବି ହୋଇପାରେ।

**ଶ୍ରୀନଗର,୨୫।୪:** ଗତ ୨୨ ତାରିଖରେ ପହଲଗାମ୍‌ର ବୈସରନ୍‌ଠାରେ ୪ ଜଣ ଆତଙ୍କବାଦୀ ଆଖିବୁଜା ଗୁଳି ଚଳାଇ ୨୬ ଜଣ ନିରୀହ ପର୍ଯ୍ୟଟକଙ୍କ ଜୀବନ ନେଇଥିବା ବେଳେ ଭାରତ ସରକାର ଏହାର କଡ଼ା ଜବାବ ଦେବା ସକାଶେ ପ୍ରସ୍ତୁତି ଚଳାଇଛନ୍ତି। ଏହି ଆତଙ୍କୀମାନଙ୍କୁ ଧରିବା ସକାଶେ ଶ୍ରୀନଗର ପୁଲିସ୍ ସ୍କେଚ୍ ଜାରି କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଚିହ୍ନଟ ମଧ୍ୟ କରାଯାଇସାରିଛି। ତେବେ ଆଜି ଜମ୍ମୁ-କଶ୍ମୀରର

# ପାକିସ୍ତାନ ମୁର୍ଦ୍ଦାବାଦ

## କାଠୁଆରେ ଲୁଚିଛନ୍ତି ୪ ଆତଙ୍କୀ

କାଠୁଆ ଜିଲ୍ଲାରେ ଭାରତୀୟ ସେନା ପକ୍ଷରୁ ଏକ ବଡ଼ ଧରଣର ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଛି। ଜିଲ୍ଲାର ହୀରାନଗର ସେକ୍ଟରରେ ଉକ୍ତ ୪ ଜଣ ଆତଙ୍କୀ ଲୁଚି ରହିଥିବା ଅନୁମାନ କରାଯାଉଛି। ସ୍ଥାନୀୟ ଅଞ୍ଚଳର

**ବଡ଼ ଧରଣର ସର୍ଚ୍ଚ ଅପରେସନ୍ ଜାରି**
**ମହିଳାଙ୍କ ସୂଚନା ଆଧାରରେ ପଦକ୍ଷେପ**

ଜନୈକା ମହିଳା ସେନାକୁ ୪ ଜଣ ସନ୍ଦିଗ୍ଧ ରହିଥିବା ନେଇ ସୂଚନା ଦେବା ପରେ ଏହି ଅପରେସନ୍ ଆରମ୍ଭ ହୋଇଛି। ଏହି କାରଣରୁ ଉକ୍ତ ଅଞ୍ଚଳରେ ହାଇ ଆଲର୍ଟରେ ରଖାଯାଇଛି। ଜମ୍ମୁ-କଶ୍ମୀର ପୁଲିସ୍‌ର ସ୍ପେଶାଲ୍ ଅପରେସନ୍ ଗ୍ରୁପ୍ ଘଟଣାସ୍ଥଳରେ ପହଞ୍ଚି ତଲାସୀ ଅଭିଯାନ ଚଳାଇଥିବା ଜଣାପଡ଼ିଛି। ଉକ୍ତ ଅଞ୍ଚଳକୁ ଘେରାବନ୍ଦୀ କରାଯିବା ସହ ସ୍ଥାନୀୟ ଲୋକଙ୍କ ସହଯୋଗରେ ପ୍ରତି ଘରେ ଖାନ୍‌ତଲାସୀ କରାଯାଉଛି। ଏହି ଅଞ୍ଚଳଟି ସୀମାରେଖା ନିକଟରେ ଥିବାରୁ ପୂର୍ବରୁ ଏଠାରେ ଏକାଧିକ ବାର ଅନୁପ୍ରବେଶ



ଘଟଣା ନଜରକୁ ଆସିସାରିଛି। ପହଲଗାମ୍ ଆତଙ୍କୀ ହମ୍‌ଲା ସହ ଜଡ଼ିତ ୪ ଆତଙ୍କବାଦୀ ଏଠାରେ ଲୁଚି ରହି ପୁନର୍ବାର କୌଣସି ବଡ଼ ଧରଣର ଅଘଟଣ ଘଟାଇବା ଷଡ଼ଯନ୍ତ୍ର କରୁଥିବା ସୁରକ୍ଷାକର୍ମୀମାନେ ସନ୍ଦେହ କରୁଛନ୍ତି। ଏହି ଖାନ୍‌ତଲାସୀରେ ଡ୍ରୋନ୍ ଓ ସ୍ନାଇପର୍ ଡଗ୍‌ମାନଙ୍କର ମଧ୍ୟ ସହଯୋଗ ନିଆଯାଉଛି। ଏହାଛଡ଼ା ପୁଲ୍‌ୱାମାର କରିମାବାଦ ଅଞ୍ଚଳରେ ମଧ୍ୟ ସର୍ଚ୍ଚ ଅପରେସନ୍ ଆରମ୍ଭ କରାଯାଇଛି। ଏହି ଅଞ୍ଚଳ ଆତଙ୍କୀଙ୍କ ଅନ୍ୟତମ ଆଡ୍ଡାସ୍ଥଳୀ ଭାବେ ପରିଚିତ। ଉକ୍ତ ଅଞ୍ଚଳକୁ ସିଲ୍ କରାଯିବା ସହ ପ୍ରତି ➺ପୃଷ୍ଠା-୬

## ରାଜ୍ୟମାନଙ୍କୁ ଶାହଙ୍କ ନିର୍ଦ୍ଦେଶ

**ତୁରନ୍ତ ପାକିସ୍ତାନୀଙ୍କୁ ତଡ଼...**

**ଓଡ଼ିଶାରେ ଅଛନ୍ତି ୧୨ ପାକିସ୍ତାନୀ**

**ନୂଆଦିଲ୍ଲୀ/ଭୁବନେଶ୍ୱର:** ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ତୀବ୍ର ହେଉଛି କୂଟନୈତିକ ବିବାଦ। ପାକିସ୍ତାନକୁ ଏଥର ଉଚିତ୍ ଜବାବ୍ ଦେବାକୁ ସିନ୍ଧୁ ଜଳ ଚୁକ୍ତି ରଦ୍ଦ, ଭିସା ବାତିଲ, ସୀମା ବନ୍ଦ ଭଳି କଠୋର କାର୍ଯ୍ୟାନୁଷ୍ଠାନ ସହ ଆତଙ୍କବାଦୀଙ୍କୁ ମାଟିରେ ମିଶାଇଦେବାକୁ ଜାରି ରହିଛି ଜୋରଦାର୍ ଅପରେସନ। ଘନ ଘନ ଉଚ୍ଚସ୍ତରୀୟ ବୈଠକ, ତା'ସାଙ୍ଗକୁ ଭାରତର ସମରସଜ୍ଜା। ଏହି କ୍ରମରେ ଆଜି ଦେଶର ସବୁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା ସମୟରେ ପାକିସ୍ତାନ ନାଗରିକଙ୍କୁ ଚିହ୍ନଟ କରି ➺ପୃଷ୍ଠା-୬

## ଅସ୍ତ୍ରବିରତିର ଉଲ୍ଲଂଘନ : ସୀମାରେ ଗୁଳି ବିନିମୟ

**ବାନ୍ଦିପୋରାରେ ଲସ୍କର କମାଣ୍ଡର୍ ନିହତ**

ପହଲଗାମ୍ ଆତଙ୍କୀ ଆକ୍ରମଣ ଘଟଣା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବା ପରିପ୍ରେକ୍ଷୀରେ ଗତକାଲି ରାତିରେ ପାକିସ୍ତାନ ସେନା ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ଗୁଳିଗୋଳା ବର୍ଷା କରିଛି। ଗତକାଲି ରାତି ସାରା ପାକିସ୍ତାନୀ ସେନା ଗୁଳି ବିନିମୟ ଜାରି ରଖିଥିବା ବେଳେ ଏହାର ଜବାବ ଭାରତୀୟ ସେନା ପକ୍ଷରୁ ମଧ୍ୟ ଦିଆଯାଇଛି। ତେବେ ଏହି ଗୁଳିଗୋଳା ବିନିୟମରେ କେହି ଆହତ ହୋଇନାହାନ୍ତି। ଏହାଛଡ଼ା କୁପୱାଡା ଜିଲ୍ଲାର ହଣ୍ଡୱାରା ଅନ୍ତର୍ଗତ ନୋଗାମ୍ ସେକ୍ଟରରେ ମଧ୍ୟ ପାକିସ୍ତାନୀ ସେନା ପକ୍ଷରୁ ଯୁଦ୍ଧବିରତି ନିୟମ ଉଲ୍ଲଙ୍ଘନ କରାଯାଇ ଗୁଳିଗୋଳା ବର୍ଷା କରାଯାଇଛି। ଅନ୍ୟପକ୍ଷରେ ପହଲଗାମ୍ ଆତଙ୍କୀ ହମ୍‌ଲାର ପ୍ରତିଶୋଧ ପାଇଁ ଭାରତୀୟ ସୁରକ୍ଷା କର୍ମୀ ଅଭିଯାନ ଆରମ୍ଭ କରିଛନ୍ତି। ଏଥିରେ ଜମ୍ମୁ-କଶ୍ମୀରର ବାନ୍ଦିପୋର୍‌ରେ ଲସ୍କର-ଏ-ତୋଇବାର ଶୀର୍ଷ କମାଣ୍ଡର ଅଲ୍‌ତାଫ୍ ଲାଲି ନିହତ ହୋଇଛି। ସମ୍ପୃକ୍ତ ଅଞ୍ଚଳରେ ଲାଲି ଲୁଚିଥିବା ନେଇ ଖବର ମିଳିବା ପରେ ଭାରତୀୟ ସେନା ପକ୍ଷରୁ ଆରମ୍ଭ ହୋଇଥିଲା ସର୍ଚ୍ଚ ଅପରେସନ। ଏଥିରେ ସେନାକୁ ସହଯୋଗ କରିଥିଲା କାଶ୍ମୀର ପୁଲିସ। ➺ପୃଷ୍ଠା-୬

### ନବ ଦାସ ହତ୍ୟା ଘଟଣା

# ବ୍ରହ୍ମପୁରରେ କ୍ରାଇମବ୍ରାଞ୍ଚର ଛାନ୍‌ଭିନ୍



▶ ଗୋପାଳ ପରିବାର ଲୋକଙ୍କୁ ଜେରା ଓ ବୟାନ୍ ରେକର୍ଡ
▶ ୨ ଦିନରେ ୫ ଜଣଙ୍କୁ ପଚରାଉଚରା

**ବ୍ରହ୍ମପୁର,୨୫।୪(ସଂଚାର ବ୍ୟୁରୋ):** ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାରେ ବ୍ରହ୍ମପୁରରେ ପହଞ୍ଚି ତନାଘନା କରିଛନ୍ତି କ୍ରାଇମବ୍ରାଞ୍ଚର ୩ ଜଣିଆ ଟିମ୍। ଝାରସୁଗୁଡା ପରେ ବ୍ରହ୍ମପୁରରେ କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଟିମ୍ ଘଟଣାର ତଦନ୍ତ କରିଥିଛି। ସ୍ଥାନୀୟ ବୈଦ୍ୟନାଥପୁର ଥାନାରେ କ୍ରାଇମବ୍ରାଞ୍ଚର ୩ ଜଣିଆ ଟିମ୍ ପହଞ୍ଚିବା ସହ ଅଭିଯୁକ୍ତ ଗୋପାଳ ଦାସର ବଡ଼ ଭାଇ, ପୁଅ ଓ ପୁତୁରାଙ୍କୁ ପଚରାଉଚରା କରିଛନ୍ତି। ଗୋପାଳଙ୍କ ଭାଇ ସତ୍ୟନାରାୟଣଙ୍କୁ ବ୍ରହ୍ମପୁର ଟାଉନ ଥାନାକୁ ଡାକି ଜେରା କରିବା ସହ ତାଙ୍କ ବୟାନ ➺ପୃଷ୍ଠା-୬

# ନକ୍ସଲବିରୋଧୀ ଲଢ଼େଇରେ ୧୦୦୦୦ ସୁରକ୍ଷାକର୍ମୀ

**ମାଲକାନଗିରି,୨୫।୪(ସଂଚାର ବ୍ୟୁରୋ):** ତେଲେଙ୍ଗାନା-ଛତିଶଗଡ଼ ସୀମାରେ ବଡ଼ ଧରଣର ନକ୍ସଲ ଦମନ ଅଭିଯାନକୁ ଇତିମଧ୍ୟରେ ୭୨ ଘଣ୍ଟା ପୂରିସାରିଛି। ନିର୍ଣ୍ଣାୟକ ଲଢ଼େଇରେ ଲାଗିପଡ଼ିଛନ୍ତି ୧୦ ହଜାର ସୁରକ୍ଷାକର୍ମୀ। ଛତିଶଗଡ଼ ବିଜାପୁର କେରଗୁଟ୍ଟା ଜଙ୍ଗଲରେ ଚାଲିଛି ଦେଶର ସବୁଠୁ ବଡ଼ ମାଓ ଦମନ ଅପରେସନ୍। ଏଥିରେ ବର୍ତ୍ତମାନ ସୁଦ୍ଧା ୫ ଜଣ ନକ୍ସଲଙ୍କ ମୃତଦେହ ମିଳିଥିବା ବେଳେ ନିଶାନାରେ ଅଛନ୍ତି ମାଓବାଦୀଙ୍କ ୧ ନମ୍ବର ପ୍ଲାଟୁନର ମୁଖ୍ୟ ହିଡମା ସହ ପ୍ରାୟ ୧୫ ଶୀର୍ଷ ନକ୍ସଲ। ଆରପାର୍ ଲଢ଼େଇ ଚାଲିଛି ମାଓବାଦୀଙ୍କ ଅଭେଦ୍ୟ ଦୁର୍ଗ କୁହାଯାଉଥିବା ତେଲେଙ୍ଗାନା-ଛତିଶଗଡ଼ ସୀମା ବିଜାପୁର ଜିଲ୍ଲାର କସ୍ତୁରବା ଗାଁ କେରଗୁଟ୍ଟା ଜଙ୍ଗଲରେ। ଅପରେସନ ଏରିଆ ମହାରାଷ୍ଟ୍ର-ତେଲେଙ୍ଗାନା-ଛତିଶଗଡ଼ ହୋଇଥିବା ବେଳେ ଏହି ୩ ରାଜ୍ୟର ସୀମାବର୍ତ୍ତୀ ଜଙ୍ଗଲ ଭିତରେ ଚାଲିଛି ମାଓବିରୋଧୀ ଅଭିଯାନ 'କଗାର୍'। ଘନ ଘନ ପଇଁତରା ମାରୁଛି ହେଲିକପ୍ଟର। ଅର୍ଥାତ ଲାଲବାହିନୀ ବିରୋଧୀ ରଣାଙ୍ଗନ ଭିତରେ ଭୟ ଓ ଆତଙ୍କରେ ରହିଛନ୍ତି ସ୍ଥାନୀୟ ବାସିନ୍ଦା। ଛତିଶଗଡ଼ ଗୃହମନ୍ତ୍ରୀ ବିଜୟ ଶର୍ମା ମାଓବାଦୀଙ୍କୁ ଆତ୍ମସମର୍ପଣ ପାଇଁ ଦେଇଥିଲେ ଶେଷ ସୁଯୋଗ। ନଚେତ ନିପାତ କରାଯିବ ବୋଲ ➺ପୃଷ୍ଠା-୬

## ଶାନ୍ତି ପ୍ରସ୍ତାବ ଦେଲେ ମାଓବାଦୀ



# ଓଡ଼ିଶାରେ ନିବେଶ ପାଇଁ ଏହା ଉପଯୁକ୍ତ ସମୟ




❑ ମୁମ୍ବାଇରେ ନିବେଶକଙ୍କୁ ଦେଖାଇଲେ ସମ୍ଭାବନାର ଚିତ୍ର
❑ ବିକଶିତ ଓଡ଼ିଶା ଗଠନ ପ୍ରକ୍ରିୟାରେ ସାମିଲ ହେବାକୁ ଆହ୍ୱାନ
❑ ଦୃଢ଼ ଇଚ୍ଛାଶକ୍ତି ସହ ଶିଳ୍ପ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି

**ମୁମ୍ବାଇ,୨୫।୪:** ଏହା ହିଁ ଉପଯୁକ୍ତ ସମୟ, ଓଡ଼ିଶାରେ ପୁଞ୍ଜିନିବେଶ କରନ୍ତୁ, ସମୃଦ୍ଧ ଓ ବିକଶିତ ଓଡିଶା ଗଠନରେ ଭାଗିଦାରୀ ହୁଅନ୍ତୁ। ଆଜି ମୁମ୍ବାଇରେ ଆୟୋଜିତ ଇଣ୍ଡିଆ ଷ୍ଟିଲ-୨୦୨୫ ସମ୍ମିଳନୀରେ ଯୋଗଦେଇ ଜାତୀୟ ଓ ଆନ୍ତର୍ଜାତୀୟ ଇସ୍ପାତ ଉତ୍ପାଦନକାରୀ କମ୍ପାନୀମାନଙ୍କୁ ଏଭଳି ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ସେ ପୁଞ୍ଜିନିବେଶକାରୀଙ୍କୁ ଓଡ଼ିଶାରେ ଶିଳ୍ପାୟନ ପାଇଁ ଥିବା ଅନକୂଳ ବାତାବରଣ ସହ ପର୍ଯ୍ୟାପ୍ତ କଞ୍ଚାମାଲ, ଦକ୍ଷ ମାନବ ସମ୍ବଳ ଓ ବଳିଷ୍ଠ ଯୋଗାଯୋଗ ଭିତ୍ତିଭୂମି ସମ୍ପର୍କରେ ଅବଗତ କରିଥିଲେ।

ଭାରତ ବିଶ୍ୱର ଚତୁର୍ଥ ବୃହତ ଲୁହାପଥର ଉତ୍ପାଦନକାରୀ ଦେଶ ହୋଇଥିବା ବେଳେ ଓଡ଼ିଶା ଦେଶରେ ସର୍ବାଧିକ ଲୁହାପଥର ଉତ୍ପାଦନକାରୀ ରାଜ୍ୟ। ଦେଶର ଲୁହାପଥର ଆବଶ୍ୟକତାର ୫୫ ପ୍ରତିଶତ ଯୋଗାଉଥିବା ଓଡ଼ିଶା ଭାରତରେ ଇସ୍ପାତ ଶିଳ୍ପର ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ତାଙ୍କ ନିଜ ଜିଲ୍ଲା ଖଣିଜ ସମ୍ପଦଭରା କେନ୍ଦୁଝର ରାଜ୍ୟର ୫୦ ପ୍ରତିଶତ କଞ୍ଚାମାଲ ଉତ୍ପାଦନ କରୁଛି। ତେଣୁ ରାଜ୍ୟରେ ଇସ୍ପାତ ଓ ଇସ୍ପାତ ସହ ଜଡ଼ିତ ଶିଳ୍ପ ପାଇଁ ବ୍ୟାପକ ସମ୍ଭାବନା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଶିଳ୍ପାୟନ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଛନ୍ତି। ଯାହା ଗତ ଜାନୁଆରୀରେ ଅନୁଷ୍ଠିତ ଉତ୍କର୍ଷ ଓଡ଼ିଶା କନକ୍ଲେଭ୍‌ରୁ ପ୍ରମାଣିତ ହୋଇସାରିଛି। ଶିଳ୍ପାନୁଷ୍ଠାନର ଆବଶ୍ୟକତା ଅନୁଯାୟୀ କଞ୍ଚାମାଲ, ଜମି, ସଡକ ଓ ରେଳ ଯୋଗାଯୋଗ ସହ ବିଦ୍ୟୁତ ଓ ପାଣି ଯୋଗାଇବା ସୁନିଶ୍ଚିତ କରିଛନ୍ତି ସରକାର। ଗତ ୧୦ ମାସ ମଧ୍ୟରେ ରାଜ୍ୟର ୪୪ଟି ବୃହତ ଖଣିକୁ ରାଜ୍ୟ ସରକାର ଅକ୍ସନ କରିଛନ୍ତି। ଖୁବଶୀଘ୍ର ଆଉ ୮ଟି ବୃହତ ଖଣିର ଅକ୍ସନ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହିସବୁ ଖଣି କାର୍ଯ୍ୟକ୍ଷମ ହେଲେ ୩୨୩ ନିୟୁତ ଟନ କଞ୍ଚାମାଲ ଉତ୍ପାଦନ ହେବ। ମାର୍ଚ୍ଚ ୨୦୨୬ ସୁଦ୍ଧା ଆଉ ୨୨ଟି ଖଣିର ଅକ୍ସନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୨୦୩୦-୩୧ ସୁଦ୍ଧା ଭାରତର ଲୁହାପଥର ଆବଶ୍ୟକତା ୩୪୦ ନିୟୁତ ଟନକୁ ବୃଦ୍ଧି ପାଇବାକୁ ଥିବା ବେଳେ ଓଡିଶା କେବଳ ୨୪୦ରୁ ୨୪୫ ନିୟୁତ ଟନ କଞ୍ଚାମାଲ ଯୋଗାଇଦେବ। କେବଳ ଲୁହାପଥର ନୁହେଁ, କୋଇଲା କ୍ଷେତ୍ରରେ ମଧ୍ୟ ଓଡ଼ିଶା ଦେଶର ୨୪ ପ୍ରତିଶତ ଆବଶ୍ୟକତା ପୂରଣ କରୁଛି। ବର୍ତ୍ତମାନ ରାଜ୍ୟରେ ୧୭୮ ନିୟୁତ ଟନ ଲୁହାପଥର, ୩.୧୮ ➺ପୃଷ୍ଠା-୬

## ସ୍ମାର୍ଟ ଓ ସବୁଜ ହେବ ଇସ୍ପାତ




**ମୁମ୍ବାଇ,୨୫।୪:** ଇସ୍ପାତ ହେଉଛି ଭାରତୀୟ ଆର୍ଥିକ ଅଭିବୃଦ୍ଧିର ମେରୁଦଣ୍ଡ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସଠିକ୍ ଇସ୍ପାତ ନୀତି ଯୋଗୁଁ ଭାରତ ଆଜି ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ଇସ୍ପାତ ଉତ୍ପାଦନକାରୀ ଦେଶ ହୋଇଛି। ଇସ୍ପାତ କ୍ଷେତ୍ରର ବିକାଶ ହେଲେ ଯୁବପିଢି ନୂଆ ନୂଆ ଉଦ୍ଭାବନ କରିବା ପାଇଁ ସମର୍ଥ ହୋଇପାରିବେ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଆଜି ଏଠାରେ କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ଓ ଫିକ୍କି ଇଣ୍ଡିଆ ପକ୍ଷରୁ ଚାଲିଥିବା ଭାରତ ଇସ୍ପାତ୍ ସମ୍ମିଳନୀ ତଥା ପ୍ରଦର୍ଶନୀ -୨୦୨୫ର ଷଷ୍ଠ ସଂସ୍କରଣରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଇସ୍ପାତ କ୍ଷେତ୍ର କେବଳ ଭାରତର ଆର୍ଥିକ ଅଭିବୃଦ୍ଧିର ମେରୁଦଣ୍ଡ ନୁହେଁ, ଏହା ଭବିଷ୍ୟତ ଆକାଂକ୍ଷାର ମଧ୍ୟ ମେରୁଦଣ୍ଡ। ➺ପୃଷ୍ଠା-୬

# ପାକିସ୍ତାନୀଙ୍କୁ ତଡ଼ା ଦେଖି ବଙ୍ଗଳାଦେଶୀ ଛାନିଆ

● ଓଡ଼ିଶାରେ ଛପିବାକୁ ଚଳାଇଛନ୍ତି ଯୋଜନା
● ବଡ଼ ଧରଣର ତଲାସୀ ପାଇଁ ସଜବାଜ



**ଭୁବନେଶ୍ୱର,୨୫।୪(ସଂଚାର ବ୍ୟୁରୋ):** ଭାରତରୁ ପାକିସ୍ତାନୀମାନଙ୍କୁ ତଡ଼ିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରଣହୁଙ୍କାର ଦେବା ପରେ ଏବେ ସମସ୍ତ ରାଜ୍ୟରୁ ପାକିସ୍ତାନୀଙ୍କୁ ବିଦା କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡିଶାରେ ଥିବା ପାକିସ୍ତାନୀମାନେ ମଧ୍ୟ ବିଦା ହେବେ ବୋଲି ଓଡ଼ିଶା ସରକାର ସୂଚନା ଦେଲେଣି। ତେବେ ପାକିସ୍ତାନୀଙ୍କ ବିରୁଦ୍ଧରେ ଏଭଳି କଡା ଆଭିମୁଖ୍ୟ ଦେଖି ଓଡ଼ିଶାରେ ବେଆଇନ୍ ଭାବେ ବସବାସ କରୁଥିବା ଶହ ଶହ ବଙ୍ଗଳାଦେଶୀ ଏବେ ଛାନିଆ ହେଲେଣି। ଯଦି ଓଡ଼ିଶା ସରକାର ପାକିସ୍ତାନୀଙ୍କୁ ଖୋଜି ବାହାର କରିବା ପାଇଁ ଅଭିଯାନ ଆରମ୍ଭ କରିବେ, ତା'ହେଲେ ବହୁ ବଙ୍ଗଳାଦେଶୀ ଧରାପଡ଼ିବାର ଆଶଙ୍କା ଉପୁଜିଲାଣି।

ଓଡ଼ିଶାର ଉପକୂଳ ଜିଲ୍ଲା ବିଶେଷକରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର ଓ ପୁରୀର ସମୁଦ୍ରକୂଳ ଅଞ୍ଚଳରେ ଶହ ଶହ ବଙ୍ଗଳାଦେଶୀ ବସବାସ କରୁଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ଭାରତର ନାଗରିକତା ଯୋଗାଡ଼ କରିଥିବା ବେଳେ ଅନେକ ଏବେ ବି ବେଆଇନ୍ ଭାବେ ବସବାସ କରୁଛନ୍ତି। ସେହିଭଳି ରାଜ୍ୟର ବଡ଼ ବଡ଼ ସହରାଞ୍ଚଳ ବିଶେଷକରି ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର ଆଦିରେ ବି ଏହି ବଙ୍ଗଳାଦେଶୀମାନେ ବ୍ୟବସାୟ କରିବା ସହ ବସବାସ କରୁଛନ୍ତି। ଏହାଛଡା ପ୍ରତିଦିନ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ବଙ୍ଗଳାଦେଶୀମାନେ ଯା'ଆସ ମଧ୍ୟ କରୁଛନ୍ତି। ଯଦିଓ ଏମାନେ ନିଜକୁ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳର ବୋଲି ଦର୍ଶାଇଥାନ୍ତି, କିନ୍ତୁ ଅଧିକାଂଶ ବଙ୍ଗଳାଦେଶୀ ବୋଲି ସୁରକ୍ଷା ବିଶେଷଜ୍ଞମାନେ ଆକଳନ କରିଥାନ୍ତି।

ବଙ୍ଗଳାଦେଶର ଜନ୍ମ ପାକିସ୍ତାନ ବିଭାଜନରୁ ହୋଇଥିବାରୁ ପାକିସ୍ତାନୀ ଓ ବଙ୍ଗଳଦେଶୀଙ୍କ ମଧ୍ୟରେ ଫରକ ବାରିବା ମୁସ୍କିଲ। ଉଭୟ ମୁସଲମାନ ହୋଇଥିବା ବେଳେ ସେମାନଙ୍କର ବେଶପୋଷାକ, କଥାବାର୍ତ୍ତା, ଖାଦ୍ୟପେୟ ସବୁକିଛି ସମାନ। ତେଣୁ ବଙ୍ଗଳାଦେଶୀଙ୍କ ଭିତରେ ପାକିସ୍ତାନୀମାନେ ଆସି ଯେ ରହିନଥିବେ, ତାହାକୁ ନେଇ ଅଙ୍କକଷା ଆରମ୍ଭ ହୋଇଛି। ଭାରତକୁ ଲାଗିଥିବା ବଙ୍ଗଳାଦେଶ ସୀମା ଅନେକ ସ୍ଥାନରେ ଖୋଲାମେଲା ଥିବାରୁ ବଙ୍ଗଳଦେଶୀଙ୍କ ସହିତ ଅନ୍ୟ ଦେଶର ଅନୁପ୍ରବେଶକାରୀମାନେ ଭାରତକୁ ଆସିବା ପାଇଁ ବଙ୍ଗଳାଦେଶ ରାସ୍ତାକୁ ବ୍ୟବହାର କରିଥାନ୍ତି। ତେଣୁ ଓଡ଼ିଶାରେ ଏବେ ବଙ୍ଗଳାଦେଶୀଙ୍କ ବେଶରେ ପାକିସ୍ତାନୀମାନେ ରହିଥିବା ନେଇ ଆଶଙ୍କା କରାଗଲାଣି।

ସେହିଭଳି ଓଡିଶାରେ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟୀ ସହିତ ହାଲ୍, ପାରାଦୀପ୍ ବନ୍ଦର ➺ପୃଷ୍ଠା-୬

# ୫୭ ଲକ୍ଷ ଟଙ୍କା ହଡ଼ପ, ବନ୍ଧାହେଲେ ଠିକାଦାର

● ସଂରକ୍ଷଣ ପର୍ଯ୍ୟବେକ୍ଷକ ଓ ଅନ୍ୟ ଜଣେ ଠିକାଦାର ବି ସାମିଲ୍



**ଭୁବନେଶ୍ୱର,୨୫।୪ (ସଂଚାର ବ୍ୟୁରୋ):** ସରକାରୀ ଅର୍ଥ ହଡ଼ପ ମାମଲାରେ ଠିକାଦାର ଲକ୍ଷ୍ମୀଧର ରାଉତରାୟଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଛି। ନୂଆପଡ଼ା ଜିଲ୍ଲା ଖଡ଼ିଆଳରେ ବିନା କାମରେ ସେ ୫୭ ଲକ୍ଷ ଟଙ୍କା ହଡ଼ପ କରିଥିବା ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତି କରି ଭିଜିଲାନ୍ସ ପକ୍ଷରୁ ଆଜି ଚଢ଼ାଉ କରାଯାଇଥିଲା। ତେବେ ଠିକାଦାର ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କ ସହ ମିଶି ଅର୍ଥ ହଡ଼ପ କରିଥିବା ଜଣାପଡ଼ିବା ପରେ ଆଜି ତାଙ୍କୁ ଗିରଫ କରାଯାଇଛି। ଏନେଇ ଭିଜିଲାନ୍ସ ଗତକାଲି ୧୭/୨୦୨୫ରେ ଏକ ମାମଲା ରୁଜୁ କରିଥିଲା। ଠିକାଦାର ଶ୍ରୀ ରାଉତରାୟ ସହକାରୀ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ସହ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସଂସ୍ଥାର ମୃତ୍ତିକା ମୃତ୍ତିକା ସଂରକ୍ଷଣ ପର୍ଯ୍ୟବେକ୍ଷକ ହରିଶ୍ଚନ୍ଦ୍ର ବେଷ୍ଟକରଙ୍କ ସହ ମିଶି ୨୨ଟି ଲୁଜ୍ ବୋଲ୍ଡର୍ ଚେକ୍ ଡ୍ୟାମ୍ କାର୍ଯ୍ୟକାରୀ ନକରି ଟଙ୍କା ୫୬ ଲକ୍ଷ ୯୩ ହଜାର ୯୫୭ ଟଙ୍କା ଆତ୍ମସାତ୍ କରିଥିଲେ। ଗିରଫ ପରେ ଶ୍ରୀ ରାଉତରାୟଙ୍କୁ ଭବାନୀପାଟଣାସ୍ଥିତ ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ କୋର୍ଟକୁ ପଠାଇ ଦିଆଯାଇଛି। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶ୍ରୀ ବେଷ୍ଟକର ଓ ଅନ୍ୟ ଜଣେ ଠିକାଦାର ଅଭିଳାଷ ମେହେରଙ୍କୁ ଗିରଫ କରିବା ସକାଶେ ପ୍ରୟାସ ଜାରି ରହିଛି।

# ଜାତୀୟ ପଞ୍ଚାୟତିରାଜ ଦିବସରେ ସର୍ବଶ୍ରେଷ୍ଠ ପଞ୍ଚାୟତ ରୂପେ ନତକାଇ ସମ୍ମାନିତ



**ନିଶ୍ଚିନ୍ତକୋଇଲି, ୨୫।୪ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ପରିସରରେ ଜାତୀୟ ପଞ୍ଚାୟତରାଜ ଦିବସ ଅବସରରେ ମାହାଙ୍ଗା ବିଧାୟକଙ୍କ ଦ୍ୱାରା ନୂତନ ରାସନକାର୍ଡ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯିବା ସହିତ ତିନୋଟି ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ ଘୋଷଣା କରାଯାଇଥିବା ବେଳେ ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଂଚାୟତ ସର୍ବଶ୍ରେଷ୍ଠ ପଞ୍ଚାୟତ ଭାବେ ସମ୍ମାନିତ ହୋଇ ପୁରସ୍କୃତ ହୋଇଛି। ଉଭୟ ସରପଞ୍ଚ ଜୟଦେବ ରାଉତ ଓ ପିଇଓ ସୁଜୟ କୁମାର ବେହେରା ମାନ୍ୟବର ମାହାଙ୍ଗା ବିଧାୟକଙ୍କ ଠାରୁ ପୁରସ୍କାର ଆକାରରେ ମିଳିଥିବା ୭ଲକ୍ଷ ୭୨ହଜାର ୯୪୬ଟଙ୍କାର ଚେକ୍ ଗ୍ରହଣ କରିଥିଲେ।

ପ୍ରଥମେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମହୋଦୟ ଆଭାସୀ ମାଧ୍ୟମରେ ପଞ୍ଚାୟତିରାଜ ଦିବସ ଉପରେ ମନ୍ତବ୍ୟ ଦେଇଥିଲେ। ସିପି ତନ୍ମୟ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ନିଶ୍ଚିନ୍ତକୋଇଲି ବ୍ଲକ ଉପାଧକ୍ଷ ନୃସିଂହ ଚରଣ ମିଶ୍ର କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ମଳୟ କୁମାର ଘଡ଼ାଇ ପ୍ରମୁଖ ଯୋଗଦେଇ ୧୬ ଜଣଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରିଥିଲେ। ନତକାଇ, ବରାଦ ଓ ନରେନ୍ଦ୍ରପୁର ତିନୋଟି ଗ୍ରାମପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତ ଘୋଷଣା କରାଯାଇ ନଗଦ ରାଶି ସହ ସମ୍ମାନୀତ କରାଯାଇଥିଲା। ଶେଷରେ ବିଡ଼ିଓ ଦିବ୍ୟେନ୍ଦୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବ-୨୦୨୫ ଉଦ୍‌ଘାଟିତ

# ସାମ୍ବାଦିକ ସୁକାନ୍ତ ଦାଶଙ୍କୁ ବୈତରଣୀ କୃଷି କର୍ମଣ ସମ୍ମାନ

**ରାଜକନିକା, ୨୫।୪ (ସଂଚାର ବ୍ୟୁରୋ):** ରାଜକନିକାର ସାମ୍ବାଦିକ ସୁକାନ୍ତ ଦାଶଙ୍କୁ କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବର ଉଦଘାଟନୀ ସନ୍ଧ୍ୟାରେ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୈତରଣୀ କୃଷି କର୍ମଣ ସମ୍ମାନରେ ସମ୍ମାନିତ କରାଯାଇଛି । ଗତକାଲି ସନ୍ଧ୍ୟାରେ ଚାନ୍ଦବାଲିର ଦୁର୍ଗାପଡିଆରେ ଆୟୋଜିତ ବୈତରଣୀ ମହୋତ୍ସବର ଚତୁର୍ଥ ସଂସ୍କରଣର ଉଦଘାଟନୀ ଉତ୍ସବରେ ରାଜକନିକା ବ୍ଲକରେ ଖରସ୍ରୋତା କୃଷକ ଉତ୍ପାଦକ କମ୍ପାନୀ ଗଠନ କରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହେବା ପରେ ଶ୍ରୀ ଦାଶଙ୍କୁ ଏହି ସମ୍ମାନରେ ସମ୍ମାନୀତ କରାଯାଇଛି।

ତେବେ ଦୀର୍ଘ ବର୍ଷ ଧରି ଅବିଭକ୍ତ କନିକା ଇଷ୍ଟେଟର କନିକା ଓ ଚାନ୍ଦବାଲି ଦୁଇ ପଡୋଶୀ ବ୍ଲକର ଭାଇଚାରାକୁ ସମୃଦ୍ଧ କରି ପୁଣ୍ୟତୋୟା ବୈତରଣୀ ନଦୀର ପୁନଃରୁଦ୍ଧାର ଲକ୍ଷ୍ୟରେ ବ୍ୟବସାୟ ଓ କୃଷିର ଉନ୍ନତି ପାଇଁ ଜାରି ରହିଥିବା ବୈତରଣୀ ମହୋତ୍ସବ



୨୦୨୫ ଗୁରୁବାର ସନ୍ଧ୍ୟାରେ ଉଦଘାଟନୀ ପର୍ବରେ ଶ୍ରୀକୃଷ୍ଣଙ୍କ ବିଶ୍ୱରୂପ ଅନାବରଣ ପରେ ବୈତରଣୀ ଯଜ୍ଞ ଆରମ୍ଭ ହୋଇଛି । ମହୋତ୍ସବର ଏହି ମଞ୍ଚରେ ବ୍ରଜ କିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୈତରଣୀ ବଞ୍ଚାଓ ଅଭିଯାନର ଅନିଲ କୁମାର ଧୀର, ଓଡିଶା ନୌବାଣିଜ୍ୟ ଗବେଷକ ଓ ରେଜିଷ୍ଟ୍ରାର ଓଡିଶା ଉଚ୍ଚ ନ୍ୟାୟାଳୟ କଟକର ଲଲାଟେନ୍ଦୁ ଦାସ ମହାପାତ୍ର, ଓଡିଶା ମଠ ମହାସଙ୍ଘ ସଭାପତି ସ୍ୱାମୀ ଚିଦାନନ୍ଦ ମହାରାଜ, ସାଉଥ ଆମେରିକା ଡାକ୍ତର ପ୍ରଭୁଜୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ମହୋତ୍ସବର ପ୍ରାସଙ୍ଗିକତା ସମ୍ପର୍କରେ ଚେତନା ଉଦ୍ରେକ କରାଇ ବକ୍ତବ୍ୟ ଦେଇଥିଲେ। ମହୋତ୍ସବର ସାଙ୍ଗଠନିକ ସମ୍ପାଦକ ମଙ୍ଗୁଳି ଚରଣ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ସମାଜସେବା ପାଇଁ ଚାନ୍ଦବାଲିର ସୁଧୀର ମହାନ୍ତି, ସାହିତ୍ୟରେ ଖେରଙ୍ଗର ସାହିତ୍ୟିକ ଅଶୋକ ନାୟକ,ବାଲେଶ୍ୱର ସାହିତ୍ୟିକ ଡ଼କ୍ଟର କୁମାର ଗୋପାଳଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଛି ।

ଆସନ୍ତା ୨୮ ତାରିଖ ଯାଏ ଜାରି ରହିଥିବା ବୈତରଣୀ ମହୋତ୍ସବର ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ,ଗୀତ, ନାଟକ ଆଦି ପରିବେଶଣ କରାଯାଇ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନକୁ ଉତ୍ସାହିତ କରିବାକୁ ପ୍ରୟାସ ରହିଥିବା ଆୟୋଜକ ମାନେ ପ୍ରକାଶ କରିଛନ୍ତି ।

## ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ମହମବତୀ ଶୋଭାଯାତ୍ରା




**କେନ୍ଦ୍ରାପଡ଼ା, ୨୫।୪ (ସଂଚାର ବ୍ୟୁରୋ):** ପହେଲଗାଁଓ ଠାରେ ନିରୀହ ଭାରତୀୟ ପର୍ଯ୍ୟଟକ ମାନଙ୍କୁ ଆତଙ୍କବାଦୀ ଦ୍ୱାରା ଅମାନୁଷିକ ଭାବେ କରାଯାଇଥିବା ହତ୍ୟାର ଦୃଢ଼ ପ୍ରତିବାଦ କରି ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ମୁଖ୍ୟ ଫାଟକ ଠାରୁ ଏକ ମହମବତୀ ଶୋଭାଯାତ୍ରା ବାହାରି ତିନିମୁହାଣୀ ସ୍ଥିତ ସହିଦ୍ ସ୍ମୃତିସ୍ତମ୍ଭ ଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା । ବକ୍ତାମାନେ ଏକ ସ୍ୱରରେ ଦେଶ ମାତୃକାରର ଜୟ ଜୟ ଗାନ କରି ଗୁଳିର ଜବାବ୍ ଗୁଳିରେ ଦେଇ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ସରକାରଙ୍କୁ ନିବେଦନ କରିଥିଲେ। ସମସ୍ତେ ଏକଜୁଟ ହୋଇ ଦେଶ ତଥା ସରକାର ପଛରେ ଠିଆ ହେବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ନିରଞ୍ଜନ ମେକାପ, ମେଜର ଭରତ ଚନ୍ଦ୍ର ଜେନା, ନାଟ୍ୟକାର ସଞ୍ଜୟ କୁମାର ମଲ୍ଲିକ, କଥାକାର ମାତୃ ଦତ୍ତ ମହାନ୍ତି, ଅଧାପକ ବୃନ୍ଦାବନଦାସ, ଟିଟିକାନ୍ତ ନାୟକ, ସ୍ୱପ୍ନକ୍ଷଶୁ କୁମାର ଦାସ ପ୍ରମୁଖ ଅନେକ ଦେଶପ୍ରେମୀ ଯୁବକ ଯୁବତୀମାନେ ଯୋଗଦେଇ ସହଯୋଗ କରିଥିଲେ ।

## ଜିଲ୍ଲା ଓକିଲ ସଂଘ ପକ୍ଷରୁ ପହେଲଗାଓଁ ସହିଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି



**କେନ୍ଦ୍ରାପଡ଼ା, ୨୫।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ପକ୍ଷରୁ କାଶ୍ମୀର ର ପହେଲଗାଓଁ ଠାରେ ଆତଙ୍କବାଦୀଙ୍କ ଆକ୍ରମଣ ରେ ନିହତ ହୋଇଥିବା ନିରୀହ ପର୍ଯ୍ୟଟକ ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି । ଜିଲ୍ଲା ଓକିଲ ସଂଘ ସଭାପତି ଗୋବର୍ଦ୍ଧନ ରାଉତଙ୍କ ଅଧକ୍ଷତା ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ଭାରପ୍ରାପ୍ତ ଜିଲ୍ଲାଜଜ ମାନ୍ୟବର ପ୍ରଜ୍ଞା ପରମିତା ରାଉଳଙ୍କ ସମେତ ସମସ୍ତ ବିଚାରପତି, ଓକିଲ ସଂଘ ସଂପାଦକ ନୃସିଂହ ଚରଣ ରାଉତ, ଧୃବଚରଣ ଜେନା, ଭୀମସେନ ଭୂୟାଁ, ଉପ ସଭାପତି ହାଡିବନ୍ଧୁ ସିଂହ, ବିନୋଦ କୁମାର ବେହେରା, ହରିପ୍ରସାଦ କର, ରେଣୁବାଳା ସାମଲ, ମମତାମୟୀ ସାମଲ, ନିରଞ୍ଜନ ବଳ, ଶାନ୍ତି ସ୍ୱରୂପ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ଆତଙ୍କବାଦୀଙ୍କୁ ନିପାତ କରିବା ସହ ତାଙ୍କ ବିରୋଧରେ କଡା ପଦକ୍ଷେପ ନେବାକୁ ଦାବି କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋର୍ଟର ସମସ୍ତ କର୍ମଚାରୀ, ସମସ୍ତ ଆଇନଜୀବୀ ଓ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ ।

## ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ଚାରିଟେବୁଲ ଟ୍ରଷ୍ଟ ତରଫରୁ କ୍ୟାଣ୍ଡେଲ ଶୋଭଯାତ୍ରା




**ଡେରାବିଶ, ୨୫।୪ (ସଂଚାର ବ୍ୟୁରୋ):** ଜମ୍ମୁ-କାଶ୍ମୀରର ପହେଲଗାଓଁରେ ହୋଇଥିବା ଆତଙ୍କୀ ଆକ୍ରମଣ ରେ ପ୍ରାଣ ହରାଇଥିବା ସହିଦ୍ ମାନଙ୍କ ପାଇଁ ଆଜି ସନ୍ଧ୍ୟାରେ ଚାନ୍ଦୋଳ ବଜାରରେ ଏକ କ୍ୟାଣ୍ଡଲେ ଶୋଭା ଯାତ୍ରା ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ଚାରିଟେବୁଲ ଟ୍ରଷ୍ଟ ତରଫରୁ କରାଯାଇଅଛି । ଟେରୋରିଷ୍ଟ ମାନେ ଯେଉଁଭଳି ଭାବେ ପର୍ଯ୍ୟଟକ ମାନଙ୍କୁ ନିର୍ମମ ଭାବେ ହତ୍ୟା କଲେ ଏହା ବହୁତ ନିନ୍ଦନୀୟ ଘଟଣା । ସାରା ଦେଶରେ ପୁରା ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି ଏହି ଭଳି ଟେରୋରିଷ୍ଟ୍ ଆଟାକ୍‌କୁ ଦେଶ - ବିଦେଶରୁ ନିନ୍ଦା କରାଯାଉଛି। ଏହି ଶୋଭା ଯାତ୍ରା ରେ ସହିଦ୍ ପର୍ଯ୍ୟଟକ ମାନଙ୍କ ପାଇଁ ନୀରବ ପ୍ରାର୍ଥନା ସହ ଚାନ୍ଦୋଳ ଫାଣ୍ଡି ଛକରୁ ଆରମ୍ଭ କରି ବସ ଷ୍ଟାଣ୍ଡ ଯାଏ ପଦ ଯାତ୍ରା କରି ମହମବତି ଜାଳି ଶୋଭଯାତ୍ରା କରିଥିଲେ । ଏହି ଅମାନୁଷିକ କାଣ୍ଡରତୀବ୍ର ନିନ୍ଦା କରିଥିଲେ। ଶେଷରେ ପାକିସ୍ଥାନ ରାଷ୍ଟ୍ରପତି ଓ ପ୍ରଧାନ ମନ୍ତ୍ରୀଙ୍କ ନିନ୍ଦା କରିଥିଲେ।

# ପେଣ୍ଠ ଓ ସାତଭାୟାରେ ସ୍ଥିତି ଅନୁଧ୍ୟାନ କଲେ ବିଶେଷଜ୍ଞ ଟିମ



**ରାଜନଗର, ୨୫।୪ (ସଂଚାର ବ୍ୟୁରୋ):** ବଙ୍ଗୋପସାଗର କୂଳ ଲଂଘୁଛି। ବିଶ୍ୱ ତାପନ ଓ ସୁନାମୀ ଆସିବା ପର ଠାରୁ ସମୁଦ୍ର ଦିନକୁ ଦିନ ଅଧିକ ଉଗ୍ର ହେବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ଓ ସମୁଦ୍ର ଜନବସତିକୁ ମାଡିଯିବା କାରଣରୁ ସାରା ବିଶ୍ୱରେ ପ୍ରଥମଥର ପାଇଁ ସାତଭାୟାବାସୀଙ୍କୁ ବିସ୍ଥାପିତ ହେବାକୁ ପଡ଼ିଛି। ସେହି ସାତଭାୟା ଠାରୁ ଏକକୂଳା ଯାଏଁ ଦୀର୍ଘ ୧୨ କିମି ଅଞ୍ଚଳରେ ସମୁଦ୍ର ତାର ତାଣ୍ଡବ ରଚିବାରେ ଲାଗିଛି। ଆଜି ଦୁଇ ଜଣିଆ ବିଶେଷଜ୍ଞ ଦଳ ପେଣ୍ଠ ସମୁଦ୍ରକୂଳ, ଜିଓ ସିନ୍ଥେଟିକ ସିଂୱାଲ ଦେଖିବା ସହିତ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବାଉଁଶଗଡ଼ ନଦୀ ପାର ହୋଇ ସାତଭାୟା ବଙ୍ଗୋପସାଗର କୂଳରେ ପହଁଞ୍ଚି ସାତଭାୟା ସ୍ମୃତି ଦେଖିଛନ୍ତି। କୋଷ୍ଟାଲ ଇଞ୍ଜିନିୟର ଡକ୍ଟର ଜୋସେଫ ମ୍ୟାଥୁ, ସମନ୍ୱିତ ପରିବେଶ ଏବଂ ଜୀବିକା ବିଶେଷଜ୍ଞ ଡକ୍ଟର ଅଜିତ ପଟ୍ଟନାୟକ ପମୁଖ ତଟବର୍ତ୍ତୀ ଜଳବାୟୁ ଏବଂ ବିପର୍ଯ୍ୟୟ ପ୍ରତିରୋଧୀ ପ୍ରକଳ୍ପ ଦେଖିଛନ୍ତି। ସାତଭାୟା ଓ ପେଣ୍ଠଠାରେ ସ୍ଥିତି ଅନୁଧ୍ୟାନ କରିବା ପରେ ଆଜି ଚାନ୍ଦିପୁର ବେଳାଭୂମିର ସ୍ଥିତି ଅନୁଧ୍ୟାନ କରିବାକୁ ଯାଇଛନ୍ତି ବୋଲି ଆଜି ତଟବନ୍ଧ ବିଭାଗ ପକ୍ଷରୁ କୁହାଯାଇଛି। ରାଜନଗର ତଟବନ୍ଧର ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଷ ସ୍ୱାଇଁ, ସହକାରୀ ଯନ୍ତ୍ରୀ ଭଞ୍ଜ କିଶୋର ରାଉତ, ପ୍ରମୁଖ ଏହି ପ୍ରତିନିଧି ଦଳକୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏହି ଟିମ ଉଗ୍ରମୁଖା ସମୁଦ୍ର ସ୍ଥିତି ଉପକୂଳରେ ଅନୁଧ୍ୟାନ କରିବା ପରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ। ଏହି ବିଶେଷଜ୍ଞ ଦଳର ରିପୋର୍ଟ ଆଧାରରେ ସମୁଦ୍ର ଉପକୂଳରେ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି। ଏଥି ସହିତ ପେଣ୍ଠ ନିକଟରେ ସମୁଦ୍ର ଜୁଆରକୁ ଅଟକାଇବା ପାଇଁ ଓଡିଶାର ପ୍ରଥମ ଜିଓ ସିନ୍ଥେଟିକ ସିଂୱାଲ ନିର୍ମାଣ କରାଯାଇଛି। ସିଂୱାଲ ବା ପଥର ପ୍ୟାକିଙ୍ଗ ସେହିଁ ସ୍ଥାନକୁ ସୁରକ୍ଷା ଦେଉଥିବା ବେଳେ ଅନ୍ୟ ପଟରେ ନଦୀ ବା ସମୁଦ୍ର ତଟ ଖାଉଥିବା ବିଶେଷଜ୍ଞ ଦଳ ଦେଖିଛନ୍ତି।

## ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ଶିକ୍ଷା ନାଁରେ ଶୋଷଣ

**ମାର୍ଶାଘାଇ, ୨୫।୪ (ସଂଚାର ବ୍ୟୁରୋ):** ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ଶିକ୍ଷା ନାଁରେ ଶୋଷଣ କରାଯାଉଛି । ଏହି କମ୍ପ୍ୟୁଟର ଶିକ୍ଷା ମାର୍ଶାଘାଇ ଅଞ୍ଚଳରେ ଛତୁ ଫୁଟିଲା ପରି ଖୋଲାଯାଇଛି । ଗରିବ ସାଧାରଣ ପରିବାର ମଧରେ ଥିବା ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତକୁ ନେଇ ଖେଳୁଥିବା ବେଳେ ଏଥିରେ କାହାର ନଜିର ନାହିଁ । ଶିକ୍ଷା ବିଭାଗର ତନାଘନା ଅଛି ନା ଜିଲ୍ଲା ପ୍ରଶାସନର ତନାଘନ ଅଛି । କମ୍ପୁଟର ଶିକ୍ଷା ନାଁରେ ମାର୍ଶାଘାଇ ଅଞ୍ଚଳରେ ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର ଘେର ଭିତରକୁ ଚାଲିଯାଉଛି। ଏଠି କମ୍ପୁଟର ଶିକ୍ଷା ନାଁରେ ହଜାର ହଜାର ଟଙ୍କା ଲୁଟି ନେଉଛନ୍ତି ମାଲିକ। ନାଁ ଅଛନ୍ତି ତାଲିମପ୍ରାପ୍ତ ଶିକ୍ଷକ, ଶିକ୍ଷୟତ୍ରୀ ନା ଦିଆଯାଇଛି ତାଲିମ। କିନ୍ତୁ ବିନା ତାଲିମରେ ହଜାର ହଜାର ନକଲି ସାର୍ଟିଫିକେଟ ଦିଆଯାଉଛି। ଏବେ ହଜାର ହଜାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର ଘେରରେ ରହିଥିବା ବେଳେ ନା ମିଳୁଛି ସରକାରୀ କିମ୍ବା ବେସରକାରୀ ସଂସ୍ଥାରେ କର୍ମ ନିଯୁକ୍ତି । କାହିଁକି କାର୍ଯ୍ୟକାରୀ ହେଉନି ମିଳୁଥିବା ସାର୍ଟିଫିକେଟ। ଏହା ଅସଲି ନା ନକଲି ଯାହାକି ସନ୍ଦେହଘେର ଭିତରକୁ ଆସୁଛି । ଏନେଇ କିଛି ଛାତ୍ର ଛାତ୍ରୀ ମାର୍ଶାଘାଇ ଥାନା ଅଧିକାରୀ ତପନ ନାୟକଙ୍କ ପାଖରେ ଅଭିଯୋଗ କରିଛନ୍ତି । ମାର୍ଶାଘାଇ ଥାନା ଅଧିକାରୀ ଗୁରୁତର ସହ ନେବା ସହ ଖୁବଶୀଘ୍ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଯେମିତି ଆଗକୁ ପିଲାଙ୍କ ଭବିଷ୍ୟତ ଅନ୍ଧାରକୁ ନଯାଉ ଏନେଇ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି ।

## ଜିଲ୍ଲା ପ୍ରଶାସନର ରାଜସ୍ୱ ସମୀକ୍ଷା ବୈଠକ

**କେନ୍ଦ୍ରାପଡ଼ା, ୨୫।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନର ରାଜସ୍ୱ ସମୀକ୍ଷା ବୈଠକ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମାନ୍ୟବର ରଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀଙ୍କୁ କେନ୍ଦ୍ରାପଡା ଗସ୍ତ ଓ ପ୍ରଶାସନ ସହ ସମୀକ୍ଷା ବୈଠକରେ ଆଲୋଚିତ ବିଷୟବସ୍ତୁ ଉପରେ ଆଜିର ସମୀକ୍ଷା ବୈଠକରେ ଗୁରୁତ୍ୱ ଦିଆଯାଇଛି । ବିଭିନ୍ନ ତହସିଲମାନଙ୍କରେ ପଡି ରହିଥିବା ରାଜସ୍ୱ ସମ୍ବନ୍ଧୀୟ ବକେୟା ମାମଲା ଗୁଡିକ ତୁରନ୍ତ ସମୀକ୍ଷା କରିବା ସହ ଭୂମିହୀନ ପ୍ରଜାମାନଙ୍କ ସର୍ଭେ କରି ଜମି ଆବଣ୍ଟନ ପାଇଁ ଗୁରୁତ୍ୱ ଦିଆଯାଇଥିଲା। ଏହା ସହ ବିଭିନ୍ନ ପ୍ରକାର ପ୍ରମାଣପତ୍ର ତୁରନ୍ତ ପ୍ରଦାନ କରିବା, ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ ରୋକିବା ଆଦି ବିଷୟରେ ସମୀକ୍ଷା କରାଯାଇଥିଲା । ଏହାସହ ମନ୍ତ୍ରୀଙ୍କ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରି ପ୍ରଶାସନକୁ ଗତିଶୀଳ କରିବା ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଛି ।

# ପୁରୁଷୋତ୍ତମପୁର ବଘାଳିଆରେ ପାଟ ନଳୀ ପୋଲର ଶିଳାନ୍ୟାସ

**ମାହାଙ୍ଗା, ୨୫।୪ (ସଂଚାର ବ୍ୟୁରୋ):** ଜଳ ନିକାସ ବିଭାଜନ କଟକ ବିଭାଗ ପକ୍ଷରୁ ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଂଚାୟତ ପୁରୁଷୋତ୍ତମପୁର ବଘାଳିଆଠାରେ ପାଟନଳୀ ପୋଲ ନିର୍ମାଣ ଓ ପାଟଣାଳୀ ପୁନରୁର୍ଦ୍ଧାର କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି ବିଧାୟକ ଶାରଦା ପ୍ରଧାନ। ଏହି ପୋଲ ଓ ପାଟଣାଳୀ ପୁନଃରୁଦ୍ଧାର ନିମନ୍ତେ ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହି ପୋଲ ଓ ପାଟଣାଳୀ ନିର୍ମାଣ ହେଲେ ତିନି ଗୋଟି ପଂଚାୟତ ଯଥା ଭଦ୍ରେଶ୍ୱର, ଗୋପାଳପୁର ଓ ଗୁରୁଜଙ୍ଗା ଗ୍ରାମ ପଂଚାୟତର ଶତାଧିକ ଚାଷୀ ଓ ଜନସାଧାରଣ ଉପକୃତ ହୋଇପାରିବେ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବହୁ ସମର୍ଥକ ଉପସ୍ଥିତ ଥିଲେ ।






## ବିଲିକଣା ପଞ୍ଚାୟତକୁ ପୁରସ୍କୃତ କଲେ ରାଜସ୍ୱ ମନ୍ତ୍ରୀ

**ପଟ୍ଟାମୁଣ୍ଡାଇ, ୨୫।୪ (ସଂଚାର ବ୍ୟୁରୋ):** ଜାତୀୟ ପଂଚାୟତରାଜ ଦିବସ ପାଳନ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଆୟୋଜିତ ଜିଲ୍ଲାସ୍ତରୀୟ ପଂଚାୟତ ରାଜ ଦିବସ ଉତ୍ସବରେ ସୁଶାସନ, ସ୍ୱଚ୍ଛ ଭାରତ ମିଶନ ସଫଳତା ସହ ବିଭିନ୍ନ ସରକାରୀ ଯୋଜନାର ସଫଳ କାର୍ଯ୍ୟକାରୀତା ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ବିଲିକଣା ପଂଚାୟତ ପଟ୍ଟାମୁଣ୍ଡାଇ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରି ଏ ଗ୍ରେଡ଼ ମାନ୍ୟତା ପାଇବା ସହିତ ମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଛି । ଏହି ଉପଲକ୍ଷେ ଜିଲ୍ଲା ସ୍ତରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀଙ୍କୁ ପୁରସ୍କୃତ କରିବା ସହିତ ୭ଲକ୍ଷ ୭୨ହଜାର ୯୪୬ଟଙ୍କାର ଚେକ ପ୍ରଦାନ କରିଛନ୍ତି । ଏହି ଉତ୍ସବରେ ମହାକାଳପଡା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ବିଲିକଣା ପଂଚାୟତ ପଟ୍ଟାମୁଣ୍ଡାଇ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରି ମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିବାରୁ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, କନିଷ୍ଠ ଯନ୍ତ୍ରୀ,ପଂଚାୟତ ନିର୍ବାହୀ ଅଧିକାରୀ, ଜି ଆର ଏସ ଓ ଜନସାଧାରଣଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

### ମଧୁବାବୁ ଜୟନ୍ତୀ ଓ ସାଲେପୁର ମହୋତ୍ସବ ଉଦ୍‌ଘାଟିତ

# ସହସ୍ରାଧିକ ସମର୍ଥକଙ୍କୁ ନେଇ ଶକ୍ତି ପ୍ରଦର୍ଶନ କଲେ ପ୍ରକାଶ

**ସାଲେପୁର, ୨୫।୪ (ସଂଚାର ବ୍ୟୁରୋ):** ରାଜ୍ୟସ୍ତରୀୟ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ସାଲେପୁର ମହୋତ୍ସବ କାର୍ଯ୍ୟକ୍ରମ ଆଜି ଶୁଭ ଉଦ୍‌ଘାଟନ ହୋଇଯାଇଛି। ଉତ୍କଳ ଗୌରବ ମଧୁବାବୁ ଜୟନ୍ତୀ କମିଟିର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ବେହେରା ଆଜି ମଧୁବାବୁଙ୍କ ଜନ୍ମସ୍ଥାନ ସତ୍ୟଭାମାପୁରଠାରୁ ଏହି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଛନ୍ତି। ନିଜର ସହସ୍ରାଧିକ

#### ମଧୁଜ୍ୟୋତିକୁ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା

ସମର୍ଥକମାନଙ୍କ ଗହଣରେ ମଧୁବାବୁଙ୍କ ଜନ୍ମସ୍ଥାନ ସତ୍ୟଭାମାପୁରରୁ ମଧୁଜ୍ୟୋତି ଆଣି ଜୟନ୍ତୀ କମିଟି ପକ୍ଷରୁ ଆୟୋଜିତ ସାଲେପୁର ବଜାର ପଡ଼ିଆଠାରେ ସମାରୋହ ମଣ୍ଡପଠାରେ ପହଞ୍ଚିଥିଲେ। ଅପରପକ୍ଷରେ ମଧୁବାବୁ ଜୟନ୍ତୀ ନାମରେ ପ୍ରକାଶ ନିଜର ଶକ୍ତି ପ୍ରଦର୍ଶନ କରିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

ସାଲେପୁର ବଜାର ପଡ଼ିଆଠାରେ ୪ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମଧୁବାବୁ ଜୟନ୍ତୀ ଓ ସାଲେପୁର ମହୋତ୍ସବ ଉଦ୍‌ଘାଟନୀ



କାର୍ଯ୍ୟକ୍ରମରେ ଶ୍ରୀ ବେହେରା ନିଜର ସହସ୍ରାଧିକ ସମର୍ଥକଙ୍କ ଗହଣରେ ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁରରୁ ମଧୁଜ୍ୟୋତି ଆଣି ଏକ ଶୋଭାଯାତ୍ରାରେ ପାଗା, ବହୁଗ୍ରାମ, ଖରାଖିଆ, ଭାତପଡ଼ା, ନାନ୍ଦୋଳ, ନାଳିଆମୁହଁ, ଶିଶୁଆ, ସାଲେପୁର ବଜାର ପରିକ୍ରମା କରି ସାଲେପୁର ବଜାର ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ମଧୁଜୟନ୍ତୀ ମଣ୍ଡପଠାରେ ଏହି ଜ୍ୟୋତି ସ୍ଥାପନ କରି ମଧୁବାବୁ ଜୟନ୍ତୀ ଓ ସାଲେପୁର ମହୋତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ ଶ୍ରୀ ବେହେରା ସାଲେପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଉପସ୍ଥିତ କର୍ମୀମାନଙ୍କୁ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବା ସହ ମଧୁବାବୁଙ୍କୁ ଭାରତ ରତ୍ନ ପ୍ରଦାନ କରିବା ଓ ମଧୁବାବୁଙ୍କ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବାପାଇଁ ଶପଥ ପାଠ କରାଇଥିଲେ।

ଏହି ଅବସରରେ ବିଭିନ୍ନ ବଜାର କମିଟି ପକ୍ଷରୁ ଶ୍ରୀ ବେହେରାଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥଲା। ଆଜି ସନ୍ଧ୍ୟାରେ ସାଲେପୁରଠାରେ ଆୟୋଜିତ ମଧୁବାବୁ ଜୟନ୍ତୀ ଓ ସାଲେପୁର ମହୋତ୍ସବର କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପର ପକ୍ଷରେ ଦୀର୍ଘଦିନ ଧରି ପ୍ରକାଶ ବେହେରା ନିସ୍ତେଜ ହୋଇ ପଡ଼ିଥିବାବେଳେ ହଠାତ୍ ଆଜି ମଧୁବାବୁ ଜୟନ୍ତୀ ନାମରେ ନିଜର ସମର୍ଥକମାନଙ୍କ ମଧରେ ଶକ୍ତି ପ୍ରଦର୍ଶନ କରିଥିବା ଏହି ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ସିହୋପଡା-ହାଟସାହି ରାସ୍ତା ନିର୍ମାଣରେ ଅନିୟମିତତା

### ● ପୁରୁଣା ପରିତ୍ୟକ୍ତ ପିଚୁ ଓ ଗୋଡ଼ିକୁ ପୁନର୍ବାର ବ୍ୟବହାର ● ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନ

**ରାଜକନିକା, ୨୫।୪ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ସିହୋପଡା-ହାଟସାହି ରାସ୍ତା ଆରମ୍ଭ ହେଉ ହେଉ ଅନିୟମିତତା ପଦାରେ ପଡିଲାଣି। ରାସ୍ତାରୁ ବାହାରି ଥିବା ପୁରୁଣା ପରିତ୍ୟକ୍ତ ପିଚୁ ଓ ଗୋଡିକୁ ପୁନର୍ବାର ବ୍ୟବହାର ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏମିତିକି ରାସ୍ତାର ସ୍ଥାୟୀତ୍ୱ ନେଇ ମଧ ସନ୍ଦେହ ଦେଖାଦେଇଛି ।



ମିଳିଥିବା ସୂଚନା ଅନୁଯାୟୀ ସିହୋପଡାରୁ ହାଟସାହି ୫ କିଂମି ରାସ୍ତା (ସାଖୀ ସ୍କିମ୍ )ରେ ୬ କୋଟି ୪୫ ଲକ୍ଷ ୪୭ ହଜାର ୫୫୩ ଟଙ୍କା ବ୍ୟୟ କରାଯାଉଛି । ଯେହେତୁ ଏହି ରାସ୍ତା ହାଟସାହି, ପଣସଗଣ୍ଡ, ଅବଦୁଲପୁର, ପଧାନପଡା ପଞ୍ଚାୟତର ହଜାର ହଜାର ଲୋକଙ୍କ ଯାତାୟାତର ପ୍ରମୁଖ ରାସ୍ତା ସହିତ ବନ୍ୟା ପ୍ରପୀଡିତ ରାସ୍ତା ହୋଇ ଥିବାରୁ ଏହାର ନିର୍ମାଣର ଗୁରୁତ୍ୱ ରହିଛି। ଏଥିପାଇଁ ବହୁବାର ଅଞ୍ଚଳବାସୀଙ୍କ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲା। ତେବେ ଏବେ ରାସ୍ତା ନିର୍ମାଣରେ କେଁ ଦେଖା ଦେଇଛି ।

ଅଭିଯୋଗ ଅନୁସାରେ ପ୍ରଥମେ ପୁରୁଣା ଭଙ୍ଗା ପିଚୁକୁ ବାହାର କରାଯିବା ସ୍ଥଳେ ନାମକୁ ମାତ୍ର କିଛି ପୁରୁଣା ପିଚୁ ରାସ୍ତା କଡରେ ଫୋପଡା ଯାଇଥିବା ବେଳେ ଅଧେରୁ ଅଧିକ ପିଚୁ ଆଉ ପିଚୁ ମିଶା ଗୋଡିକୁ ରାସ୍ତାରେ ପକାଯାଉଛି। ଅତି ଚତୁରତାର ସହିତ ସେଇ ପିଚୁ ଉପରେ ଡଷ୍ଟ୍ ପକାଯାଇ ରୋଲରରେ ଲୁଚାଇ ଦିଆଯାଉଛି। ଫଳରେ ରାସ୍ତାର ସ୍ଥାୟୀତ୍ୱ ନେଇ ଆଶାବାଦୀ ଥିବା ଅଞ୍ଚଳବାସୀଙ୍କୁ ପରୋକ୍ଷରେ ଧୋକ୍କା ଦିଆଯାଉଥିବାରୁ ତୀବ୍ର ପ୍ରତିକ୍ରିୟା ମଧ ପ୍ରକାଶ ପାଇଛି। ଏହା ସହିତ ଠିକାଦାର ନିଜ ମର୍ଜିରେ କାମ କରୁଥିବାରୁ ନିମ୍ନମାନର ହେଉଛି ବୋଲି ଅଭିଯୋଗ ହେଉଛି । ଯଦି କାର୍ଯ୍ୟର ସୁଧାର ନ ଆସେ ତେବେ ଆଗାମୀ ଦିନରେ ଏହାକୁ ନେଇ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲେଇବେ ବୋଲି ମଧ ଶୁଣାଯାଉଛି। ତୁରନ୍ତ ବିଭାଗୀୟ ଉଚ୍ଚାଧିକାରୀ ତଦନ୍ତ ପୂର୍ବକ ପଦକ୍ଷେପ ନେବାକୁ ଦାବି ହେଉଛି।

## ପହଲଗାମରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଅମରଆତ୍ମାର ସଦ୍‌ଗତି ନିମନ୍ତେ କ୍ୟାଣ୍ଡେଲ ଶୋଭାଯାତ୍ରା

**ସାଲେପୁର, ୨୫।୪ (ସଂଚାର ବ୍ୟୁରୋ):** ଜାମ୍ମୁକାଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ଭାରତୀୟ ପର୍ଯ୍ୟଟକମାନଙ୍କ ଉଦ୍ଦେଶ୍ୟରେ ସାଲେପୁରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୨ମିନିଟ୍ ନୀରବ ପ୍ରାର୍ଥନା ଓ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାମେଶ୍ୱର ଗ୍ରାମପଞ୍ଚାୟତ ପକ୍ଷରୁ ରାମେଶ୍ୱର ବଜାରରେ ୨ମିନିଟ୍ ନିରବ ପ୍ରାର୍ଥନା କରାଯିବା ସହ ଏକ ବିରାଟ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କ୍ୟାଣ୍ଡେଲ ଶୋଭାଯାତ୍ରା ରାମେଶ୍ୱର ବଜାର ପରିକ୍ରମା କରି ଦୁର୍ଗାପୁରସ୍ଥିତ ଆଖଣ୍ଡଳମଣି ମନ୍ଦିରରେ ମୃତ ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସମୂହ ଦୀପଦାନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ସମ୍ରାଟ କେଶରୀ ଲେଙ୍କା, ବିକ୍ରମ କେଶରୀ ସାମଲ, କ୍ଷୀରୋଦ ସାହୁ, ଚିତ୍ତରଞ୍ଜନ ସାହୁ, ଦୁର୍ଗାଚରଣ ପ୍ରଧାନ, କୁନା ପରିଡ଼ା, ଯୁଧିଷ୍ଠିର ସାମଲ, ଶୁଭଶ୍ରୀ ସାମଲ, ବିଦ୍ୟୁତ୍ ଦାସ ପ୍ରମୁଖ ସାମିଲ ହୋଇ ମୃତ ପର୍ଯ୍ୟଟକମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ।

ସେହିପରି ଆଜି ସାଲେପୁର ଅଞ୍ଚଳର ସଚେତନ ଯୁବକମାନଙ୍କ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ରୋଧପୁର ଶାରଳା ମଣ୍ଡପରୁ




ବାହାରି ସାଲେପୁର ବଜାର ପରିକ୍ରମା କରି ସାହେଶ୍ୱରୀ ମନ୍ଦିରରେ ଶେଷ ହୋଇଥିଲା। ଏଥିରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯିବା ସହ ଏହି ବର୍ବର କାଣ୍ଡ ପାଇଁ ପାକିସ୍ଥାନ ମୁର୍ଦ୍ଦାବାଦ, ଆତଙ୍କବାଦୀ ମୁର୍ଦ୍ଦାବାଦ ଆଦି ନାରା ଦେଇ ଯୁବକମାନେ ହାତରେ କ୍ୟାଣ୍ଡେଲ ଧରି ସାଲେପୁର ବଜାର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ସାହିଲ କୁମାର ରାଉତ, ଅନିରୁଦ୍ଧ ବେହେରା, ସତ୍ୟମ ଶତପଥି, ଅରୂପାନନ୍ଦ ବିଶ୍ୱାଳ, ରିତିକ ରଞ୍ଜନ ସେଠୀ, ତୁଷାର ଦାସ, କାମରାଜ ସିଂହ, ପ୍ରସନଜିତ୍ ଦୀକ୍ଷିତ, ରିତେଶ ରାଉତ, ଦେବୀପ୍ରସାଦ ସେଠୀଙ୍କ ସମେତ ବହୁ ସଚେତନ ଯୁବକ ସାମିଲ ହୋଇଥିଲେ।

# ଆଜିଠୁ ପୁଣି କାଳବୈଶାଖୀ ବର୍ଷା

**୭ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ**



**ଭୁବନେଶ୍ୱର,୨୫।୪(ସଂଚାର ବ୍ୟୁରୋ):** ଆସନ୍ତାକାଲିଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପୁଣି କାଳବୈଶାଖୀ। ଆସନ୍ତାକାଲି ଅପରାହ୍ଣରେ ମାଲକାନଗିରି, ଗଞ୍ଜାମ, କୋରାପୁଟ ଓ ମୟୂରଭଞ୍ଜରେ ବିଜୁଳି, ଘଡ଼ଘଡ଼ି ଆଶଙ୍କା ରହିଥିବାରୁ ଉକ୍ତ ଜିଲ୍ଲାର ଜନସାଧାରଣ ସତର୍କ ରହିବା ସକାଶେ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହିସବୁ ଜିଲ୍ଲାରେ କାଳବୈଶାଖୀ ସମୟରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେହିପରି ଝାରସୁଗୁଡ଼ା, ବୌଦ୍ଧ, ସମ୍ବଲପୁର ଓ ବଲାଙ୍ଗୀରକୁ ହିଟୱେଭ ପାଇଁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ତାତି ଓ ଆର୍ଦ୍ରତା ପାଇଁ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ବି ଜାରି ହୋଇଛି। ସେହିପରି ଆସନ୍ତା ୨୭ ତାରିଖରେ କାଳବୈଶାଖୀ ପାଇଁ ୭ ଜିଲ୍ଲା କୋରାପୁଟ, ଗଞ୍ଜାମ, ସୁନ୍ଦରଗଡ଼, ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏହିସବୁ ଜିଲ୍ଲାରେ ଘଣ୍ଟା ପ୍ରତି ୫୦ରୁ ୬୦ କିମି ବେଗରେ ପବନ ବହିପାରେ। ସେହିପରି ବିଜୁଳି, ଘଡ଼ଘଡ଼ି ଓ ପବନ ପାଇଁ ୧୮ ଜିଲ୍ଲାକୁ ଦିଆଯାଇଛି ୟେଲୋ ୱାର୍ଣ୍ଣିଂ। ଆସନ୍ତା ୨୯ ତାରିଖ ଯାଏ ଏହି କାଳବୈଶାଖୀ ଜାରି ରହିବ। ଏଥିସହ ଆସନ୍ତା ୩ ଦିନ ଭିତରେ ତାପମାତ୍ରାରେ ବଡ଼ ଧରଣର ପରିବର୍ତ୍ତନ ସମ୍ଭାବନା ନାହିଁ। ତେବେ କାଳବୈଶାଖୀ ପ୍ରଭାବରେ ଦିନ ତାପମାତ୍ରାରେ ୩ରୁ ୫ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ହେବାର ସମ୍ଭାବନା ପ୍ରକଟ କରାଯାଇଛି।

**ରବି ଋତୁ ଧାନକିଣା ପାଇଁ ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ**

# ପହିଲାରୁ ୨୦ଟି ଜିଲ୍ଲାରେ ଧାନକିଣା



**ଭୁବନେଶ୍ୱର,୨୫।୪(ସଂଚାର ବ୍ୟୁରୋ):** ଚଳିତ ରବି ଋତୁରେ ଚାଷୀମାନଙ୍କଠାରୁ ଧାନ କିଣିବା ନିମନ୍ତେ ବ୍ୟାପକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଛି । ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସଂପୃକ୍ତ ଜିଲ୍ଲାପାଳ ଓ ଯୋଗାଣ ଅଧିକାରୀ ଯୋଗ ଦେଇଥିବାବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଧାନକିଣା ପାଇଁ ପ୍ରଶାସନିକ ଓ ବୈଷୟିକ ପ୍ରସ୍ତୁତି ସଂକ୍ରାନ୍ତରେ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ ।

ପ୍ରାରମ୍ଭରେ ଶ୍ରୀ ସିଂ କହିଲେ ଯେ ଗତ ଖରିଫ୍ ଋତୁରେ ପ୍ରାୟ ୧୬ ଲକ୍ଷ ୬୦ ହଜାର ଚାଷୀଙ୍କଠାରୁ ପ୍ରାୟ ୭୩ ଲକ୍ଷ ୪୫ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିଲା। ଏଥିନିମନ୍ତେ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ୧୬ ହଜାର ୮୫୩ କୋଟି ଏବଂ ଇନ୍‌ପୁଟ୍ ସହାୟତା ବାବଦକୁ ୫୮୬୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ସେହିଭଳି ଚଳିତ ରବି ଋତୁ ପାଇଁ ଆସନ୍ତା ୧ ତାରିଖରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଧାନକିଣା ଚାଲିବ। ଚଳିତ ଋତୁରେ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିନିମନ୍ତେ ପ୍ରାୟ ୩ ଲକ୍ଷ ୩୭ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି, ଯାହା ଗତବର୍ଷ ତୁଳନାରେ ପ୍ରାୟ ୧୨୨ ପ୍ରତିଶତ ଅଧିକ। ଚଳିତ ବର୍ଷ କନ୍ଧମାଳ, ସୁନ୍ଦରଗଡ଼ ଓ ଭଦ୍ରକ ଜିଲ୍ଲାରୁ ନୂତନ ଭାବେ ଧାନକିଣା ଆରମ୍ଭ ହେଉଥିବା ବେଳେ ରବି ଋତୁରେ ମୋଟ୍ ୨୦ଟି ଜିଲ୍ଲାରେ ୯୬୫ଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଧାନକିଣା ହେବ। ୨୦୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ସେହିପରି ଯୋଗ୍ୟ ଚାଷୀ କିପରି ଧାନ ବିକ୍ରି କରିବାରୁ ବଞ୍ଚିତ ନହେବେ, ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦେବା ପାଇଁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ବିଭାଗୀୟ ଅଧିକାରୀ ଓ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ର ଦ୍ୱାରା ଉପଗ୍ରହ ଜରିଆରେ ଧାନଜମିର ଉତ୍ତୋଳିତ ଫଟୋ ଓ ଡିଜିଟାଲ ଶସ୍ୟ ସର୍ବେକ୍ଷଣକୁ ବ୍ୟବହାର କରି ଚାଷୀମାନଙ୍କୁ ଟୋକନ୍ ପ୍ରଦାନ କରାଯାଉଥିବାରୁ ଶ୍ରୀ ଆହୁଜା ଖୁସି ପ୍ରକଟ କରିଥିଲେ। ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଫିସର ଓ ୩ରୁ ୪ଟି ମଣ୍ଡିକୁ ନେଇ ସୁପରଭାଇଜର ନିଯୁକ୍ତି ତୁରନ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ମଣ୍ଡି ମନିଟରିଂ ଆପ୍ ମାଧ୍ୟମରେ ସେମାନଙ୍କର ପଞ୍ଜୀକରଣ କରିବା ପାଇଁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଖରିଫ ଭଳି ଚଳିତ ରବି ଋତୁରେ ମଧ୍ୟ ଧାନ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଓ ଇନ୍‌ପୁଟ୍ ସହାୟତା ବାବଦକୁ ୮୦୦ ଟଙ୍କା ଏହିପରି ମୋଟ ୩୧୦୦ ଟଙ୍କା ଧାନକିଣାର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ପଠାଯିବ। ଏଥିପୂର୍ବରୁ ସମ୍ପୃକ୍ତ ଚାଷୀମାନଙ୍କର ବ୍ୟାଙ୍କ୍ ଆକାଉଣ୍ଟ ଆଧାର ସଂଯୋଗୀକରଣ ନେଇ ଯାଞ୍ଚ୍ କରାଯାଉଛି। ଏଥିସହ ନିର୍ଦ୍ଦେଶ ନିୟନ୍ତ୍ରଣ ଓ ଅଭିଜ୍ଞତା କେନ୍ଦ୍ରକୁ ୧୯୬୭ ମାଧ୍ୟମରେ ଧାନକିଣା ନେଇ ଅଭିଯୋଗ କରିପାରିବେ। ଅଦିନିଆ ବର୍ଷା ଓ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମଣ୍ଡିରେ ରଖାଯାଇଥିବା ଧାନର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାହାର ରାଜ୍ୟର ଧାନଗାଡ଼ି ଯେଭଳି ଆମ ରାଜ୍ୟ ଭିତରକୁ ନଆସେ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ସ୍କ୍ୱାଡ୍ ନିୟୋଜିତ ହେବେ। ଏଥିନିମନ୍ତେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବିଭିନ୍ନ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ।

**୧୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ**

## ୨ମାସ ଭିତରେ ୫ ଲକ୍ଷ ଟାର୍ଗେଟ, ଆସନ୍ତା ମାସ ଶେଷ ଯାଏ ଚାଲିବ ଆବାସ ସର୍ଭେ

**ଭୁବନେଶ୍ୱର,୨୫।୪ (ସଂଚାର ବ୍ୟୁରୋ):** ମେ'ରେ ଲକ୍ଷେ ଘର ବାଣ୍ଟିବେ ସରକାର । ୨ ମାସରେ ୫ ଲକ୍ଷ ଘର ଦେବେ ସରକାର। ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆଉ ଲକ୍ଷେ ହିତାଧିକାରୀଙ୍କୁ ସାମିଲ କରାଯିବ। ପ୍ରଥମ ପର୍ଯ୍ୟାୟରେ ୬୦ ହଜାର ହିତାଧିକାରୀଙ୍କୁ ସାମିଲ କରାଯାଇଥିଲା। ଏହି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ । ଏହା ସହ କହିଛନ୍ତି ମେ' ମାସ ଶେଷ ଯାଏଁ ଚାଲିବ ଆବାସ ସର୍ଭେ । ଏବେ ସୁଦ୍ଧା ୨୯ଲକ୍ଷ ହିତାଧିକାରୀ ସର୍ଭେରେ ଯୋଡି ହେଲେଣି । ସର୍ଭେରେ ଯୋଡି ହେବାକୁ ବ୍ୟାପକ ସଚେତନତା କରାଯାଇଥିଲା ।

# ଡାକ୍ତର ଦାମୀ ଔଷଧ ଲେଖିବା ଅପରାଧ ନୁହେଁ: ହାଇକୋର୍ଟ

**ଡାକ୍ତର ଦମ୍ପତିଙ୍କ ବିରୋଧରେ ଭିଜିଲାନ୍ସ ମାମଲା ଖାରଜ**

**କଟକ,୨୫।୪(ସଂଚାର ବ୍ୟୁରୋ):** ଡାକ୍ତର ଦାମୀ ମେଡ଼ିସିନ ଲେଖିବା କୌଣସି ଅପରାଧ ନୁହେଁ। ଏସବୁ କଲେ ଡାକ୍ତରଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରାଯାଇପାରିବ ନାହିଁ। ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ଓଡିଶା ହାଇକୋର୍ଟ। ବିଶେଷକରି ଯଦି କୌଣସି ଡାକ୍ତର ଦାମୀ ମେଡିସିନ ଲେଖନ୍ତି କିମ୍ବା କୌଣସି ମେଡିସିନ କମ୍ପାନୀ ଦ୍ୱାରା ଆୟୋଜିତ ସେମିନାରରେ ଯୋଗ ଦିଅନ୍ତି, ତା'ହେଲେ ତାଙ୍କୁ ଦୋଷୀ କରାଯାଇପାରିବ ନାହିଁ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ହାଇକୋର୍ଟର ବିଚାରପତି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଏଥିସହ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ଚିକିତ୍ସା କେନ୍ଦ୍ରର ଡାକ୍ତର ଦମ୍ପତି ପ୍ରଫେସର ଡାକ୍ତର ସୁରେନ୍ଦ୍ରନାଥ ସେନାପତି ଓ ଡାକ୍ତର ଦୀପ୍ତିରାଣୀ ସାମନ୍ତଙ୍କ ବିରୋଧରେ ରୁଜୁ ଭିଜିଲାନ୍ସ ମାମଲାକୁ ମଧ୍ୟ ହାଇକୋର୍ଟ ରଦ୍ଦ କରିଛନ୍ତି।



ସୂଚନାନୁସାରେ, ଗତ ୨୦୧୬ରେ ଡାକ୍ତର ଦମ୍ପତିଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିଲା। ତେବେ ଭିଜିଲାନ୍ସ ମାମଲାକୁ ଚାଲେଞ୍ଜ କରି ଉଭୟ ଡାକ୍ତର ଦମ୍ପତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଏହି ମାମଲାର ଶୁଣାଣି କରି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ମାମଲାରେ କୌଣସି ପ୍ରାଥମିକ ତଦନ୍ତ ବିନା ଆବେଦନକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଯେକୌଣସି ଘଟଣାରେ ପ୍ରାଥମିକ ତଦନ୍ତ କରାଯିବା ବାଧ୍ୟତାମୂଳକ। ଆବେଦନକାରୀ ଡାକ୍ତର ଦମ୍ପତି ଯେହେତୁ ଖ୍ୟାତିସମ୍ପନ୍ନ ଡାକ୍ତର, ତେଣୁ ସେମାନଙ୍କ କ୍ଷେତ୍ରରେ ବିଶେଷଜ୍ଞଙ୍କ ଦ୍ୱାରା ଅଭିଯୋଗର ପ୍ରାଥମିକ ତଦନ୍ତ କରାଯିବା ଜରୁରୀ ଥିଲା। ମାତ୍ର ଭିଜିଲାନ୍ସ ପକ୍ଷରୁ ସଠିକ ଢଙ୍ଗରେ ତଦନ୍ତ କରାଯାଇନାହିଁ ବୋଲି କୋର୍ଟ କହିଛନ୍ତି। ବିବରଣୀରୁ ଜଣା ପଡ଼ିଛି ଯେ ଉଭୟ ଡାକ୍ତର ଦମ୍ପତି ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସା ପ୍ରତିଷ୍ଠାନରେ ଏକ ଫାର୍ମା କମ୍ପାନୀକୁ ଅହେତୁକ ଅନୁକମ୍ପା ଦେଖାଇବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଭିଜିଲାନ୍ସ ପକ୍ଷରୁ ଡାକ୍ତର ଦମ୍ପତିଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା ଏବଂ ଡାକ୍ତର ସୁରେନ୍ଦ୍ରନାଥ ସେନାପତିଙ୍କୁ ଭିଜିଲାନ୍ସ ଗିରଫ ମଧ୍ୟ କରିଥିଲା। ତେବେ ଡାକ୍ତର ଦାମୀ ମେଡିସିନ ଲେଖିବା କୌଣସି ଅପରାଧ ନୁହେଁ। କାରଣ ଡାକ୍ତରଙ୍କ କର୍ତ୍ତବ୍ୟ ହେଉଛି ଜଣେ ରୋଗୀଙ୍କ ସଠିକ ଚିକିତ୍ସା କରିବା। ସେହିପରି ଜଣେ ଡାକ୍ତର ଚିକିତ୍ସା କରିବା ସମୟରେ କିଏ ଧନୀ ଆଉ କିଏ ଗରିବ ତାକୁ ବିଚାର କରିପାରିବ ନାହିଁ। ସମସ୍ତ ରୋଗୀଙ୍କୁ ସବୁଠାରୁ ଭଲ ମେଡିସିନ ଯୋଗାଇଦେବା ରାଜ୍ୟ ସରକାରଙ୍କ ସାମ୍ବିଧାନିକ କର୍ତ୍ତବ୍ୟ। ଡାକ୍ତରମାନେ ଯଦି ଏକ ନିର୍ଦ୍ଦିଷ୍ଟ ଔଷଧ ଲେଖନ୍ତି ଓ ଏହାଦ୍ୱାରା ଯଦି ଫାର୍ମା କମ୍ପାନୀ ଲାଭବାନ ହେଉଛନ୍ତି, ସେଥିପାଇଁ ଡାକ୍ତରଙ୍କୁ ଦାୟୀ କରାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି।



**● ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ**

# ଶୁଣାଣି ବେଳେ ବେହୋସ ହେଲେ ଅଭିଯୁକ୍ତ

**ଯାଜପୁର,୨୫।୪(ସଂଚାର ବ୍ୟୁରୋ):** ରାୟ ଶୁଣାଣି ସମୟରେ ବେହୋସ ହେଲେ ଅଭିଯୁକ୍ତ ଓ ତାଙ୍କ ସମ୍ପର୍କୀୟା । ଅପହରଣ ଓ ଦୁଷ୍କର୍ମ ଘଟଣାର ରାୟ ପ୍ରକାଶ ସମୟରେ ଘଟିଛି ଏଭଳି ଘଟଣା । ଅଭିଯୁକ୍ତ କୋର୍ଟରୁ ଜେଲକୁ ନଯାଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ହେଲା ଭର୍ତ୍ତି । ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା କଥା ଶୁଣିବା ପରେ ସତେ ଯେମିତି ଅଭିଯୁକ୍ତର ଗୋଡ଼ ତଳୁ ମାଟି ଖସି ଯାଇଥିଲା । ଆଉ ରାୟ ଶୁଣାଣି ସମୟରେ ଅଭିଯୁକ୍ତ ଓ ତାଙ୍କ ସମ୍ପର୍କୀୟା ବେହୋସ ହୋଇ ଯାଇଥିଲେ। ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଜଣଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା । ଗତ ୨୦୨୨ ଯାଜପୁର ସଦର ଥାନା ଅଞ୍ଚଳରେ ୧୬ ବର୍ଷର ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଘଟଣାର ରାୟ ପ୍ରକାଶ ସମୟରେ ଘଟିଛି ଏଭଳି ଘଟଣା । ଅଭିଯୁକ୍ତ ସୁକଦେବ ରାଉତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି ଅତିରିକ୍ତ ସ୍ୱତନ୍ତ୍ର ଜିଲ୍ଲା ଦୌରା ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ୍। ୨୦୨୨ ଯାଜପୁର ସଦର ଥାନା ଅଞ୍ଚଳର ୧୬ ବର୍ଷୀୟା ନାବାଳିକାକୁ ନିଜ ସମ୍ପର୍କୀୟ ଭାଇ ଅପହରଣ କରି ବିଭିନ୍ନ ସ୍ଥାନକୁ ନେଇ ବାରମ୍ବାର ଦୁଷ୍କର୍ମ କରିଥିଲା। ପୀଡ଼ିତାଙ୍କ ପରିବାର ବର୍ଗ ଏନେଇ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଦୁଷ୍କର୍ମକାରୀ ସୁକଦେବକୁ ଦଫା ୩୬୬ (କ,ଖ) ଓ ପୋକ୍ସୋ ଧାରା ୬ ଅନୁଯାୟୀ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାର ଶୁଣାଣି କରିଛନ୍ତି ସ୍ୱତନ୍ତ୍ର ପୋକ୍ସୋ ଅଦାଲତ। ୮ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଗ୍ରହଣ କରି ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୨୦ ହଜାର ଟଙ୍କା ଜରିମାନା ପଇଠ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅନାଦେୟ ପରିପ୍ରେକ୍ଷୀରେ ୬ ମାସ ଅଧିକ କାରାଦଣ୍ଡାଦେଶ ସହ ପୀଡ଼ିତାଙ୍କୁ ୧ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ପୋକ୍ସୋ ବିଚାରପତି ଅଭିଜିତ ପଲାଇ। ଏହି ମାମଲାକୁ ସରକାରୀ ଓକିଲ ରାଜୀବ ମହାନ୍ତି ପରିଚାଳନା କରିଥିଲେ।

# ସୁନୀଲ ଗୁପ୍ତା ସିଆଇଆଇ ଓଡ଼ିଶା ଅଧ୍ୟକ୍ଷ, ସୁରେଶ ଉପାଧ୍ୟକ୍ଷ




**ଭୁବନେଶ୍ୱର,୨୫।୪(ସଂଚାର ବ୍ୟୁରୋ):** କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ଓଡ଼ିଶା ରାଜ୍ୟ ପରିଷଦ ଝାରସୁଗୁଡାସ୍ଥିତ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତାଙ୍କୁ ୨୦୨୫-୨୬ ବର୍ଷ ପାଇଁ ଅଧ୍ୟକ୍ଷ ଭାବେ ଘୋଷଣା କରିଛି। ଏହି ଟିମରେ ଏଏମ/ଏନଏସ୍ ଇଣ୍ଡିଆ, ଓଡ଼ିଶା ଆସେଟ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶ ଜି. ସିଆଇଆଇର ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। ଏହି ଅବସରରେ ଆଗାମୀ ବର୍ଷର ପ୍ରାଥମିକତା ସମ୍ପର୍କରେ ଶ୍ରୀ ଗୁପ୍ତା ଉଲ୍ଲେଖ କରିବାକୁ ଯାଇ ଓଡ଼ିଶାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସକାଶେ ସିଆଇଆଇର ରଣନୈତିକ ଯୋଜନା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏମ୍‌ଏସ୍‌ଏମ୍‌ଇ, ଧାତୁ ଓ ଖଣି, ସ୍ୱାସ୍ଥ୍ୟସେବା, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ ସିଆଇଆଇର ଲକ୍ଷ୍ୟ ହେଉଛି ସମଗ୍ର ରାଜ୍ୟରେ ସମାବେଶୀ ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବା। ବିଶେଷ କରି ସିଆଇଆଇର କାର୍ଯ୍ୟକଳାପକୁ ସମ୍ପ୍ରସାରିତ କରିବା। ପଶ୍ଚିମ ଓଡ଼ିଶା ବିଶେଷକରି ଶିଳ୍ପ, ଏମଏସଏମଇ, କୃଷି, ପରିବେଶ, ପର୍ଯ୍ୟଟନ ଓ ଦକ୍ଷତା ବିକାଶ ଭଳି ବିଭାଗଗୁଡ଼ିକ ସହିତ ଘନିଷ୍ଠ ଭାବେ ସହଭାଗିତା କରିବା ଉପରେ ସେ ଜୋର ଦେଇଛନ୍ତି। ସେହିପରି ଶ୍ରୀ ସୁରେଶ ଓଡ଼ିଶାକୁ କ୍ଷେତ୍ରୀୟ ବିଶେଷଜ୍ଞତା ଆଣିବା ପାଇଁ ସିଆଇଆଇର ଉତ୍କର୍ଷ କେନ୍ଦ୍ରଗୁଡ଼ିକର ଲାଭ ଉଠାଇବା ସକାଶେ ପରିଷଦର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ସେ କହିଥିଲେ ଯେ ଆମେ ଏହି କ୍ଷେତ୍ରରେ ଜିଏସଟି, ଜିଇଏମ, ଟିକ୍ୟୁଏମ ଓ ରପ୍ତାନୀ ଦସ୍ତାବିଜ ତାଲିମ ପ୍ରଦାନ କରି ନିଯୁକ୍ତି ସୃଷ୍ଟି ଓ ଉତ୍ପାଦନଶୀଳତାକୁ ସମର୍ଥନ କରିବା। ବ୍ୟାପକ ବିକାଶ ଏଜେଣ୍ଡାର ଅଂଶବିଶେଷ ସ୍ୱରୂପ ସିଆଇଆଇ ଓଡ଼ିଶା ମଧ୍ୟ ଏହି କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିବ। ପର୍ଯ୍ୟଟନ, ନବସୃଜନ, ସହରୀକରଣ, ମାଲ ପରିବହନ ଓ ବହୁମୁଖୀ ଲଜିଷ୍ଟିକ୍ସ, ମତ୍ସ୍ୟଚାଷ, ଜଳବାୟୁ ସହନଶୀଳତା, ଶକ୍ତି ରୂପାନ୍ତରଣ ଓ ଓଡ଼ିଶାର ସମୃଦ୍ଧ କଳା, ଐତିହ୍ୟ ଏବଂ କ୍ରୀଡ଼ାର ସଂରକ୍ଷଣ ଦିଗରେ ପଦକ୍ଷେପ ନେବ। ସିଆଇଆଇ ଓ ଏହାର ନୂତନ ନେତୃତ୍ୱ ମିଳିତ ଭାବେ ବ୍ୟବସାୟ ପାଇଁ ଏକ ସକ୍ଷମ ପରିବେଶ ସୃଷ୍ଟି କରିବା ସହ ଗୋଷ୍ଠିଗୁଡ଼ିକୁ ସଶକ୍ତ ଓ ରାଜ୍ୟର ନିରନ୍ତର ଅର୍ଥନୈତିକ ପରିବର୍ତ୍ତନ ପାଇଁ ନୀତିଗତ ନିଷ୍ପତ୍ତିକୁ ସମର୍ଥନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ।

# ଗୁଳିମାରି ଖସିଯାଉଥିଲେ, ଗୁଳି ଖାଇଲେ



**ରାଉରକେଲା,୨୫।୪(ସଂଚାର ବ୍ୟୁରୋ):** ରାଉରକେଲାରେ ପୁଣିଥରେ ଗର୍ଜିଛି ଗୁଳି। ଡକାୟତମାନେ ଢ଼ାବା ମାଲିକଙ୍କ ଉପରକୁ ଗୁଳିମାଡ଼ କରିଛନ୍ତି। ଗତକାଲିରାତିରେ ରାଉରକେଲା ବିଶ୍ରା ଥାନା ଅନ୍ତର୍ଗତ ଡୁଗୁ ଢ଼ାବା ମାଲିକଙ୍କ ଉପରେ ଗୁଳିମାଡ଼ ହୋଇଛି। ଡକାୟତଙ୍କ ଗୁଳି ଢାବା ମାଲିକଙ୍କ ଗୋଡ଼ରେ ବାଜିଛି । ୬ରୁ ୭ ଜଣ ଦୁର୍ବୃତ୍ତ କିଛି ଟଙ୍କା ପାଇଁ ବନ୍ଧୁକ ଓ ଛୁରୀ ମୁନରେ ଡକାୟତି କରିବା ସକାଶେ ଆସିଥିଲେ। ତେବେ ଦୁର୍ବୃତ୍ତମାନେ ଗୁଳିମାଡ଼ କରି ଫେରାର ହେବା ସମୟରେ ସେମାନଙ୍କୁ ମଧ୍ୟ ପୁଲିସ୍ ଗୁଳିର ଶିକାର ହେବାକୁ ପଡ଼ିଛି। ପୁଲିସ୍ ସେମାନଙ୍କୁ କାବୁ କରିବା ସକାଶେ ଉଦ୍ୟମ କରିବା ସମୟରେ ଦୃର୍ବୃତ୍ତମାନେ ଦେଖି ଗୁଳି ଚଳାଇଥିଲେ। ପୁଲିସ୍ ଏହାର ପାଲଟା ଜବାବ ଦେବାରୁ ଦୁଇ ଜଣ ଡକାୟତ ଆହତ ହୋଇଛନ୍ତି। ସେମାନଙ୍କୁ ରାଉରକେଲା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କିଛି ଦିନର ବ୍ୟବଧାନ ପରେ ପୁଣିଥରେ ରାଉରକେଲାରେ ଏପରି ଏନକାଉଣ୍ଟର ଘଟଣା ଘଟିଛି। ଫଳସ୍ୱରୂପ ଦିନକୁ ଦିନ ଅଶାନ୍ତ ହେଉଛି ଇସ୍ପାତ୍ ନଗରୀ। ଦିନ ହେଉ ଅବା ରାତି, ରାଉରକେଲାରେ ଅପରାଧୀ ଏବେ ବେଶ୍ ସକ୍ରିୟ ହୋଇଛନ୍ତି। କେତେବେଳେ ଡକାୟତି ପାଇଁ ତ ଆଉ କେତେବେଳେ ନିଶା ଏବଂ ପୂର୍ବ ଶତ୍ରୁତାରୁ ହେଉଛି ଆକ୍ରମଣ। କିଛି ଦିନ ତଳେ ରାଉରକେଲାରେ ପୁଲିସ ପକ୍ଷରୁ ଏନକାଉଣ୍ଟର ହୋଇଥିଲା। ଏଥିରେ ଦୁର୍ଦ୍ଦାନ୍ତ ଅପରାଧୀ ବାୟାସ ଲକୁଆ ଆହତ ହୋଇଥିଲା। ତା'ର ଡାହାଣ ଗୋଡ଼ରେ ପୁଲିସ୍ ଗୁଳି ବାଜିଥିଲା।

# ଶ୍ରୀଜିଉଙ୍କ କରାଗଲା ବଡ଼ ମହାସ୍ନାନ



**ପୁରୀ,୨୫।୪(ସଂଚାର ବ୍ୟୁରୋ):** ଆଜି ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ କରାଗଲା ବଡ଼ ମହାସ୍ନାନ। ଜୟବିଜୟ ଦ୍ୱାର ନିକଟରେ କେହି ବାନ୍ତି କରିଦେବାରୁ ବଡ ମହାସ୍ନାନ ନୀତି ପାଇଁ ସର୍ବସାଧାରଣ ଦର୍ଶନକୁ ବନ୍ଦ ରଖାଯାଇଥିଲା। ଶ୍ରୀମନ୍ଦିରର ପରମ୍ପରା ଅନୁଯାୟୀ, ଜୟ ବିଜୟ ଦ୍ୱାର ସମ୍ମୁଖରୁ ଭିତର କାଠରୁ ଭକ୍ତ ପ୍ରତ୍ୟାବର୍ତ୍ତନ କରୁଥିବା ବେହରଣ ଦ୍ୱାର ଯାଏ କେହି ଭକ୍ତ, ସେବାୟତ ଅବା କୌଣସି ବ୍ୟକ୍ତିଙ୍କ ଶରୀରରୁ ଦୁର୍ଘଟଣାବଶତଃ ରକ୍ତ ପଡିଲେ, ବାନ୍ତି କରିଦେଲେ ଏବଂ ଛୋଟ ଛୁଆ, ବୃଦ୍ଧ ଲୋକ ପରିସ୍ରା, ମଳତ୍ୟାଗ କରିଦେଲେ ସଙ୍ଗେ ସଙ୍ଗେ ମହାପ୍ରଭୁଙ୍କ ଚାଲିଥିବା ନୀତି ବନ୍ଦ କରାଯାଇଥାଏ ଓ ମହାପ୍ରଭୁଙ୍କର ବଡ଼ ମହାସ୍ନାନ କରାଯାଇଥାଏ। ସେହିପରି ଆଜି କେହି ବାନ୍ତି କରିଦେଇଥିବା ବେଳେ ମହାସ୍ନାନ କରାଯାଇଛି। ତେବେ ମହାସ୍ନାନ ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ଦର୍ଶନ ପୂର୍ବପରି ସ୍ୱାଭାବିକ ହୋଇଥିଲା।

# ୨୮ରେ କଂଗ୍ରେସ ପାଳିବ ସମ୍ବିଧାନ ବଞ୍ଚାଅ ଦିବସ



**ଭୁବନେଶ୍ୱର,୨୫।୪(ସଂଚାର ବ୍ୟୁରୋ):** ଆସନ୍ତା ୨୮ ତାରିଖରେ କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ଦିବସ ପାଳନ ହେବ। ଦଳ ଓ ଏହାର ପ୍ରମୁଖ ନେତା ରାହୁଲ ଗାନ୍ଧୀ ଜାତିଗତ ଜନଗଣନା ତଥା ଦେଶର ଅନୁସୂଚିତ ଜାତି, ଜନଜାତି ଓ ଓବିସି ବର୍ଗଙ୍କୁ ତାଙ୍କର ନ୍ୟାଯ୍ୟ ଦାବି ପାଇଁ ଲଢ଼େଇ କରୁଥିବା ବେଳେ ମୋଦି ସରକାର ତାଙ୍କ ମନୋବଳ ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। କିନ୍ତୁ ମୋଦି ଏଥିରେ ଆଦୌ ସଫଳ ହେବେ ନାହିଁ ବୋଲି କହିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ। ଆଜି ପିସିସି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ, ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଏବଂ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଉପସ୍ଥିତ ଥିଲେ। ଶ୍ରୀ ଦାସ କହିଛନ୍ତି ଯେ ରାଜ୍ୟରେ ସମ୍ବିଧାନ ଦିବସ ପାଳନ ପାଇଁ ରାଜଧାନୀରୁ ନେଇ ଗାଁ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଆୟୋଜିତ ହେବ। ଓଡ଼ିଶାରେ ମୟୂରଭଞ୍ଜ ଓ ଅନ୍ୟାନ୍ୟ ଆଦିବାସୀବହୁଳ ଜିଲ୍ଲାରେ ବିଜେପି ତା'ର କମ୍ପାନୀ ପ୍ରୀତି ପାଇଁ ସାଧାରଣ ଆଦିବାସୀଙ୍କର ଭିଟାମାଟି ଓ ଜଙ୍ଗଲ, ଜଳ, ଜମି ହଡ଼ପ ପାଇଁ ଚକ୍ରାନ୍ତ କରୁଥିବା ବେଳେ ଏହାକୁ କଂଗ୍ରେସ ବିରୋଧ କରିବ। ସେହିପରି ରାଜ୍ୟରେ ମହିଳାଙ୍କ ପ୍ରତି ନିର୍ଯାତନା ବଢ଼ୁଥିବା ବେଳେ ଏଥିପାଇଁ ବିଜେପି ସରକାର ଦାୟୀ ବୋଲି ଶ୍ରୀ ଦାସ କହିଛନ୍ତି। ରାଜ୍ୟ ପ୍ରଭାରୀ ଶ୍ରୀ ଲଲ୍ଲୁ କହିଛନ୍ତି ଯେ ଆସନ୍ତା ୨୮ରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସମ୍ବିଧାନ ବଞ୍ଚାଅ ଦିବସ ପାଳନ କରାଯିବ। ସେହିପରି ମେ' ୩ରୁ ୧୦ ତାରିଖ ଯାଏଁ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ମେ' ମାସ ୧୧ରୁ ୧୭ ପର୍ଯ୍ୟନ୍ତ ରାଜ୍ୟର ପ୍ରତି ନିର୍ବାଚନମଣ୍ଡଳୀରେ ଏହା ପାଳନ କରାଯିବା ସହ ମେ' ୨୦ରୁ ୩୦ ପର୍ଯ୍ୟନ୍ତ କଂଗ୍ରେସ କାର୍ଯ୍ୟକର୍ତ୍ତା ପ୍ରତି ଗାଁରେ ସମ୍ବିଧାନ ବଞ୍ଚାଅ ଦିବସ ପାଳନ କରିବେ। ଏହାଛଡ଼ା ଜନସାଧାରଣଙ୍କୁ ସେମାନଙ୍କ ନ୍ୟାଯ୍ୟ ଦାବି ଓ ଅଧିକାରୀ ସମ୍ପର୍କରେ ସଚେତନ କରାଯିବ। ଓଡ଼ିଶାରେ ଦଳିତ, ଆଦିବାସୀ ଓ ଓବିସି ବର୍ଗଙ୍କୁ ଉଭୟ ବିଜେଡି ଓ ବିଜେପି ସରକାର ଅବହେଳା କରିଆସିଛନ୍ତି ବୋଲି ଶ୍ରୀ ଲଲ୍ଲୁ କହିଛନ୍ତି।

# ରାଜ୍ୟରେ ଗଠିତ ହେଲା ୪୬ଟି ସିଭିଲ୍ କୋର୍ଟ

**ଭୁବନେଶ୍ୱର,୨୫।୪(ସଂଚାର ବ୍ୟୁରୋ):** ରାଜ୍ୟରେ ଗଠିତ ହୋଇଛି ୪୬ଟି ନୂଆ ଜୁନିୟର ଡିଭିଜନ୍ ସିଭିଲ୍ ଜଜ୍ କୋର୍ଟ। ଏହି କୋର୍ଟଗୁଡିକ ବାଲେଶ୍ୱର ଜିଲ୍ଲାର ବାଲିଆପାଳ, ସିମୁଳିଆ, ସୋରୋ, ବାହାନଗା ଓ ଜଳେଶ୍ୱର, ସମ୍ବଲପୁର ଜିଲ୍ଲାର ରେଙ୍ଗାଲି, ବାମରା, କୁଚିଣ୍ଡା ଓ ଜମନକିରା, ରାୟଗଡ଼ା ଜିଲ୍ଲାର ରାୟଗଡା, ପୁରୀ ଜିଲ୍ଲାର ସତ୍ୟବାଦୀ, କେନ୍ଦୁଝର ଜିଲ୍ଲାର ସହରପଡ଼ା ଓ ହରିଚନ୍ଦନପୁର, ମୟୁରଭଞ୍ଜ ଜିଲ୍ଲାର ବହଳଦା, ରାରୁଆଁ, ବିଶୋଇ ଓ ବାରିପଦା, ଜଗତସିଂହପୁର ଜିଲ୍ଲାର ବାଲିକୁଦା ଓ ନୂଆଗାଁ, ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରା, ଲେଫ୍ରିପଡ଼ା, ବରଗାଁ ଓ କୁଆଁରମୁଣ୍ଡା, କଟକ ଜିଲ୍ଲାର ବାରଙ୍ଗ ଓ କଣ୍ଟାପଡ଼ା, ସୋନପୁର ଜିଲ୍ଲାର ଉଲୁଣ୍ଡା, ବରଗଡ଼ ଜିଲ୍ଲାର ଭଟଲି, ଝାରସୁଗୁଡ଼ା ଜିଲ୍ଲାର କୋଲାବିରା, ଖୋର୍ଦ୍ଧା ଜିଲ୍ଲାର ବାଣପୁର, କୋରାପୁଟ ଜିଲ୍ଲାର ପଟାଙ୍ଗୀ, ଯାଜପୁର ଜିଲ୍ଲାର ରସୁଲପୁର, କୋରେଇ ଓ ଧର୍ମଶାଳା, କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା, ଗରଦପୁର ଓ ମାର୍ଶାଘାଇ, କନ୍ଧମାଳ ଜିଲ୍ଲାର ଟିକାବାଲି, କେ ନୂଆଗାଁ ଓ ଖଜୁରିଆପଡ଼ା, ଭଦ୍ରକ ଜିଲ୍ଲାର ତିହିଡ଼ି, ମାଲକାନଗିରି ଜିଲ୍ଲାର ଖଇରପୁଟ, ଢେଙ୍କାନାଳ ଜିଲ୍ଲାର ଢେଙ୍କାନାଳ, ବଲାଙ୍ଗୀର ଜିଲ୍ଲାର ପାଟଣାଗଡ ଏବଂ ଗଞ୍ଜାମ ଜିଲ୍ଲାର କୁକୁଡାଖଣ୍ଡି, ଧରାକୋଟ ଓ ଗଞ୍ଜାମ । ହାଇକୋର୍ଟଙ୍କ ପରାମର୍ଶରେ ରାଜ୍ୟ ସରକାର ଏହି କୋର୍ଟଗୁଡିକ ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ୪୬ଟି କୋର୍ଟ ଗଠନ ହେବା ପରେ ଏହି ସବୁ ରାଜସ୍ୱ ତହସିଲ ଉପରେ କ୍ଷେତ୍ରାଧିକାର ଥିବା ଅନ୍ୟ ସମସ୍ତ ଜୁନିୟର ଡିଭିଜନ୍ ସିଭିଲ୍ ଜଜ୍ କୋର୍ଟ ଗୁଡିକର ଅଧିକାର ଶେଷ ହୋଇଛି।

# ଭୁବନେଶ୍ୱର ଏମ୍ସରେ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ସୁବିଧା



**● ପୂର୍ବ ଭାରତରେ ପ୍ରଥମ**
**● ଖୁବ୍‌ଶୀଘ୍ର ରୋବୋଟିକ୍ ହିପ୍ ପ୍ରତିରୋପଣ ବ୍ୟବସ୍ଥା**

**ଭୁବନେଶ୍ୱର,୨୫।୪(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଏମ୍ସରେ ଆରମ୍ଭ ହୋଇଛି ଅତ୍ୟାଧୁନିକ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ବ୍ୟବସ୍ଥା। ଏହି ସୁବିଧା ପ୍ରଚଳନ ସହ ଏମ୍ସ ଭୁବନେଶ୍ୱର ଓଡ଼ିଶା ସମେତ ସମ୍ପୂର୍ଣ୍ଣ ପୂର୍ବଭାରତରେ ପ୍ରଥମ ସରକାରୀ ପ୍ରତିଷ୍ଠାନ ହେବାର ଗୌରବ ଲାଭ କରିଛି। ଏଥିସହିତ ପ୍ରଯୁକ୍ତିବିଦ୍ୟା ସହିତ ଚିକିତ୍ସା ବିଜ୍ଞାନର ସମ୍ମିଶ୍ରଣ କରି ଉନ୍ନତ ଚିକିତ୍ସା ସେବା ପ୍ରଦାନ କ୍ଷେତ୍ରରେ ଆଉ ଏକ ଉପଲବ୍ଧି ହାସଲ କରିଛି ଏମ୍ସ। ଏଠାରେ ଅସ୍ଥିଶଲ୍ୟ ବିଭାଗ ପକ୍ଷରୁ ପଶ୍ଚିମବଙ୍ଗର ୬୬ ବର୍ଷୀୟା ମହିଳାଙ୍କ ପ୍ରଥମ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ସଫଳତାର ସହ ସମ୍ପନ୍ନ ହୋଇଛି। ଅସ୍ତ୍ରୋପଚାର ପରେ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଓ ମାତ୍ର ୪୮ ଘଣ୍ଟା ପରେ ସେ ସ୍ୱାଭାବିକ ଭାବେ ଚଲାବୁଲା କରିପାରିବେ ବୋଲି ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ କହିଛନ୍ତି। ଏପରି ସଫଳତା ପାଇଁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ସମଗ୍ର ଅସ୍ଥିଶଲ୍ୟ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଘରୋଇ କ୍ଷେତ୍ରରେ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ବେଶ୍ ବ୍ୟୟବହୁଳ ହୋଇଥିଲେ ମଧ୍ୟ ଏମ୍ସରେ ଏହା ସମାଜର ସମସ୍ତ ବର୍ଗ ପାଇଁ ଉପଲବ୍ଧ କରାଯାଇପାରିଛି ବୋଲି ଡ. ବିଶ୍ୱାସ କହିଛନ୍ତି।

ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ବ୍ୟବସ୍ଥା ସଠିକତାକୁ ସମ୍ପୂର୍ଣ୍ଣ ସୁନିଶ୍ଚିତ କରିଥାଏ। ଏହି ପ୍ରଯୁକ୍ତିବିଦ୍ୟା ମାନବ ତ୍ରୁଟିର ବିପଦକୁ କମ କରେ ଏବଂ ପ୍ରକୃତ-ସମୟ ମତାମତ ପ୍ରଦାନ କରି, ସର୍ଜନଙ୍କୁ ଜଟିଳ ପଦକ୍ଷେପଗୁଡ଼ିକୁ ଅଧିକ ସଠିକ୍ ଭାବରେ କାର୍ଯ୍ୟକାରୀ କରିବାକୁ ବ୍ୟାପକ ସୁଯୋଗ ଦେଇଥାଏ, ଯାହାକି ଏପରି ଅସ୍ତ୍ରୋପଚାର ଫଳାଫଳକୁ ଉନ୍ନତ କରୁଥିବା ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ଡ. ବିଷ୍ଣୁ ପ୍ରସାଦ ପାତ୍ର କହିଛନ୍ତି। ରୋଗୀମାନଙ୍କୁ ମାଗଣା ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର ପ୍ରଦାନ କରୁଥିବା ଆୟୁଷ୍ମାନ ଭାରତ ଯୋଜନା ଜୀବନ ପରିବର୍ତ୍ତନକାରୀ ଚିକିତ୍ସାର ସୁବିଧାକୁ ଆହୁରି ବିସ୍ତାର କରିଛି। ଏମ୍ସରେ ପ୍ରଥମ ରୋବୋଟିକ୍ ଅସ୍ତ୍ରୋପଚାର ପ୍ରାୟ ୮୦ ମିନିଟ୍‌ରେ ସରିଥିଲା। ଆଗାମୀ ଦିନରେ ଏହା ଆହୁରି କମ୍ ସମୟରେ ସମ୍ଭବପର ହୋଇପାରିବ। ସେହିପରି ଖୁବ୍‌ଶୀଘ୍ର ଏମ୍ସରେ ରୋବୋଟିକ୍ ହିପ୍ ଅସ୍ତ୍ରୋପଚାର ସୁବିଧା ମଧ୍ୟ ଆରମ୍ଭ କରାଯିବ ବୋଲି ଡ. ପାତ୍ର କହିଛନ୍ତି। ଏହି ପ୍ରଥମ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାରରେ ଅସ୍ଥିଶଲ୍ୟ ବିଭାଗର ଚିକିତ୍ସକଙ୍କ ସମେତ ଅନ୍ୟମାନେ ସାମିଲ୍ ଥିଲେ। ରୋବାଟିକ୍ସ ଆଣ୍ଠୁ ପ୍ରତିରୋପଣ ସମ୍ପର୍କରେ ସୂଚନା ପ୍ରଦାନ ସକାଶେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ଡ. ବିଶ୍ୱାସଙ୍କ ସହ ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ବିଭାଗୀୟ ମୁଖ୍ୟ ଡ. ପାତ୍ର, ଡ. ସୁଜିତ ତ୍ରିପାଠୀ, ଡ. ଗୁରୁଦୀପ ଦାସ, ଡ. ମେଗାନାଥ ଭି ପାଓ୍ୱାର ଉପସ୍ଥିତ ଥିଲେ।

## ମଣପ୍ପୁରମ ସୁନା ଲୁଟ୍ ଘଟଣା, ଆଉ ୪ ଗିରଫ



**ସମ୍ବଲପୁର,୨୪।୪ (ସଂଚାର ବ୍ୟୁରୋ) :** ମଣପୁରମ ସୁନା ଲୁଟ ଘଟଣା ଆଉ ୪ ଗିରଫ । ତଦନ୍ତ ବେଳେ ସାମ୍ନାକୁ ଆସିଲା ପାକ ସଂପୃକ୍ତି । ଦିଲ୍ଲୀରୁ ଆଉ ୪ ଅଭିଯୁକ୍ତଙ୍କୁ ଗିରଫ କଲା ସମ୍ବଲପୁର ପୁଲିସ। ଲୁଟ ସୁନା ବିକି ପାକିସ୍ତାନରୁ ମାରଣାସ୍ତ୍ର କିଣିଛନ୍ତି ଡକାୟତ। ଲୁଟ ସହ ଓ ସୁନା ନେଇଯିବା ଘଟଣାରେ ସହଯୋଗ କରିଥିବା ୪ ଜଣଙ୍କୁ ଗିରଫ କରିଛି ପୁଲିସ । ଏମାନଙ୍କଠାରୁ ପାକିସ୍ତାନ ତିଆରି ୧୪ଟି ବନ୍ଧୁକ ଜବତ କରାଯାଇଛି । ପୂର୍ବରୁ ମଣପୁରମ ସୁନା ଲୁଟ ଘଟଣାରେ ମାଷ୍ଟର ମାଇଣ୍ଡ ସୁବୋଧ ସିଂ ସହ ୪ ଗିରଫ ହୋଇଥିଲେ। ଏବେ ଗିରଫ ସଂଖ୍ୟା ୮ରେ ପହଞ୍ଚିଛି।

## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

SANCHAR
ସଂଚାର

୪ ଶନିବାର ୨୬ ଏପ୍ରିଲ ୨୦୨୫, ଭୁବନେଶ୍ୱର
Saturday 26 April 2025 Bhubaneswar

# ପିଓକେ ଉଦ୍ଧାର ସୁଯୋଗ

ପାକ ଅଧିକୃତ କାଶ୍ମୀର ବା ପିଓକେ ଉପରେ ଭାରତର ପୂର୍ଣ୍ଣ ଅଧିକାର ରହିଛି। ଏହାକୁ ପାକିସ୍ତାନ ଯୋରଜବରଦସ୍ତ ମାଡ଼ି ବସିଛି। ଏହାକୁ ଏବେ ଉଦ୍ଧାର କରିବାର ସମୟ ଏବଂ ସୁଯୋଗ ଆସିଛି। ପାକିସ୍ତାନ ସେନା ମୁଖ୍ୟ ଦୁଇ ରାଷ୍ଟ୍ର ନୀତି କଥା କହିଛନ୍ତି। ଏହାର ଜବାବରେ ଭାରତ ପିଓକେ ଖାଲି କରିବାକୁ ଦାବି କରିଛି। ଏହା ଯଥାର୍ଥ। କାରଣ ସ୍ୱାଧୀନତା ପରେ ତତ୍କାଳୀନ କାଶ୍ମୀର ରାଜା ହରି ସିଂହ ଭାରତରେ କାଶ୍ମୀର ମିଶ୍ରଣ ଲାଗି ଚୁକ୍ତି ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନି। ପାକିସ୍ତାନ ଏହାକୁ ନିଜ ସୌଭାଗ୍ୟ ବୋଲି ବିଚାର କରିବା ଉଚିତ। କିନ୍ତୁ ପାକିସ୍ତାନ ସେତିକିରେ ସନ୍ତୁଷ୍ଟ ନହୋଇ କାଶ୍ମୀର ଦଖଲ କଥା କହୁଛି। ଏହାକୁ କହନ୍ତି ବିନାଶ କାଳେ ବିପରତ ବୁଦ୍ଧି। ଭାରତ ସ୍ୱାଧୀନତା ସମୟରେ ତତ୍କାଳୀନ ବ୍ରିଟିଶ ସରକାର ଧର୍ମ ଆଧାରରେ ବିଭାଜନ ନୀତି ଅନୁସରଣ କରିଥିଲେ। ବ୍ରିଟିଶ ସରକାରଙ୍କ ନୀତି ଆଧାରରେ ଧର୍ମ ଆଧରରେ ଭାରତ ବିଭାଜିତ ହେଲା। ମୁସଲମାନ ବହୁଳ ଅଞ୍ଚଳକୁ ନେଇ ପାକିସ୍ତାନ ଏବଂ ହିନ୍ଦୁ ବହୁଳ ଅଞ୍ଚଳକୁ ନେଇ ଭାରତ ଗଠନ ହେଲା। ପରେ ପାକିସ୍ତାନ ପୁନର୍ବାର ବିଭାଜିତ ହୋଇ ବାଂଲାଦେଶ ଜନ୍ମ ନେଲା। ତେବେ ଭାରତରେ ଅନେକ ମୁସଲମାନ ଏବଂ ପାକିସ୍ତାନରେ ଅନେକ ହିନ୍ଦୁ ରହିଗଲେ। ପାକ ସେନାମୁଖ୍ୟ ଏହାକୁ ଦୋହରଣିବାରେ ଉଦ୍ଦେଶ୍ୟ ହେଲା ମୁସଲମାନ ବହୁଳ କାଶ୍ମୀର ପାକିସ୍ତାନର ବୋଲି ସାବ୍ୟସ୍ତ କରିବା। ଯେଉଁ ଆଧାରରେ ଭାରତ ବିଭାଜିତ ହେଲା, ସେହି ଆଧାରରେ କାଶ୍ମୀର ପାକିସ୍ତାନର ହେବା ଉଚିତ। କିନ୍ତୁ ସେ ସମ୍ଭବତଃ ଇତିହାସକୁ ଭଲଭାବେ ପଢି ନାହାଁନ୍ତି ବା ଜାଣି ନାହାଁନ୍ତି। ସ୍ୱାଧୀନତା ସମୟରେ କାଶ୍ମୀର ନିଜର ସ୍ୱତନ୍ତ୍ରତା ବଜାୟ ରଖିଥିଲା। କିନ୍ତୁ ପାକିସ୍ତାନ ବଳପ୍ରୟୋଗ କରି ଏହାକୁ ଅକ୍ତିଆର କରିବାକୁ ଉଦ୍ୟମ କରିଥିଲା। ସେତେବେଳେ କାଶ୍ମୀରର ରାଜା ଭାରତଠାରୁ ସୁରକ୍ଷା ଏବଂ ସହାୟତା ମାଗିଥିଲେ। ପ୍ରତିବଦଳରେ ଜାମ୍ମୁ-କାଶ୍ମୀର ଭାରତର ଅଂଶବିଶେଷ ହୋଇ ରହିବ ବୋଲି ଚୁକ୍ତି ହୋଇଥିଲା। ଶେଷରେ ତାହା ହିଁ ହେଲା। ଭାରତୀୟ ସେନା ଆଗରେ ପାକ୍ ସେନା ପରାଜିତ ହୋଇ କାଶ୍ମୀର ଛାଡ଼ି ଚାଲିଗଲେ। କିନ୍ତୁ କାଶ୍ମୀରର ଏକ ବଡ଼ ଅଂଶ ଏବେ ବି ପାକିସ୍ତାନ ଅଧିନରେ ରହିଛି। ଏହାକୁ କୁହାଯାଉଛି ପାକ ଅଧିକୃତ କାଶ୍ମୀର ବା ପିଓକେ। ଯଦି ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁ ଚାହିଁଥାଆନ୍ତେ ତେବେ ପିଓକେକୁ ସହଜରେ ଦଖଲ କରିପାରିଥାଆନ୍ତେ। କିନ୍ତୁ ତାଙ୍କର ଭୁଲ ନିଷ୍ପତ୍ତି, ଦୂରଦୃଷ୍ଟି ହୀନତା ଏବଂ ଅପରିପକ୍ୱତା ଯୋଗୁ କାଶ୍ମୀରର ଏକ ବିରାଟ ଅଂଶ ପାକିସ୍ତାନକୁ ଚାଲିଗଲା। ଆଉ ଏକ ବଡ଼ ଅଂଶ ଚୀନ ଦଖଲ କରିନେଲା। ପରବର୍ତ୍ତୀ ସମୟରେ ୧୯୭୧ ଯୁଦ୍ଧ ବେଳେ ମଧ ପିଓକେ ଦଖଲ ସୁଯୋଗ ଥିଲା। କିନ୍ତୁ ଭାରତ ଏହାକୁ ହାତଛଡ଼ା କରିଦେଲା। ଏଥିପାଇଁ ତତ୍କାଳୀନ କଂଗ୍ରେସ ସରକାର ଦାୟୀ। ଏବେ ପାକ ସେନାମୁଖ୍ୟ ଯାହା କହିଛନ୍ତି ତାହାର ଉଚିତ ଜବାବ ଦେଇଛି ଭାରତ। ଭାରତ କହିଛି ଯେ, ପିଓକେ ହେଉଛି ଭାରତର। ଧାରା ୩୭୦ ଉଚ୍ଛେଦ ପରେ ଭାରତରେ କାଶ୍ମୀରର ମିଶ୍ରଣ ଚୂଡ଼ାନ୍ତ ହୋଇଛି। ଏବେ ପାକିସ୍ତାନ ପିଓକେକୁ ଖାଲି କରିଦେବା ଉଚିତ। ଯେତେବେଳେ ପିଓକେକୁ ପାକିସ୍ତାନ ଭାରତକୁ ହସ୍ତାନ୍ତର କରିବ କେବଳ ସେତେବେଳେ କାଶ୍ମୀର ପ୍ରସଙ୍ଗରେ ପାକିସ୍ତାନ ସହ ଆଲୋଚନା ସମ୍ଭବ ହୋଇପାରିବ। ତା ପୂର୍ବରୁ ନୁହେଁ। କୁହାଯାଉଛି ଯେ, ଭାରତରେ ଧାର୍ମିକ ସଂଖ୍ୟାଲଘୁ ଗୋଷ୍ଠୀକୁ ଉସୁକାଇବା ଏବଂ ଦଙ୍ଗା ସୃଷ୍ଟି କରିବା ଲାଗି ପାକିସ୍ତାନ ଉଦ୍ୟମ କରୁଛି। ସେଥିପାଇଁ ପାକ ସେନା ମୁଖ୍ୟ ଏଭଳି ଧର୍ମ ଆଧାରରେ ଦୁଇ ରାଷ୍ଟ୍ର ଫର୍ମୁଲା କଥା କହିଛନ୍ତି। ୧୯୪୭ରେ ତତ୍କାଳୀନ ବ୍ରିଟିଶ ସରକାର ଯାହା କରିଥିଲେ ତାହାକୁ ୮୦ ବର୍ଷ ପରେ ସ୍ୱାଧୀନ ଭାରତ ପୁନର୍ବାର କାର୍ଯ୍ୟକାରୀ କରିବ ବୋଲି ଆଶା କରିବା ବୃଥା। ଭାରତରେ ବାସ କରୁଥିବା ମୁସଲମାନମାନେ ଭାରତର ନାଗରିକ। ସେମାନେ ପାକିସ୍ତାନ ଯିବାକୁ ଚାହାଁନ୍ତି ନାହିଁ। ଏହା ପାକିସ୍ତାନ ମନେ ରଖିବା ଉଚିତ। ୧୯୭୧ ଯୁଦ୍ଧରେ ପାକିସ୍ତାନ ପରାଜିତ ହୋଇ ଭାରତ ନିକଟରେ ଆତ୍ମସମର୍ପଣ କରିବା ପରେ ପିଓକେ ଦଖଲ ନିମନ୍ତେ ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଥିଲା। କିନ୍ତୁ ଭାରତ ଏହାକୁ ହାତଛଡ଼ା କରିଦେଲା। ତେଣୁ ପାକିସ୍ତାନ ନିଜକୁ ଭାଗ୍ୟବାନ ବୋଲି ଭାବିବା ଉଚିତ। ଯାହା ବି ହେଉ ପାକିସ୍ତାନର କାଶ୍ମୀର ଉପରେ ଲୋଭ ଧାରା ୩୭୦ ଉଚ୍ଛେଦ ପାର ବି ଅତୁଟ ରହିଛି। କାଶ୍ମୀର ଏକ ଦିବା ସ୍ୱପ୍ନ ବୋଲି ଜାଣି ସୁଦ୍ଧା ପାକିସ୍ତାନ ଏହି ସ୍ୱପ୍ନ ଦେଖିବା ଛାଡ଼ିପାରିନାହିଁ। କାଶ୍ମୀରକୁ ପାଇବା ପାଇଁ ପାକିସ୍ତାନ ଆତଙ୍କବାଦୀଙ୍କ ସହାୟତା ନେଇଛି। ପାକିସ୍ତାନରେ ଗଢ଼ି ଉଠିଛି ଅନେକ ଆତଙ୍କୀ ସଙ୍ଗଠନ। ଅଶୀ ଦଶକରୁ ପାକିସ୍ତାନ ଏହିସବୁ ଆତଙ୍କୀ ସଙ୍ଗଠନକୁ ସହାୟତା ଏବଂ ସହଯୋଗ କରିଆସୁଛି। ଏହା ମଧ୍ୟରେ ରହିଛି ଲସ୍କରଠଇ-ତୋଇବା ଏବଂ ଜୈସ-ଇ-ମହମ୍ମଦ। ଏମାନେ ଅଲକାଏଦା ଏବଂ ତାଲିବାନ ଆଦର୍ଶରେ ଅନୁପ୍ରାଣୀତ। ତୈମୁରଙ୍ଗ, ମାମୁଦ ଏବଂ ଚେଙ୍ଗିଜ ଖାନଙ୍କର ଏମାନେ ହେଉଛନ୍ତି ବଂଶଧର। ହତ୍ୟା,ଲୁଣ୍ଠ. ବ୍ୟଭିଚାର, ଅତ୍ୟାଚାର ହେଉଛି ଏମାନଙ୍କ ନୀତି ଏବଂ ଆଦର୍ଶ। ଇସଲାମ ଧର୍ମର ମୌଳିକ ତତ୍ୱ ଏମାନଙ୍କୁ ଜଣାନାହିଁ। ମାନବବାଦ କ'ଣ ତାହା ସେମାନେ ଜାଣନ୍ତି ନାହିଁ। ଲୁଣ୍ଠନ ହେଉଛି ସେମାନଙ୍କର ପେସା। ଅସ୍ତ୍ର ଧରି ଲଢ଼େଇ କରିବା ଏବଂ ଲୁଚି ଛପି କାପୁରଷ ଭଳି ମଣିଷ ମାରିବା ହେଉଛି ସେମାନଙ୍କ ଧର୍ମ। ବିଶ୍ୱାସରେ ବିଷ ଦେବା ସେମାନଙ୍କ ନୀତି। ଜ୍ଞାନ ବିଜ୍ଞାନ, ମାନବିକତା ଏବଂ ଶିକ୍ଷା ସଂସ୍କୃତି ସହିତ ସେମାନଙ୍କପର କୌଣସି ସମ୍ପର୍କ ନାହିଁ। ସେମାନଙ୍କ ପ୍ରତିହିଂସା, ମୌଳବାଦ ଚିନ୍ତାଧାରା ଏବଂ ଅମାନବୀୟ ଆଚରଣ ପାଇଁ ଭାରତକୁ ଅନେକ କଷ୍ଟ ସହିବାକୁ ପଡୁଛି। ଭାରତୀୟ ଙ୍କ ଚରିତ୍ରର ବିଶେଷତ୍ୱ ହେଲା ସହନଶୀଳତା। ଭାରତବାସୀଙ୍କ ଧୈର୍ଯ୍ୟ ଏବଂ ସହନଶୀଳତାକୁ ଅନେକ ଭାରତର ଦୁର୍ବଳତା ବୋଲି ବିଚାର କରନ୍ତି। ଏଭଳି ଚିନ୍ତାଧାରା ସ୍ୱାଭାବିକ। ବାସ୍ତବରେ ଭାରତବାସୀ ସବୁ ବେଳେ ଆତ୍ମରକ୍ଷା କରି ଆସିଛନ୍ତି। କିନ୍ତୁ ଆତଙ୍କବାଦୀଙ୍କ ପ୍ରତି ଆକ୍ରମଣାତ୍ମକ ଆଭିମୁଖ୍ୟର ଆବଶ୍ୟକତା ରହିଛି। ଆତଙ୍କବାଦୀ ଆମକୁ ଆକ୍ରମଣ କରିବା ପୂର୍ବରୁ ଆମେ ସେମାନଙ୍କୁ ଆକ୍ରମଣ କରି ସମୂଳେବିନାଶ କରିବା ଉଚିତ। ୨୬/୧୧ ପରେ ଭାରତ ସରକାର ଅନୁରୂପ ପଦକ୍ଷେପ ନେବା ଉଚିତ ଥିଲା। କିନ୍ତୁ ତତ୍କାଳୀନ ସରକାର ଏହାର ଲାଭକ୍ଷତି ବିଚାର କରି ଏଥିରୁ ନିବୃତ୍ତ ରହିଲେ। ୨୦୧୮ରେ ପୁଲୱାମା ହମଲା ପରେ ଭାରତୀୟ ସେନା ପାକସ୍ତାନରେ ସର୍ଜିକାଲ ଷ୍ଟ୍ରାଇକ କରି ପାକିସ୍ତାନକୁ ଚେତାବନୀ ଦେଇଥିଲା। କିନ୍ତୁ ଏହା ଯଥେଷ୍ଟ ନଥିଲା। ଏବେ ପହଲଗାମ ନରସଂହାର ପରେ ଏଥିଲାଗି ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଛି। ହମାସ ବିରୋଧରେ ଇସ୍ରାଏଲ ଯେପରି ଚରମ ପଦକ୍ଷେପ ନେଲା ଏବେ ଭାରତ ପାକିସ୍ତାନ ବିରୋଧରେ ଅନୁରୂପ ପଦକ୍ଷେପ ନେବା ଉଚିତ। ଏକଥା ସତ୍ୟ ଯେ, ଯୁଦ୍ଧ ହେଲେ ଉଭୟ ଦେଶ କ୍ଷତି ସହିବେ ଏବଂ ଭାରତର ସୁଦୃଢ଼ ଅର୍ଥନୀତି ପ୍ରତି ବିପଦ ସୃଷ୍ଟି ହୋଇପାରେ। କିନ୍ତୁ ଏବେ ଯେଉଁ ସୁଯୋଗ ସୃଷ୍ଟି ହୋଇଛଇ, ସାରା ବିଶ୍ୱ ଯେପରି ଭାରତକୁ ସମର୍ଥନ ଦେଉଛନ୍ତି, ସେଭଳି ସୁଯୋଗ ନିକଟ ଭବିଷ୍ୟତରେ ଆଉ ମିଳିବ କି ନାହିଁ ସନ୍ଦେହ। ସମ୍ମୁଖ ଯୁଦ୍ଧ ପୂର୍ବରୁ ଭାରତ ପାକିସ୍ତାନ ବିରୋଧରେ ଅନେକ ମହତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ସିନ୍ଧୁ ନଦୀ ଜଳ ଚୁକ୍ତିକୁ ଭାରତ ବାତିଲ କରିଛି। ସିନ୍ଧୁ ନଦୀ ହେଉଛି ପାକିସ୍ତାନର ଲାଇଫ ଲାଇନ। ସିନ୍ଧୁ ନଦୀର ଜଳ ଭାରତ ଅଟକାଇଲେ ତାହା ପାକିସ୍ତାନର ଅର୍ଥନୀତିକୁ ତଳିତଳାନ୍ତ କରିଦେବ। ସେହିପରି ପାକିସ୍ତାନ ସହ ଭାରତ ସମସ୍ତ ପ୍ରକାର ବାଣିଜ୍ୟିକ ସମ୍ପର୍କ ମଧ ଛିନ୍ନ କରିଛି। ଏବେ ପାକିସ୍ତାନ ବିରୋଧୀ ସାମରିକ କାର୍ଯ୍ୟାନୁଷ୍ଠାନର ବେଳ। ଏହା ପୂର୍ବରୁ କାଶ୍ମୀର ଉପତ୍ୟକାରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ଖୋଜି ଖୋଜି ନିପାତ କରିବାର ବେଳ। ଶତ ପ୍ରତିଶତ ସଫଳତା ହାସଲ ପର୍ଯ୍ୟନ୍ତ ଏହା ଜାରି ରହିବା ଉଚିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିଲାଗି ପ୍ରତିଶ୍ରୁତି ଦେଇଛନ୍ତି। ଏବେ ପିଓକେ ଉଦ୍ଧାର ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଛି। ଏହାକୁ ହାତଛଡ଼ା କରାଯିବା ଅନୁଚିତ।

# ରକ୍ତଦାନ: ଶ୍ରେଷ୍ଠତମ ସମର୍ପଣ ଓ ନିଃସ୍ୱାର୍ଥପର ପୂଣ୍ୟ



ଡକ୍ଟର ସୁରେଶ କୁମାର ନାୟକ

ରକ୍ତ ଏବଂ ରକ୍ତର ବିଭିନ୍ନ ଉପାଦାନ ପ୍ରତିବର୍ଷ କୋଟି କୋଟି ଲୋକଙ୍କ ଜୀବନ ରକ୍ଷା କରେ। ଜୀବନଘାତକ ରୋଗଗୁଡ଼ିକରେ ପୀଡ଼ିତ ରୋଗୀମାନଙ୍କର ଜୀବନକୁ ଏହା ଦୀର୍ଘ କରିବା ସହ ସେମାନଙ୍କ ଜୀବନର ମାନ ବୃଦ୍ଧି କରେ। ଏହାଛଡ଼ା ଜଟିଳ ଚିକିତ୍ସା ଏବଂ ଅସ୍ତ୍ରୋପଚାର କାର୍ଯ୍ୟରେ ଏହା ସହଯୋଗ ଦିଏ। ଏହା ସନ୍ତାନ ପ୍ରସବ ଏବଂ ପ୍ରସବ ପରବର୍ତ୍ତୀ ସମୟରେ ଜୀବନ ରକ୍ଷକର ଭୂମିକା ଗ୍ରହଣ କରେ। ପ୍ରସବ ଏବଂ ପ୍ରସବ ପରବର୍ତ୍ତୀ ଅବସ୍ଥାରେ ଅଧିକ ରକ୍ତସ୍ରାବ ହେତୁ ଘଟୁଥିବା ମୃତ୍ୟୁ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାରୁ ଏହା ମୁକ୍ତି ଦେଇ ଜୀବନ ରକ୍ଷା କରିଥାଏ। ତେବେ ବିଭିନ୍ନ ଦେଶରେ ନିରାପଦ ରକ୍ତର ଅଭାବ ଥିବା ହେତୁ ରକ୍ତଦାନ ସେବା ନାନା ପ୍ରକାର ସମସ୍ୟାକୁ ସାମ୍ନା କରେ। ଏପରିକି ଅନେକ ସମୟରେ ରକ୍ତର ମାନକୁ ଖୁବ୍ ଗୁରୁତ୍ୱ ଦିଆଯାଇ ପାରେ ନାହିଁ। ତେବେ ନିୟମିତ ସ୍ୱେଚ୍ଛାକୃତ ମାଗଣା ରକ୍ତଦାନ ଦ୍ୱାରା ଏହି ରକ୍ତାଭାବକୁ ଦୂରେଇ ଦିଆଯାଇପାରିବ।

ଏ ଜୀବନରେ ଶ୍ରେଷ୍ଠତମ ସମର୍ପଣ ଓ ନିଃସ୍ୱାର୍ଥପର ପୂଣ୍ୟ ବୋଇଲେ ରକ୍ତଦାନକୁ ବୁଝାଏ। ରକ୍ତଦାନ ଦ୍ୱାରା ଜଣେ ପ୍ରଥମତଃ ସେବା ମହନତା ଅନୁଭବ କରିପାରେ ଦ୍ୱିତୀୟତଃ ଅନ୍ୟ ଜଣଙ୍କ ଜୀବନ ବଞ୍ଚାଇ ଆତ୍ମ ସନ୍ତୋଷ ପାଇପାରିଥାଏ। ସେହିପରି ରକ୍ତ ଦେବା ଦ୍ୱାରା ଶରୀର ମଧ ବେଗବାନ ଓ ତେଜୀୟାନ ହୋଇପାରିଥାଏ। ଯେ କେହି ୧୮ରୁ ୧୬ ବର୍ଷ ବୟସର ହୋଇଥିଲେ ଏବଂ ଓଜନ ୪୫ କି.ଗ୍ରା.ରୁ ବା ତାଠାରୁ ଅଧିକ ଥିଲେ ସେ ରକ୍ତଦାନ କରିପାରିବେ। ପଲ୍ସ ରେଟ୍ (ନାଡ଼ିର ସ୍ପନ୍ଦନ) ଓ ବିପି ଉଭୟ ଠିକ୍ ଥିଲେ ଓ ହିମୋଗ୍ଲୋବିନ (ଏଚ୍‌ବି) ଅତି କମ୍‌ରେ ୧୨.୫ ଥିବା ଦରକାର। ଏହାର ପରବର୍ତ୍ତୀ ରକ୍ତଦାନ ଅତି କମ୍‌ରେ ୩ ମାସ ପୂର୍ବରୁ ହୋଇଥିବ। ଏହିମାନେ ହିଁ ରକ୍ତଦାନ କରିପାରିବେ। ଯଦି କୌଣସି ବ୍ୟକ୍ତି ବିପଜ୍ଜନକ ରୋଗରେ ଆକ୍ରାନ୍ତ ନହୋଇ ଅନ୍ୟ ସାଧାରଣ ରୋଗ ପାଇଁ ଚିକିତ୍ସିତ ହେଉଥିବେ ତେବେ ସେ ରକ୍ତଦାନ କରିପାରନ୍ତି। ଖରାଦିନେ ବିଶେଷକରି ରକ୍ତଦାନ ଶିବିର ଅତି କମ ହୋଇଥାଏ। କାରଣ ଲୋକମାନଙ୍କ ଭିତରେ ଏହି ତୀକ୍ଷଣ ଖରାକୁ ନେଇ ଅଜଣା ଭୟ ରହିଥାଏ। ତେବେ ବାସ୍ତବ କଥା ହେଉଛି ବର୍ଷର ସବୁ ସମୟରେ ଯେ କେହି ରକ୍ତଦାନ କରିପାରିବେ। ବର୍ଷର ବିଭିନ୍ନ ସ୍ୱତନ୍ତ୍ର ଦିବସ ତଥା ଅନେକ ଲୋକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର ଆୟୋଜନ କରୁଛନ୍ତି। ଓଡ଼ିଶାର ମାନବୀୟ ମୂଲ୍ୟବୋଧ ଓ ଶିକ୍ଷାର ଦିଗବାରେଣୀ ସାଜିଥିବା ଅନ୍ୟତମ ଶିକ୍ଷାନୁଷ୍ଠାନ ଏସେଲ୍ସ ପବ୍ଲିକ ସ୍କୁଲ ଓ ସିମରିଂ ଷ୍ଟାର ପବ୍ଲିକ ସ୍କୁଲ ତରଫରୁ ଆସନ୍ତା ଅପ୍ରେଲ ୨୬ ତାରିଖରେ ଅନୁଷ୍ଠାନ ସତରତମ ପ୍ରତିଷ୍ଠା ଦିବସ ପାଳନ କରୁଥିବାରୁ ସମ୍ବାଦ, ଆମ ଓଡ଼ିଶା, ରୋଟାରୀ କ୍ଲବ ଅଫ କଟକ, ବାରବାଟୀ, ସ୍ଥାନୀୟ ସେକ୍ଟର ଆଠ, ସେକ୍ଟର ନଅ, ସେକ୍ଟର ଦଶ ପୂଜା କମିଟିର ମିଳିତ ସହଯୋଗରେ ଏକ ଦିବସବ୍ୟାପୀ ମେଗା ରକ୍ତଦାନ ଶିବିର ଓ ରକ୍ତଦାନ ସଚେତନଧର୍ମୀ କାର୍ଯ୍ୟକ୍ରମ ସହ ସେକ୍ଟର ଛଅର ସାଇ ନେତ୍ରଧାମ ସହଯୋଗରେ ବିନା ମୂଲ୍ୟରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହେବ। ବିଦ୍ୟାଳୟ ସମୂହର ନିର୍ଦ୍ଦେଶିକା ଡକ୍ଟର ମେଘନା ମିଶ୍ରଙ୍କ ମାର୍ଗଦର୍ଶନ, ପ୍ରତିଷ୍ଠାତ୍ରୀ ମଞ୍ଜୁଶ୍ରୀ ମିଶ୍ରଙ୍କ ପୌରୋହିତ୍ୟ, ବିଦ୍ୟାଳୟର ଅଧକ୍ଷ ଡକ୍ଟର ସୁରେଶ କୁମାର ନାୟକ ଓ ଟ୍ରଷ୍ଟି ଚନ୍ଦନ ମହାନ୍ତିଙ୍କ ପରିଚାଳନାରେ ଶିବିର ହେବ ଯେଉଁଥିରେ ମୁଖ୍ୟ ଅତିଥି ଭାବରେ କାର୍ଯ୍ୟକ୍ରମର ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହ ଓ ପ୍ରେରଣା ଯୋଗାଇବେ ଓଡ଼ିଶାରେ ହେପାଟୋଲୋଜି ବିଭାଗର ଜନକ କୁହାଯାଉଥିବା ସୁନାମଧନ୍ୟ ଲିଭର ବିଶେଷଜ୍ଞ ତଥା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଭାବ ପ୍ରଚାରର ଅନୁରାଗର ଆଶ୍ରିତ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର।

ରକ୍ତଦାନ ମହତ ଦାନ। ରକ୍ତଦାନର ବିଶେଷତ୍ୱ ନେଇ ଏହା ଉପରେ ଗବେଷଣାତ୍ମକ ଭାବରେ କୁହାଯାଇଛି - ଜଣେ ପୁରୁଷ ଶରୀରରେ ଏକ କେଜିରେ ୭୬ ମି.ଲି. ଓ ମହିଳା ଶରୀରରେ ୬୬ ମି.ଲି. ରକ୍ତ ରହିଛି। ଶରୀରରେ ୫୦ ମି.ଲି. ରକ୍ତର ଆବଶ୍ୟକ ହୋଇଥାଏ। ଅବଶିଷ୍ଟ ରକ୍ତକୁ ବଳକା ରକ୍ତ କୁହାଯାଏ। ଏଣୁ ଉକ୍ତ ରକ୍ତକୁ ଦାନ କଲେ ତାହା କାର୍ଯ୍ୟରେ ଆସିଥାଏ। ଆହୁରି ମଧ ଡାକ୍ତରଙ୍କ ପରାମର୍ଶ ଅନୁସାରେ କୁହାଯାଇପାରେ ଯେ ରକ୍ତଦାନ କଲେ ଅସ୍ଥିମଜା ସକ୍ରିୟ ହୁଏ। ଦେହ ସୁସ୍ଥ ଓ କର୍ମଠ ରୁହେ। ଦେହରୁ ଚର୍ବିଅଂଶ କମିଯାଏ। ହୃଦ୍‌ରୋଗ ଦୂର ହୁଏ ଓ ସର୍କରାଜାତୀୟ ଅଂଶ ସନ୍ତୁଳିତ ହୋଇଥାଏ। ଏହି ସବୁକୁ ବିଚାରକୁ ନେଇ ଜାତୀୟ ରକ୍ତ ସଞ୍ଚାଳନ କରିଷଦ ନାମରେ ଏକ ସୋସାଇଟି ଗଠନ କରାଯାଇ ଏହିସବୁ ବିଷୟରେ ବିଶଦ ଆଲୋଚନା କରାଯାଇ ଜନସଚେତନତା ସୃଷ୍ଟି କରାଯାଏ।। ସମଗ୍ର ଭାରତରେ ୧୨୦ଲକ୍ଷ ୟୁନିଟ ରକ୍ତ ଆବଶ୍ୟକତା ହେଉଥିବାବେଳେ ସଂଗ୍ରହ ହୋଇଥିବା ୯୦ଲକ୍ଷ ୟୁନିଟ। ଶରୀରତତ୍ତ୍ୱ ଅନୁସାରେ କୋଷ ବା ଟିସୁ ପର୍ଯ୍ୟନ୍ତ ଅମ୍ଳଜାନ ପହଞ୍ଚାଇବାରେ ରକ୍ତର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅନେକ ହୁଏତ ଜାଣିନଥାନ୍ତି ରକ୍ତରେ ଥିବା ହ୍ୱାଇଟ ବ୍ଲଡ ସେଲରେ ରହିଥିବା ଆଣ୍ଟିବାୟୋଟିକ ଶରୀରକୁ ପାର୍ଶ୍ୱପ୍ରତିକ୍ରିୟାରୁ ରକ୍ଷା କରିଥାଏ। ୧୮ରୁ ୬୦ ବର୍ଷ ପର୍ଯ୍ୟନ୍ତ ଲୋକମାନେ ରକ୍ତଦାନ କରିପାରିବେ। ପ୍ରଥମଥର ଓ ଦ୍ୱିତୀୟ ଥର ରକ୍ତଦାନର ବ୍ୟବଧାନ ହେଉଛି ତିନିମାସ। ସେହିପରି ରକ୍ତଦାନ କରୁଥିବା ଲୋକର ଓଜନ ଷାଠିଏ କେଜି ହୋଇଥିବା ଦରକାର। କାରଣ ଅତିକମ୍‌ରେ ରକ୍ତଦାନରେ ୩୫୦ ଏମ୍‌ଏଲ ନିଆଯାଇଥାଏ। ଷାଠିଏ କିଲୋରୁ ଅଧିକ ଓଜନ ହୋଇଥିଲେ ୪୫୦ ଏମଏଲ ରକ୍ତ ନିଆଯାଇପାରେ। ଆଉ ଗୋଟିଏ କଥା ହେଲା ଏଚ୍‌ଆଇଭି ପଜେଟିଭ ବ୍ୟକ୍ତି, ଗର୍ଭବତୀ, ପିଲାଙ୍କୁ କ୍ଷୀର ଦେଉଥିବା ମାଆ, ମାସିକ ଋତୁକାଳୀନ ସମୟ ଲଗାତାର ଲାଗି ରହୁଥିବା ଜ୍ୱର ଆକ୍ରାନ୍ତ ରୋଗୀ, ଉଚ୍ଚରକ୍ତଚାପ, ହୃଦରୋଗ, ହେପାଟାଇଟିସ୍ ବି, ସି, ଟିବି ରୋଗୀମାନେ ଏବଂ ଭାଇରାଲ ସଂକ୍ରମଣ ଆକ୍ରାନ୍ତ ବ୍ୟକ୍ତିମାନେ ରକ୍ତଦାନ କରିପାରିବେ ନାହିଁ। ରକ୍ତର ପାଖାପାଖି ୩୪ଟି ବ୍ଲଡ଼ ଗ୍ରୁପ ପ୍ରକାର ଭେଦ ଭିତରେ ଏବି ଓ ସିଷ୍ଟମ ଓ ଆରଏନ୍ ଟାଇପିଂ ସବୁଠାରୁ ବେଶୀ ପ୍ରଚଳିତ। ଅନେକ ହୁଏତ ଜାଣିନଥାନ୍ତି ରକ୍ତଦାନ ଦ୍ୱାରା ଶରୀରରେ କୌଣସି କ୍ଷତି ହୋଇନଥାଏ। କେହି କେହି ଭାବିଥାନ୍ତି କିଛି ଦୁର୍ବଳତା ଲାଗିଥାଏ କିନ୍ତୁ ଏହା ହେଉଛି କିଛି ଘଣ୍ଟାର ସମସ୍ୟା ବରଂ ରକ୍ତଦାନ ଦ୍ୱାରା କ୍ଷତି ନ ହୋଇ ଅଧିକ ଲାଭ ହୋଇଥାଏ ଯେପରି ସୁସ୍ଥ ଶରୀରପାଇଁ ଆଇରନ ଜରୁରୀ ଯାହାକି ବିଭିନ୍ନ ଅଙ୍ଗରେ ଅକ୍ସିଜେନ୍ ପହଞ୍ଚାଏ। ରକ୍ତଦାନ ଦ୍ୱାରା ଆଇରନର ମାତ୍ରା ବଢ଼ି ରକ୍ତଦାତାଙ୍କୁ ସୁସ୍ଥ ରଖିବା ସହ କର୍ମ ଚଞ୍ଚଳ କରାଇଥାଏ।

ସମ୍ପ୍ରତି ପ୍ରଚଣ୍ଡ ଗ୍ରୀଷ୍ମତାପ ଦେଖା ଦେଇଥିବାବେଳେ ପ୍ରାୟତଃ ଖରାଦିନେ ବିଭିନ୍ନ ରକ୍ତଭଣ୍ଡାରେ ରକ୍ତ କମିଯାଏ। ଯାହାଫଳରେ ଗୁରୁତର, ମୁମୂର୍ଷୁ, ନିୟମିତ ରକ୍ତ ନେଉଥିବା ସିକିଲସେଲ ରୋଗୀମାନେ ଅନେକ ଅସୁବିଧାର ସମ୍ମୁଖୀ ହୋଇଥାନ୍ତି। ବାସ୍ତବରେ ରକ୍ତଦାନକୁ ନେଇ ଅନେକଙ୍କ ଭିତରେ ଅନେକ ଭ୍ରାନ୍ତି ଓ ଭୁଲ ବୁଝାମଣା ଥାଏ। ରକ୍ତଦାନ ଏକ ଶ୍ରେଷ୍ଠ ସେବା ଏବଂ ଯେଉଁମାନଙ୍କ ରକ୍ତରୁ ପ୍ଲାଜମା ବା ପ୍ଲାଟଲେଟ୍ସ ନିଆଯାଇଛି ଯାଞ୍ଚ ପରେ ସବୁକିଛି ସାଧାରଣ ଥିଲେ ସେ ୭/୧୦ ଦିନ ପରେ ପୁଣି ରକ୍ତ ଦେଇପାରିବେ। ଯେଉଁମାନଙ୍କର ଓଜନ ୬୦ କେଜିରୁ କମ୍ ସେମାନେ ଥରକେ ସାଢ଼େ ୩୦୦ ମିଲିଲିଟର ରକ୍ତ ଦେଇପାରିବେ। ଓଜନ ୬୦ କେଜିରୁ ଅଧିକ ହେଲେ ସାଢ଼େ ୪୦୦ ମିଲିଲିଟର ରକ୍ତ ଦେଇପାରିବେ। ଆପଣ ଯେଉଁ ରକ୍ତଦାନ କରୁଛନ୍ତି ତାହାକୁ ଶରୀର ୨୧ ଦିନ ଭିତରେ ପୁନର୍ବାର ପ୍ରସ୍ତୁତ କରିପାରିବ। ପଇସା ବଦଳରେ ରକ୍ତ ମିଳେ ନାହିଁ, ରକ୍ତ ବଦଳରେ ରକ୍ତ ମିଳେ ବ୍ଲଡ଼ ବ୍ୟାଙ୍କରୁ। ଯଥାର୍ଥରେ କୁହାଯାଏ ରକ୍ତ ଦାନ ହେଉଛି ଜୀବନର ଶ୍ରେଷ୍ଠ ଦାନ। ରକ୍ତଦାନ ଜୀବନ ଦାନ ଏହି ମହାମନ୍ତ୍ରକୁ ଆପଣାଇ ଜୀବନରେ ରକ୍ତଦାନ ପରି ସେବା ଧର୍ମରେ ନିୟୋଜିତ ରହିବା ଯଥାର୍ଥରେ ମାନବୀୟମୂଲ୍ୟବୋଧର ପରିପ୍ରକାଶ ହୋଇଥାଏ।

**ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ,**
**ମୋବାଇଲ୍: ୯୪୩୭୨୨୫୫୯୨**

# ବୈଦିକ ପୂଜା, ଯଜ୍ଞ ଓ ନାମ କୀର୍ତ୍ତନ



କିଶୋର କୁମାର ଜେନା

ବର୍ତ୍ତମାନ ସମୟକୁ ଦେଖିଲେ ଲୋକମାନଙ୍କ ଭିତରେ ଆଧାତ୍ମିକତା କମି ଯାଉଥିବା ଓ ମାନବିକତା ମଧ ଅବକ୍ଷୟମୁଖୀ ବୋଲି କେହି କେହି କୁହନ୍ତି। ଏହି ଭୟାନକ ପରିସ୍ଥିତିରୁ ନିଜକୁ କିପରି ସେ ରକ୍ଷା କରିପାରିବ ତାହା ହେଉଛି ତା ପାଇଁ ମୁଖ୍ୟ ପ୍ରଶ୍ନ। ଏହି ପରିସ୍ଥିତିରୁ ରକ୍ଷା ପାଇବାର ଏକମାତ୍ର ଉପାୟ ହେଉଛି ମୂକ ଭାବେ ଅନ୍ୟ ମାନଙ୍କୁ ଅନୁସରଣ କରି ସେମାନଙ୍କ ପଛରେ ନଯାଇ କିମ୍ବା ପଛକୁ ଫେରି ନ ଚାହିଁ ଯେଉଁଠି ଅଛ ସେଠାରେ ଠିଆ ହୋଇ ଚାରିଆଡ଼କୁ ନିରୀକ୍ଷଣ କରି ଦେଖିବ ଉଚିତ ମାର୍ଗରେ ଯିବା ପାଇଁ କେଉଁଟା ହେଉଛି ସଠିକ ମାର୍ଗ। ଏହା ଜାଣିବା ପରେ ନିଜର ଗନ୍ତବ୍ୟ ଆରମ୍ଭ କର। ବୈଦିକ ମାର୍ଗରେ ଯିବା ପାଇଁ ବେଦ ଅଧ୍ୟୟନ କରିବାକୁ ପଡ଼ିବ। କାରଣ ବୈଦିକ ମାର୍ଗ ହିଁ ଆମକୁ ପ୍ରକୃତ ଶାନ୍ତି ପ୍ରଦାନ କରିବ। କାରଣ ବେଦ ହେଉଛି ଈଶ୍ୱରଙ୍କ ମୁଖ ନିଃସୃତ ବାଣୀ। ପରଂବ୍ରହ୍ମଙ୍କ ସହିତ ମିଳନ ହେବା ନିମନ୍ତେ ଏହା ହେଉଛି ସିଧା ମାର୍ଗ। ଏହି ମାର୍ଗରେ ପ୍ରତିବନ୍ଧକ ନାହିଁ। ଯେଉଁ ଲକ୍ଷ୍ୟ ହାସଲ ନିମନ୍ତେ ମଣିଷ ଜନ୍ମ ହୋଇଛି ତାହାର ପ୍ରାପ୍ତି ନିମନ୍ତେ ବୈଦିକ ମାର୍ଗ ହେଉଛି ଏକମାତ୍ର ମାର୍ଗ।

ତେବେ ଏହି ମାର୍ଗରେ ଯାହା କରିବା ପୂର୍ବରୁ ଆମକୁ ଏହା ମଧ ଜାଣିବାକୁ ହେବ ଯେ ଆଧୁନିକ ବୈଷୟିକ ଜ୍ଞାନ କୌଶଳର ବିକାଶ କରି ଚନ୍ଦ୍ର ସମେତ ଅନ୍ୟାନ୍ୟ ଗ୍ରହକୁ ଯାତ୍ରା କରିବା ପ୍ରକ୍ରିୟାରେ ପରିବେଶର କେତେ କ୍ଷତି ହୋଇଛି। ଏହି ବିକାଶ ଯୋଗୁ ଧରିତ୍ରୀ ମାର ପାଣି, ପବନ ଏବଂ ମୃତ୍ତିକାର ପ୍ରଭୂତ କ୍ଷତି ହୋଇଛି। ଯାହାର ଭରଣା ସମ୍ଭବ ନୁହେଁ। ନିଜର ଜ୍ଞାନକୌଶଳ ବିକାଶ କ୍ରୀଡ଼ାରେ ମଣିଷ ଏତେ ଉନ୍ମତ୍ତ ହୋଇଗଲା ଯେ ଏହାଫଳରେ ତାହାର ଚାରି ପାଖରେ ଥିବା ଭୌତିକ, ନୈତିକ ଏବଂ ଆଧାତ୍ମିକ କ୍ଷେତ୍ରରେ ଯେଉଁ କ୍ଷତି ହେଲା ତାହାର କଳନା କଲାନାହିଁ ଏବଂ ଏହି କ୍ଷତିକୁ ହେୟଜ୍ଞାନ କଲା। ଏହି ବିକାଶ ଫଳରେ ପରିବେଶର ଯେଉଁ କ୍ଷତି ହୋଇଛି ତାହାର ବର୍ଣ୍ଣନା କରିବାକୁ ଅନେକ ସମୟ ଏବଂ ସ୍ଥାନ ନେବ। କେବଳ ଏତିକି ଜାଣିରଖିବା ଉଚିତ ଯେ ଏହି ବିକାଶ ଫଳରେ ଅମ୍ଳଜାନର ପରିମାଣ ବାୟୁମଣ୍ଡଳରେ ହ୍ରାସ ପାଇଚାଲିଛି। ଏହି ଅମ୍ଳଜାନ ହେଉଛି ପ୍ରାଣବାୟୁ। ପ୍ରାଣବାୟୁର ସ୍ଥାନ ପୂରଣ କରୁଛି ଅଙ୍ଗାରକାମ୍ଳ, ଯାହା କି ଶରୀର ନିମନ୍ତେ ଅତ୍ୟନ୍ତ କ୍ଷତିକାରକ। ପୃଥିବୀ ଉପରେ ଅଙ୍ଗାରକାମ୍ଳ ଯାନର ଏକ ଚାଦର ସୃଷ୍ଟି ହୋଇଗଲାଣି ବୋଲି ପରିବେଶବିତମାନେ କହୁଛନ୍ତି। ଏହାକୁ ରୋକାନଗଲେ ସମଗ୍ର ପୃଥିବୀ ଉପରେ ଅଙ୍ଗାରକାମ୍ଳର ଏକ ଚଦର ପଡ଼ିଯିବ ଏବଂ ଜୀବଜଗତ ଲୋପ ପାଇଯିବ। ଏହିପରି ଯେଉଁ ଭୟଙ୍କର ପରିସ୍ଥିତି ମାଡ଼ି ଆସୁଛି ତାହାର କବଳରୁ ପୃଥିବୀକୁ ରକ୍ଷା କରିବା ପାଇଁ ବୈଜ୍ଞାନିକମାନେ ଉଦ୍ୟମ ଆରମ୍ଭ କରିଛନ୍ତି। ସୂର୍ଯ୍ୟ ଏବଂ ଚନ୍ଦ୍ରଙ୍କୁ ସମସ୍ତେ ଜାଣନ୍ତି ଏବଂ ସ୍ୱୀକାର କରନ୍ତି। ସବୁ ଜାତି, ଧର୍ମ, ବର୍ଣ୍ଣର ଲୋକମାନେ ସୂର୍ଯ୍ୟର ଉତ୍ତାପ ପାଆନ୍ତି ଏବଂ ଆଲୋକକୁ ସ୍ୱାଗତ କରନ୍ତି। ସେହି ଚନ୍ଦ୍ରର ଶୀତଳ କିରଣ ମଧ ସମସ୍ତଙ୍କୁ ମୁଗ୍ଧ କରିଥାଏ। ଚନ୍ଦ୍ର ଏବଂ ସୂର୍ଯ୍ୟ ଯେପରି ସାର୍ବଜନୀନ ଠିକ ସେହିପରି ଅଗ୍ନି ମଧ ସମସ୍ତଙ୍କର। ସକାଳୁ ସଞ୍ଜ ଯାଏ ସମସ୍ତଙ୍କର କାମରେ ଅଗ୍ନି ଆସନ୍ତି। ଦୈନନ୍ଦିନ ଜୀବନରେ ଅଗ୍ନିଙ୍କୁ ବାଦ ଦେଇ ଜୀବନ ଧାରଣ ସମ୍ଭବ ନୁହେଁ। ଅଗ୍ନିଦେବଙ୍କ ମାଧମରେ ଆମେ ସବୁ ଦେବ ଦେବତାମାନଙ୍କୁ ଆରାଧନା କରିଥାଉ। ଅଗ୍ନି ହେଉଛନ୍ତି ଆମର ହାତ ପାହାନ୍ତାରେ ଥିବା ଦେବତା। ବୈଦିକ ଯୁଗରେ ଯଜ୍ଞ ଦ୍ୱାରା ଅଗ୍ନିଙ୍କର ପୂଜା ହେଉଥିଲା।



ସଂପ୍ରତି ପୃଥିବୀରେ ଆଧାତ୍ମିକ ମୂଲ୍ୟବୋଧର ଆବଶ୍ୟକତା ଘେନି ଏକ ନୂତନ ଚେତନାର ଅଭ୍ୟୁଦୟ ଘଟିଛି। ଏହି ଲକ୍ଷ୍ୟ ହାସଲ ନିମନ୍ତେ ପୃଥିବୀର ବାୟୁମଣ୍ଡଳରେ ପରିବର୍ତ୍ତନ ଆବଶ୍ୟକ। ପବିତ୍ର ଭଜନ ଏବଂ ଈଶ୍ୱରଙ୍କ ନାମ ଜପ ଦ୍ୱାରା ପରିବେଶରେ ପରିବର୍ତ୍ତନ ଅଣାଯାଇପାରିବ। ସଂହତି ହେଉଛି ଏକ ଅଣୁଶକ୍ତି। ଏହାଦ୍ୱାରା ପ୍ରତ୍ୟେକ ଦୁଷ୍ଟ ଆତ୍ମା ମାନଙ୍କୁ ଦୂରେଇ ରଖାଯାଇପାରିବ। ବୈଦିକ ଯୁଗରେ ଆଶ୍ରମ ଗୁଡ଼ିକ ଆଧାତ୍ମିକ ଶକ୍ତିର ଉତ୍ପାଦନ କେନ୍ଦ୍ର ଭାବରେ କାର୍ଯ୍ୟ କରୁଥିଲେ। କାରଣ ମଣିଷ ସମାଜ କେବଳ ଆଧାତ୍ମିକ ବିଜ୍ଞାନର ଅର୍ଜନ ଦ୍ୱାରା ଚିର ଆନନ୍ଦ ଲାଭ କରିପାରିବ। ଆଉସବୁ ମଣିଷକୁ ବନ୍ଧନ ମଧରେ ପକାଇବାକୁ ଉଦ୍ଦିଷ୍ଟ ଏବଂ ଦୁଷ୍ଟ ଶକ୍ତିମାନେ ଏହାକୁ ବିଭିନ୍ନ ଭାବେ ବ୍ୟକ୍ତି ସମ୍ମୁଖରେ ଉପସ୍ଥାପିତ କରି ଥାଆନ୍ତି। ସଠିକ ଭାବେ ଯଜ୍ଞ କରିବା ଫଳରେ ଯେଉଁ ଶାନ୍ତି ମିଳେ ତାହା ବ୍ୟକ୍ତିକୁ ଆଧାତ୍ମିକ ମାର୍ଗରେ ନେଇଯାଏ ଏହାଦ୍ୱାରା ତାଙ୍କର ହୃଦୟ ନିର୍ମଳ ହୁଏ ଏବଂ ସେ ଈଶ୍ୱରଙ୍କ ଦର୍ଶନ କରନ୍ତି।

**ଆଇନଜୀବୀ, ବଙ୍ଗାଳିସାହି, କଟକ**
**ମୋବାଇଲ୍: ୭୩୨୫୯୦୪୯୨୭/୭୩୭୭୪୩୯୦୭୭**

# କାଶ୍ମୀରରେ ପୁଣି ଆତଙ୍କ

ସୌଭାଗ୍ୟ ରଂଜନ ମହାନ୍ତି(ରାଜା)



ଜାମ୍ମୁ-କାଶ୍ମ ୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଜଘନ୍ୟ ଆକ୍ରମଣ କେନ୍ଦ୍ରଶାସିତ ଅଂଚଳରେ ଶାନ୍ତି ଓ ସ୍ୱାଭାବିକ ଅବସ୍ଥାକୁ ବିଶୃଙ୍ଖଳିତ କରିବା ପାଇଁ ଏକ ହୀନ ଉଦ୍ୟମ ବୋଲି କୁହାଯାଇପାରିବ। ଆତଙ୍କବାଦୀଙ୍କ ନୃଶଂସ ଆକ୍ରମଣରେ ୨୮ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିବା ସହ ୨୦ଜଣ ଗୁରୁତ୍ୱର ଭାବେ ଆହତ ହୋଇ ହସ୍‌ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଆତଙ୍କୀଙ୍କ ବର୍ବରତା ଏତେ ବିଭତ୍ସ, ଭୟଙ୍କର ଥିଲା ଯେ, ତାହା ଭାଷାରେ ପ୍ରକାଶ କରାଯାଇ ପାରିବ ନାହିଁ। ପତ୍ନୀ, ପୁଅ, ସମ୍ମୁଖରେ ଆତଙ୍କବାଦୀମାନେ ଅତି ନିକଟରୁ କେବଳ ପୁରୁଷ ଲୋକଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଗୁଳି କରିଥିଲେ। ଜଣକ ପରେ ଜଣେ ୨୮ଜଣ ଘଟଣା ସ୍ଥଳରେ ହିଁ ଟଳି ପଡିଥିଲେ। ଯାହାକି ୯୦ଦଶକରେ ସଂଘଠିତ ହୋଇଥିବା ନୃଶଂସ ଆତଙ୍କବାଦୀ ଘଟଣାବଳୀକୁ ସ୍ମରଣ କରାଇ ଦେଇଛି। ଉଲ୍ଲେଖଯୋଗ୍ୟ ଯେ, ପାକିସ୍ଥାନର ସେନାମୁଖ୍ୟ ଅସୀମ ମୁନିର ଗତ ସପ୍ତାହରେ କାଶ୍ମୀରକୁ ନେଇ ଅତି ଆକ୍ରମଣାତ୍ମକ ମନ୍ତବ୍ୟ ଦେବାର ସପ୍ତାହକ ପରେ ପହଲଗାମ୍‌ରେ ଆତଙ୍କବାଦୀଙ୍କ ଲୋକହର୍ଷଣକାରୀ ଘଟଣା ଏକ ଯୋଜନାବଦ୍ଧ ଗଣହତ୍ୟା ଷଡଯନ୍ତ୍ର ବୋଲି ନିସନ୍ଦେହ କୁହାଯାଇପାରିବ। ଏହି ଆତଙ୍କବାଦୀ ଆକ୍ରମଣ ପାଇଁ ପାକିସ୍ଥାନ ଭିତିକ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବାର ଭାରତ ଶାଖା ସଂଗଠନ ଦରେଜିଷ୍ଟାନସ ଫୋର୍ସ(ଟିଆରଏଫ) ନିଜକୁ ଦାୟୀ କରିଛି। ପାକିସ୍ଥାନର ସେନା ବାହିନୀ ଏବଂ ଗୋଇନ୍ଦା ବାହିନୀ ଆଇଏସଆଇର ଛତ୍ରଛାୟା ତଳେ ଲସ୍କର-ଇ-ତୋଇବା(ଏଲଇଟି) ରହିଥିବାବେଳେ ଏହି ଆକ୍ରମଣରେ ପାକିସ୍ଥାନର ସମ୍ପୃକ୍ତିକୁ ଅଗ୍ରାହ୍ୟ କରାଯାଇନପାରେ। କାଶ୍ମୀରରୁ ସମ୍ବିଧାନର ସ୍ୱତନ୍ତ୍ର ୩୭୦ଧାରା ଉଚ୍ଛେଦ ଏବଂ କେନ୍ଦ୍ରଶାସିତ ଅଂଚଳରେ ନିର୍ବାଚିତ ସରକାର କ୍ଷମତାସୀନ ହେବା ପରେ ଏହି ଆତଙ୍କବାଦୀ ଆକ୍ରମଣ ପୁଣି ଥରେ ଭାରତର ଭୂସ୍ୱର୍ଗକୁ ଆତଙ୍କ ଓ ନୈରାଶ୍ୟର ଗାତ ମଧକୁ ଠେଲି ଦେଇଛି ବୋଲି କୁହାଯାଇପାରେ। ଏହା ନିସନ୍ଦେହ ଯେ, ସ୍ୱତନ୍ତ୍ର ୩୭୦ଧାରା ଉଚ୍ଛେଦ ଏବଂ ଗଣତାନ୍ତ୍ରୀକ ପ୍ରକ୍ରୀୟାରେ ନିର୍ବାଚିତ ସରକାର କ୍ଷମତାସୀନ ହେବା ପରେ ଦୀର୍ଘ ବର୍ଷର ବ୍ୟବଧାନ ପରେ ଏହା ହେଉଛି ଆତଙ୍କବାଦୀଙ୍କ ସବୁଠାରୁ ବଡଧରଣର ଆକ୍ରମଣ। କେବଳ ଏତିକି ନୁହେଁ, ଏହା ହେଉଛି ଆତଙ୍କବାଦୀଙ୍କ ପର୍ଯ୍ୟଟକଙ୍କ ଉପରେ ଦ୍ୱିତୀୟ ଆକ୍ରମଣ। ଗତବର୍ଷ ଜୁନ୍ ମାସରେ ବୈଷ୍ଣୋଦେବୀଙ୍କ ନିକଟସ୍ଥ ରେଆସି ନିକଟତର ଆତଙ୍କବାଦୀଙ୍କ ଗୁଳିରେ ୯ଜଣ ତୀର୍ଥଯାତ୍ରୀ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ଉଲ୍ଲେଖ କରାଯାଇପାରେ ଯେ, ପହଲଗାମ୍ ଜାମ୍ମୁ-କାଶ୍ମୀରର ସବୁଠାରୁ ଶୋଭନୀୟ ଏବଂ ଜଣାଶୁଣା ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଚିତ। ଭାରତର ଭୂସ୍ୱର୍ଗ ଭାବେ ପରିଚିତ କାଶ୍ମୀର, ଅର୍ଥନୀତିକୁ ସମୃଦ୍ଧ କରିଆସିଥିବାବେଳେ ସ୍ଥାନୀୟ ଲୋକଙ୍କ ରୋଜଗାରର ମୁଖ୍ୟ ଉତ୍ସ ଭାବେ ରହିଆସିଛି। କେନ୍ଦ୍ରଶାସିତ ଅଂଚଳରେ ଶାନ୍ତି, ସ୍ଥିରତା ଓ ସ୍ୱାଭାବିକ ଅବସ୍ଥାର ପ୍ରତ୍ୟାବର୍ତ୍ତନ ପରେ ପର୍ଯ୍ୟଟନ କ୍ଷେତ୍ର ଚଳଚଂଚଳ ହୋଇ ଉଠିଥିଲା। ଚଳିତ ବର୍ଷର ପ୍ରଥମ ତିନିମାସରେ କେନ୍ଦ୍ରଶାସିତ ଅଂଚଳକୁ ୫ଲକ୍ଷରୁ ଉଦ୍ଧ୍ୱର୍ ପର୍ଯ୍ୟଟକଙ୍କ ଆଗମନ ଘଟିଛି, ଯାହାକି ଗତ ତିନି ଦଶନ୍ଧି ମଧରେ ଏକ ରେକର୍ଡ ବୋଲି ସରକାରୀ ଭାବେ କୁହାଯାଇଛି। ଏବେ କାଶ୍ମୀରରେ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଥିବାବେଳେ ପର୍ଯ୍ୟଟନ କ୍ଷେତ୍ରକୁ ଆତଙ୍କବାଦୀଙ୍କ ନିଶାଣ କ୍ଷତି ପହଁଚାଇବ, ଏହା ନିସନ୍ଦେହ। କେନ୍ଦ୍ରଶାସିତ ଅଂଚଳ କୋଟି କୋଟି ଟଙ୍କାର ଆୟ ହରାଇବାରେ ଆଶଙ୍କାକୁ ଏଡାଇ ଦିଆଯାଇପାରେ। ଏହା ନିସନ୍ଦେହ ଯେ, ପହଲଗାମ୍‌ରେ ଆକ୍ରମଣ ୯୦ଦଶକର ବର୍ବର ଆତଙ୍କବାଦର ଅନ୍ଧାର ଦିବସଗୁଡିକୁ ଫେରାଇ ଆଣିବା ଲାଗି ଏହା ଏକ ସୁଚିନ୍ତିତ ଉଦ୍ୟମ। ତେବେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି, ଆମେରିକାର ଉପ-ରାଷ୍ଟ୍ରପତି ଜେ.ଡି.ଭାନ୍ସ ଭାରତ ଗସ୍ତରେ ଥିବାବେଳେ ଏହି ଆକ୍ରମଣ ଘଟିଛି। ଅତୀତରେ ୨୦୦୦ ମସିହାରେ ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଂଟନ ଭାରତ ଗସ୍ତ ସମୟରେ ଜାମ୍ମୁ-କାଶ୍ମୀରର ଶିଖ୍ ବହୁଳ ଅଂଚଳ ଭାବେ ପରିଚିତ ଛତିସିଂହପୁରା ଅଂଚଳରେ ଆତଙ୍କବାଦୀଙ୍କ ଆକ୍ରମଣ ଘଟଣା ବହୁ ନିରୀହ ଲୋକ ନିହତ ହୋଇଥିଲେ। ଏହି ଆତଙ୍କବାଦୀ ଘଟଣାକୁ ବିଶ୍ୱବ୍ୟାପୀ ବିଭିନ୍ନ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟମାନେ ନିନ୍ଦା କରିବା ସହ ଆତଙ୍କବାଦର ମୂଳୋତ୍ପାଟନ ପାଇଁ ମିଳିତ ଲଢେଇ ଲାଗି ଆହ୍ୱାନ ଦେଇଛନ୍ତି। ଯାହାକି ଏକ ଶୁଭ ସଂକେତ। ଆତଙ୍କବାଦ ବିରୁଦ୍ଧରେ ମିଳିତ ଲଢେଇ ପାଇଁ ଭାରତ ୩ଦଶନ୍ଧୀ ଧରି ଆହ୍ୱାନ କରି ଆସୁଛି। କହିବା ବାହୁଲ୍ୟ ଯେ, ଜାମ୍ମୁ-କାଶ୍ମୀରରେ ଶାନ୍ତି, ସ୍ଥିରତା ଓ ସ୍ୱାଭାବିକ ଅବସ୍ଥା ପ୍ରତିଷ୍ଠା କ୍ଷେତ୍ରରେ ପାକିସ୍ଥାନ ହେଉଛି ସବୁଠାରୁ ବଡ ଶତ୍ରୁ। କାଶ୍ମୀରରେ ଅଶାନ୍ତି, ଅସ୍ଥିରତା, ଭୟ ଓ ନୈରାଶ୍ୟର ବାତାବରଣ ପାଇଁ ଆତଙ୍କବାଦ ଜରିଆରେ ଛାୟା ଯୁଦ୍ଧ ଜାରି ରଖିଛି। ୨୦୧୯ ଫୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ପୁଣି ଥରେ ଲାଲ ସୀମା ଟାଣି ଦେଇଛି। କାଶ୍ମୀରରେ ଶାନ୍ତି,ସ୍ଥିରତା ଓ ସ୍ୱାଭାବିକତା ବଜାୟ ରଖିବା ଲାଗି ଭାରତ ତ୍ୱରିତ ଓ ଯଥାର୍ଥ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦେଶବ୍ୟାପୀ ଆଶା କରନ୍ତି। ଫୁଲୱାମା ଆକ୍ରମଣ ପରେ ଭାରତ ଯେଉଁଭଳି ଏୟାର ଷ୍ଟ୍ରାଇକ୍ କରି ପ୍ରତିଶୋଧ ନେଇଥିଲା, ଏବେ ତା'ର ପୁନରାବୃତିର ସମୟ ଆସିଛି। ଆମେ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ଆତ୍ମାର ସଦ୍‌ଗତି କାମନା କରୁଛୁ। ଏଥିସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛୁ।



**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**

# ବର୍ଡର ସିଲ୍ ବର ଯାଇପାରିଲାନି ପାକିସ୍ତାନ
## ବାହାଘରରେ ଲାଗିଲା ଫୁଲଷ୍ଟପ୍



**ନୂଆଦିଲ୍ଲୀ,୨୫।୪:** ଆଜି ବାହାରିଥାନ୍ତା ବରଯାତ୍ରୀ। ରାଜସ୍ଥାନରୁ ଘୋଡା ଚଢ଼ି ସୀମା ପାର୍ କରି କନିଆଁ ଆଣିବାକୁ ଯାଇଥାନ୍ତା ବର। ପାକିସ୍ତାନରେ ପଡିଥାନ୍ତା ହାତଗଣ୍ଠି। ଏଥିପାଇଁ ସରିଥିଲା ସବୁ ପ୍ରସ୍ତୁତି। ରେଡ୍ଡି ଥିଲା ବର ଆଉ ସେପଟେ ସଜେଇ ହୋଇ ବର ବାଟକୁ ଚାହିଁଥିଲା କନିଆଁ। ରାତି ପାହିଲେ ବାଜିଥାନ୍ତା ଶାହାନାଇ। ହେଲେ ରାତି ଅଧରେ ହିଁ ସବୁ ଫସର ଫାଟିଯାଇଛି। ସରକାରଙ୍କ ଅଟାରୀ ବନ୍ଦ ନିଷ୍ପତ୍ତି ବାହାଘରରେ ଲଗାଇ ଦେଇଛି ଫୁଲଷ୍ଟପ୍।

ରାଜସ୍ଥାନ ବାସିନ୍ଦା ଶୈତାନ ସିଂହ। ତାଙ୍କ ଜେଜେ ମା' ଓ ଚାରି ଦାଦା ପାକିସ୍ତାନରେ ରୁହନ୍ତି। ଏଥିପାଇଁ ପାକିସ୍ତାନରେ ବାହାଘର ପାଇଁ ଝିଅ ଠିକ୍ ହୋଇଥିଲା। ଆଜି ଶୈତାନ ସିଂହ ନିଜ ଭାବି ସ୍ତ୍ରୀ ସହ ସାତ ଫେରା ନେଇଥାନ୍ତେ। ପଡ଼ୋଶୀ ଦେଶରେ ପଡିଥାନ୍ତା ତାଙ୍କର ହାତଗଣ୍ଠି। ଅମୃତସରର ଅଟାରୀ ସୀମା ପାର୍ ହୋଇ ପାକିସ୍ତାନକୁ ବରଯାତ୍ରୀ ନେଇ ଯାଇଥାନ୍ତେ। ହେଲେ ସରକାରଙ୍କ ସୀମା ବନ୍ଦ ନିଷ୍ପତ୍ତି ଯୋଗୁ ତାଙ୍କ ବାହାଘର ଅଟକି ଯାଇଛି। ସୀମା ବନ୍ଦ ଥିବାରୁ ତାଙ୍କୁ ପାକିସ୍ତାନ ଯିବାକୁ ଦିଆଯାଇନାହିଁ।

ପହଲଗାମ ହମ୍‌ଲା ପରେ ଭାରତ ସରକାର ଅଟାରୀ-ୱାଘା ବର୍ଡର ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ପାକିସ୍ତାନୀ ବୈଧ ଅନୁମୋଦନରେ ଆସିଛନ୍ତି ସେମାନଙ୍କୁ ମେ' ୧ ପୂର୍ବରୁ ଫେରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସାର୍କ ଭିସାରେ ଥିବା ପାକିସ୍ତାନ ନାଗରିକ ୪୮ ଘଣ୍ଟାରେ ଭାରତ ଛାଡ଼ିବାକୁ ରହିଛି ଡେଡଲାଇନ୍। ଏପରିକି ପାକିସ୍ତାନୀ ନାଗରିକଙ୍କୁ ସାର୍କ ଭିସାରେ ଭାରତ ଆସିବା ମନା ହୋଇଛି। ଫଳରେ ଭାରତ ଆସିଥିବା ପାକିସ୍ତାନୀ ନାଗରିକ ଓ ପାକିସ୍ତାନ ଯିବାକୁ ଥିବା ଭାରତୀୟ ନାଗରିକମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହି ଭିସା ବାତିଲ ପରେ ଭାରତ ଛାଡୁଛନ୍ତି ପାକିସ୍ତାନୀ । ଭାରତ ଦେଇଥିବା ୪୮ ଘଣ୍ଟାର ମହଲତ ଆଜି ପୂରୁଥିବାରୁ ପଞ୍ଜାବ ଅମୃତସର ନିକଟ ଅଟାରୀ ଚେକପୋଷ୍ଟ ନିକଟରେ ଲାଗିଛି ଭିଡ଼ । ଅନେକ ପାକିସ୍ତାନୀ ନାଗରିକ ଭାରତ ଛାଡ଼ି ସ୍ୱଦେଶ ଫେରୁଛନ୍ତି । ଭାରତ ଛାଡ଼ି ଯାଉଥିବାରୁ ଦୁଃଖ ମଧ୍ୟ ପ୍ରକାଶ କରିଛନ୍ତି । ତେବେ ପହଲଗାମ ଆକ୍ରମଣରେ ପାକିସ୍ତାନର ସଂପୃକ୍ତି ନେଇ ପଚାରିବାରୁ କେହି ପାକିସ୍ତାନୀ ଏହି ଘଟଣାକୁ ନିନ୍ଦା କରୁଥିବାବେଳେ ଆଉ କେହି କୌଣସି ଉତ୍ତର ଦେଉନାହାନ୍ତି ।

# ମାଟିରେ ମିଶିଲା ଦୁଇ ଆତଙ୍କୀଙ୍କ ଘର



**ନୂଆଦିଲ୍ଲୀ,୨୫।୪:** ପହଲଗାମ ଆକ୍ରମଣ ପରେ ଭାରତୀୟ ସେନା ସର୍ଚ୍ଚ ଅପରେସନକୁ ଜୋରଦାର କରିଛି। ଏନଆଇଏ ମଧ୍ୟ ଜମ୍ମୁ-କାଶ୍ମୀର ପୁଲିସ ସହ ମିଶି ଆକ୍ରମଣର ତଦନ୍ତ ଆରମ୍ଭ କରିଛି। ପହଲଗାମ ଆକ୍ରମଣରେ ଆତଙ୍କବାଦୀ ଆସିଫ ଶେଖ ଓ ଆଦିଲ ଶେଖ୍ ନାମ ମଧ୍ୟ ସାମ୍ନାକୁ ଆସିଥିଲା। ପୁଲିସ ଆଦିଲ ହୁସେନ୍ ଥୋରକ୍‌ର ଘର ସର୍ଚ୍ଚ କରିବାକୁ ଯାଇଥିଲା। ଏହି ସମୟରେ ତାଙ୍କ ଘରକୁ ବିସ୍ଫୋରଣରେ ଉଡ଼ାଇ ଦିଆଯାଇଥିଲା। ତାଙ୍କ ଘରେ ମଧ୍ୟ ସନ୍ଦେହଜନକ ଜିନିଷ ଥିଲା ବୋଲି ପୁଲିସ କହିଛି। ପହଲଗାମ ଆକ୍ରମଣ ପରେ ଭାରତୀୟ ସେନା କାର୍ଯ୍ୟାନୁଷ୍ଠାନରେ ଲାଗିଛି। ପୁଲିସ ମଧ୍ୟ ସମର୍ଥନ କରୁଛି। ଆଦିଲ୍‌ର ତ୍ରାଲ୍‌ସ୍ଥିତ ଘରକୁ ଖାନ୍‌ତଲାସୀ ସକାଶେ ପୁଲିସ୍ ଯାଇଥିବା ବେଳେ ସେଠାରେ କିଛି ସନ୍ଦିଗ୍ଧ ସାମଗ୍ରୀ ଥିବା ପାଇଥିଲେ। ଏହାକୁ ଏକ ନିୟନ୍ତ୍ରିତ ବିସ୍ଫୋରଣ ସହ ନିଷ୍କ୍ରିୟ କରାଯାଇଥିଲା। ଘରେ ବିସ୍ଫୋରକ ସାମଗ୍ରୀ ଥିବାରୁ ଏହି ବିସ୍ଫୋରଣ ଘଟିଥିବା ପୁଲିସ୍ କହିଛି। ସେହିପରି ଆଦିଲ୍ ଘର ଉପରେ ବୁଲ୍‌ଡୋଜର୍ ଚଳାଇ ଏହାକୁ ମାଟିରେ ମିଶାଇ ଦିଆଯାଇଛି। ଏହି ଦୁଇ ଆତଙ୍କୀ ପହଲ୍‌ଗାମ୍ ଆତଙ୍କୀ ହମ୍‌ଲାର ଯୋଜନା ପ୍ରସ୍ତୁତ କରିଥିବା ନେଇ ପ୍ରମାଣ ମିଳିଛି। ଅନ୍ୟପକ୍ଷରେ ଜମ୍ମୁ-କାଶ୍ମୀରର ନିୟନ୍ତ୍ରଣ ରେଖାରେ କିଛି ସ୍ଥାନରେ ପାକିସ୍ତାନ ପଟରୁ ଗୁଳିଚାଳନା ହୋଇଥିଲା। ଏହାର ଭାରତୀୟ ସେନା ଉଚିତ ଜବାବ ଦେଇଛି। ସାମରିକ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଏହି ସମୟ ମଧ୍ୟରେ କୌଣସି ମୃତାହତ ଖବର ମିଳିନାହିଁ। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଉଭୟ ପକ୍ଷ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବା ବେଳେ ପାକିସ୍ତାନୀ ସେନା ଗୁଳି ଚଳାଇଥିଲା। ଗତ ୨୨ ତାରିଖରେ ଆତଙ୍କବାଦୀମାନେ ପହଲଗାମରେ ପର୍ଯ୍ୟଟକଙ୍କୁ ଟାର୍ଗେଟ କରି ୨୬ ଜଣଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏହି ଘଟଣା ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଶୀର୍ଷରେ ପହଞ୍ଚିଛି। ପାକିସ୍ତାନ ବିରୁଦ୍ଧରେ ଭାରତ ପକ୍ଷରୁ ଅନେକ କୂଟନୈତିକ ପଦକ୍ଷେପ ନିଆଯାଇଛି। ସିନ୍ଧୁ ଜଳ ଚୁକ୍ତିନାମାକୁ ବନ୍ଦ କରିଦିଆଯାଇଛି, ଭିସା ବାତିଲ କରାଯାଇଛି ଏବଂ ରାଜନେତା ଓ ଭାରତରେ ଥିବା ପାକିସ୍ତାନୀମାନଙ୍କୁ ଭାରତ ଛାଡ଼ିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

### ୨ ପହଲଗାମ ପୀଡ଼ିତ ପରିବାରକୁ ଏନ୍‌ଏସ୍‌ଇର ସହଯୋଗ
# ପରିବାର ପିଛା ଦେବ ୪ ଲକ୍ଷ ଟଙ୍କା

**ମୁମ୍ବାଇ,୨୫।୪:** ଗତ ଏପ୍ରିଲ ୨୨ରେ କାଶ୍ମୀର ପହଲଗାମ ଜିଲ୍ଲାରେ ଆତଙ୍କବାଦୀ ହମଲାରେ ୨୬ ହିନ୍ଦୁ ପ୍ରାଣ ହରାଇଛନ୍ତି। ଏଥିପାଇଁ ସାରା ଦେଶ ସ୍ତବ୍ଧ ହୋଇପଡ଼ିଛି। ମୃତକଙ୍କ ପରିବାରକୁ ସହଯୋଗ କରିବାକୁ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏନଏସଇ) ଆଗେଇ ଆସି ସମର୍ଥନ ଜଣାଇଛି ଏବଂ ଏହି ନିଷ୍ଠୁର ହିଂସାକାଣ୍ଡରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ ସହାୟତା କରିବା ପାଇଁ ସମୁଦାୟ ୧ କୋଟି ଟଙ୍କା (ଅର୍ଥାତ୍ ପରିବାର ପିଛା ପାଖାପାଖି ୪ ଲକ୍ଷ ଟଙ୍କା) ଦେବାକୁ ପ୍ରତିଶ୍ରୁତି ଦେଇଛି। ଏହି ଦୁଃଖ ଏବଂ ସଙ୍କଟ ସମୟରେ ଏନଏସଇ ଦେଶ ସହିତ ଛିଡ଼ା ହୋଇଛି । ଏନଏସଇର ଏମଡି ଏବଂ ସିଇଓ ଆଶିଷ କୁମାର ଚୌହାନ କହିଛନ୍ତି। ଏହା ଆମ ଦେଶ ପାଇଁ ଏକ ସାମୂହିକ ଶୋକର ମୁହୂର୍ତ୍ତ। ଆମର ସମବେଦନା ଏବଂ ପ୍ରାର୍ଥନା ପ୍ରଭାବିତ ପରିବାରମାନଙ୍କ ସହିତ ଅଛି ଏବଂ ଆମେ ଆଶା କରୁଛୁ ଯେ ସେମାନଙ୍କୁ ଯଥାସମ୍ଭବ ସହାୟତା କରିବୁ।

# ଭାରତରେ ମିଶିବ ପିଓକେ!




**ନୂଆଦିଲ୍ଲୀ,୨୫।୪:** ପୁଣି ଥରେ ପିଓକେକୁ କବଜା କରିପାରେ ଭାରତ। ସୀମା ପାର୍ ଆତଙ୍କବାଦ ଉପରେ ଲାଗିବ ରୋକ୍। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଭାରତକୁ ଦେଇଛି ସୁବର୍ଣ୍ଣ ସୁଯୋଗ। ପାକିସ୍ତାନ ହଟାଇସାରିଛି ସିମଲା ଚୁକ୍ତି। ଏବେ ଭାରତ ମଧ୍ୟ ଦମ୍ ଦେଖାଇବାର ସୁଯୋଗ ପାଇଛି। ୧୯୭୨ରେ ଭାରତ-ପାକିସ୍ତାନ ମଧ୍ୟରେ ଐତିହାସିକ ସିମଲା ଚୁକ୍ତିନାମା ହୋଇଥିଲା। ଭାରତ ଓ ପାକିସ୍ତାନ ଜୁଲାଇ ୨ ତାରିଖରେ ଏହି ଚୁକ୍ତି ସ୍ୱାକ୍ଷର କରିଥିଲେ। ବାଂଲାଦେଶ ଗଠନ ପାଇଁ ହୋଇଥିବା ଏହି ଯୁଦ୍ଧରେ ପାକିସ୍ତାନର ଶୋଚନୀୟ ପରାଜୟ ପରେ ସିମଲା ଚୁକ୍ତି କରିଥିଲେ ଦୁଇ ଦେଶ। ସର୍ତ୍ତ ଥିଲା, ଭାରତ-ପାକ୍ ମଧ୍ୟରେ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ। ଆଉ ଉଭୟ ଦେଶ ପରସ୍ପରର ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଅତିକ୍ରମ ନକରି ବିବାଦରୁ ଦୂରେଇ ରହିବା। ହେଲେ ଏହି ଚୁକ୍ତିକୁ ଏବେ ପାକିସ୍ତାନ ଭଙ୍ଗ କରିସାରିଛି ।

# 'ଆମେ କେବେବି ସିନ୍ଧୁ ଜଳ ଚୁକ୍ତିନାମା ସପକ୍ଷରେ ନଥିଲୁ': ଓମର ଅବଦୁଲ୍ଲା



**ନୂଆଦିଲ୍ଲୀ,୨୫।୪:** ଶ୍ରୀନଗର-ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବା ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ ପ୍ରତିକ୍ରିୟା ରଖିଛନ୍ତି ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା। ସେ କହିଛନ୍ତି ଯେ, ଭାରତ ସରକାର କିଛି ପଦକ୍ଷେପ ନେଇଛନ୍ତି ଏବଂ ଯେପର୍ଯ୍ୟନ୍ତ ଜମ୍ମୁ ଏବଂ କାଶ୍ମୀରର କଥା ଉଠୁଛି, ଆମେ କେବେବି ସିନ୍ଧୁ ଜଳ ଚୁକ୍ତିନାମାର ସପକ୍ଷରେ ନୁହନ୍ତି। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି କି, 'ଆମେ ସର୍ବଦା ବିଶ୍ୱାସ କରିଆସିଛୁ ଯେ, ସିନ୍ଧୁ ଜଳ ଚୁକ୍ତିନାମା ଜମ୍ମୁ ଏବଂ କାଶ୍ମୀର ଲୋକଙ୍କ ପ୍ରତି ସବୁଠାରୁ ଅନ୍ୟାୟ ଦସ୍ତାବିଜ୍। ଏହି ଆକ୍ରମଣ ଘଟିବା ଅତ୍ୟନ୍ତ ଦୁଃଖଦ ଏବଂ ବୈଠକରେ ଆମ ସମ୍ମୁଖରେ ଯାହା ବି ପ୍ରସଙ୍ଗ ରଖାଯାଇଥିଲା, ଆମେ ସେଗୁଡ଼ିକ ଉପରେ କାମ କରିବୁ ବୋଲି ଆମେ ନିଶ୍ଚିତ କରିଛୁ। ସେ ଆହୁରି କହିଛନ୍ତି, 'ଏହି ବୈଠକ ସମୟରେ, ମୁଁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ସହ କଥା ହୋଇଥିଲି ଏବଂ ସେ ମୋତେ ଆଶ୍ୱାସନା ଦେଇଥିଲେ ଯେ ଅନ୍ୟ ରାଜ୍ୟରେ ରହୁଥିବା ଜମ୍ମୁ-କାଶ୍ମୀର ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ। ଗୃହ ମନ୍ତ୍ରଣାଳୟ ଦ୍ୱାରା ଏକ ପରାମର୍ଶଦାତା ଜାରି କରାଯିବ ଏବଂ କେନ୍ଦ୍ର ମନ୍ତ୍ରୀ ଅନେକ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟ କଥା ହୋଇଥିଲେ। 'ପୂର୍ବରୁ, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଗୁରୁବାର କହିଥିଲେ ଯେ, ତାଙ୍କ ସରକାର ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଯେଉଁଠାରେ କାଶ୍ମୀରୀ ଲୋକମାନଙ୍କୁ ହଇରାଣ କରାଯାଉଛି ବୋଲି ଅଭିଯୋଗ ହେଉଛି, ସେହି ରାଜ୍ୟର ସରକାରଙ୍କ ସହିତ ଯୋଗାଯୋଗରେ ଅଛି। ଓମାର ଅବଦୁଲ୍ଲା ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଲେଖିଛନ୍ତି, 'ଜମ୍ମୁ ଏବଂ କାଶ୍ମୀର ସରକାର ସେହି ରାଜ୍ୟ ଗୁଡ଼ିକର ସରକାରଙ୍କ ସହିତ ଯୋଗାଯୋଗରେ ଅଛି ଯେଉଁଠାରୁ ଏପରି ରିପୋର୍ଟ ଆସୁଛି। ମୁଁ ଏହି ରାଜ୍ୟ ଗୁଡ଼ିକର ମୋର ପ୍ରତିପକ୍ଷ ମୁଖ୍ୟମନ୍ତ୍ରୀମାନଙ୍କ ସହିତ ମଧ୍ୟ ଯୋଗାଯୋଗରେ ଅଛି ଏବଂ ସେମାନଙ୍କୁ ଅଧିକ ସତର୍କ ରହିବାକୁ ଅନୁରୋଧ କରିଛି।'

# ପାକିସ୍ତାନୀ ଅଭିନେତା ଓ ଖେଳାଳିଙ୍କ ପ୍ରତି ଆମର ସହାନୁଭୂତି ନାହିଁ: ଫଡ଼ନବୀସ୍



**ନୂଆଦିଲ୍ଲୀ,୨୫।୪:** ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାର ପାକିସ୍ତାନୀ ନାଗରିକଙ୍କ ଭିସା ବାତିଲ କରିଦେଇଛନ୍ତି ଏବଂ ସେମାନଙ୍କୁ ଏପ୍ରିଲ ୨୭ ପୂର୍ବରୁ ଭାରତ ଛାଡି ପାକିସ୍ତାନ ଫେରିଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିଷ୍ପତ୍ତି ପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ନିଜ ନିଜ ରାଜ୍ୟରେ ଥିବା ପାକିସ୍ତାନୀ ନାଗରିକଙ୍କୁ ଚିହ୍ନଟ କରି ସ୍ୱଦେଶ ଫେରାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାରି ମଧ୍ୟରେ ପାକିସ୍ତାନୀ ନାଗରିକଙ୍କ ସମ୍ପର୍କରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କ ବୟାନ ମଧ୍ୟ ସାମ୍ନାକୁ ଆସିଛି। ମୁଖ୍ୟମନ୍ତ୍ରୀ ଫଡନବିସ କହିଛନ୍ତି ଯେ, ମହାରାଷ୍ଟ୍ରରେ ଥିବା ପାକିସ୍ତାନୀ ନାଗରିକଙ୍କୁ ଚିହ୍ନଟ କରିବାର କାମ ଚାଲିଛି। ପାକିସ୍ତାନୀ ଅଭିନେତା ଏବଂ ପାକିସ୍ତାନୀ ଖେଳାଳିମାନଙ୍କ ପ୍ରତି ଆମର କୌଣସି ସହାନୁଭୂତି ନାହିଁ। ଭାରତ ସରକାର ପାକିସ୍ତାନୀ ନାଗରିକଙ୍କ ଭିସା ବାତିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମହାରାଷ୍ଟ୍ରରେ ଉପସ୍ଥିତ ପାକିସ୍ତାନୀ ନାଗରିକଙ୍କୁ ଚିହ୍ନଟ କରିବା ପାଇଁ କାର୍ଯ୍ୟ ଚାଲିଛି। ପୋଲିସକୁ ମଧ୍ୟ ସୂଚନା ଦିଆଯାଇଛି। କୌଣସି ପାକିସ୍ତାନୀ ନାଗରିକ ୪୮ ଘଣ୍ଟାରୁ ଅଧିକ ସମୟ ପାଇଁ ମହାରାଷ୍ଟ୍ରରେ ରହିବା ଉଚିତ୍ ନୁହେଁ। ଆମେ ସେମାନଙ୍କ ଉପରେ ସମ୍ପୂର୍ଣ୍ଣ ନଜର ରଖିବୁ ଏବଂ ସେମାନଙ୍କୁ ଦେଶରୁ ବାହାର କରିଦେବୁ। ଯେଉଁମାନେ ଅଧିକ ସମୟ ପର୍ଯ୍ୟନ୍ତ ରହିବେ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଫଡ଼ନବିସ କହିଛନ୍ତି। ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଶ୍ଚିତ ଭାବରେ ପାକିସ୍ତାନକୁ ଉଚିତ ଜବାବ ଦେବେ। ପ୍ରଧାନମନ୍ତ୍ରୀ ଯାହା କୁହନ୍ତି ତାହା କରନ୍ତି। ଏହା ପୂର୍ବରୁ ଯେତେବେଳେ ବି ଭାରତ ଉପରେ ଆକ୍ରମଣ ହୋଇଛି, ପ୍ରଧାନମନ୍ତ୍ରୀ ମୋଦୀ ଉଚିତ ଜବାବ ଦେଇଛନ୍ତି । ଏଥର ମଧ୍ୟ ପାକିସ୍ତାନକୁ ନିଶ୍ଚିତ ଭାବରେ ଉଚିତ ଜବାବ ମିଳିବ ।

# ମେୟର ନିର୍ବାଚନରେ ବିଜୟୀ ହେଲା ବିଜେପି
### ଭୁଶୁଡ଼ିଲା କେଜ୍‌ରିୱାଲଙ୍କ କ୍ଷମତାର ଶେଷ ଦୁର୍ଗ



**ନୂଆଦିଲ୍ଲୀ,୨୫।୪:** ଜାତୀୟ ରାଜଧାନୀ ଦିଲ୍ଲୀରେ ଶୁକ୍ରବାରଠାରୁ'ଟ୍ରିପଲ ଇଞ୍ଜିନ' ସରକାର ଆରମ୍ଭ ହୋଇଛି। ଭାରତୀୟ ଜନତା ପାର୍ଟି(ଭାଜପା)ର ରାଜା ଇକବାଲ ମେୟର ନିର୍ବାଚନରେ ବିଜୟୀ ହୋଇଛନ୍ତି। ସେହିଭଳି ଡେପୁଟି ମେୟର ପଦବୀ ମଧ୍ୟ ଭାଜପା ପାଖରେ ରହିଛି। ତେବେ ଆମ ଆଦମୀ ପାର୍ଟି(ଆପ୍) ପ୍ରଥମେ ମେୟର ନିର୍ବାଚନରେ ପ୍ରାର୍ଥୀ ଦେବାକୁ ମନା କରିଦେଇଥିଲା। ପରେ ନିର୍ବାଚନ ବର୍ଜନ କରିଥିଲା, ଯାହା ଫଳରେ ମେୟର ନିର୍ବାଚନ ଭାଜପାକୁ ଜିତିବା ପାଇଁ ବହୁତ ସହଜ ହୋଇଯାଇଥିଲା। ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି) ମେୟର ନିର୍ବାଚନରେ ଭାଜପାକୁ ୧୩୩ଟି ଭୋଟ ମିଳିଥିବା ବେଳେ କଂଗ୍ରେସକୁ ମାତ୍ର ୮ଟି ଭୋଟ ମିଳିଛି। ଅପରପକ୍ଷେ ଆମ ଆଦମୀ ପାର୍ଟି ଏହି ନିର୍ବାଚନକୁ ବର୍ଜନ କରିଥିଲା। ଏପରି ପରିସ୍ଥିତିରେ ଭାଜପା ନିର୍ଦ୍ୱନ୍ଦ୍ୱରେ ନିର୍ବାଚନ ଜିତିନେଇଛି। ଏହା ସହିତ କେନ୍ଦ୍ର ଏବଂ ଦିଲ୍ଲୀରେ ଭାଜପା ସରକାର ହେବା ସହିତ ଏମ୍‌ସିଡିରେ ଦଳର ମେୟର ମଧ୍ୟ ନିର୍ବାଚିତ ହୋଇଛନ୍ତି। ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନରେ ଭାଜପା ଅଧିକାଂଶ ଦିନ କ୍ଷମତାରେ ରହିଛି। ହେଲେ ଫେବୃଆରୀ ୨୦୨୩ରୁ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ମେୟର ପଦବୀ ଆମ ଆଦମୀ ପାର୍ଟି ପାଖରେ ଥିଲା ଏବଂ ଦଳର ସେଲି ଓବେରୟ ମେୟର ଥିଲେ। ସର୍ଦ୍ଦାର ରାଜା ଇକବାଲ ସିଂହ କିଏ? ଭାଜପା ନେତା ସର୍ଦ୍ଦାର ରାଜା ଇକବାଲ ସିଂହ ଏପର୍ଯ୍ୟନ୍ତ ଦିଲ୍ଲୀ ନଗର ନିଗମରେ ବିରୋଧୀ ଦଳ ନେତା ପଦବୀରେ ଥିଲେ। ପୂର୍ବରୁ ସେ ଉତ୍ତର ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନର ମେୟର ପଦରେ କାର୍ଯ୍ୟ କରିଛନ୍ତି। ସର୍ଦ୍ଦାର ରାଜା ଇକବାଲ ସିଂହ ପୂର୍ବରୁ ଅକାଳୀ ଦଳରେ ଥିଲେ, କିନ୍ତୁ କୃଷି ଆଇନକୁ ନେଇ ଶିରୋମଣି ଅକାଳୀ ଦଳ ଏବଂ ଭାଜପା ମଧ୍ୟରେ ଦୂରତା ବଢ଼ିବା ପରେ ସେ ଭାଜପାରେ ଯୋଗ ଦେଇଥିଲେ।

### ସିକିମରେ ଲଗାଣ ବର୍ଷା ଓ ଭୂସ୍ଖଳନ
# ଫସିଛନ୍ତି ୧୦୦୦ରୁ ଅଧିକ ପର୍ଯ୍ୟଟକ



**ଗାଙ୍ଗଟୋକ୍,୨୫।୪:** ସିକିମରେ ଲଗାଣ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ଟୁର ପାଇଁ ପର୍ଯ୍ୟଟକଙ୍କୁ ନପଠାଇବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକ ଫସି ରହିଛନ୍ତି। ଗୁରୁଦ୍ୱାର, ଆଇଟିବିପିରେ ୨୦୦ ପର୍ଯ୍ୟଟକଙ୍କ ଗାଡି ମଧ୍ୟ ଫସି ରହିଛି। ଖରାପ ପାଣିପାଗ ପାଇଁ ରାସ୍ତା କ୍ଷତିଗ୍ରସ୍ତ ହୋଇ ଅସୁରକ୍ଷିତ ଅବସ୍ଥାରେ ରହିଛି। ତେଣୁ ସିକିମର ଯାତାୟତକୁ ବନ୍ଦ କରାଯାଇଛି। ଆଗୁଆ ପରିମିଟକୁ ଅମାନ୍ୟ ବୋଲି ଘୋଷଣା କରାଯାଇଛି। ସୂଚନାନୁଯାୟୀ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଆଖି ଆଗରେ ରଖି କର୍ତ୍ତୃପକ୍ଷ ଟୁର ଯାତ୍ରୀଙ୍କୁ ସିକିମକୁ ନପଠାଇବା ପାଇଁ ଅପରେଟରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲାଚେନ-ଚୁଙ୍ଗଥାଙ୍ଗ, ମୁନ୍ସିଥାଙ୍ଗ ଏବଂ ଲାଚଙ୍ଗ-ଚୁଙ୍ଗଥାଙ୍ଗ ରାସ୍ତାରେ ଭୂସ୍ଖଳନ ଘଟିଥିବାର ସୂଚନା ମିଳୁଛି। ଅନ୍ୟପଟେ ଲଗାତାର ବର୍ଷା କାରଣରୁ ସିକିମର ଅନେକାଂଶ ଅଞ୍ଚଳରେ ବନ୍ୟା ଭଳି ସମସ୍ୟା ଦେଖାଦେଇଛି। ଯାହାଫଳରେ ସୁରକ୍ଷିତ ଯାତାୟତରେ ବାଧା ସୃଷ୍ଟି କରିଛି। ସଡକ ସଂଯୋଗକୁ ମଧ୍ୟ ପ୍ରଭାବିତ କରିଛି। ତେଣୁ ସମସ୍ତ କଥାକୁ ଦୃଷ୍ଟିରେ ରଖି ଯାତାୟତ ନ କରିବାକୁ ମନା କରାଯାଇଛି। ପର୍ଯ୍ୟଟକଙ୍କୁ ପୂର୍ବରୁ ଦିଆଯାଇଥିବା ସମସ୍ତ ପରମିଟକୁ ସରକାରୀ ସ୍ତରରେ ବାତିଲ କରାଯାଇଛି। ସିକିମକୁ କୌଣସି ପର୍ଯ୍ୟଟକଙ୍କୁ ନ ପଠାଇବାକୁ ସମସ୍ତ ଟୁର୍ ଅପରେଟରମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

# ଇସ୍ରୋର ପୂର୍ବତନ ଅଧ୍ୟକ୍ଷ କୃଷ୍ଣସ୍ୱାମୀ କସ୍ତୁରୀରଙ୍ଗନଙ୍କ ପରଲୋକ



**ନୂଆଦିଲ୍ଲୀ,୨୫।୪:** ଇସ୍ରୋର ପୂର୍ବତନ ଅଧ୍ୟକ୍ଷ କୃଷ୍ଣସ୍ୱାମୀ କସ୍ତୁରୀରଙ୍ଗନଙ୍କ ପରଲୋକ ହୋଇଛି । ବେଙ୍ଗାଲୁରୁ ସ୍ଥିତ ତାଙ୍କ ଘରେ ୮୪ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଆଜି ସକାଳେ ୧୦ଟା ବେଳେ ତାଙ୍କର ମୃତ୍ୟୁ ହୋଇଥିବା ଖବର ମିଳିଛି । ରବିବାର ଦିନ ତାଙ୍କ ଅନ୍ତିମ ସଂସ୍କାର କରାଯିବ । ତାଙ୍କ ମୃତଦେହକୁ ରମନ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ତାଙ୍କ ପାର୍ଥିବ ଶରୀରକୁ ଅନ୍ତିମ ଦର୍ଶନ ପାଇଁ ରଖାଯିବ। କସ୍ତୁରୀରଙ୍ଗନ ଦୀର୍ଘ ସମୟ ଧରି ଇସ୍ରୋ ମୁଖ୍ୟ ଭାବେ କାର୍ଯ୍ୟରତ ଥିଲେ । ୧୦ ବର୍ଷ ଯାଏଁ ଇସ୍ରୋର ଚେୟାରମ୍ୟାନ ଥିଲେ । ଏହାଛଡା ସରକାରୀ ନୀତିର ଫର୍ମୁଲେସନରେ ମଧ୍ୟ ଯୋଗଦାନ ଥିଲା । ୨୦୦୩, ଅଗଷ୍ଟ ୨୭ରେ ଅବସର ପରେ ଡିଆରଡିଓର ଅନ୍ତରୀକ୍ଷ ଆୟୋଗର ଅଧ୍ୟକ୍ଷ ଏବଂ ସଚିବ ଭାବେ ୯ ବର୍ଷ ଯାଏଁ କାମ କରିଥିଲେ ।

# ସମାଜସେବୀ ମେଧା ପାଟେକର ଗିରଫ



**ନୂଆଦିଲ୍ଲୀ,୨୫।୪:** ସମାଜସେବୀ ମେଧା ପାଟେକର ଗିରଫ ହୋଇଛନ୍ତି। ନର୍ମଦା ବଞ୍ଚାଅ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିବା ସାମାଜିକ କର୍ମୀ ମେଧା ପାଟେକରଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଛି। ୨୪ ବର୍ଷ ପୁରୁଣା ମାନହାନୀ ମକଦ୍ଦମା ଆଧାରରେ ମେଧା ଗିରଫ ହୋଇଛନ୍ତି। ଏଲଜି ବିନୟ ସକ୍ସେନା ମେଧା ପାଟକରଙ୍କ ବିରୋଧରେ ମାନହାନୀ ମକଦ୍ଦମା କରିଥିଲେ। ମେଧାଙ୍କ ବିରୋଧରେ ଜାମିନ ବିହୀନ ୱାରେଣ୍ଟ ଜାରି କରିଥିଲେ କୋର୍ଟ। ଆଜି ସାକେତ କୋର୍ଟରେ ହାଜର ହୋଇଥିଲେ ମେଧା। ଫୌଜଦାରୀ ମାନହାନୀ ମାମଲାରେ ମେଧା ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏହାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଦିଲ୍ଲୀ ପୋଲିସ ତାଙ୍କୁ ଗିରଫ କରିଛି। ୨୦୦୧ରେ ଦିଲ୍ଲୀ ଲେଫ୍ଟନାଣ୍ଟ ଗଭର୍ଣ୍ଣର ବିନୟ ସକ୍ସେନାଙ୍କ ଦ୍ୱାରା କରାଯାଇଥିବା ମାନହାନୀ ମାମଲାରେ କୋର୍ଟ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ମେଧାଙ୍କ ବିରୋଧରେ ଏନବିଡବ୍ଲ୍ୟୁ ଅର୍ଥାତ ଜାମିନ ବିହୀନ ୱାରେଣ୍ଟ ଜାରି କରିଥିଲେ। ଆସନ୍ତା ମେ ୩ରେ ଏନବିଡବ୍ଲ୍ୟୁ ଏବଂ ଆଗାମୀ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପ୍ରକାଶ କରାଯିବ। ଗତବର୍ଷ ମାଜିଷ୍ଟ୍ରେଟ କୋର୍ଟ ଦେଇଥିବା ଦଣ୍ଡାଦେଶ ବିରୋଧରେ ଆବେଦନ କରିଥିଲେ। ଆବେଦନରେ ତାଙ୍କୁ ଜାମିନ ଦିଆଯାଇଥିଲା। ତାଙ୍କର ୫ମାସ ଜେଲଦଣ୍ଡ ସହ ୧୦ ଲକ୍ଷ ଟଙ୍କା ଜରିମାନା ସ୍ଥଗିତ ରଖାଯାଇଥିଲା। ଭାରତୀୟ ଦଣ୍ଡ ସଂହିତା ଧାରା ୫୦୦ ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ୨୦୦୧ରେ ବିନୟ ସକ୍ସେନା ଓ ମେଧା ପାଟେକରଙ୍କ ମଧ୍ୟରେ ଆଇନଗତ ଲଢେଇ ଆରମ୍ଭ ହୋଇଥିଲା। ସେବେ ମେଧା ତାଙ୍କ ସହ ନର୍ମଦା ବଞ୍ଚାଅ ଆନ୍ଦୋଳନ ଏବିଏ ବିରୋଧରେ ବିଜ୍ଞାପନ ପ୍ରକାଶିତ କରିବା ନେଇ ବିନୟ ସକ୍ସେନାଙ୍କ ବିରୋଧରେ ମକଦ୍ଦମା କରିଥିଲେ। ଭିକେ ସକ୍ସେନା ବନାମ ମେଧା ପାଟେକର ମାନହାନି ମାମଲାରେ ଦିଲ୍ଲୀର ସାକେତ କୋର୍ଟରେ ସାମାଜିକ କର୍ମୀ ମେଧା ପାଟକର ହାଜର ହୋଇଥିଲେ। ବଣ୍ଡ ଦାଖଲ ଏବଂ କ୍ଷତିପୂରଣ ରାଶି ଜମା କରିବା ସର୍ତ୍ତରେ ମେଧାଙ୍କୁ ଜାମିନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ।

# ଭିସା ବାତିଲ୍ ପରେ କ'ଣ କରିବେ ସୀମା ହାଇଦର?



**ନୂଆଦିଲ୍ଲୀ,୨୫।୪:** ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ସୀମା ହାଇଦରଙ୍କ ସ୍ୱାମୀଙ୍କର ଏକ ନୂତନ ଭିଡିଓ ସାମ୍ନାକୁ ଆସିଛି। ଏଥିରେ ଗୁଲାମ ହାଇଦର ତାଙ୍କ ପତ୍ନୀ ସୀମା ହାଇଦର, ତାଙ୍କ ନୂଆ ସ୍ୱାମୀ ସଚିନ ମୀନା ଏବଂ ଓକିଲ ଏପି ସିଂହଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି। ଗୁଲାମ ହାଇଦର କହିଛନ୍ତି ସୀମାର ଗୋଡ଼ ଏବେ ଥରୁଛି। ସେ ଭାବୁଛନ୍ତି ଯେ ଗୁଲାମ ହାଇଦର ଏବେ ତାଙ୍କ ବିରୋଧରେ କିଛି କରିବେ ନାହିଁ। ତେବେ ତାଙ୍କର ଚିନ୍ତାଧାରା ଭୁଲ। ମୁଁ ମୋର ଚାରି ପିଲାଙ୍କ ପାଇଁ ଲଢ଼ିବି।

ପହଲଗାମ ଆକ୍ରମଣ ପରେ ଗୁଲାମ ହାଇଦରଙ୍କ ଭିଡିଓ ଆସିଥିଲା। ପ୍ରକୃତରେ, ପହଲଗାମ ଆକ୍ରମଣ ପରେ, କେନ୍ଦ୍ର ସରକାର ସମସ୍ତ ପାକିସ୍ତାନୀଙ୍କୁ ଦେଶ ଛାଡିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୀମା ହାଇଦର ମଧ୍ୟ ଜଣେ ପାକିସ୍ତାନୀ। ସେ ମେ ୨୦୨୩ରେ ନେପାଳ ଦେଇ ଭାରତ ଆସିଥିଲେ। ସେ ତାଙ୍କର ଚାରି ପିଲାଙ୍କ ସହିତ ଏଠାକୁ ଆସିଥିଲେ। ତା'ପରେ ସେ ତାଙ୍କର ଭାରତୀୟ ପ୍ରେମିକ ସଚିନ ମୀନାଙ୍କୁ ବିବାହ କରିଥିଲେ। ସୀମା ହାଇଦର ମଧ୍ୟ କିଛି ସମୟ ପୂର୍ବରୁ ଏକ ଝିଅକୁ ଜନ୍ମ ଦେଇଛନ୍ତି, ଯିଏ କି ସଚିନଙ୍କର। ଏପରି ପରିସ୍ଥିତିରେ, ଏହା ମଧ୍ୟ ବିଶ୍ୱାସ କରାଯାଉଛି ଯେ ସୀମାଙ୍କୁ ମଧ୍ୟ ଅନ୍ୟ ପାକିସ୍ତାନୀଙ୍କ ପରି ବିଦା କରାଯିବ। କିନ୍ତୁ ସୀମା ହାଇଦରଙ୍କ ଓକିଲ ଏପି ସିଂହ କହିଛନ୍ତି ଯେ ପହଲଗାମ ଆକ୍ରମଣ ବିଷୟରେ ଜାଣିବା ପରେ ସୀମା ବହୁତ ବିରକ୍ତ ଏବଂ ଦୁଃଖିତ, ଯେତେବେଳେ ସେ ନିଜେ ହଷ୍ଟିଟାଲରେ ଅଛନ୍ତି। ଆମେ ସମସ୍ତେ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରୁଛୁ। ସେ କହିଥିଲେ ଯେ ସୀମା ସନାତନ ଧର୍ମ ଗ୍ରହଣ କରିବା ପରେ ପାକିସ୍ତାନରୁ ନେପାଳ ପହଞ୍ଚିଥିଲେ। ସେ ନେପାଳରେ ସଚିନ ମୀନାଙ୍କୁ ବିବାହ କରିଥିଲେ ଏବଂ ଭାରତ ଆସିବା ପରେ ଉଭୟ ସମ୍ପୂର୍ଣ୍ଣ ରୀତିନୀତି ସହିତ ବିବାହ କରିଥିଲେ। ସେ ଆହୁରି କହିଛନ୍ତି ଯେ ସମସ୍ତ ସୀମାଗତ ଡକ୍ୟୁମେଣ୍ଟ ଏଟିଏସ୍, ଗୃହ ମନ୍ତ୍ରଣାଳୟ ଏବଂ ଭାରତ ସରକାରଙ୍କ ନିକଟରେ ଜମା କରାଯାଇଛି। ଏହି ଆବେଦନ ରାଷ୍ଟ୍ରପତିଙ୍କ ନିକଟରେ ବିଚାରାଧୀନ ଅଛି। ସୀମା ତାଙ୍କ ଜାମିନ ସମୟରେ କୋର୍ଟ ଦେଇଥିବା ନିର୍ଦ୍ଦେଶଗୁଡ଼ିକୁ ସମ୍ପୂର୍ଣ୍ଣ ପାଳନ କରୁଛନ୍ତି। ସମାନ ନିର୍ଦ୍ଦେଶ ଅନୁଯାୟୀ, ସୀମା ରାବୁପୁରାରେ ତାଙ୍କ ଶ୍ୱଶୁର ଘରେ ରହୁଛନ୍ତି। ଆଇନ ଉପରେ ତାଙ୍କର ପୂରା ଭରସା ଅଛି। ଉତ୍ତର ପ୍ରଦେଶ ସରକାର ଭାରତ ସରକାର ଏବଂ କୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ପାଳନ କରୁଛି। ସେ କହିଛନ୍ତି ଯେ ସୀମା ଭବିଷ୍ୟତରେ ମଧ୍ୟ ସମାନ ଭାବରେ ସମସ୍ତ ନିର୍ଦ୍ଦେଶ ପାଳନ କରିବେ। କିନ୍ତୁ ଏବେ ଗୁଲାମ ହାଇଦରଙ୍କ ଏକ ଭିଡିଓ ସାମ୍ନାକୁ ଆସିଛି ଯେଉଁଥିରେ ସେ କହିଛନ୍ତି- ସୀମାର ଗୋଡ ଥରୁଛି, ଆଉ ସେହି କଳା ବାଇଗଣ ସଚିନ କେତେଦିନ ବଞ୍ଚି ରହିବ। ଏବେ ନିଷ୍ପତ୍ତି ନେବାର ସମୟ ଆସିଗଲାଣି। ସେମାନେ ସେମାନଙ୍କ କର୍ମର ଫଳ ପାଇବେ। ଏପି ସିଂହ ମଧ୍ୟ ସେମାନଙ୍କୁ ରକ୍ଷା କରିପାରିବେ ନାହିଁ।

## ମହିଳା ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜ

# ଶ୍ରୀଲଙ୍କାରେ ଭାରତୀୟ ମହିଳା ଟିମ୍




### ୨୭ରେ ସିଂହଳୀ ଟିମ୍‌କୁ ଭେଟିବ

**ନୂଆଦିଲ୍ଲୀ,୨୫ା୪:** ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜ ଖେଳିବା ପାଇଁ ଆଜି ଭାରତୀୟ ମହିଳା କ୍ରିକେଟ୍ ଦଳ ଶ୍ରୀଲଙ୍କାରେ ପହଞ୍ଚିଛି। ଆଜିଠୁ ଦଳ ଅଭ୍ୟାସ ଆରମ୍ଭ କରିବ। ଆସନ୍ତା ୨୭ ତାରିଖରୁ ଏହି ସିରିଜ ଆରମ୍ଭ ହେବ। ଏଥିରେ ଆୟୋଜକ ଶ୍ରୀଲଙ୍କା ସମେତ ଭାରତ ଓ ଦକ୍ଷିଣ ଆଫ୍ରିକା ଦଳ ଭାଗ ନେବେ।

ହର୍ମନପ୍ରୀତ କୌରଙ୍କ ନେତୃତ୍ୱରେ ମହିଳା ଦଳ ଶ୍ରୀଲଙ୍କାରେ ପହଞ୍ଚିବା ପରେ ବିଶ୍ରାମ ନେଇଥିଲେ। ଗସ୍ତ ପୂର୍ବରୁ ବେଙ୍ଗାଲୁରୁ ସ୍ଥିତ ବିସିସିଆଇର ସେଣ୍ଟର ଅଫ୍ ଏକ୍ସଲେନ୍ସ ଠାରେ ଦଳର ପ୍ରସ୍ତୁତି ଶିବିର ଆୟୋଜନ କରାଯାଇଥିଲା। ୩ ଦିନ ଧରି ଏହି ଶିବିର ଅନୁଷ୍ଠିତ ହେବା। ଭାରତୀୟ ଦଳ ଆସନ୍ତା ୨୭ ତାରିଖ ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଭେଟିବ। ଏହାପରେ ୨୯ ତାରିଖରେ ଦକ୍ଷିଣ ଆଫ୍ରିକାକୁ, ମେ' ୪ତାରିଖରେ ଶ୍ରୀଲଙ୍କାକୁ ଏବଂ ୭ତାରିଖରେ ଦକ୍ଷିଣ ଆଫ୍ରିକାକୁ ସାମ୍ନା କରିବ। ସିରିଜ ଶେଷ ହେବା ପରେ ଭାରତୀୟ ଦଳ ଆଗାମୀ ଜୁନ୍ ମାସ ଇଂଲଣ୍ଡ ଗସ୍ତ କରି ସୀମିତ ଓଭର କ୍ରିକେଟ୍ ସିରିଜ (୫ଟି ଟି-ଟ୍ୱେଣ୍ଟି, ୩ଟି ଦିନିକିଆ) ଖେଳିବ।

ଭାରତୀୟ ଦଳ: ହର୍ମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧନା (ଉପଅଧିନାୟିକା), ପ୍ରତୀକା ରାୱଲ, ହର୍ଲିନ ଦେଓଲ, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ, ଯଷ୍ଟିକା ଭାଟିଆ, ଦୀପ୍ତି ଶର୍ମା, ଅମନଜୋତ କୌର, କାଶଭୀ ଗୌତମ, ସ୍ନେହ ରାଣା, ଅରୁନ୍ଧତୀ ରେଡ୍ଡୀ, ତେଜଲ ହସବନିସ୍, ଶ୍ରୀ ଚରଣୀ, ସୁଚୀ ଉପାଧ୍ୟାୟ।

## ପହଲଗାମ ଆତଙ୍କୀ ହମ୍‌ଲା: ଆଇସିସିକୁ ବିସିସିଆଇର ଚିଠି

# ପାକିସ୍ତାନ ସହ ଆଉ ଖେଳିବନି ଭାରତ




### ଏସିଆ କପକୁ ନେଇ ଚିନ୍ତାରେ ବିସିସିଆଇ

**ନୂଆଦିଲ୍ଲୀ, ୨୫ା୪:** ପହଲଗାମରେ ଆତଙ୍କୀ ହମଲା ପରେ ଆକ୍ସନ ମୋଡରେ ବିସିସିଆଇ। ଖବର ମୁତାବକ, ବିସିସିଆଇ ଆଇସିସିକୁ ଏନେଇ ଚିଠି ଲେଖିଛି। ବିସିସିଆଇ କହିଛି ଯେ, ପାକିସ୍ତାନ ସହିତ ମ୍ୟାଚ୍ ଖେଳିବାକୁ ଚାହୁଁନି। ଭାରତ ଓ ପାକିସ୍ତାନ ଶେଷ ଥର ପାଇଁ ୨୦୨୫ ମସିହାରେ ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ମୁହାଁମୁହିଁ ହୋଇଥିଲା। ସେହି ମ୍ୟାଚ୍‌ରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ପାକିସ୍ତାନକୁ ୬ ୱିକେଟରେ ପରାସ୍ତ କରିଥିଲା।

ରିପୋର୍ଟ ଅନୁଯାୟୀ, ବିସିସିଆଇ ଆଇସିସିକୁ ଏକ ଚିଠି ଲେଖିଛି। ଚିଠିରେ ଅନୁରୋଧ କରିଛି କି, ଭବିଷ୍ୟତରେ ଆଇସିସି ବିଶ୍ୱସ୍ତରୀୟ ଇଭେଣ୍ଟଗୁଡ଼ିକରେ ଭାରତ ଓ ପାକିସ୍ତାନକୁ ଗୋଟିଏ ଗ୍ରୁପ୍‌ରେ ରଖାନଯାଉ। ବିସିସିଆଇ ଆଉ ଭାରତ ଓ ପାକିସ୍ତାନ ମଧ୍ୟରେ ମୁହାଁମୁହିଁ ମ୍ୟାଚ୍ ହେବାକୁ ଚାହୁଁନାହିଁ। ଅତି କମରେ ଆଇସିସି ଇଭେଣ୍ଟଗୁଡ଼ିକର ଗ୍ରୁପ୍ ପର୍ଯ୍ୟାୟରେ ରହୁ। କିନ୍ତୁ ଉଭୟ ଦଳ ଆଇସିସି ମହିଳା ଓଡିଆଇ ବିଶ୍ୱକପରେ ଅଂଶଗ୍ରହଣ କରିବେ। ପାକିସ୍ତାନ ଆଠଟି ଦଳର ଟୁର୍ଣ୍ଣାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଯେଉଁଠାରେ ପ୍ରତ୍ୟେକ ଦଳ ରାଉଣ୍ଡ-ରବିନ୍ ଫର୍ମାଟରେ ଅନ୍ୟ ସମସ୍ତ ଦଳ ବିପକ୍ଷରେ ଖେଳିବେ। ଆଇସିସି, ପିସିବି ଏବଂ ବିସିସିଆଇ ମଧ୍ୟରେ ହୋଇଥିବା ଏକ ପୁରୁଣା ଚୁକ୍ତିନାମା ଅନୁଯାୟୀ, ପାକିସ୍ତାନ ଭାରତରେ ଏହାର କୌଣସି ମ୍ୟାଚ୍ ଖେଳିବ ନାହିଁ। ଚଳିତ ବର୍ଷ ୨୬ ସେପ୍ଟେମ୍ବରରୁ ୨ ନଭେମ୍ବର ମଧ୍ୟରେ ଭାରତରେ ମହିଳା ବିଶ୍ୱକପ୍ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଯେଉଁଠାରେ ଭାରତ ଓ ପାକିସ୍ତାନ ପାଇଁ ନିରପେକ୍ଷ ସ୍ଥାନ ବିଷୟରେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ।

ସେହିପରି ପୁରୁଷ ଆଇସିସି ଟୁର୍ଣ୍ଣାମେଣ୍ଟ ୨୦୨୬ରେ ହେବ। ଭାରତ ଏବଂ ଶ୍ରୀଲଙ୍କା ଫେବ୍ରୁଆରୀ ଏବଂ ମାର୍ଚ୍ଚ ମଧ୍ୟରେ ଟି୨୦ ବିଶ୍ୱକପ ଆୟୋଜନ କରିବ। ହେଲେ ବିସିସିଆଇ ଚିନ୍ତା ଏସିଆ କପକୁ ନେଇ ରହିଛି। ଯାହା ସେପ୍ଟେମ୍ବରରେ ଖେଳାଯିବ। ତେବେ ବୋର୍ଡ ଭାରତ ସରକାରଙ୍କ ନିଷ୍ପତ୍ତିକୁ ପାଳନ କରିବ ବୋଲି ବିସିସିଆଇ ଉପାଧକ୍ଷ ରାଜୀବ ଶୁକ୍ଲା ପୂର୍ବରୁ କହିଥିଲେ।

## ଆରମ୍ଭ ହେଲା କବାଡ଼ି ପ୍ରିମିୟର ଲିଗ୍ ସାମିଲ ହେଲେ ୧୨ ଦଳ

**ସମ୍ବଲପୁର,୨୪ା୪:** ସମ୍ବଲପୁର କବାଡ଼ି କ୍ଲବ ଓ ସମ୍ବଲପୁର ବଏଜ ମିଳିତ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ସମ୍ବଲପୁର କବାଡ଼ି ପ୍ରିମିୟର ଲିଗ(ଏସ୍‌କେପିଏଲ) ଗୁରୁବାର ରାତିରେ ଗଙ୍ଗାଧର ମୁକ୍ତ ମଣ୍ଡପ ପଡିଆରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ମା' ମାନସା ଆର୍ମି ଏବଂ ସମଲେଶ୍ୱରୀ ଷ୍ଟ୍ରାଇକର୍ସ ମଧ୍ୟରେ ହୋଇଥିଲା। ଏଥିରେ ମନସା ଆର୍ମି ୪୨-୨୪ ପଏଣ୍ଟରେ ବିଜୟ ହାସଲ କରିଥିଲା । ରାଜେଶ ସେଟ୍, କାର୍ତ୍ତିକ ବାରିକ, ରମେଶ ବେରିହା, ଗୀତା କଂସାରି, ଆନନ୍ଦ ଚନ୍ଦ୍ର ପତି, ପ୍ରଶାନ୍ତ ସେଟ୍ ମ୍ୟାଚ ପରିଚାଳନା କରିଥିଲେ। ସମ୍ବଲପୁର କବାଡି କ୍ଲବ ସଭାପତି ସିଦ୍ଧାର୍ଥ ସାହାଙ୍କ ପରିଚାଳନା ଓ ରାମଦାସ ପଣ୍ଡାଙ୍କ ସଂଯୋଜନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ବେଦ ଭୂଷଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ସମ୍ବଲପୁର ଜିଲା ଭାଜପା ସଭାପତି ଗିରିଶ ପଟେଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ପାଦକ ଉମାପତି ତ୍ରିପାଠୀ ସୂଚନା ପ୍ରଦାନ କରିଥିବା ବେଳେ ଟୁର୍ନାମେଣ୍ଟ ଆୟୋଜନ କମିଟି ସଭାପତି ରବି ମୁଖି ଅତିଥି ସ୍ୱାଗତ କରିଥିଲେ। ସେହିପରି ସମ୍ପାଦକ ଭଜନ ତରିଆ ମ୍ୟାଚ ବିଷୟରେ ସୂଚନା ଦେଇଥିଲେ। ଚଳିତ ବର୍ଷ ପଶ୍ଚିମ ଓଡ଼ିଶାସ୍ତରୀୟ ଏହି ପ୍ରିମିୟର ଲିଗରେ ଗାନ୍ଧୀ ବୁଲସ, ମହାକାଲ ରାଇଡର୍ସ, ବୀର ତ୍ରିରଙ୍ଗା ବଏଜ, ପଶ୍ଚିମାଞ୍ଚଳ ପାନ୍ଥର୍ସ, ସମଲେଶ୍ୱରୀ ଷ୍ଟ୍ରାଇକର୍ସ, ଅଞ୍ଜନୀ ପୁତ୍ର ହଣ୍ଟର୍ସ, ଅଯୋଧ୍ୟା ସରୋବର, ମାଁ ମନସା ଆର୍ମି, ବୁଢ଼ିମା ଟାଇଗର୍ସ, ଆମ୍ବେଦକର ଲାୟନ୍ସ, ଘଣ୍ଟେଶ୍ୱରୀ ୱାରିୟର୍ସ ଓ ମା' ଘିକୁଣ୍ଡି ଯୋଦ୍ଧା ଦଳ ଭାଗ ନେଇଛନ୍ତି । ଖେଳଗୁଡ଼ିକୁ ସ୍ଥାନୀୟ ଅଫିସିଆଲ ପରିଚାଳନା କରିଥିଲେ। ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ୩ ଶହ କବାଡ଼ି ଖେଳାଳି, କୋଚ, ମ୍ୟାନେଜର ଟୁର୍ନାମେଣ୍ଟରେ ସାମିଲ ହୋଇଛନ୍ତି। ମ୍ୟାଚଗୁଡ଼ିକ ପ୍ରତିଦିନ ଅପରାହ୍ନ ୪ଟାରୁ ଆରମ୍ଭ ହୋଇ ରାତି ୧୦ଟାରେ ଶେଷ କରିବାକୁ ସ୍ଥିର ହୋଇଛି । ଚଳିତମାସ ୨୭ ତାରିଖ ପ୍ରତିଯୋଗିତା ଉଦଯାପିତ ହେ। ଗୁରୁବାର ସକାଳ ୮ ଟାରେ ସମଲେଇଙ୍କଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ କବାଡି ଖେଳାଳିମାନେ ଶୋଭାଯାତ୍ରାରେ ବାହାରି କମାଲିବଜାର, ବଳିବନ୍ଧା, କୁଞ୍ଜେଲପଡା, ହାଟପଡ଼ା, ଦଳେଇପଡା ପରିକ୍ରମା କରି ଗଙ୍ଗାଧର ମଣ୍ଡପଠାରେ ପହଞ୍ଚିଥିଲା । ବିମଳ ବରିହା, ଅବିନାଶ ମିତ୍ର, ଅବିନାଶ ବେହେରା, କବାଡି କ୍ଲବ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନୀରଜଙ୍କ ନିମନ୍ତ୍ରଣକୁ ଅର୍ସଦଙ୍କ ପ୍ରତ୍ୟାଖ୍ୟାନ

## ଏନ୍‌ସି କ୍ଲାସିକ୍‌କୁ ନେଇ ବଢ଼ୁଛି ଉତ୍ସାହ କିଶୋରଙ୍କୁ ମିଳିପାରେ ସୁଯୋଗ




**ବେଙ୍ଗାଲୁରୁ, ୨୫ା୪:** ଯୁଗଳ ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ନିଜ ନାମରେ ଏକ ବିଶ୍ୱସ୍ତରୀୟ ଜାଭଲିନ୍ ପ୍ରତିଯୋଗିତା ଆୟୋଜନ କରିବାକୁ ଯାଉଛନ୍ତି। 'ଏନ୍‌ସି କ୍ଲାସିକ୍' ଭାବେ ନାମିତ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ନୀରଜ ତାଙ୍କ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ତଥା ପ୍ୟାରିସ୍ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଅର୍ସଦ ନଦୀମଙ୍କୁ ଆମନ୍ତ୍ରଣ କରିଥିଲେ। ହେଲେ ଅଭ୍ୟାସ ସୂଚୀରେ ପରିବର୍ତ୍ତନ କରିବାକୁ ଚାହୁଁନଥିବା ଦର୍ଶାଇ ତାଙ୍କର ଏହି ପ୍ରସ୍ତାବକୁ ଅର୍ସଦ ପ୍ରତ୍ୟାଖ୍ୟାନ କରି ନେଇଛନ୍ତି। ପୁଣି ପରିବହନ ଓ ଯୋଗାଯୋଗ ଜନିତ ସସମ୍ୟା ପାଇଁ ଏବେ ଏହି ପ୍ରତିଯୋଗିତାକୁ ବେଙ୍ଗାଲୁରୁର କାନ୍ତିରବା ଷ୍ଟାଡିୟମ୍‌କୁ ସ୍ଥାନାନ୍ତର କରିଦିଆଯାଇଛି। ଅର୍ସଦ ଆସନ୍ତୁ କିମ୍ବା ନ ଆସନ୍ତୁ 'ଏନ୍‌ସି କ୍ଲାସିକ୍' ଆୟୋଜିତ ହେବା ସହ ଭାରତୀୟ କ୍ରୀଡ଼ା ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ି ହେବା ଏକପ୍ରକାର ନିଶ୍ଚିତ। ବ୍ୟକ୍ତିଗତ ଭାବେ ନୀରଜ ମଧ୍ୟ ନିଜ ନାମରେ କୌଣସି ଆଥଲେଟିକ୍ସ ପ୍ରତିଯୋଗିତା ଆୟୋଜନ କରିଥିବା ମଣ୍ଡୋ ଡୁପ୍ଲାଣ୍ଟିସ୍ ଓ କିଲି ହଜକିନସନ୍‌ଙ୍କ ଭଳି ହାତଗଣତି ଖେଳାଳିଙ୍କ ମଧ୍ୟରେ ସାମିଲ ହେବେ। ଅର୍ସଦ ଓ ନୀରଜଙ୍କ ଛଡ଼ା ଜାଭଲିନ୍ ଜଗତର ଏହି ଶୀର୍ଷ ସ୍ତରୀୟ ପ୍ରତିଯୋଗିତାରେ ଗ୍ରେନେଡାର ଆଣ୍ଡରସନ୍ ପିଟର୍ସ ଓ ଜର୍ମାନୀର ଥୋମାସ ରୋହଲରଙ୍କ ଭଳି ଅନ୍ତର୍ଜାତୀୟ ତାରକାଙ୍କ ସହ ଭାରତର ରୋହିତ ଯାଦବ, କିଶୋର ଜେନା ଏବଂ ଆଉ ୩ରୁ ୪ଜଣ ଖେଳାଳି ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ପ୍ରତିଯୋଗିତା ଆୟୋଜନ ପାଇଁ ନୀରଜ, ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟସ ଓ ସର୍ବଭାରତୀୟ ଦୌଡ଼କୁଦ ମହାସଂଘ ହାତ ମିଳାଇଛନ୍ତି।

## ଜାତୀୟ ଫେଡେରେସନ୍ ଦୌଡ଼କୁଦ

# ଯଶବୀରଙ୍କୁ କାଂସ୍ୟ, ଓଡ଼ିଶାକୁ ୫ ପଦକ

**ଭୁବନେଶ୍ୱର,୨୫ା୪:** ଓଡ଼ିଶା ଧାବକ ଅନିମେଷ କୁଜୁର ପୁରୁଷ ୨୦୦ ମିଟରରେ ଜାତୀୟ ରେକର୍ଡ ଅଧିକାରୀ ହୋଇଛନ୍ତି। କେରଳର କୋଚିଠାରେ ଆୟୋଜିତ ୨୮ତମ ଜାତୀୟ ଫେଡେରେସନ ଦୌଡ଼କୁଦ ପ୍ରତିଯୋଗିତାରେ ପୂର୍ବରୁ ୧୦୦ ମିଟର ଦୌଡ଼ରେ ରୌପ୍ୟ ଜିତିଥିବା ଅନିମେଷ ଗୁରୁବାର ୨୦୦ ମିଟର ଫାଇନାଲ୍ ରେସ୍‌କୁ ୨୦.୪୦ ସେକେଣ୍ଡରେ ଶେଷ କରି ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏଥିସହ ସେ ଅମ୍ଲାନ ବଡ଼ଗୋହାଇଁ (୨୦.୫୨ ସେକେଣ୍ଡ)ଙ୍କ ନାମରେ ଥିବା ଜାତୀୟ ରେକର୍ଡ ଭାଙ୍ଗିବା ସହ ଏସୀୟ ଚାମ୍ପିଅନ୍‌ସିପ୍ ଯୋଗ୍ୟତା ମାନଦଣ୍ଡ (୨୦.୫୩ ସେକେଣ୍ଡ) ମଧ ପୂରଣ କରିଛନ୍ତି। ତାଙ୍କ ପଛକୁ ରିଲାଏନ୍ସ ଫାଉଣ୍ଡେସନ୍‌ର ଅମ୍ଲାନ (୨୦.୮୦) ଏବଂ ତାମିଲନାଡୁର ରଗୁଲ କୁମାର (୨୦.୮୫ ସେକେଣ୍ଡ) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପାଇଥିଲେ। ଏହି ଇଭେଣ୍ଟ୍‌ରେ ଭାଗ ନେଇଥିବା ଅନ୍ୟ ଜଣେ ଓଡ଼ିଶା ଖେଳାଳି ଦଣ୍ଡପତି ଏମ୍ ଜୟରାମ ଅଯୋଗ୍ୟ ହୋଇ ଯୋଗ୍ୟତା



ପର୍ଯ୍ୟାୟରୁ ବିଦାୟ ନେଇଥିଲେ। ଅନିମେଷଙ୍କ ସ୍ୱର୍ଣ୍ଣ ସହ ଗୁରୁବାର ଶେଷ ଦିନରେ ଓଡ଼ିଶା ପାଇଁ ଦ୍ୱିତୀୟ ପଦକ ଜିତିଛନ୍ତି ଯଶବୀର ନାୟକ (କାଂସ୍ୟ)। ପୁରୁଷ ଡେକାଥଲନ୍‌ରେ ଯଶବୀର ୩୫୨୫ ପଏଣ୍ଟ୍

### ଜାତୀୟ ରେକର୍ଡ ସହ ଅନିମେଷଙ୍କୁ ସ୍ୱର୍ଣ୍ଣ

ସହ ତୃତୀୟ ସ୍ଥାନରେ ରହିଥିଲେ। ଅନ୍ୟ ଜଣେ ଓଡ଼ିଆ ଅବ୍ୟକ୍ତ ମିର୍ଦ୍ଧା (୨୮୯୫) ଦଶମ ସ୍ଥାନରେ ଅଭିଯାନ ଶେଷ କରିଥିଲେ। ମହିଳା ୨୦୦ ମିଟର ଫାଇନାଲ୍‌ରେ ପହଞ୍ଚିଥିବା ଓଡ଼ିଶା ଭେଟେରାନ୍ ଧାବିକା ଶ୍ରାବଣୀ ନନ୍ଦ (୨୪.୭୪ ସେକେଣ୍ଡ) ପଞ୍ଚମ ସ୍ଥାନରେ ରହିଥିଲେ। ମହିଳା ୮୦୦ ମିଟର ଦୌଡ଼ରେ ଲକ୍ଷ୍ମୀପ୍ରିୟା କିଷାନ (୨:୧୧.୯୧) ପଞ୍ଚମ ସ୍ଥାନରେ ରହି ଯୋଗ୍ୟତା ରାଉଣ୍ଡରୁ ବିଦା ହୋଇଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ଗୋଟିଏ କାଂସ୍ୟ ସମେତ ମୋଟ ୫ ପଦକ ସହ ଅଭିଯାନ ଶେଷ କରିଛି। ପୂର୍ବରୁ ଅନିମେଷ (୧୦୦ ମିଟର ଦୌଡ଼), ପ୍ରଜ୍ଞା ପ୍ରଶାନ୍ତି ସାହୁ (୧୦୦ ମିଟର ବାଧାଦୌଡ଼) ଓ ସ୍ୱାଧୀନ କୁମାର ମାଝୀ (ଉଚ୍ଚ ଡିଆଁ) ରୌପ୍ୟ ଜିତିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବାନ୍ଦିପୋରାରେ...

ସୁରକ୍ଷା କର୍ମୀଙ୍କ ଉପସ୍ଥିତି ନେଇ ଅବଗତ ହେବା ପରେ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳି ମାଡ଼ କରି ଖସିଯିବା ସକାଶେ ଉଦ୍ୟମ କରିଥିଲା ଲାଲି। ଏହାର ପାଲଟା ଜବାବ ଦେଇଥିଲା ଭାରତୀୟ ସେନା, ଯେଉଁଥିରେ ଲାଲି ନିହତ ହୋଇଥିବା ଜଣାପଡ଼ିଛି।

### ଓଡ଼ିଶାରେ...

ନିୟୁତ ଟନ କ୍ରୋମାଇଟ ଓ ୨୬୯ ନିୟୁତ ଟନ କୋଇଲା ଉତ୍ପାଦନ ହେଉଛି।

ରାଜ୍ୟରେ ଏବେ ୫୪ଟି ଇଣ୍ଟିଗ୍ରେଟେଡ ଇସ୍ପାତ କାରଖାନା କାର୍ଯ୍ୟକ୍ଷମ ଥିବା ବେଳେ ଏସବୁର ଉତ୍ପାଦନ କ୍ଷମତା ହେଉଛି ବାର୍ଷିକ ୪୧.୨୧ ନିୟୁତ ଟନ। ୨୦୨୩ ସୁଦ୍ଧା ରାଜ୍ୟରେ ଇସ୍ପାତ ଉତ୍ପାଦନ ୧୩୦ ନିୟୁତ ଟନକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ତେଣୁ ରାଜ୍ୟରେ ଏତେ ପରିମାଣର କଞ୍ଚାମାଲ ରହିଛି ଯେ ଓଡ଼ିଶାରେ ନିବେଶକଙ୍କୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶା ଖଣି ନିଗମ ଜରିଆରେ ବ୍ୟବହାରକାରୀଙ୍କୁ ସବୁପ୍ରକାର କଞ୍ଚାମାଲ ଯୋଗାଇ ଦିଆଯାଉଛି। ଓଡ଼ିଶା ଏବେ ନିଜକୁ ଏକ ଉତ୍ପାଦନଭିତ୍ତିକ ରାଜ୍ୟରେ ରୂପାନ୍ତରିତ କରିବାକୁ ଚେଷ୍ଟା କରୁଛି। ଏଭଳି ସୁଯୋଗ ହାତଛଡ଼ା ନକରିବାକୁ ପୁଞ୍ଜିନିବେଶକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅପିଲ କରିଛନ୍ତି।

### ପାକିସ୍ତାନ...

ଘରେ ତନ୍ନ ତନ୍ନ କରି ଯାଞ୍ଚ୍ କରାଯାଉଛି।

ଅନ୍ୟପଟେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଶ୍ରୀନଗରରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି



ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ। ଏଥିସହ ଜମ୍ମୁ ଓ କାଶ୍ମୀରର ଲେଫ୍ଟନାଣ୍ଟ ଗଭର୍ଣ୍ଣର ମନୋଜ ସିହ୍ନାଙ୍କ ସହ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଆତଙ୍କୀ ଭିତ୍ତିଭୂମିକୁ ସମୂଳେ ବିନାଶ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ସେନାମୁଖ୍ୟଙ୍କୁ କହିଛନ୍ତି। ସେନା, ପୁଲିସ ଓ ସିଏପିଏଫର ବୀରତ୍ୱ ଓ ସାହସିକତା ଉପରେ ସାରା ଦେଶର ବିଶ୍ୱାସ ରହିଛି। ସମସ୍ତେ ମିଶି ଆତଙ୍କୀମାନଙ୍କୁ ଚିହ୍ନଟ କରିବାକୁ ପଡିବ । ସେମାନଙ୍କୁ ସମର୍ଥନ କରୁଥିବା ଗୋଷ୍ଠୀକୁ ମଧ୍ୟ ଧ୍ୱଂସ କରିବାକୁ ପଡିବ। ଆତଙ୍କବାଦୀଙ୍କୁ ମୂଳପୋଛ କରିବା ପାଇଁ କଠୋର ପଦକ୍ଷେପ ନେବାକୁ ପଡିବ। ସେମାନେ ଯେଉଁ ଦେଶର କିମ୍ବା ଯେଉଁ ଗୋଷ୍ଠୀର ହୋଇଥାନ୍ତୁ ନା କାହିଁକି ସେମାନଙ୍କୁ ପାନେ ଦେବାକୁ ପଡିବ । ନିରୀହ ଜନତାଙ୍କ ବିରୋଧରେ ଏଭଳି କାପୁରୁଷ ଓ ବର୍ବରୋଚିତ କାଣ୍ଡ ପାଇଁ ଆତଙ୍କୀମାନଙ୍କୁ ବହୁମୂଲ୍ୟ ଦେବାକୁ ପଡିବ । ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ ସହ ଆଲୋଚନା ବେଳେ ସେନାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ସ୍ମାର୍ଟ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସଠିକ୍ ନୀତିର ସମର୍ଥନ ପୂର୍ବ ଭାରତର ସମ୍ଭାବନାକୁ ଚିହ୍ନଟ କରିବା ସହ ଇସ୍ପାତର ପେଣ୍ଠସ୍ଥଳୀ ହେବା ପାଇଁ ମାର୍ଗ ପ୍ରଶସ୍ତ ହୋଇଛି ଏବଂ ଭାରତ ବିଶ୍ୱ ଇସ୍ପାତ୍ ବଜାରରେ ଷ୍ଟ୍ରାଟେଜିକ୍ ସ୍ଥିତି ମାଧ୍ୟମରେ ଏକ ନୂଆ ରୂପରେ ଉଭା ହେଉଛି। ଜାତୀୟ ଇସ୍ପାତ ନୀତି-୨୦୧୭ ଇସ୍ପାତ ଶିଳ୍ପକୁ ତା'ର ପୂର୍ଣ୍ଣ ସମ୍ଭାବନା ସହ ମୂଲ୍ୟଯୁକ୍ତ ଓ ସବୁଜ ଇସ୍ପାତ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛି। ଆଗାମୀ ଦିନରେ ମୂଲ୍ୟଯୁକ୍ତ ଓ ସବୁଜ ଇସ୍ପାତ ଉତ୍ପାଦନ ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଶିଳ୍ପ ପରିବର୍ତ୍ତନକୁ ଏକ ପ୍ରତିଯୋଗିତାମୂଳକ ଲାଭରେ ପରିଣତ କରିବା ପାଇଁ ସବୁଜ ଇସ୍ପାତ ସୁଯୋଗ ଦେଇଛି। ଯେତେବେଳେ ଆମେ ଇସ୍ପାତ କ୍ଷେତ୍ରର ପୁନଃକଳ୍ପନା କରିବା ସହ ଏହାକୁ ଅଧିକ ଅଭିନବତାଭିତ୍ତିକ କରିବା, ସେତେବେଳେ ଆମର ପ୍ରତିଭାବାନ ଯୁବକମାନଙ୍କ ପାଇଁ ଉଦ୍ଭାବନ ଓ ଶିଳ୍ପ ସହିତ ସହଯୋଗ କରିବାର ସୁଯୋଗ ମଧ୍ୟ ସୃଷ୍ଟି କରିବା ଆବଶ୍ୟକ। ଆଗାମୀ ଦିନରେ ଇସ୍ପାତ କେବଳ ଶକ୍ତିଶାଳୀ ହେବ ନାହିଁ, ଏହା ସ୍ମାର୍ଟ ଓ ସବୁଜ ମଧ୍ୟ ହେବ। ଆମର ଇସ୍ପାତ ଶିଳ୍ପ ଆର୍ଥିକ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି, ଶିଳ୍ପ ବିକାଶ ଏବଂ ନିରନ୍ତର ଓ ସମାବେଶୀ ପ୍ରଗତି ପାଇଁ ବିଶ୍ୱସ୍ତରୀୟ ମାନଦଣ୍ଡ ସ୍ଥାପିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ପ୍ରଧାନ ମତ ପ୍ରକାଶ କରିଛନ୍ତି।

### ତୁରନ୍ତ...

ତୁରନ୍ତ ବିତାଡ଼ିତ କରିବା ସକାଶେ ମୁଖ୍ୟମନ୍ତ୍ରୀମାନଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପାକ୍ ନାଗରିକଙ୍କ ଭିସା ରଦ୍ଦ କରି ତୁରନ୍ତ ସେମାନଙ୍କୁ ନିଜ ନିଜ ରାଜ୍ୟରୁ ବାହାର କର ବୋଲି କହିଛନ୍ତି ଶାହ।

ଏସବୁ ମଧ୍ୟରେ ଓଡ଼ିଶାରେ ୧୨ ଜଣ ପାକିସ୍ତାନୀ ନାଗରିକ ରହିଥିବା ଜଣାପଡିଛି । ଦୀର୍ଘକାଳୀନ ଭିସାରେ ଏହି ପାକିସ୍ତାନୀମାନେ ଓଡ଼ିଶାରେ ଅଛନ୍ତି। ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ ପରେ ସେମାନଙ୍କୁ ଭାରତ ଛାଡ଼ିବାକୁ ନୋଟିସ୍ ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି। ପହଲଗାମ୍ ଆତଙ୍କୀ ହମ୍‌ଲା ପରେ ଭାରତର ବଡ଼ କାର୍ଯ୍ୟାନୁଷ୍ଠାନ ପୂର୍ବକ ଭିସା ବାତିଲ ସହ ସାର୍କ ଭିସାରେ ଥିବା ପାକିସ୍ତାନ ନାଗରିକଙ୍କୁ ୪୮ ଘଣ୍ଟାରେ ଭାରତ ଛାଡ଼ିବାକୁ ମହଲତ୍ ଦିଆଯାଇଥିଲା। ମେଡିକାଲ ଭିସାରେ ଥିବା ନାଗରିକଙ୍କୁ ଏପ୍ରିଲ ୨୯ ତାରିଖ ସୁଦ୍ଧା ଭାରତ ଛାଡିବାକୁ କୁହାଯାଇଥିଲା ।

ଏହି ଭିସା ବାତିଲ ପରେ ଭାରତ ଛାଡୁଛନ୍ତି ପାକିସ୍ତାନୀ। ଭାରତ ଦେଇଥିବା ୪୮ ଘଣ୍ଟାର ମହଲତ ଆଜି ପୂରୁଥିବାରୁ ପଞ୍ଜାବ ଅମୃତସର ନିକଟ ଅଟାରୀ ଚେକପୋଷ୍ଟ ନିକଟରେ ଲାଗିଛି ଭିଡ଼। ଅନେକ ପାକିସ୍ତାନୀ ନାଗରିକ ଭାରତ ଛାଡ଼ି ସ୍ୱଦେଶ ଫେରୁଛନ୍ତି। ଭାରତ ଛାଡ଼ି ଯାଉଥିବାରୁ ସେମାନେ ଦୁଃଖ ମଧ୍ୟ ପ୍ରକାଶ କରିଛନ୍ତି। ତେବେ ପହଲଗାମ ଆକ୍ରମଣରେ ପାକିସ୍ତାନର ସମ୍ପୃକ୍ତି ନେଇ ପଚାରିବାରୁ କେତେକେ ପାକିସ୍ତାନୀ ଏହି ଘଟଣାକୁ ନିନ୍ଦା କରୁଥିବା ବେଳେ ଆଉ କେହି ଚୁପ୍ ରହିବାକୁ ଉଚିତ ମଣୁଛନ୍ତି।

### ୩୦ ବର୍ଷ...

ଟିଆର୍‌ଏଫ୍ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ସେ ଯୁକ୍ତି ବାଢ଼ିଛନ୍ତି ଲସ୍କରର ଅସ୍ତିତ୍ୱ ଏବେ ନାହିଁ, ତେଣୁ ଟିଆର୍‌ଏଫ୍ ସୃଷ୍ଟି ହେବ କେମିତି? ଗୋଟିଏ ପଟେ କଶ୍ମୀର ପ୍ରସଙ୍ଗ ଭାରତ ସହ ଯୁଦ୍ଧ ପରିସ୍ଥିତି ସୃଷ୍ଟି କରିପାରେ ବୋଲି କହିଛନ୍ତି । ସେପଟେ ଭାରତ ସହ ବୁଝାମଣା ଓ ଆଲୋଚନାରେ ବିବାଦର ସମାଧାନ ପାଇଁ କହୁଛନ୍ତି । ଯାହା ଦର୍ଶାଉଛି ପାକିସ୍ତାନ ଏବେ ଭୟଭୀତ । ଭାରତର କଡ଼ା ଆଭିମୁଖ୍ୟରେ ବିଚଳିତ ପାକିସ୍ତାନ ସରକାର।

### ବ୍ରହ୍ମପୁରରେ...

ରେକର୍ଡ କରାଯାଇଛି। ସତ୍ୟନାରାୟଣ ଝାରସୁଗୁଡାରେ ହୋଟେଲ କରିଥିଲେ ମଧ୍ୟ ନବ ଦାସ ହତ୍ୟାକାଣ୍ଡ ପୂର୍ବରୁ ହୋଟେଲ ବନ୍ଦ କରି ଝାରସୁଗୁଡା ଛାଡ଼ି ଚାଲିଯାଇଥିଲେ। ତେଣୁ ସେ ହତ୍ୟାକାଣ୍ଡ ପୂର୍ବରୁ ଖବର ପାଇଥିବା ସନ୍ଦେହ କରାଯାଉଛି। ସେଥିପାଇଁ କ୍ରାଇମ୍ ବ୍ରାଞ୍ଚ୍ ଟିମ୍ ଗୁଡ଼ାଇତୁଡ଼ାଇ ପଚରାଉଚରା କରିଛି।

ସେହିପରି ଗୋପାଳର ପୁତୁରା ପ୍ରଦୀପ ଦାସ ଓ ପୁଅ ମନୋଜର ମଧ୍ୟ ବୟାନ ରେକର୍ଡ ହୋଇଛି। ପୂର୍ବରୁ ଅଭିଯୁକ୍ତ ଗୋପାଳର ପତ୍ନୀଙ୍କ ବୟାନ ରେକର୍ଡ ହୋଇଥିଲେ ମଧ୍ୟ ପୁଣି ଆଉ ଥରେ ଆଜି ପଚରାଉଚରା କରିବା ସହ ତଦନ୍ତକାରୀ ଅଧିକାରୀମାନେ ବୟାନ ରେକର୍ଡ କରିଛନ୍ତି। ସେପଟେ ଅଭିଯୁକ୍ତ ଗୋପାଳର ମୋବାଇଲ ପୁଣି ଥରେ ଯାଞ୍ଚ ହୋଇଛି। ହତ୍ୟାକାଣ୍ଡର ୬ ମାସ ପୂର୍ବର କଲ୍ ଡିଟେଲ୍ସ ସଂଗ୍ରହ କରାଯାଇଛି। ଏହି ସମୟ ମଧ୍ୟରେ ଗୋପାଳ ସହ କଥା ହୋଇଥିବା କେତେକ ବ୍ୟକ୍ତିଙ୍କ ନମ୍ବର ସନ୍ଦେହ ଘେରକୁ ଆସିଛି। ଏହି ମାମଲାରେ ପୂର୍ବରୁ ମଧ୍ୟ ଗୋପାଳଙ୍କ ଭାଇ, ପୁତୁରା, ପୁଅ ଓ ପତ୍ନୀଙ୍କ ବୟାନ ରେକର୍ଡ କରାଯାଇଥିଲେ ହେଁ ହତ୍ୟାକାଣ୍ଡ ପଛରେ ଲୁଚି ରହିଥିବା

ଅନେକ ପ୍ରଶ୍ନକୁ ସେତେବେଳେ ଅଣଦେଖା କରାଯାଇଥିବା ସନ୍ଦେହ କରାଯାଉଛି। ସେଥିପାଇଁ ତଦନ୍ତକାରୀ ଟିମ୍ ଏବେ ପୁଣି ବିଭିନ୍ନ ଦିଗକୁ ନେଇ ଛାନ୍‌ଭିନ୍ ଆରମ୍ଭ କରୁଛି। ୨ ଦିନ ଭିତରେ ୫ ଜଣଙ୍କୁ ପଚରାଉଚରା କରିବା ସହ ସେମାନଙ୍କ ବୟାନ ରେକର୍ଡ କରାଯାଇଛି।

### ନକ୍ସଲବିରୋଧୀ...

କଡ଼ା ଚେତାବନୀ ଶୁଣାଇଥିଲେ। କିନ୍ତୁ ଏବେ ବି ପ୍ଲାଟୁନ୍ ନମ୍ବର-୧ର ମୁଖ୍ୟ ହିଡ଼ମା ଚଳାଇଛି ଲାଲ୍ ସାମ୍ରାଜ୍ୟ। ହଜାରେରୁ ଅଧିକ ମାଓବାଦୀଙ୍କୁ ପାଖରେ ରଖି ମାଓଦମନ ଅପରେସନ୍ ବିରୋଧରେ ଗୋଟି ଚାଳନା କରୁଛି ସେ।

ଦାମୋଦର, ଆଜାଦ, ପାପ୍ପା ରାଓ, ଚନ୍ଦ୍ରାନ୍ନା, ସୁଜାତା, ମଙ୍ଗୁଡୁ ଭଳି କ୍ୟାଡର୍ ମାଓବାଦୀ ବି ତାଙ୍କ ସହ ଅଛନ୍ତି। ତେଣୁ ସେମାନଙ୍କୁ ନିଶାନା କରି ୩ ରାଜ୍ୟର ୧୦ ହଜାର ଯବାନ ଘେରି ରହିଛନ୍ତି। ଅପରେସନରେ ସାମିଲ୍ ଯବାନଙ୍କୁ ଆକାଶମାର୍ଗରୁ ହେଲିକପ୍ଟରରେ ଖାଦ୍ୟ ପାନୀୟ ଯୋଗାଇ ଦିଆଯାଉଛି।

ତେବେ ଏହି ଅପରେସନ୍‌ର ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଏହାର ନେତୃତ୍ୱ ନେଇଛନ୍ତି ଛତିଶଗଡ ଡିଜିପି, ସିଆରପିଏଫ୍ ଡିଜିଙ୍କ ସହ ବରିଷ୍ଠ ଅଧିକାରୀ। ଅପରେସନ୍ ଯଦି ସଫଳ ହୁଏ, ତେବେ ସମ୍ପୂର୍ଣ୍ଣ ସଫା ହୋଇଯିବ ମାଓ ସଂଗଠନ। ଏହି ଆଶଙ୍କାରେ ଏବେ ଥରହର ମାଓବାଦୀ।

ତେଣୁ ହିଂସାରେ ବିଶ୍ୱାସ କରୁଥିବା ମାଓବାଦୀ ଏବେ ଶାନ୍ତି ଆଲୋଚନା ଚାହୁଁଛନ୍ତି। ମାଓବାଦୀ ସଂଗଠନର ଉତ୍ତର-ପଶ୍ଚିମ ସବ୍ ଜୋନାଲ୍ ବ୍ୟୁରୋ ପ୍ରଭାରୀ ମାଓବାଦୀ ରୂପେଶ ଚିଠିରେ ଶାନ୍ତି କଥାବାର୍ତ୍ତା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବା ସହ ଅପରେସନକୁ ତୁରନ୍ତ ବନ୍ଦ ପାଇଁ ନିବେଦନ କରିଛି।

ଗୋଟିଏ ପଟେ ୨୦୨୬, ମାର୍ଚ୍ଚ ୩୧ ସୁଦ୍ଧା ଦେଶରୁ ମାଓବାଦୀଙ୍କୁ ମୂଳପୋଛ ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଶାହାଙ୍କ ଆହ୍ୱାନ, ଅନ୍ୟପଟେ ଶାନ୍ତି ପାଇଁ ମାଓବାଦୀଙ୍କ ଅପିଲ୍। ଏଥିରୁ ସ୍ପଷ୍ଟ ହେଉଛି ଶେଷ ନିଃଶ୍ୱାସ ଅପେକ୍ଷାରେ ଲାଲ୍ ବାହିନୀ।

### ପାକିସ୍ତାନୀଙ୍କୁ...

ସମେତ କିଛି ସାମରିକ ଘାଟୀ ଥିବାରୁ ଏହା ଉପରେ ସର୍ବଦା ବିଦେଶୀ ଗୁଇନ୍ଦା ବିଶେଷକରି ପାକିସ୍ତାନୀ ଗୁଇନ୍ଦାଙ୍କର ନଜର ରହିଛି। ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରୁ ସାମରିକ ଗୁଇନ୍ଦା ସୂଚନା ସଂଗ୍ରହ ପାଇଁ ପାକିସ୍ତାନ ସବୁବେଳେ ଉଦ୍ୟମ କରୁଛି। ତେଣୁ ଓଡ଼ିଶାରୁ ଗୁଇନ୍ଦା ସୂଚନା ସଂଗ୍ରହ ପାଇଁ ପାକିସ୍ତାନୀମାନେ ଏଠାରେ ବଙ୍ଗଳାଦେଶୀଙ୍କ ବେଶରେ ରହିଥିବା ନେଇ ବାରମ୍ବାର ଆଲୋଚନା ହୋଇଥାଏ।

ବର୍ତ୍ତମାନ କେନ୍ଦ୍ର ସରକାର ପାକିସ୍ତାନୀ ନାଗରିକମାନଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଦେଖାଇଥିବାରୁ ଦେଶରେ କାଳେ କେଉଁଠାରେ ଏମାନେ ଛପି ରହିଯିବେ, ସେଥିପାଇଁ ଖୋଜି ବାହାର କରିବାକୁ ଯୋଜନା ପ୍ରସ୍ତୁତ ହେଉଛି।

ସେହି ଯୋଜନା କାର୍ଯ୍ୟକାରୀ ହେଲେ ଓଡ଼ିଶାର ବି ଅନେକ ସ୍ଥାନ ବିଶେଷକରି ଯେଉଁଠାରେ ବଙ୍ଗଳାଦେଶୀମାନେ ରହୁଛନ୍ତି, ସେଠାରେ ଜୋରଦାର ତଲାସୀ ହେବାର ସମ୍ଭାବନା ରହିଛି। ତଲାସୀ ସମୟରେ ଯେତେ ଅନୁପ୍ରବେଶକାରୀ ଧରାପଡ଼ିବେ, ସେମାନଙ୍କୁ ତଡ଼ିବାପାଇଁ ଯୋଜନା ପ୍ରସ୍ତୁତ ହେଉଥିବାର ସୂଚନା ପାଇବା ପରେ ବେଆଇନ୍ ଭାବେ ଆସ୍ଥାନ ଜମାଇଥିବା ବଙ୍ଗଳାଦେଶୀମାନେ ଏବେ ଛାନିଆ ହେବା ସହ ଓଡ଼ିଶାରେ ସୁରକ୍ଷିତ ସ୍ଥାନରେ ଛପିବା କିମ୍ବା ରାତାରାତି ଓଡ଼ିଶା ଛାଡ଼ିବା ପାଇଁ ପ୍ରସ୍ତୁତ ହେଉଥିବା ଲକ୍ଷ୍ୟ କରାଯାଉଛି। କିଛି ଦିନ ତଳେ ବଙ୍ଗଳାଦେଶରେ କ୍ଷମତା ପରିବର୍ତ୍ତନ ଓ ସେଠାରେ ହିନ୍ଦୁଙ୍କ ଉପରେ ଆକ୍ରମଣ ପରେ ଓଡ଼ିଶା ବିଶେଷକରି ରାଜଧାନୀରୁ ଅନେକ ବଙ୍ଗଳାଦେଶୀ ରାତାରାତି ଉଭାନ ହୋଇଯାଇଥିଲେ।

**ସ୍ୱପ୍ନ ଦେଖାଇ ଭୁଲିଗଲେ**

# ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିକାଶ ଏମିତି

**କାକଟପୁର/ଅସ୍ତରଙ୍ଗ, ୨୫।୪ (ସଂଚାର ବ୍ୟୁରୋ):** ବଦଳିବ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରୂପରେଖ। ଏଥିପାଇଁ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ ହେଲା। ଏହି ମାଷ୍ଟର ପ୍ଲାନ ଏବେ ସ୍ଥାଣୁ ଅବସ୍ଥାରେ ରହିଛି। ପୂର୍ବ ସରକାରଙ୍କ ସମୟରେ ଯାହା ଥିଲା ଏବେ ସ୍ଥିତି ମଧ ସମାନ ରହିଛି। ପୂର୍ତ୍ତ ବିଭାଗ ତରଫରୁ ଦୁଇରୁ ୩ ଥର ସମୀକ୍ଷା ହୋଇ ରହିଯାଇଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅସ୍ତରଙ୍ଗ ନିକଟସ୍ଥ ଝାରିଆ ନିକଟରେ ହେବ ବୋଲି ଜାଗା ଅନୁଧାନ କରିଥିଲେ ପୂର୍ତ୍ତ ବିଭାଗର ଅଧିକାରୀମାନେ। ସରକାର ନିଷ୍ପତି ଅନୁସାରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବିକଶିତ କରାଯିବ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉନ୍ନତମାନର ସେବା ଓ ରୋଗୀଙ୍କ ଭିଡ଼ କମାଇବାକୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯିବ। ମୋଟ ୩୫ଏକରରୁ ଉର୍ଦ୍ଧ ଜାଗାରେ ହସ୍ପିଟାଲ କାର୍ଯ୍ୟ କରିବ। ହସ୍ପିଟାଲରେ ରୋଗୀଙ୍କ ପାଇଁ ୫୦ରୁ ଉର୍ଦ୍ଧ୍ୱ ଶଯ୍ୟା ରହିବା ପାଇଁ ବ୍ୟବସ୍ଥା ରହିବ। ସ୍ୱାସ୍ଥ୍ୟ ବିଜ୍ଞାନୀ ହସ୍ପିଟାଲ ଭଳି ସମସ୍ତ ସୁବିଧା ସୁଯୋଗ ମିଳିବ। ଗୋଟିଏ ସ୍ଥାନରେ ଓଟିରୁ ନେଇ ଓପିଡି ଏବଂ ପାଥୋଲୋଜିରୁ ବିବରଣୀ ମିଳିବ। ଏହା ପରେ ସରକାରୀ ସ୍ତରରେ ନିର୍ଦ୍ଦେଶ ପରେ ଅସ୍ତରଙ୍ଗ ନିକଟସ୍ଥ ଝାରିଆ ନିକଟରେ ପୂର୍ତ୍ତ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ସହ ବରିଷ୍ଠ ଅଧିକାରୀମାନେ ଜାଗା ଅନୁଧାନ କଲେ। ପରବର୍ତୀ ସମୟରେ ଆନୁସଙ୍ଗିକ ବିଧିବ୍ୟବସ୍ଥା ଓ ମାନବସମ୍ବଳ ଉପରେ ଗୁରୁତ୍ୱ ଦିଆଯିବାକୁ ନିଷ୍ପତି ହୋଇଥିଲା। କିନ୍ତୁ ପୂର୍ତ୍ତ ବିଭାଗ ତରଫରୁ ଯାହା ସୂଚନା ମିଳିଛି ମେଡିକାଲ ନିର୍ମାଣ ଖର୍ଚ୍ଚ ଠାରୁ ନିର୍ମାଣ ସ୍ଥାନରେ ଅତ୍ୟଧିକ ଖର୍ଚ୍ଚ ହେବ ବୋଲି ଏହା ସ୍ଥଗିତ ରହିଛି ।






ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିଭୂମି ବଦଳିବା ସହ ଆବଶ୍ୟକ ମୁତାବକ ଡାକ୍ତର ଓ କର୍ମଚାରୀ, ବିଭିନ୍ନ ସରଞ୍ଜାମ ରହିଲେ ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତ ଲୋକ ନିର୍ଭର କରିବା ସହ ପୀରଜାହାନିଆ ଆସୁଥିବା ପର୍ଯ୍ୟଟକମାନେ ଦୈନିକ ହସ୍ପିଟାଲ ଉପରେ ନିର୍ଭର କରିବେ। ଏହାକୁ ଦୃଷ୍ଟିରେ ରଖି ପୂର୍ବ ସରକାର ଏହାକୁ ନିଷ୍ପତି ନେଇଥିଲେ, ହେଲେ ନୂଆ ସରକାର ଆସିବା ପରେ କାର୍ଯ୍ୟ ତ୍ୱରାନୀତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହୋଇଛି। ଏ ନେଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡକ୍ଟର ସଞ୍ଜୟ ପ୍ରଧାନ କହିଛନ୍ତି ସରକାରୀ ସ୍ତରରେ ମେଡିକାଲ ନିର୍ମାଣ ପାଇଁ ଯୋଜନା କରାଯାଇଥିଲା ଯଦିଓ ସରକାରୀ ସ୍ତରରେ ସ୍ୱୀକୃତି ମିଳିଲା ନାହିଁ। ଏ ଦିଗରେ ସରକାର ଯାହା ନିଷ୍ପତି ନେବେ।

# ନବଜାତ ଶିଶୁର ଜୀବନ ବଞ୍ଚାଇଲେ ସମ୍ ଡାକ୍ତରୀ ଟିମ୍

**ଭୁବନେଶ୍ୱର, ୨୫।୪ (ସଂଚାର ବ୍ୟୁରୋ):** ଜଟିଳ ଜନ୍ମଗତ ତ୍ରୁଟି ନେଇ ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମ ଗ୍ରହଣ କରିଥିବା ମାତ୍ର ଦେଢ଼ କେଜି ଓଜନର ଏକ ଶିଶୁର ଉଚ୍ଚକୋଟୀର ଚିକିତ୍ସା ଦ୍ୱାରା ଜୀବନ ରକ୍ଷା କରିବାରେ ସଫଳ ହୋଇଛନ୍ତି ସମ୍ ଅଲ୍ଟିମେଟ ମେଡିକେୟାର (ସମ୍ମମ୍‌ର ଡାକ୍ତରୀ ଟିମ୍। ଗର୍ଭଧାରଣର ମାତ୍ର ୩୩ ସପ୍ତାହରେ ଜନ୍ମ ଗ୍ରହଣ କରିଥିବା ଏହି ଶିଶୁଟିର ବିରଳ ସମସ୍ୟା ଯାହାକୁ 'ପାଇରେ ରୋବିନ୍ ସିକ୍ୱେନ୍ସ' କୁହାଯାଏ ସେଥିରେ ପୀଡ଼ିତ ଥିବାର ଜଣାପଡ଼ିଥିଲା। ଏହି ସମସ୍ୟା ଜନ୍ମଗ୍ରହଣ କରୁଥିବା ୧୪ ହଜାର ଶିଶୁଙ୍କ ମଧ୍ୟରୁ ଜଣକ ଠାରେ ଦେଖାଯାଇଥାଏ। ଶିଶୁଟିର ତଳପାଟି ଖୁବ୍ ଛୋଟ ରହିଥିବା ବେଳେ ଜିଭଟି ମଧ ଠିକ୍ ସ୍ଥାନରେ ରହି ନଥିଲା। ଯାହା ଦ୍ୱାରା ତାର ନିଃଶ୍ୱାସ ନେବାରେ ଅସୁବିଧା ହେବା ସହ ତା'ର ଜୀବନ ପ୍ରତି ବିପଦ ଥିଲା। ଏହା ଛଡ଼ା ଶିଶୁର ତାଲୁ ବିଭକ୍ତ ଥିବାରୁ ସେ ଠିକ୍ ଭାବେ ଖାଦ୍ୟ ଗ୍ରହଣ କରିବା ସମ୍ଭବ ହେଉ ନଥିଲା। ଶିଶୁର ପାଟି ଖୁବ୍ ଛୋଟ ଥିବାରୁ ଇନ୍‌ଟ୍ୟୁବେସନ୍ କିମ୍ବା ଭେଂଟିଲେସନ୍ କରିବା ସମ୍ଭବ ନଥିଲା। ତେଣୁ ଡାକ୍ତରମାନେ ଓଡ଼ିଶାରେ ପ୍ରଥମ ଥର ପାଇଁ ଶିଶୁଟିର ଜୀବନ ବଞ୍ଚାଇବା ପାଇଁ ଏକ ନୂତନ ପ୍ରକ୍ରିୟା ଆପଣାଇଥିଲେ।



ତେବେ ଏଭଳି ଜଟିଳ ପରିସ୍ଥିତିରେ ଡାକ୍ତରୀ ଟିମ୍ ଟ୍ରାକିଆଲ ପୋର୍ଟ ମାଧ୍ୟମରେ ରେଟ୍ରୋଗ୍ରେଡ୍ ଇନ୍‌ଟ୍ୟୁବେସନ୍ ପଦ୍ଧତିରେ ଶିଶୁକୁ ନିଃଶ୍ୱାସ ନେବାକୁ ସାହାଯ୍ୟ କରିଥିଲେ ବୋଲି ଅସ୍ତ୍ରୋପଚାରର ଲିଡ୍ ସର୍ଜନ୍ ତଥା ସମ୍ମମ୍‌ର ଇଏନ୍‌ଟି ଆଣ୍ଡ ସ୍କଲ ବେସ୍ ସର୍ଜରୀ ବିଭାଗର ସିନିୟର କନ୍‌ସଲ୍‌ଟାଂଟ ଡାକ୍ତର ରାଧାମାଧବ ସାହୁ କହିଛନ୍ତି। ବିରଳ 'ଟ୍ରାକିଆଲ ସ୍ଲିଟିଂ' ପଦ୍ଧତି ଦ୍ୱାରା ଏହି ୨.୫ ମିମି ଟ୍ୟୁବ୍‌ଟି ସଫଳତାର ସହ ଶିଶୁର ଶରୀରରେ ଖଞ୍ଜା ଯାଇପାରିଥିଲା ଏବଂ ଏହା ଓଡ଼ିଶାରେ ପ୍ରଥମ ବୋଲି ଡାକ୍ତର ସାହୁ କହିଛନ୍ତି। ଶିଶୁଟି କିଛି ଦିନ ଏନ୍‌ଆଇସିୟୁରେ ଚିକିତ୍ସିତ ହେବା ପରେ ସେ ଧୀରେ ଧୀରେ ସୁସ୍ଥ ହେବାରେ ଲାଗିଥିଲା। ସେ ବର୍ତ୍ତମାନ ସାଢ଼େ ୩ ମାସର ହେଲାଣି। ତା'ର ଓଜନ ମଧ ବଢ଼ିଛି ଏବଂ ସେ ନିଜେ ନିଃଶ୍ୱାସ ନେବାରେ ସକ୍ଷମ ହୋଇପାରିଛି ବୋଲି କହିଛନ୍ତି ସମ୍ମମ୍‌ର ଶିଶୁ ଏବଂ ନବଜାତ ଶିଶୁରୋଗ ବିଭାଗର ଆସୋସିଏଟ୍ କନ୍‌ସଲ୍‌ଟାଂଟ ତଥା ଶିଶୁଟିକୁ ଚିକିତ୍ସା କରୁଥିବା ଡାକ୍ତର ହିମାଂଶୁ ଶେଖର ସାହୁ। ସମ୍ମମ୍‌ର ଶିଶୁରୋଗ ଏବଂ ନବଜାତ ଶିଶୁରୋଗ ବିଭାଗର ମୁଖ୍ୟ ଡାକ୍ତର ପ୍ରଦୀପ କୁମାର ଦେ ଏହି ଶିଶୁର ଚିକିତ୍ସା ମେଡିକାଲ୍ ଟିମ୍ ପାଇଁ ଉଭୟ ଡାକ୍ତରୀ ଏବଂ ମାନସିକ ସ୍ତରରେ ବଡ଼ ଆହ୍ୱାନ ଥିଲା ବୋଲି କହିଛନ୍ତି। ଶିଶୁଟିର ସଫଳ ଚିକିତ୍ସା ସମ୍ମମ୍‌ର ଚିକିତ୍ସା ପଦ୍ଧତିରେ ନୂତନ ମାଇଲ ଖୁଂଟ ସୃଷ୍ଟି କରିବା ସହ ହସ୍ପିଟାଲ ପୂର୍ବ ଭାରତରେ ନବଜାତ ଶିଶୁରୋଗ ଚିକିତ୍ସାର ଏକ ଉତ୍କର୍ଷ କେନ୍ଦ୍ର ଭାବେ ପରିଗଣିତ ହୋଇପାରିଛି।

## ଜୟଦେବ ହେଲଥ କେୟାର ପକ୍ଷରୁ ଶୋକସଭା



**ବାଲିଅନ୍ତା, ୨୫।୪ (ସଂଚାର ବ୍ୟୁରୋ):** ଆଜି ସନ୍ଧ୍ୟାରେ ବେଣ୍ଟପୁର ସ୍ଥିତ ଜୟଦେବ ହେଲଥ କେୟାର ଏବଂ ଜୟଦେବ ଫାଉଣ୍ଡେସନ ମିଳିତ ସହଯୋଗରେ ପହଲଗାମ ସହୀଦଙ୍କ ଉଦ୍ଦେଶ୍ୟରେ ଏକ ମହମବତୀ ଶୋଭଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏନେଇ ଯୁବକ ଯୁବତୀମାନେ ବଜାର ପରିକ୍ରମା କରିଥିଲେ । ପରେ ଜୟଦେବ ହେଲଥ କେୟାର ସଭା କକ୍ଷରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ଦାଶ ଅଧକ୍ଷତାରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧରେ ଜୟଦେବ ହେଲଥ କେୟାର ଏମଡି ଡାକ୍ତର ତାପସ ରଞ୍ଜନ ଦାଶ, ସିଓ ଡାକ୍ତର ଆରତୀ ବିଶ୍ୱାଳ, ସମାଜସେବୀ ଜ୍ୟୋତି ପରିଡା, ସୋନାଲି ନାୟକ, ଦିପ୍ତିମୟୀ ରଣା, ରଶ୍ମିତା ଦାସ, ବିନୋଦିନୀ ଜେନା, ଜ୍ୟୋତି ସାହୁ, ସତ୍ୟଜିତ ସେଠୀ ଓ କାଜଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ହିନ୍ଦୁ ଏକତା ମଞ୍ଚର ଦାବିପତ୍ର ପ୍ରଦାନ



**ବୋରିଗୁମ୍ମା, ୨୫।୪ (ସଂଚାର ବ୍ୟୁରୋ):** ଜାମ୍ମୁ କାଶ୍ମୀରର ପହଲଗାମରେ ମାନବିକତାକୁ ପଛରେ ପକାଇ ପାକିସ୍ତାନର ଆତଙ୍କବାଦୀମାନେ ହିନ୍ଦୁମାନଙ୍କୁ ଚିହ୍ନଟ କରି ବର୍ବରତା ସହ ୨୬ ଜଣଙ୍କୁ ହତ୍ୟା କରିଥିଲେ। ଏହାର ଦୃଢ଼ ପ୍ରତିବାଦ କରିଛି ବୋରିଗୁମ୍ମା ହିନ୍ଦୁ ଏକତା ମଞ୍ଚ। ଏହି ପରିପ୍ରେକ୍ଷୀରେ ବୋରିଗୁମ୍ମା ହିନ୍ଦୁ ଏକତା ମଞ୍ଚ ମହାମହିମ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ସ୍ଥାନୀୟ ତହସିଲଦାର, ବିଡ଼ିଓ ଓ ପୁଲିସ ଏସ୍‌ଡିପିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଆମ ରାଷ୍ଟ୍ର ଭାରତବର୍ଷର ଜମ୍ମୁ କାଶ୍ମୀରର ପର୍ଯ୍ୟଟନ ସ୍ଥଳ ପହଲଗାମ ଠାରେ ସ୍ପଷ୍ଟ ଦିବାଲୋକରେ ପର୍ଯ୍ୟଟକଙ୍କ ଉପରେ ଆକ୍ରୋଶ ମୂଳକ ଭାବେ ତାଙ୍କର ଧାର୍ମିକ ପରିଚୟ ପଚାରି ଏବଂ ତାପରେ ଗୁଳି ଚଳାଇ ନିର୍ମମ ହତ୍ୟା ସର୍ବାଗ୍ରେ ନିନ୍ଦିତ । ଏହି ଘଟଣା ପଛରେ ଯୋଉ କୁଚକ୍ରି ସଂଗଠନ ଅଛି ତାର ଯଥୋଚିତ ଶାସ୍ତି ଆବଶ୍ୟକ ଏବଂ ଏହି ମାନସିକ ପ୍ରୋତ୍ସାହନ ଦେଉଥିବା ତତ୍ତ୍ୱର ସମୂଳେ ବିନାଶ ଆବଶ୍ୟକ। ଏଣୁ ସମଗ୍ର ହିନ୍ଦୁ ସମାଜ ନିଜର ଚିନ୍ତନ ତଥା ବ୍ୟଥା ପ୍ରକଟ କରିବା ସହ ଏହି ଘଟଣାରେ ପ୍ରାଣବଳି ଦେଇଥିବା ସମସ୍ତ ବିଭୂତିଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଗଭୀର ସମବେଦନା ଜଣାଉଛି ତଥା ତ୍ୱରିତ କାର୍ଯ୍ୟାନୁଷ୍ଠାନ ସରକାରଙ୍କ ଠାରୁ ଯଥାଶୀଘ୍ର ଅପେକ୍ଷା ରଖୁଛି। ଅପରପକ୍ଷରେ, କୋରାପୁଟ ଭଳି ଶାନ୍ତିପ୍ରିୟ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ରୋହିଙ୍ଗିଆ ଓ ବାଂଲାଦେଶୀ ପଠାଣ ମାନଙ୍କ ବିଚରଣ ସମ୍ବନ୍ଧରେ ସାଧାରଣରେ ଚର୍ଚ୍ଚା ହେବା ସହ ସାଧାରଣ ଜନତା ଭୟ ଓ ଆକ୍ରୋଶର ବାତାବରଣ ସୃଷ୍ଟି ହୋଇଛି। ଏଣୁ ପ୍ରଶାସନିକ ସ୍ତରରେ ଏହାର ତଦନ୍ତ ସହ ବିହିତ ପ୍ରତିକାର ବ୍ୟବସ୍ଥା ହେଉ।

## ଶାନ୍ତିପୂର୍ଣ୍ଣ ପ୍ରତିବାଦ ଶୋଭାଯାତ୍ରା



**ନାଉଗାଁ, ୨୫।୪ (ସଂଚାର ବ୍ୟୁରୋ):** ପହଲଗାମରେ ହୋଇଥିବା ହତ୍ୟାର ପ୍ରତିବାଦରେ ନାଉଗାଁ ଥାନା ନିକଟରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ବିରାଟ ଶାନ୍ତିପୂର୍ଣ୍ଣ ପ୍ରତିବାଦ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ ବିଶିଷ୍ଟ ସମାଜସେବୀ ରବି ପଟ୍ଟନାୟକ, ଅର୍ଜୁନ ରାଉତ, ବସନ୍ତ ମହାନ୍ତି, ପ୍ରଶାନ୍ତ କୁମାର ମିଶ୍ର, ନବକିଶୋର ମହାନ୍ତି ପ୍ରମୁଖ କ୍ୟାଣ୍ଡେଲ ଧରି ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ବସଷ୍ଟାଣ୍ଡରେ ପହଞ୍ଚିବାପରେ ଏକ ସାଧାରଣ ସଭା କରାଯାଇଥିଲା। ଆତଙ୍କବାଦୀ ଓ ଅତଙ୍କବାଦୀକୁ ସୃଷ୍ଟି କରିଥିବା ପାକିସ୍ଥାନକୁ କଟୁ ସମାଲୋଚନା କରିବା ସହିତ ଏହାର ଉପଯୁକ୍ତ ପ୍ରତିଶୋଧ ନେବା ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଉଗାଁର ଅନେକ ସଂଗଠନ, ସମାଜସେବୀ, ବୁଦ୍ଧିଜୀବି ଓ ଜନସାଧାରଣ ଯୋଗଦେଇଥିଲା।

## ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଭେଟିଲା ପ୍ରାଥମିକ ଶିକ୍ଷକ ସଂଘ



**ଖୋର୍ଦ୍ଧା, ୨୫।୪ (ସଂଚାର ବ୍ୟୁରୋ):** ପ୍ରାଥମିକ ଶିକ୍ଷକ ସଂଘ (ଏୟୁପିଟିଏଫ୍) ଏକ ସ୍ୱୀକୃତିପ୍ରାପ୍ତ ଶିକ୍ଷକ ସଂଘ, ଯାହାକି ଓଡ଼ିଶା ସରକାରଙ୍କର ଗୃହ ବିଭାଗ ଅନୁମୋଦନ ଲାଭ କରିଅଛି। ଆଜି ଅପରାହ୍ନ ଘ୧ଟିକା ସମୟରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଦାୟିତ୍ୱରେ ଥିବା ଖୋର୍ଦ୍ଧା ବ୍ଲକ ସଭାପତି ଯୁଧିଷ୍ଠିର ସାହୁ ଓ ଜଟଣୀ ବ୍ଲକ ସଭାପତି ଜିତ୍ ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଭୁବନେଶ୍ୱର ବ୍ଲକର ନବ ନିର୍ବାଚିତ ସଂଘ କର୍ମକର୍ତ୍ତାମାନଙ୍କୁ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କୁ ଆଜି ଭେଟି ରାଜ୍ୟ ସଂଘର ନିର୍ବାଚନ ସ୍ୱୀକୃତିପ୍ରାପ୍ତ ପତ୍ର ପ୍ରଦାନ କରାଯାଇଛି। ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ସହଯୋଗ, ସମାନୁବର୍ତ୍ତିତା ଓ ବିଦ୍ୟାଳୟକୁ ଏକ ପରିବାର ଭାବି ଶିକ୍ଷାର ପ୍ରଗତିରେ ସହାୟକ ହେବା ପାଇଁ ଶ୍ରୀମତୀ ରାୟ କହିଛନ୍ତି। ତିନିଜଣ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟରେ ଯୋଗଦାନ ଦେବା ପରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଚଳଚଞ୍ଚଳ ହୋଇପଡ଼ିଛି। ଖାଲି ପଡ଼ିଥିବା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପଦ ସରକାର ପୂରଣ କରିଥିବାରୁ ସଂଘ ଧନ୍ୟବାଦ ଜଣାଇଅଛି। ଶିକ୍ଷକମାନଙ୍କର ସମସ୍ୟା ସମାଧାନ ଖୁବ୍ ଶୀଘ୍ର ହେବ ଓ ଶିକ୍ଷକମାନଙ୍କର କୌଣସି କାର୍ଯ୍ୟ ଦପ୍ତରରେ ପଡ଼ିରହିବ ନାହିଁ ସଂଘ ଆଶାବାଦୀ ରହିଛି।

## ଚଢ଼େଇବର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାଲିଅନ୍ତା, ୨୫।୪ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଚଢେଇବର ପ୍ରାଥମିକ ଉପ୍ରା ବିଦ୍ୟାଳୟର ତୃତୀୟ ବାର୍ଷିକ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ଯୋଗ ଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ସେଠି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥିଭାବେ ପୁରୋହିତପୁର ସରପଞ୍ଚ ଭଗବାନ ବେହେରା, ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ, ବ୍ଲକ ବିଜେଡି ସଭାପତି ପ୍ରଦୀପ୍ତ ଜେନାମଣି, ଜୟରାମ ନାୟକ ପ୍ରମୁଖ ମଂଚାସୀନ ଥିଲେ। ଅନ୍ୟ ମାନଙ୍କ ମଧରେ ସ୍କୁଲ ପରିଚାଳନା କମିଟି ଅଧକ୍ଷ ସୁଦର୍ଶନ ସାମନ୍ତରାୟ, ଶିକ୍ଷୟତ୍ରୀ ଶୁଭ ରତ୍ରି ଘଟୁଆରୀ,



ସ୍ନିଗ୍ଧା ବେହେରା, ଜୟଶ୍ରୀ ସାହୁ, କୁନୀଲତା ନାୟକ ଉପସ୍ଥିତ ଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶନାରେ ପାଇକ ନୃତ୍ୟ, ମୁ ସ୍କୁଲ ଯିବି ଓ ମହିଳା ସଶକ୍ତି କରଣ କ୍ଷୁଦ୍ର ନାଟକ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା




## ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ନାଉଗାଁ, ୨୫।୪ (ସଂଚାର ବ୍ୟୁରୋ):** ନାଉଗାଁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମା'ଫାଉଣ୍ଡେସନ, ମା'ଶାରଳା ସେବା ସଂଗଠନ ଓ ଯେପିଏମ୍ ରୋଟାରୀ ଚକ୍ଷୁ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମା'ଫାଉଣ୍ଡେସନର ଅଧକ୍ଷ ଅମ୍ବିକା ଲେଙ୍କା ଏବଂ ମା'ଶାରଳା ସେବା ସଂଘର ଅଧକ୍ଷା ଗିତାଂଜଳି ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଡାକ୍ତର ଅଙ୍କିତା ରାଉତଙ୍କ ସହିତ ତାଙ୍କ ସହଯୋଗୀ ସୁପ୍ରିୟା ସାହୁ, ମନିଷା ଭୋଇ, ସରୋଜ ଦାସ ଯୋଗ ଦେଇଥିଲେ। ଏହି ଶିବିରରେ ଚକ୍ଷୁ ପରୀକ୍ଷା କରିବା ପାଇଁ ୭୦ଜଣ ବ୍ୟକ୍ତି ନାମ ପଂଜିକରଣ କରିଥିବା ବେଳେ ଏଥି ମଧରୁ ୬ଜଣଙ୍କର ମୋତିଆ ବିନ୍ଦୁ ଚିହ୍ନଟ କରାଯାଇ ଅସ୍ତ୍ରୋପଚାର ପାଇଁ ରୋଟାରୀ କ୍ଲବ କଟକକୁ ପଠାଯାଇଥିବା ଜଣାଇଛି। ଶିବିର ସଂଯୋଜକ ବିବେକାନନ୍ଦ ଦଳାଇ ଶିବିରକୁ ପରିଚାଳନା କରୁଥିବା ବେଳେ ମା'ଶାରଳା ସେବା ସଂଘର ସମ୍ପାଦକ ସୁଜିତ ମହାନ୍ତି, ସୋସିଆଲ ମିସନ ୱାଲର୍ଡର ନିର୍ଦ୍ଦେଶକ ସର୍ବେଶ୍ୱର ମହାରଣା ପ୍ରମୁଖ ଶିବିରକୁ ପରିଚାଳନାରେ ସହଯୋଗ କରିଥିଲେ।

## ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା

**ଗୋପ, ୨୫।୪ (ସଂଚାର ବ୍ୟୁରୋ):** ଓଡ଼ିଶା ମାଧମିକ ଶିକ୍ଷା ପରିଷଦର ଉପ-ନିୟନ୍ତ୍ରକ ରୂପେ ପଦୋନ୍ନତି ପାଇଥିବା ଗୋପ ବ୍ଲକ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମାଙ୍କୁ ଶୁକ୍ରବାର ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଥିସହିତ ପଦୋନ୍ନତି ପାଇ ପୁରୀ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ରୂପେ ନୂତନଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଶ୍ରୀ ବ୍ରହ୍ମାଙ୍କ ପତ୍ନୀ ଭବମ୍ ପ୍ରଧାନ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରୂପେ ପଦୋନ୍ନତି ପାଇଥିବା ନିମାପଡ଼ା ବିଇଓ ଦ୍ୱିତୀକାନ୍ତ ପ୍ରଧାନଙ୍କୁ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ସଭାପତି ଅଜୟ କୁମାର ରଥଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ପରେ ପୁରୀ ଜିଲ୍ଲାର ୧୧ଟି ବ୍ଲକରେ କାର୍ଯ୍ୟରତ ଶିକ୍ଷାଧିକାରୀଙ୍କ ମଧରେ ସୁଶୀଳ କୁମାର ବ୍ରହ୍ମା ଶ୍ରେଷ୍ଠ ବୋଲି ମତବ୍ୟକ୍ତ କରିଥିଲେ। ଗୋପ ବ୍ଲକ ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ଢଙ୍ଗରେ ସଂସ୍କାର ଆଣିଥିବା ଶିକ୍ଷା ପ୍ରଶାସକ ଶ୍ରୀ ବ୍ରହ୍ମା ଓଡ଼ିଶା ମାଧମିକ ଶିକ୍ଷା ପରିଷଦର ଉପ-ନିୟନ୍ତ୍ରକ ଭାବେ ଦାୟିତ୍ୱବହନ କରି ପରୀକ୍ଷା ବ୍ୟବସ୍ଥାକୁ ସ୍ୱଚ୍ଛ ତଥା ଶୃଙ୍ଖଳିତ କରିବାରେ ସହାୟକ ହେବେ ବୋଲି ମୁଖ୍ୟ ଅତିଥି ଡିଇଓ ଶ୍ରୀ ପାଢ଼ୀ ପ୍ରକାଶ କରିଛନ୍ତି।



ଅନ୍ୟ ଅତିଥିମାନଙ୍କ ମଧରେ ଗୋପ ବ୍ଲକ ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ, ଗୋପ ବ୍ଲକର ପୂର୍ବତନ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ଦାଶ, ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ, ସମାଜସେବୀ ପ୍ରମୋଦ କୁମାର ପାଇକରାୟ, ଏବିଇଓ ବିନୋଦିନୀ ମହାପାତ୍ର ଓ ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଶିବଦତ୍ତ ନାୟକ ଓ ସମନ୍ୱୟ ସମିତିର ସଂପାଦକ ସରୋଜ କୁମାର ମିଶ୍ର ମଞ୍ଚାସୀନ ହୋଇ ଶିକ୍ଷା ପ୍ରଶାସକ ଶ୍ରୀ ବ୍ରହ୍ମାଙ୍କର ଆଦର୍ଶ କାର୍ଯ୍ୟଧାରାର ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବିଜୟ କୁମାର ବ୍ରହ୍ମା ଓ ପୁଷ୍ପାଞ୍ଜଳି ବ୍ରହ୍ମାଙ୍କୁ ଶିକ୍ଷକ ସମନ୍ୱୟ ସମିତି ଓ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଗୋପର ସମ୍ପାଦକ କାଳୁ ରାମ ଜେନା ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ଗୋପ ବ୍ଲକର ୫୦୦ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ସମାବେଶ ହୋଇଥିଲା।

## ସମ୍‌ରେ 'ହାର୍ଣ୍ଣିଆ ଫେଷ୍ଟ-୨୦୨୫' ଆୟୋଜିତ



**ଭୁବନେଶ୍ୱର, ୨୫।୪ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ ପକ୍ଷରୁ ହସ୍ପିଟାଲ ପରିସରରେ 'ହାର୍ଣ୍ଣିଆ ଫେଷ୍ଟ-୨୦୨୫' ଆୟୋଜିତ ହୋଇଯାଇଛି। ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଜେନେରାଲ୍ ସର୍ଜରୀ ବିଭାଗ ଏବଂ ଆସୋସିଏସନ୍ ଅଫ୍ ସର୍ଜନ୍ସ ଅଫ୍ ଇଣ୍ଡିଆ (ଓଡ଼ିଶା ଶାଖା)ର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଏହି ସମ୍ମିଳନୀ ଆୟୋଜିତ ହୋଇଯାଇଛି।

ଏହି ସମ୍ମିଳନୀରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଯୁବ ଡାକ୍ତରୀ ଛାତ୍ରଛାତ୍ରୀ, ଫ୍ୟାକଲ୍ଟି ଓ ଡାକ୍ତରମାନେ ଉପକୃତ ହେବେ ବୋଲି କହିବା ସହ ଏହି ସମ୍ମିଳନୀର ଅନେକ ଗୁରୁତ୍ୱ ରହିଛି ବୋଲି ସେ କହିଥିଲେ। ଓଡ଼ିଶାର ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲ କଲେଜଗୁଡ଼ିକରୁ ଶହେରୁ ଉର୍ଦ୍ଧ୍ୱ ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଛାତ୍ରୀ, ଡାକ୍ତର, ପ୍ରଫେସର ଯୋଗ ଦେଇଥିଲେ। ହାର୍ଣ୍ଣିଆ ରୋଗର କାରଣ ଏବଂ ଚିକିତ୍ସା ପଦ୍ଧତି ବିଷୟରେ ତଥା ହାର୍ଣ୍ଣିଆ ରୋଗର ଚିକିତ୍ସା କ୍ଷେତ୍ରରେ ନବସୃଜନ ଓ ନୂତନ ଜ୍ଞାନ କୌଶଳ ବିଷୟରେ ଆଲୋଚନା କରାଯାଇଥିଲା।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଯୋଗ ଦେଇ କହିଥିଲେ ଯେ ବର୍ତ୍ତମାନ ସମୟରେ ହାର୍ଣ୍ଣିଆ ରୋଗ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଦେଖାଦେଲାଣି। ବିଗତ ୧୦ ବର୍ଷ ମଧ୍ୟରେ ଏହି ରୋଗର ଚିକିତ୍ସା କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର କରାଯାଉଛି। ହାର୍ଣ୍ଣିଆ ରୋଗ ସବୁ ବୟସରେ ଦେଖା ଯାଉଥିବା ବେଳେ ଏହାର କୌଣସି ଲକ୍ଷଣ ଦେଖା ଯିବା ମାତ୍ରେ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ ବୋଲି ସେ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଯୋଗ ଦେଇ କହିଥିଲେ ଯେ ଏଭଳି ସମ୍ମିଳନୀ ଦ୍ୱାରା କେବଳ ସମ୍ ହସ୍ପିଟାଲ ନୁହେଁ ଏଥିରେ ଯୋଗ ଦେଇଥିବା ଦକ୍ଷ ସର୍ଜନ, ସିନିୟର ପ୍ରଫେସର, ଫ୍ୟାକଲ୍ଟି ଓ ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଛାତ୍ରୀ ଉପକୃତ ହେବେ।

ଏହି ଅବସରରେ ଏଏସଆଇ ଓଡ଼ିଶା ଚାପ୍ଟରର ସଭାପତି ଡ. ପ୍ରସନ୍ନ କର, ସେକ୍ରେଟାରୀ ଡ. ସୁଧାଂଶୁ ସୁତାର, ଅର୍ଗାନାଇଜିଂ ସେକ୍ରେଟାରୀ ପ୍ରଫେସର ତୁଷାର ମିଶ୍ର ଏବଂ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଆଡିସ୍‌ନାଲ୍ ଡିନ୍ (ଏକାଡେମିକ୍) ପ୍ରଫେସର (ଡାକ୍ତର) ପ୍ରକାଶ କୁମାର ସାହୁ ନିଜର ବକ୍ତବ୍ୟ ରଖିଥିଲେ।

## କମ୍ପ୍ୟୁଟର ଶିକ୍ଷାର ବହୁଳ ପ୍ରସାର ନିମନ୍ତେ କୌଶଳ ପ୍ରଚାର ରଥର ଶୁଭାରମ୍ଭ

**ଉମରକୋଟ, ୨୫।୪ (ସଂଚାର ବ୍ୟୁରୋ):** ଆଜି ହାଇଟେକ କମ୍ପୁଟର ଟ୍ରେନିଂ ଇନ୍‌ସଚ୍ୟୁଟ, ଉମରକୋଟ ତରଫରୁ ଓଏସସିଆଇଟି (ଓଡିଶା ପ୍ଲେଟ ସାର୍ଟିଫିକେଟ ଇନଇନଫର୍ମେଶନ ଟେକନୋଲଜି) ପାଠ୍ୟକ୍ରମ ନିମନ୍ତେ ଏକ ପ୍ରଚାର ରଥର ଶୁଭ ଉଦ୍ଘାଟନହୋଇଯାଇଛି।ଏଥିରେମୁଖ୍ୟଅତିଥିଭାବେକ୍ୟାବିନେଟ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢୀ, ସାଂସଦ ପ୍ରତିନିଧି ରାମ ନାୟକ, ବରିଷ୍ଠ ରାଜନେତା ମୁନା ପାଢୀ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଉମରକୋଟର ଅଧକ୍ଷ ସଞ୍ଜୟ କୁମାର ଠାକୁର, ସରକାରୀ ମହିଳା ମହାବିଦ୍ୟାଳୟର ଅଧକ୍ଷ୍ୟା ନମିତା ମହାପାତ୍ର, ବରିଷ୍ଠ ଲେଖିକା ଶାନ୍ତିଲତା ମହାନ୍ତି, ବରିଷ୍ଠ ପ୍ରାଧାପକ ଡ. ରବୀନ୍ଦ୍ର ମିଶ୍ର ପେଣ୍ଡରାଣୀ ଡିଗ୍ରୀ ମହାବିଦ୍ୟାଳୟ ଉମରକୋଟ, ରାଇଘର ପଞ୍ଚାୟତ ମହାବିଦ୍ୟାଳୟର ବରିଷ୍ଠ ଅଧାପକ ରମେଶ ପଟ୍ଟନାୟକ, ସେକ୍ସନ ଅଫିସର ସଞ୍ଜୟ ପରିଡା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଚନ୍ଦାହାଣ୍ଡି, ଟ୍ରେନିଂ ଅଫିସର ପି.କେ. ବର୍ମନ, ହେଲ୍ପ ଲାଇନ ସଂସ୍ଥାର ଉପସଭାପତି ଚନ୍ଦନା ମଲ୍ଲିକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ରିବନ ଫିତା କାଟି କୌଶଳ ରଥର ଉଦ୍‌ଘାଟନ କରିଥିଲେ।




# ବିଦ୍ୟୁତର ଲୁଚକାଳି ଖେଳରେ ଉପଭୋକ୍ତା ଅତିଷ୍ଠ

- ଘନଘନ ଅଘୋଷିତ ବିଦ୍ୟୁତ କାଟ
- ଘଣ୍ଟାଏ ଜଳିଲେ ତିନି ଘଣ୍ଟା ଅନ୍ଧାର
- ଗାଁ ଗାଁରେ କୁହୁଳୁଛି ଅସନ୍ତୋଷ
- ଅସହ୍ୟ ଗରମରେ ଅସ୍ତବ୍ୟସ୍ତ ଲୋକେ



**କାକଟପୁର/ଅସ୍ତରଙ୍ଗ, ୨୫।୪ (ସଂଚାର ବ୍ୟୁରୋ):** ଏଥର ଗ୍ରୀଷ୍ମ ଦିନେ ଯେପରି ଉପଭୋକ୍ତା ହଇରାଣ ନ ହେବେ, ସେଥିପାଇଁ ବିଜୁଳି ବିତରଣ ସଂସ୍ଥା ଟିପିସିଓଡିଏଲ ବାରମ୍ବାର ବୈଠକ କରିଥିଲା। ଏହା ସହ ଅସ୍ତରଙ୍ଗ ବ୍ଲକ ପ୍ରଶାସନ ତରଫରୁ ଗ୍ରୀଷ୍ମକାଳୀନ ପ୍ରସ୍ତୁତି ପାଇଁ ବିଦ୍ୟୁତ ବିଭାଗକୁ ମଧ ଉପଭୋକ୍ତା ହଇରାଣ ନ ହେବେ ପରାମର୍ଶ ଦିଆଯାଇଥିଲା। ଏପରି ଗ୍ରୀଷ୍ମ ମୁକାବିଲା ପାଇଁ କମ୍ପାନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ନେଇ କୁହାଗଲା। ଯେଉଁଠାରେ ଆବଶ୍ୟକ ଥିଲା ସେଠାରେ ପୁରୁଣାକୁ ବଦଳାଇ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ଟ୍ରାନ୍ସଫର୍ମର, ବିଜୁଳି ତାର ଓ ସରଞ୍ଜାମ ଲଗାଇ ଦିଆଯାଇଛି ବୋଲି କମ୍ପାନୀର ବରିଷ୍ଠ ଅଧିକାରୀମାନେ ସୂଚନା ଦେଲେ। ମାତ୍ର ଏ ସମସ୍ତ ପ୍ରତିଶ୍ରୁତି ଓ ଘୋଷଣା ଏବେ ଭୁଲ ପ୍ରମାଣିତ ହୋଇଛି।

ଗ୍ରାମାଞ୍ଚଳରେ ବିଜୁଳି ଯେମିତି ସେମାନଙ୍କ ପାଇଁ ସ୍ୱପ୍ନ ପାଲଟିଗଲାଣି। ଘଣ୍ଟାଏ ଜଳିଲେ ଘର ତିନି ଘଣ୍ଟା ଅନ୍ଧାର ରହୁଛି। ପ୍ରବଳ ଗରମ ଓ ଗୁଳୁଗୁଳିରେ ବିଜୁଳି ସେବା ଠପ ହୋଇ ଯାଉଥିବାରୁ ଲୋକମାନଙ୍କ ମଧରେ ପ୍ରବଳ ଅସନ୍ତୋଷ ଦେଖା ଦେଲାଣି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ସମସ୍ୟା ବେଶ ବଢ଼ିଗଲାଣି। ପ୍ରତ୍ୟେକ ଦିନ ଦିନରେ ୧୦ରୁ ଅଧିକ ଥର ବିଜୁଳି କଟୁଥିବା ବେଳେ ସନ୍ଧ୍ୟାରେ ଭୋଲଟେଜ କମିଯାଉଛି। ଫଳରେ ବିଜୁଳି ବଲବ ଗୁଡିକ ଲଣ୍ଠନ ଭଳି ଜଳୁଛି। ଦିନରେ ବି ସମାନ ଅବସ୍ଥା। ବାହାରେ ସୂର୍ଯ୍ୟଙ୍କ ପ୍ରଚଣ୍ଡ ରୋଦ୍ରତାପ ଓ ଭିତରେ ବିଜୁଳି ଯନ୍ତ୍ରଣା ଯୋଗୁଁ ଉପଭୋକ୍ତା ତ୍ରାହି ତ୍ରାହି ଡାକି ଲେଣି।

ଏ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବା ସହ ସମସ୍ୟାର ତୁରନ୍ତ ସମାଧାନ ଲାଗି ଦାବୀ କରିଛନ୍ତି ଲୋକେ। ନଚେତ ଆଗାମୀ ଦିନରେ ଲୋକେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଆସିଷ୍ଟାଣ୍ଡ ମ୍ୟାନେଜର ସୁବ୍ରତ ତ୍ରିପାଠୀ କୁହନ୍ତି, ଅନେକ ସ୍ଥାନରେ ବ୍ରେକ ଡାଉନ ହେଉଛି, ସେଥିପାଇଁ କିଛି ସମୟ ବିଦ୍ୟୁତ କଟି ଯାଉଛି। ଗ୍ରୀଷ୍ମ ଦିନେ ଯେପରି ବିଜୁଳି ସମସ୍ୟା ସୃଷ୍ଟି ନ ହୁଏ, ସେଥିପ୍ରତି ସ୍ୱତନ୍ତ୍ର ଭାବେ ଧାନ ଦିଆଯାଉଛି। ଯେଉଁ ଅଞ୍ଚଳ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ଟ୍ରାନ୍ସଫର୍ମର ଆବଶ୍ୟକତା ପଡୁଛି, ସେଠାରେ ଏ ଦିଗରେ ପଦକ୍ଷେପ ନିଆଯାଉଛି।

ସଂଚାର THE SANCHAR

# ଶିମିଳିପାଳରେ ୪୦ ମହାବଳ



୧୦ ବର୍ଷରେ ୧୦୦ରେ ପହଞ୍ଚିବ

**ବାରିପଦା, ୨୫।୪ (ସଂଚାର ବ୍ୟୁରୋ) :** ଦୀର୍ଘ ୪୫ ବର୍ଷ ପରେ ଶିମିଳିପାଳ ଅଭୟାରଣ୍ୟକୁ ସରକାରୀ ଭାବେ ଜାତୀୟ ଉଦ୍ୟାନ ଘୋଷଣା କରାଯାଇଥିବା ବେଳେ ଆଜି ବନ୍ୟପ୍ରାଣୀ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ) ପ୍ରେମ କୁମାର ଝା' ଏହି ଉଦ୍ୟାନରେ ଥିବା ମହାବଳ ବାଘଙ୍କ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଉଦ୍ୟାନରେ କ୍ରମଶଃ ମହାବଳଙ୍କ ବଂଶ ବଢୁଥିବା ଶ୍ରୀ ଝା' କହିବା ସହ ଆଗାମୀ ୧୦ ବର୍ଷରେ ଏଠାକାର ବାଘ ସଂଖ୍ୟାକୁ ୧୦୦ରେ ପହଞ୍ଚାଇବା ସକାଶେ ଲକ୍ଷ୍ୟ ରହିଥିବା କହିଛନ୍ତି। ସେ କହିଛନ୍ତି ଯେ ସମ୍ପ୍ରତି ଶିମିଳିପାଳରେ ମୋଟ ୪୦ଟି ମହାବଳ ବାଘ ଅଛନ୍ତି, ଯେଉଁମାନଙ୍କ ମଧ୍ୟରେ ଜିନତ ଓ ଯମୁନା ଅନ୍ୟତମ। ସେହିପରି ସେମାନଙ୍କ ମଧ୍ୟରେ ୬ଟି ଶାବକ ମଧ୍ୟ ଅଛନ୍ତି। ଚଳିତ ବର୍ଷ କ୍ୟାମେରା ଟ୍ରାପରୁ ଏହା ସ୍ପଷ୍ଟ ହୋଇଥିବା ଶ୍ରୀ ଝା' କହିଛନ୍ତି। ତାଙ୍କ ସୂଚନାନୁସାରେ, ଜିନତ୍ ଓ ଯମୁନା ବ୍ୟତୀତ ଶିମିଳିପାଳରେ ଥିବା ମହାବଳ ବାଘଙ୍କ ମଧ୍ୟରୁ ୧୩ଟି ପୁରୁଷ ଓ ୧୭ଟି ବାଘୁଣୀ। ଅନ୍ୟ ଦୁଇଟି ମହାବଳ ପୁରୁଷ ନା ବାଘୁଣୀ, ତାହା ଅଦ୍ୟାବଧି ସ୍ପଷ୍ଟ ହୋଇପାରିନାହିଁ। ସେହିପରି ଶିମିଳିପାଳରେ ଥିବା ମହାବଳ ମଧ୍ୟରେ ୧୮ଟି କଳା ମହାବଳ ରହିଛନ୍ତି। କଳା ମହାବଳ ମଧ୍ୟରେ ୯ଟି ପୁରୁଷ ଓ ୯ଟି ବାଘୁଣୀ ଥିବା ଶ୍ରୀ ଝା' କହିଛନ୍ତି। ଅନ୍ୟପକ୍ଷରେ ଆଗାମୀ ୧୦ ବର୍ଷ ମଧ୍ୟରେ ମହାବଳ ସଂଖ୍ୟା ୧୦୦କୁ ବୃଦ୍ଧି ପାଇବା ନେଇ ବନ ବିଭାଗର ଲକ୍ଷ୍ୟ ରହିଛି। ଗତବର୍ଷ ରାଜ୍ୟର ପ୍ରଥମ ମହାବଳ ଗଣନା ରିପୋର୍ଟ ଅନୁସାରେ, ଶିମିଳିପାଳରେ ୨୭ଟି ମହାବଳ ସହ ୮ଟି ଶାବକ ରହିଥିଲେ। ବାଘ ସଂଖ୍ୟା ବୃଦ୍ଧି ହେବା ସହ ସରକାରଙ୍କ ଉଦ୍ଦେଶ୍ୟ ସଫଳ ହୋଇପାରିଛି ବୋଲି ପଶୁପ୍ରେମୀମାନେ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ୪୫ ବର୍ଷ ପରେ ଗତକାଲି ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟ ପାଇଛି ଜାତୀୟ ଉଦ୍ୟାନ ମାନ୍ୟତା। ଗତକାଲି ଶିମିଳିପାଳକୁ ସରକାରୀ ଭାବେ ନ୍ୟାସନାଲ ପାର୍କ ବା ଜାତୀୟ ଉଦ୍ୟାନ ଭାବେ ଘୋଷଣା କରିଛନ୍ତି ରାଜ୍ୟ ସରକାର। ଏଥିପାଇଁ ୧୯୮୦ ମସିହାରେ ପ୍ରଥମ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାପରେ ୧୯୮୫-୮୬ ମସିହାରେ ପୁଣି ଥରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ସବୁ ପ୍ରକ୍ରିୟା ସରିବା ପରେ ଗତକାଲି ଏନେଇ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି। ଜାତୀୟ ଉଦ୍ୟାନ ଘୋଷଣା ପରେ ଏବେ ଶିମିଳିପାଳ ଉପରେ କୌଣସି ବ୍ୟକ୍ତିବିଶେଷଙ୍କର କିଛି ବି ଅଧିକାର ରହିବନାହିଁ। ଏହାଦ୍ୱାରା କେନ୍ଦ୍ରରୁ ସ୍ୱତନ୍ତ୍ର ବଜେଟ ମିଳିବ। ସେହିପରି ବନ୍ୟପ୍ରାଣୀ ଓ ଜଙ୍ଗଲର ଅଧିକ ସୁରକ୍ଷା ହୋଇପାରିବ ବୋଲି ଗତକାଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ କହିଥିଲେ।

## ବର୍ଷାଙ୍କୁ ମିଳିବନି ଭରଣପୋଷଣ



**କଟକ, ୨୫।୪ (ସଂଚାର ବ୍ୟୁରୋ):** ବର୍ଷା- ଅନୁଭବ ପାରିବାରିକ ବିବାଦ ମାମଲା। ବର୍ଷାଙ୍କୁ ଭରଣପୋଷଣ ଦେବେନି ଅନୁଭବ। ଘରୋଇ ହିଂସା ମାମଲାରେ ଶୁଣାଣି କରି ରାୟ ଦେଇଛନ୍ତି କଟକ ଜେଏମ୍ଏଫ୍ସି କୋର୍ଟ। ଅଦାଲତରେ ଅଭିଯୋଗ ସମ୍ପର୍କିତ ପ୍ରମାଣ ଦେଇ ପାରିନାହାଁନ୍ତି ବର୍ଷା। ଫଳରେ କୋର୍ଟ ଅନୁଭବଙ୍କ ସପକ୍ଷରେ ରାୟ ଶୁଣାଇଛନ୍ତି। ସୂଚନାଥାଉକି, ଏହି ଷ୍ଟାର ଦମ୍ପତିଙ୍କ ପାରିବାରିକ ବିବାଦର ମୂଳ ମାମଲା ୨୦୨୦ ଜୁଲାଇ ୬ରେ ଅନୁଭବ ମହାନ୍ତିଙ୍କ ଦ୍ୱାରା ଦିଲ୍ଲୀର ପଟିଆଲା ହାଉସ ପରିବାର ଅଦାଲତରେ ରୁଜୁ ହୋଇଥିଲା । ଏହାପରେ ଏହି ମାମଲାକୁ କଟକ ପରିବାର ଅଦାଲତକୁ ସ୍ଥାନାନ୍ତରିତ କରିବା ପାଇଁ ବର୍ଷା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ କଟକ ପରିବାର ଅଦାଲତରେ ବିବାହ ବିଚ୍ଛେଦ ଆବେଦନ ଖାରଜ ହେବା ପରେ ଅନୁଭବ ମହାନ୍ତି ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ୨୦୨୩ ଡିସେମ୍ବର ୨୧ରେ ହାଇକୋର୍ଟ ଅନୁଭବ ମହାନ୍ତିଙ୍କ ଆବେଦନକୁ ଗ୍ରହଣ କରି ବିବାହ ବିଚ୍ଛେଦକୁ ଅନୁମତି ଦେଇଥିଲେ ।



## ରାଜ୍ୟ ଯୋଗାଣ ନିଗମ ଭବନର ଶିଳାନ୍ୟାସ

**ଭୁବନେଶ୍ୱର, ୨୫।୪(ସଂଚାର ବ୍ୟୁରୋ):** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ନୂତନ ଭବନର ଶିଳାନ୍ୟାସ କରିଛନ୍ତି। ଏହି ନୂତନ ଭବନଟି ପ୍ରାୟ ୨୫ କୋଟି ଟଙ୍କା ବିନିମୟରେ ନିର୍ମାଣ ହେବ। ଆସନ୍ତା ଏକ ବର୍ଷ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ଶେଷ ହୋଇ ଭବନଟିରେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ମୁଖ୍ୟ ଦପ୍ତର ଭାବେ କାର୍ଯ୍ୟ କରିବ। ବର୍ତ୍ତମାନ ନିଗମର କାର୍ଯ୍ୟ ହେଉଥିବା ଭବନଟି ୩୭ ବର୍ଷ ପୁରୁଣା ଏବଂ ନିଗମର କାର୍ଯ୍ୟଭାର ଓ କର୍ମଚାରୀ ସଂଖ୍ୟା ବୃଦ୍ଧି ଯୋଗୁଁ ଏକ ନୂତନ ଭବନର ଆବଶ୍ୟକତା ରହିଛି। ନିର୍ମାଣ ହେବାକୁ ଥିବା ଏହି ନୂତନ ଭବନଟି ୫ ମହଲା ବିଶିଷ୍ଟ ହେବ। ଏହାର ବେସ୍‌ମେଣ୍ଟରେ ଯାନ ରଖିବା ପାଇଁ ପାର୍କିଂସ୍ଥଳ ରହିବ। ଏହି ଅବସରରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର, ନିର୍ମାଣକାରୀ ସଂସ୍ଥାର ପ୍ରତିନିଧି ସମେତ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଛୁଟି ନିୟମ ଖିଲାପ କଲେ କଠୋର କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ



**ଭୁବନେଶ୍ୱର, ୨୫।୪ (ସଂଚାର ବ୍ୟୁରୋ):** ବେସରକାରୀ ସ୍କୁଲ ଓ କଲେଜକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କଡ଼ା ଚେତାବନୀ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଗ୍ରୀଷ୍ମ ପ୍ରବାହ ନେଇ ସରକାର ଏସ୍ଓପି ଜାରି କରିଥିବା ବେଳେ ଏହାକୁ ନ ମାନି ସ୍କୁଲ, କଲେଜ ଖୋଲିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗ୍ରୀଷ୍ମ ପ୍ରବାହକୁ ନେଇ ପଦକ୍ଷେପ ନିଆଯାଇଛି। ସ୍ଥିତି ନିୟନ୍ତ୍ରଣରେ ରହିଥିବା କହିଛନ୍ତି ମନ୍ତ୍ରୀ ଶ୍ରୀ ପୂଜାରୀ। ଏଥିସହିତ ମନ୍ତ୍ରୀ ସତର୍କ କରାଇଦେଇଛନ୍ତି ଯେ ଅତି ଆବଶ୍ୟକ ନଥିଲେ ଘରୁ ବାହାରନ୍ତୁ ନାହିଁ। ଅଂଶୁଘାତ ୱାର୍ଡ ପ୍ରସ୍ତୁତ ରଖିବାକୁ ସିଏଚ୍ସି ଓ ପିଏଚ୍ସିକୁ ମଧ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଗତ ୨୩ ତାରିଖଠାରୁ ଅଙ୍ଗନବାଡ଼ି, ଶିଶୁବାଟିକାଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ରାଜ୍ୟରେ ବର୍ତ୍ତମାନ ଜାରି ରହିଥିବା ଭୀଷଣ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପିଲାମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିବା ପରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଅନୁଯାୟୀ, ଅଙ୍ଗନବାଡ଼ି କେନ୍ଦ୍ର, ଶିଶୁବାଟିକାଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ, ବେସରକାରୀ ସ୍କୁଲରେ ଯଥେଷ୍ଟ ପୂର୍ବରୁ ଖରାଛୁଟି ଘୋଷଣା କରାଯାଇଛି। ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଦିନ ତାପମାତ୍ରାରେ ଅତ୍ୟଧିକ ବୃଦ୍ଧି ଯୋଗୁ ସାଧାରଣ ଜୀବନଯାପନ ବାଧାପ୍ରାପ୍ତ ହେଉଛି। ତେଣୁ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ସର୍ବାଧିକ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ଏହି ସମୟ ମଧ୍ୟରେ ଅଙ୍ଗନବାଡ଼ି ପିଲାମାନଙ୍କୁ ସେମାନଙ୍କ ଘରେ ଶୁଖିଲା ଖାଦ୍ୟ ଯୋଗାଇ ଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଉଭୟ ସରକାରୀ ଓ ବେସରକାରୀ କଲେଜ ପିଲାମାନଙ୍କ ପାଇଁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ଏହି ସମୟରେ ପୂର୍ବରୁ ନିର୍ଦ୍ଧାରିତ ପରୀକ୍ଷାଗୁଡ଼ିକ ନିର୍ଦ୍ଦିଷ୍ଟ ତାରିଖରେ ହେବ ଏବଂ ସଂପୃକ୍ତ ଅଧିକାରୀମାନେ ଏଥିପ୍ରତି ଯତ୍ନବାନ ହେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇସାରିଛି।

## ସ୍ୱାଭିମାନ ଅଞ୍ଚଳରୁ ମାଓ ଡମ୍ପ ଉଦ୍ଧାର

● ତଲାସୀ ଅଭିଯାନ ଜାରି



**ମାଲକାନଗିରି, ୨୫।୪(ସଂଚାର ବ୍ୟୁରୋ):** ସ୍ୱାଭିମାନ ଅଞ୍ଚଳରୁ ଆଜି ମାଓ ଡମ୍ପ ଉଦ୍ଧାର କରାଯାଇଛି। ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳର କେନ୍ଦୁଗୁଡ଼ା ଓ ସଲଗାଓଁପୁଟ ଜଙ୍ଗଲରୁ ଏହି ମାଓ ଡମ୍ପ ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ଯବାନମାନେ ଉଦ୍ଧାର କରିଛନ୍ତି। ଗୁଇନ୍ଦା ବିଭାଗ ସୂଚନା ପାଇ ୧୭୭ ବିଏସଏଫ ବାଟାଲିୟନ ପକ୍ଷରୁ ବିଭିନ୍ନ ସ୍ଥାନରେ ତଲାସୀ ଅଭିଯାନ ଜାରି ରହିଥିଲା। ଏହି ତଲାସୀ ଅଭିଯାନ ସମୟରେ ସୁରକ୍ଷାକର୍ମୀମାନେ ମାଓ ଡମ୍ପ ଉଦ୍ଧାର କରିଥିଲେ। ଏହି ଡମ୍ପରୁ ୨ଟି ଟିଫିନ ବୋମା, ବିଦ୍ୟୁତ ତାର, ପ୍ଲାଷ୍ଟିକ ଡ୍ରମ, ଅକ୍ସିଜେନ ସିଲିଣ୍ଡର ଆଦି ଉଦ୍ଧାର କରାଯାଇଛି। ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ମାଓବାଦୀ ଜଙ୍ଗଲରେ ଏଭଳି ଡମ୍ପ କରି ଅସ୍ତ୍ରଶସ୍ତ୍ର,ବିସ୍ଫୋରକ ଲୁଚାଇ ରଖିଥିବା ଜଣାପଡ଼ିଛି।

## ପାକିସ୍ତାନ ମୁର୍ଦ୍ଦାବାଦରେ କମ୍ପିଲା ଜୟପୁର




**ଜୟପୁର, ୨୫।୪(ସଂଚାର ବ୍ୟୁରୋ):** ଜୟପୁର ବ୍ରହ୍ମାସାହି ନିକଟ ମସ୍‌ଜିଦ୍‌ରେ ଶୁକ୍ରବାର ଅବସରରେ ନମାଜ ପରେ ନିଷ୍ପତ୍ତି ନିଆଯାଇ ମୁସଲିମ ଅଞ୍ଜୁମାନ କମିଟିର ସଦସ୍ୟମାନେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ହିନ୍ଦୁସ୍ତାନ ଜିନ୍ଦାବାଦ୍ ପାକିସ୍ତାନ ମୁର୍ଦ୍ଦାବାଦ୍ ନାରା ଦେଇଛନ୍ତି। କାଶ୍ମୀରର ପହଲଗାମ୍‌ରେ ନିରୀହ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ନିଷ୍ଠୁର ଆତଙ୍କବାଦୀ ଆକ୍ରମଣ ଦେଶବାସୀଙ୍କୁ କ୍ଷୁବ୍ଧ କରିଛି। ଏହି ଘଟଣା ଯୋଗୁ ଜୟପୁରର ମୁସଲମାନେ ମଧ୍ୟ ଅତ୍ୟନ୍ତ ଦୁଃଖିତ ଓ ଚକିତ ହୋଇଛନ୍ତି। ତେଣୁ ଆଜି ସେମାନେ ମୃତକଙ୍କ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସେମାନଙ୍କ ସଦ୍‌ଗତି କାମନା କରିଛନ୍ତି। କେନ୍ଦ୍ର ସରକାର ଆତଙ୍କବାଦୀଙ୍କ ଉପରେ ଯେ କୌଣସି କଠୋର ପଦକ୍ଷେପ ନେଲେ ବି ସେମାନେ ତାହାକୁ ସମର୍ଥନ କରିବେ ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଆମେ ଅଛୁ। ଆକ୍ରମଣର ଶିକାର ହୋଇଥିବା ପର୍ଯ୍ୟଟକ ଓ ସେମାନଙ୍କ ପରିବାର ପ୍ରତି ଆମେ ଗଭୀର ସବବେଦନା ଜଣାଉଛୁ ବୋଲି ଉଲ୍ଲେଖ କରାଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜୟପୁର ଉପଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରର ନକଲ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ, ରାଜ୍ୟପାଳଙ୍କୁ ବି ପ୍ରଦାନ କରାଯାଇଥିବା ବିଷୟ ମୁସ୍ତାଫା ବେଗ, ମହମ୍ମଦ ଇଶାକ ଆକବର ବେଗ୍ ସୂଚନା ଦେଇଛନ୍ତି।

## ହତ୍ୟାକାଣ୍ଡ ମାମଲାରେ ୪ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

**ଖୋର୍ଦ୍ଧା, ୨୫।୪(ସଂଚାର ବ୍ୟୁରୋ):** ୧୦ ବର୍ଷ ପରେ ଏକ ହତ୍ୟାକାଣ୍ଡ ମାମଲାରେ ଆଜି ରାୟ ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (୧ମ) ମଞ୍ଜୁଲତା ଲେଙ୍କା ୩୦୨ ଦଫାରେ ୪ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତମାନେ ହେଲେ ବାଣପୁର ଅଞ୍ଚଳର ଆଶିଷ ବିଶ୍ୱାଳ, ମାନସ ପାତ୍ର, ସନାତନ ବିଶ୍ୱାଳ ଓ ଆଲୋକ ବିଶ୍ୱାଳ। ଏଥିରେ ପୂର୍ବରୁ ଦୁଇ ଜଣ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଓ ଶ୍ରୀନିବାସ ବିଶ୍ୱାଳଙ୍କ ମୃତ୍ୟୁ ଘଟିଛି। ମାମଲାରୁ ପ୍ରକାଶ ଯେ ବାଣପୁର ଥାନା ହଳନ୍ତରା ଗ୍ରାମର ପ୍ରଶାନ୍ତ ବିଶୋଇ ଗ୍ରାମର ଏକ କଂକ୍ରିଟ ରାସ୍ତା ନିର୍ମାଣ କରୁଥିଲେ। ଏହାକୁ ଅଭିଯୁକ୍ତମାନେ ବିରୋଧ କରିଥିଲେ। ୨୦୧୪ ଅକ୍ଟୋବର ୨୨ରେ ଅଭିଯୁକ୍ତମାନେ ତାଙ୍କ ଘରେ ପଶି ବୋମାମାଡ କରିଥିଲେ। ବୋମାମାଡ଼ରେ ପ୍ରଶାନ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତକଙ୍କ ମା' କନ୍ଧୁଣୀ ବିଶୋଇଙ୍କ ଅଭିଯୋଗ କ୍ରମେ ଥାନାରେ ଦଫା ୩୦୨ରେ ଏକ ହତ୍ୟା ମାମଲା(ନଂ ୩୧୧/୧୪) ରୁଜୁ ହୋଇଥିଲା। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲା ବିଚାରାଧୀନ ଥିଲା। ଶୁକ୍ରବାର ଏହି ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ପ୍ରଥମ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏପିପି ସଲୀଳ ପ୍ରଧାନ ମାମଲା ପରିଚାଳନା କରିଥିଲେ।

## ଅଟୋ ଉପରେ ପଡ଼ିଲା ଗଛ: ୨ ମୃତ

**ବଲାଙ୍ଗୀର, ୨୫।୪(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ପୁଇଁତଳା ବ୍ଲକ ଆଠଗାଁ ରାସ୍ତା କଂସାବାହାଲ ଛକ ନିକଟରେ ଆଜି ଏକ ଅଘଟଣ ଘଟିଛି। କାଳବୈଶାଖୀ ତାଣ୍ଡବରେ ଖୁବ୍ ଜୋରରେ ପବନ ବହିବା ସହ ଏକ ବଡ଼ ଗଛ ପଡ଼ିଯିବା ଫଳରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଉକ୍ତ ଗଛଟି ରାସ୍ତାରେ ଯାଉଥିବା ଏକ ଅଟୋ ଉପରେ ପଡ଼ିଯିବା ଫଳରେ ଏପରି ଅଘଟଣ ଘଟିଛି। ଉକ୍ତ ଜଣେ ଅଟୋ ଚାଳକ ବାଲଖମାରରୁ ଜଣେ ଯାତ୍ରୀଙ୍କୁ ଧରି ବଲାଙ୍ଗୀର ଅଭିମୁଖେ ଆସୁଥିଲେ। ତେବେ ସେତିକିବେଳେ କାଳବୈଶାଖୀ ପ୍ରଭାବରେ ଜୋରରେ ପବନ ବହିବାରୁ ଏକ ଗଛ ଭାଙ୍ଗି ଅଟୋ ଉପରେ ପଡ଼ିଯାଇଥିଲା। ଫଳରେ ଯାତ୍ରୀଙ୍କ ସହ ଅଟୋ ଚାଳକଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଖବର ପାଇଁ ପୁଇଁତଲା ଆଇଆଓ ଅନୀତା ପ୍ରଧାନ ଏବଂ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭୀମଭୋଇ ମେଡିକାଲ ପଠାଇଥିଲେ। ମୃତ ଯାତ୍ରୀ ଜଣଙ୍କ ତଣ୍ଡାମୁଣ୍ଡା ଗ୍ରାମର ରବି ନନ୍ଦ ହୋଇଥିବା ବେଳେ ଚାଳକ ଟୁମୁରୁ ମହମ୍ମଦଙ୍କ ଘର ତରଭା ଅଞ୍ଚଳରେ ବୋଲି ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ବିରାଟକାୟ ଗଛଟି ପଡ଼ିଯିବା ଫଳରେ ଅଟୋଟି ସମ୍ପୂର୍ଣ୍ଣ ଭାବେ ଚାପି ହୋଇଯାଇଥିଲା। ଫଳରେ ସେଥିରେ ଥିବା ରବି ଓ ମହମ୍ମଦ ବାହାରକୁ ବାହାରିବାର ସୁଯୋଗ ହିଁ ପାଇନଥିଲେ। ଏପରି ଏକ ଅଘଟଣ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

## ୪୭୩ କଇଁଛ ଜବତ, ୨ ବେପାରୀ ଫେରାର

**ମାଲକାନଗିରି, ୨୫।୪(ସଂଚାର ବ୍ୟୁରୋ):** ମୋଟୁରେ ୪୭୩ କଇଁଛ ଜବତ ହୋଇଛି। ଆନ୍ଧ୍ର -ଓଡ଼ିଶା ସୀମାନ୍ତରେ ୧୩ଟି ବସ୍ତାରେ ୪୭୩ କଇଁଛ ଚାଲାଣ ସମୟରେ ମୋଟୁ ବନ ବିଭାଗ ଏହାକୁ ଜବତ କରିଛି। ଏଥିସହ ଗୋଟିଏ ବୋଲେରୋ ଗାଡ଼ି ଜବତ ହୋଇଥିବା ବେଳେ ଦୁଇ ଜଣ ବେପାରୀ ଫେରାର ହୋଇଯିବାରେ ସକ୍ଷମ ହୋଇଛନ୍ତି। ଏମ୍. ଭି-୭୯ ରେଞ୍ଜର ରଶ୍ମି ରଞ୍ଜନ ସ୍ୱାଇଁ ମୋଟୁ ସେକ୍ସନର ଫରେଷ୍ଟର ମୁରୁଳି ଅନୁଗୁଳିଆଙ୍କ ସହ ବନ ବିଭାଗର କର୍ମଚାରୀମାନେ ମୋଟୁ ଚେକ ପଏଣ୍ଟଠାରେ ପଇଁତରା ମାରୁଥିଲେ। ଭୋର ସମୟରେ ମୋଟୁ ଚେକ ପଏଣ୍ଟରେ ଏକ ବୋଲାରୋ ଯୋଗେ କଇଁଛ ଆନ୍ଧ୍ରରୁ ଓଡ଼ିଶାକୁ ଚୋରାଚାଲାଣ ହେଉଥିବା ସମୟରେ ସେମାନେ ଏହାକୁ ଜବତ କରିଛନ୍ତି।



## ତେଜିଲା ମଧୁବାବୁଙ୍କୁ ଭାରତରତ୍ନ ଉପାଧି ଦାବି

● ଦସ୍ତଖତ ଅଭିଯାନ ଆବାହକଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର, ୨୫।୪(ସଂଚାର ବ୍ୟୁରୋ):** ଭାରତ ଗୌରବ ମଧୁସୂଦନ ଦାସଙ୍କୁ ମରଣୋତ୍ତର ଭାରତରତ୍ନ ସମ୍ମାନରୁ ବହୁ ଊର୍ଦ୍ଧ୍ୱରେ। ତାଙ୍କୁ ମରଣୋତ୍ତର ଭାବେ ଭାରତରତ୍ନ ପ୍ରଦାନ ସହ ସଂସଦ ଭବନରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ମଧୁସୂଦନଙ୍କ ନାମରେ ରେଳଗାଡ଼ି, ଜୟନ୍ତୀକୁ ସରକାରୀ ଛୁଟି ଘୋଷଣା ଓ କୋର୍ଟ ନିକଟସ୍ଥ ରାସ୍ତାକୁ ମଧୁବାବୁଙ୍କ ନାମରେ ନାମିତ କରାଯିବା ସକାଶେ ଆଜି ପୁଣି ଆଇନଜୀବୀମାନେ ଦାବି କରିଛନ୍ତି। ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଗଠନରେ ପ୍ରମୁଖ ଭୂମିକା ନେଇ ମଧୁବାବୁ ରାଜ୍ୟକୁ ଗୌରବାନ୍ୱିତ କରିଥିଲେ। ସେଥିପାଇଁ ତାଙ୍କୁ ନୂତନ ଓଡ଼ିଶାର ନିର୍ମାତା ଓ ଜନକ ବୋଲି କୁହାଯାଏ। ମଧୁବାବୁଙ୍କୁ ଯଥୋଚିତ ସମ୍ମାନ ମିଳିନଥିବାରୁ ଅଲ ଓଡ଼ିଶା ଲୟର୍ସ ଫୋରମ୍ ପକ୍ଷରୁ ବିଭିନ୍ନ ଜିଲ୍ଲାର ମୁରବୀଙ୍କ ସମେତ ରାଜ୍ୟର ବିଭିନ୍ନ ଓକିଲ ସଂଘ ସହଯୋଗରେ ଦସ୍ତଖତ ସଂଗ୍ରହ ଅଭିଯାନ ଜାରି ରହିଛି। ନିକଟରେ ହାଇକୋର୍ଟ ଓ ସୁପ୍ରିମକୋର୍ଟ ପରିସରରେ ଏହି ଅଭିଯାନ ହୋଇଥିବା ବେଳେ ଏଥିରେ ୨୧ଟି ରାଜ୍ୟରୁ ଦସ୍ତଖତ ସଂଗ୍ରହ କରାଯାଇଛି। କୋଲକାତାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ କ୍ରମେ ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଗୁଜୁରାଟ, ଚେନ୍ନାଇ, ଗୋଆ, ଆନ୍ଧ୍ରପ୍ରଦେଶର ତିରୁପତି, ଆଣ୍ଡାମାନ, ବେଙ୍ଗାଲୁରୁ, ପଞ୍ଜାବ, ଉତ୍ତରାଖଣ୍ଡ, ତ୍ରିପୁରା, ଗୋଆ, ଆସାମ, ମିଜୋରାମ, ସିକିମ ଓ ନୂଆଦିଲ୍ଲୀ ଆଦିରେ ପହଞ୍ଚିଛି। ଏଥିସହ ବିଭିନ୍ନ ଜିଲ୍ଲାରେ ମଧ୍ୟ ସ୍ୱାକ୍ଷର ସଂଗ୍ରହ ଚାଲୁ ରହିଛି। ଏହି ଅଭିଯାନ ଚଳାଇଥିବାରୁ ଫୋରମର ଆବାହକ ଆଇନଜୀବୀ ଲିଙ୍ଗରାଜ ସାହୁଙ୍କୁ ଆଜି ଭୁବନେଶ୍ୱର ବାରଠାରେ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱର ଓକିଲ ସଙ୍ଘର ପୂର୍ବତନ ସମ୍ପାଦକ ଦୀପକ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ଚଳିତ ବର୍ଷର ସମ୍ପାଦକ ସତ୍ୟ ରଞ୍ଜନ ସେନାପତି, ପୂର୍ବତନ ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, ନିହାର ରଞ୍ଜନ ସେଠୀ ଉପସ୍ଥିତ ଥିଲେ।

## ସୁଭଦ୍ରା ସଫଳତା ପାଇଁ ଗଣମାଧ୍ୟମକୁ ଶ୍ରେୟ




● 'ଗଣମାଧ୍ୟମ ସହ କଥାବାର୍ତ୍ତା'ରେ ମତାମତ ସଂଗ୍ରହ

● ଧନ୍ୟବାଦ ଦେଲେ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୫।୪(ସଂଚାର ବ୍ୟୁରୋ):** ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆଜି ଏଠାରେ ଆୟୋଜିତ 'ଗଣମାଧ୍ୟମ ସହ କଥାବାର୍ତ୍ତା' କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଦେବା ସହ ଯୋଜନାକୁ ଆହୁରି ଉନ୍ନତ କରିବା ସକାଶେ ସୁଚିନ୍ତିତ ମତାମତ ଗ୍ରହଣ କରିଛନ୍ତି। ସୁଭଦ୍ରା ଯୋଜନାରେ ଏସଓପି ତଥା ଗାଇଡଲାଇନକୁ ଘରେ ଘରେ ପହଞ୍ଚାଇବା ସହ ଜନସଚେତନତା ସୃଷ୍ଟି କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବା ଶ୍ରୀମତୀ ପରିଡ଼ା କହିଛନ୍ତି। ବିଭିନ୍ନ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ସୁଭଦ୍ରା ଯୋଜନାକୁ ଆହୁରି ସମୃଦ୍ଧ କରାଯିବ ବୋଲି ସେ କହିଛନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଶ୍ରୀମତୀ ପରିଡ଼ା ସେମାନଙ୍କ ସୁଚିନ୍ତିତ ମତାମତ ଉପରେ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସ୍ୱଳ୍ପ ସମୟ ମଧ୍ୟରେ ସୁଭଦ୍ରା ଯୋଜନାରେ କୋଟିଏରୁ ଊର୍ଦ୍ଧ୍ୱ ହିତାଧିକାରୀ ଯୋଡ଼ି ହୋଇଥିବାରୁ ମହିଳା ଶିଶୁ ବିକାଶ ବିଭାଗର ଅଧିକାରୀଙ୍କ ସହ ତୃଣମୂଳ ସ୍ତରରେ କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମୀ ଓ ମୋ ସେବା କେନ୍ଦ୍ର, ଜନ ସେବା କେନ୍ଦ୍ର କର୍ମକର୍ତ୍ତାଙ୍କୁ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିବା ବେଳେ ୨୦୦ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଏହାଛଡ଼ା ଅତିରିକ୍ତ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ପ୍ରମୁଖ ଅଧିକାରୀ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଶପଥ ନେଲେ ମୁଖ୍ୟ ସୂଚନା ଆୟୁକ୍ତ ଓ ରାଜ୍ୟ ସୂଚନା ଆୟୁକ୍ତ




**ଭୁବନେଶ୍ୱର, ୨୫।୪(ସଂଚାର ବ୍ୟୁରୋ):** ନବନିଯୁକ୍ତ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଏବଂ ୩ଜଣ ରାଜ୍ୟ ସୂଚନା ଆୟୁକ୍ତ ଶପଥ ଗ୍ରହଣ କରିଛନ୍ତି । ଆଜି ରାଜଭବନର ଅଭିଷେକ ହଲ୍ ଠାରେ ଏହି ଉପଲକ୍ଷେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ମନୋଜ କୁମାର ପରିଡ଼ା, ରାଜ୍ୟ ସୂଚନା ଆୟୁକ୍ତ ଭାବେ ପ୍ରାଣବନ୍ଧୁ ଆଚାର୍ଯ୍ୟ, ପବିତ୍ର ମଣ୍ଡଳ ଓ କଳ୍ପନା ପଟ୍ଟନାୟକଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ପ୍ରାରମ୍ଭରେ ରାଜ୍ୟପାଳଙ୍କ ଅନୁମତି ପ୍ରାପ୍ତ ପରେ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଏବଂ ରାଜ୍ୟ ସୂଚନା ଆୟୁକ୍ତଙ୍କ ନିଯୁକ୍ତି ଆଜ୍ଞାପତ୍ର ପାଠ କରିଥିଲେ। ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଧାନସଭାର ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ମାନବିକ ଅଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘନ ପୂଜାହାରୀ, ରାଜ୍ୟ ସୂଚନା ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତି, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍ ରାଜପୁତ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ଗୁର୍‌ବୀର ସିଂହଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପଣସ ମିଶନ, କମୁଛି ବ୍ୟୟବରାଦ



**ଭୁବନେଶ୍ୱର, ୨୫।୪:** ରାଜ୍ୟରେ ବହୁ ଆଡମ୍ବରରେ ଆରମ୍ଭ ହୋଇଥିବା ପଣସ ମିଶନ ପାଇଁ ବ୍ୟୟ ବରାଦ ହ୍ରାସ ପାଇଛି । ଯୋଜନାକୁ ତିନି ବର୍ଷ ବିତିଥିଲେ ମଧ୍ୟ ହିତାଧିକାରୀଙ୍କ ସଂଖ୍ୟା ଦୁଇ ଶହ ଛୁଇଁପାରି ନାହିଁ । ରାଜ୍ୟରେ ପଣସ ଚାଷର ବ୍ୟାପକ ସୁଯୋଗ ରହିଥିବା ଓ ଏବଂ ଜାତୀୟ ଓ ଆର୍ନ୍ତଜାତୀୟ ବଜାରରେ ଏହାର ଚାହିଦାକୁ ଦେଖି ରାଜ୍ୟ ସରକାର ୨୦୨୨-୨୩ ବର୍ଷରେ ପଣସ ମିଶନ ଆରମ୍ଭ କରିଥିଲେ । ସେହିବର୍ଷ ରାଜ୍ୟ ସରକାର ଏଥିପାଇଁ ୧୫ଲକ୍ଷ ଟଙ୍କା ଯୋଗାଇ ଦେଇଥିବାବେଳେ ଏହା ପରବର୍ତ୍ତୀ ଅର୍ଥାତ୍ ୨୦୨୩-୨୪ ବର୍ଷରେ ବ୍ୟୟ ପରିବାଣ ୫କୋଟି ୧୫ଲକ୍ଷ ଟଙ୍କାକୁ ଟପିଯାଇଥିଲା । କିନ୍ତୁ ୨୦୨୪-୨୫ ବର୍ଷରେ ପଣସ ମିଶନ ପାଇଁ ବ୍ୟୟ ବରାଦ ରହିଛି ୫୧ଲକ୍ଷ ଟଙ୍କା । ରାଜ୍ୟର ଆଠଟି ଜିଲ୍ଲା ଯଥା ଢେଙ୍କାନାଳ, ଗଜପତି, କନ୍ଧମାଳ, କୋରାପୁଟ, ରାୟଗଡା, କେନ୍ଦୁଝର, ମୟୂରଭଞ୍ଜ ଓ ମାଲକାନଗିରି ଜିଲ୍ଲାରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି । ୨୦୨୨-୨୩ ବର୍ଷରେ ଏହିସବୁ ଜିଲ୍ଲାରେ ୮୪ ହେକ୍ଟର ଜମିରେ ପଣସ ଚାଷ ହୋଇଥିବାବେଳେ ଏଥିରେ ହିତାଧିକାରୀଙ୍କ ସଂଖ୍ୟା ୯୮ ଥିଲା । ତେବେ ୨୦୨୩-୨୪ବର୍ଷରେ ପଣସ ଚାଷର ପରିମାଣ ୧୦୦ହେକ୍ଟରକୁ ଟପିଥିବାବେଳେ ହିତାଧିକାରୀଙ୍କ ସଂଖ୍ୟା ୧୪୦ ହୋଇଥିଲା । କିନ୍ତୁ ୨୦୨୪-୨୫ ବର୍ଷରେ ପଣସ ଚାଷ ଜମିର ପରିମାଣ ୭୮ ହେକ୍ଟରକୁ ହ୍ରାସ ପାଇଥିବାବେଳେ ହିତାଧିକାରୀଙ୍କ ସଂଖ୍ୟା କିନ୍ତୁ ୧୪୯କୁ ବୃଦ୍ଧି ପାଇଛି। ତେବେ ରାଜ୍ୟରେ ପଣସ ଚାଷର ବ୍ୟାପକ ସୁଯୋଗ ରହିଥିବା ଏବଂ ସରକାର ଏଥିପାଇଁ ମିଶନ ଗଠନ କରିଥିଲେ ମଧ୍ୟ ପଣସ ଚାଷ ଇଲାକା ଓ ହିତାଧିକାରୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉନାହିଁ । ଏହାର କାରଣ ମିଶନ ପାଇଁ ହେଉଥିବା ବ୍ୟୟ ବରାଦକୁ ଦାୟୀ କରାଯାଉଛି ।

ତେବେ ଓଡ଼ିଶା ବାହାରେ ଓଡ଼ିଶାରୁ ଉତ୍ପାଦିତ କଞ୍ଚା ପଣସର ବ୍ୟାପକ ଚାହିଦା ଥିବାରୁ ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ବିପୁଳ ପରିମାଣର ପଣସ ସଂଗ୍ରହ କରୁଛନ୍ତି । ଏଥିପାଇଁ ରାଜ୍ୟ ବାହାରର ବ୍ୟବସାୟୀମାନେ କଞ୍ଚା ପଣସ ନେବାପାଇଁ କନ୍ଧମାଳ, ଗଜପତି, ରାୟଗଡା ଆଦି ଜିଲ୍ଲାରେ ମାସ ମାସ ଧରି ଡେରା ପକାଇବା ସହିତ ଟ୍ରକ ଟ୍ରକ ପଣସ ରାଜ୍ୟ ବାହାରକୁ ନେଇ ଯାଉଛନ୍ତି । ପଣସର ସେଭଳି କିଛି ନିର୍ଦ୍ଦିଷ୍ଟ ଦର ନଥିବାରୁ ପଣସ ବିକ୍ରି କରୁଥିବା ଆଦିବାସୀମାନେ ଅତ୍ୟନ୍ତ କମ୍ ମୂଲ୍ୟ ପାଉଥିବାବେଳେ ବ୍ୟବସାୟୀ ଓ ମଧ୍ୟସ୍ଥିମାନେ କିନ୍ତୁ ବେଶ୍ ଲାଭବାନ୍ ହେଉଛନ୍ତି । ତେବେ ଜାତୀୟ ଓ ଆର୍ନ୍ତଜାତୀୟ ବଜାରରେ ପଣସ ମଞ୍ଜିରୁ ପ୍ରସ୍ତୁତ ଅଟାର ବେଶ୍ ଚାହିଦା ରଖିଥିବାବେଳେ ଏଥିପାଇଁ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରାଯାଉଛି । ସେହିଭଳି ପାକଳ ପଣସରୁ ପ୍ରସ୍ତୁତ ଚିପ୍‌ସର ମଧ୍ୟ ବେଶ୍ ଚାହିଦା ରହିଛି । ତେଣୁ କଞ୍ଚା ପଣସ ବ୍ୟବସାୟରୁ ଆଦିବାସୀମାନେ ଯେଭଳି ସଠିକ୍ ପ୍ରାପ୍ୟ ପାଇବେ ଏବଂ ପଣସରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ ସହିତ ତାହାର ବଜାର ବ୍ୟବସ୍ଥା ହୋଇପାରିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ମତପ୍ରକାଶ ପାଇଛି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ମେ ୧୫ରେ ଲଞ୍ଚ ହେବ ନୂଆ ୟେଜ୍‌ଦି ଆଡ୍‌ଭେଞ୍ଚର




ନୂଆଦିଲ୍ଲୀ, ୨୫।୪: କ୍ଲାସିକ ଲିଜେଣ୍ଡସ୍ ନିଜର ପପୁଲାର୍ ମୋଟରସାଇକେଲ୍ ୟେଜ୍‌ଦି ଆନ୍‌ଭେନ୍‌ଚର ର ଅପଡେଟେଡ୍ ଭର୍ସନ ମେ ୧୫,୨୦୨୫ରେ ଲଞ୍ଚ କରିବାକୁ ଯାଉଛି। ଏହି ବାଇକ୍ ସେହି ଗ୍ରାହକଙ୍କ ପାଇଁ ବେଷ୍ଟ ହେବ ଯେଉଁମାନେ ଆଡଭେଞ୍ଚର ଏବଂ ୟୁନିକ୍ ଲୁକ୍ କୁ ପସନ୍ଦ କରନ୍ତି। କମ୍ପାନୀ ଗତ ବର୍ଷ ଏହି ବାଇକରେ ଅନେକ ବଡ଼ ପରିବର୍ତ୍ତନ କରିଥିଲା। ଯେଉଁଥିରେ ଇଞ୍ଜିନକୁ ଅପଗ୍ରେଡ୍ କରିବା ସହିତ ଇଞ୍ଜିନକୁ ମଧ୍ୟ ଉନ୍ନତ କରାଯାଇଥିଲା। ଖାସ୍ କରି ଫ୍ୟୁଏଲ୍ ଟ୍ୟାଙ୍କ୍ ପାଖରେ ମେଟଲ କ୍ରାସ୍ କେଜ୍ ଆଡ୍ କରି ବାଇକକୁ ଅଧିକ ମଜବୁତ୍ ଏବଂ ଆଡଭେଞ୍ଚର ପାଇଁ ପ୍ରସ୍ତୁତ କରାଯାଇଥିଲା। ଏକ ରିପୋର୍ଟ ଅନୁଯାୟୀ, ୟେଜ୍‌ଦି ଆନ୍‌ଭେନ୍‌ଚର ର ନୂଆ ମଡେଲର ଡିଜାଇନ୍ ଆହୁରି ଉନ୍ନତ କରାଯିବ। ଏହାର ଲୁକ୍ ଏପରି ଭାବରେ ଷ୍ଟାଇଲ୍ କରାଯିବ ଯାହା ଏହାକୁ ସେଗମେଣ୍ଟରେ ଏକ ଖାସ୍ ପରିଚୟ ଦେବ। ଏହି ନୂତନ ଅବତାର୍ ଖାସ୍ କରି ସେହି ରାଇଡର୍ସଙ୍କୁ ପସନ୍ଦ ଆସିବ, ଯେଉଁମାନେ ଷ୍ଟାଇଲ୍ ସହିତ ଆଡଭେଞ୍ଚର୍ ଚାହାଁନ୍ତି। ପାୱାରଫୁଲ୍ ଇଞ୍ଜିନ୍ ବିଷୟରେ କହିବାକୁ ଗଲେ , ଏଥିରେ ୩୩୪ସିସିର ଲିକ୍ୱିଡ୍-କୁଲ୍ଡ ଇଞ୍ଜିନ୍ ରହିଛି। ଯାହା ୨୯.୬ ହର୍ସପାୱାର ଏବଂ ୨୯.୮ଏନଏମ ଟର୍କ ଜେନେରେଟ୍ କରିଥାଏ। ଏହାର ପରଫରମାନ୍ସ ପୁରୁଣା ମଡେଲ ପରି ସମାନ ରହିବ କିନ୍ତୁ ଡିଜାଇନରେ ଉନ୍ନତି ଏହାର ଆକର୍ଷଣକୁ ଆହୁରି ବଢ଼ାଇବ।

ବର୍ତ୍ତମାନ ୟେଜ୍‌ଦି ଆନ୍‌ଭେନ୍‌ଚର ର ମୂଲ୍ୟ ବିଷୟରେ ଜାଣିବା। ଏହି ବାଇକ୍ ମୂଲ୍ୟ ଏହାର କଲର ଅପ୍ସନ ଉପରେ ନିର୍ଭର କରି ୨.୧୦ ଲକ୍ଷ ଟଙ୍କାରୁ ୨.୧୬ ଲକ୍ଷ ଟଙ୍କା (ଏକ୍ସ-ଶୋରୁମ୍) ମଧ୍ୟରେ ରହିଛି। ଏହି ପ୍ରାଇସ୍ ହିରୋ ଏକ୍ସପଲ୍‌ସ ୨୧୦, କେଟିଏମ ୨୫୦ ଆଡ୍‌ଭେନ୍‌ଚର ଏବଂ ରୟାଲ ଇନ୍‌ଫିଲ୍ଡ ହିମାଳୟନ ୪୫୦ ଭଳି ବାଇସ୍ ସହିତ ଟକ୍କର କରିବ। ଲଞ୍ଚ ପରେ ମୂଲ୍ୟରେ କୌଣସି ପରିବତର୍ତ୍ତନ ହେବ କି ନାହିଁ ତାହା ମେ ୧୫ରେ ପ୍ରକାଶ ପାଇବ। ୟେଜ୍‌ଦି ଏବଂ ଜାୱା ମୋଟରସାଇକେଲ ବର୍ତ୍ତମାନ ଫ୍ଲିପକାର୍ଟରେ ମଧ୍ୟ ଉପଲବ୍ଧ ହେବ। ଅକ୍ଟୋବର ୨୦୨୪ରେ ପାର୍ଟନରସିପ୍ ପରେ ଗ୍ରାହକମାନେ ଏହି ବାଇକଗୁଡିକୁ ଅନଲାଇନରେ ମଧ୍ୟ ସହଜରେ କିଣିପାରିବେ। ଯଦି ଆପଣ ଏହି ବାଇକୁ କିଣିବା ପାଇଁ ଚାହୁଁଛନ୍ତି, ତେବେ ଆପଣଙ୍କୁ ଆଉ ଗୋଟିଏ ମାସ ଅପେକ୍ଷା କରିବାକୁ ପଡିବ।



## ଆଜିର ସୁନା ଦର

ଦିନକ ପୂର୍ବରୁ ସୁନା ଦର ଅଚାନକ ଲକ୍ଷେ ଟଙ୍କାରେ ପହଞ୍ଚିଥିଲା। ତାପରେ ଧିରେ ଧିରେ ସୁନା ଦର ଖିସିବାରେ ଲାଗିଛି। ଆଜି ମଧ ସୁନା ଦରରେ ସ୍ଥିର ରହିଛି। ତେବେ ଆସନ୍ତୁ ଜାଣିବା, ସୁନା ଦର କେଉଁଠି କେତେ? ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୨୪୦, ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ହଜାର ୦୫୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୨୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୦୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮,୨୪୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ,୦୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୩୪୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୨୦୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮, ୨୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦,୦୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮,୨୪୦ ଓ ୯୦,୦୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦,୯୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳ ଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

### ଆତଙ୍କୀ ହମ୍‌ଲା ବିରୋଧରେ ଦିଲ୍ଲୀରେ ଶତାଧିକ ବଜାର ବନ୍ଦ

## ୧୫୦୦ କୋଟିର ବ୍ୟବସାୟ ଠପ୍

ନୂଆଦିଲ୍ଲୀ: ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପ୍ରତିବାଦରେ ଦିଲ୍ଲୀର ବ୍ୟବସାୟୀମାନେ ଶୁକ୍ରବାର ବନ୍ଦ ପାଳନ କରିଛନ୍ତି। ଏହି ବନ୍ଦରେ ଦିଲ୍ଲୀର ପ୍ରମୁଖ ସଦର ବଜାର, ଭାଗୀରଥ ବଜାର, ଗାନ୍ଧିନଗର, ନୟା ବଜାର, ଖରି ବାଓଲି, ଚାୱରୀ ବଜାର, ଚାନ୍ଦିନୀଚୌକ୍, ଜାମା ମସଜିଦ୍ ଏବଂ ହାଉଜ୍ କାଜୀ ସମେତ ୧୦୦ରୁ ଅଧିକ ବଜାର ସଙ୍ଗଠନ ଅଂଶଗ୍ରହଣ କରୁଛନ୍ତି। ବ୍ୟବସାୟୀଙ୍କ ଏହି ଧର୍ମଘଟ ଯୋଗୁଁ ଆଜି ଦିଲ୍ଲୀର ୯୦୦ରୁ ଅଧିକ ବଜାରରେ ୮ ଲକ୍ଷରୁ ଅଧିକ ଦୋକାନରେ କୌଣସି ବ୍ୟବସାୟ ହେବ ନାହିଁ ଏବଂ ପ୍ରାୟ ୧୫୦୦ କୋଟି ଟଙ୍କାର ବ୍ୟବସାୟ ଠପ୍ ରହିବ। ବୟନ, ମସଲା, ବାସନକୁସନ ଏବଂ ସୁନା ସାମଗ୍ରୀ ଭଳି କ୍ଷେତ୍ରର ବିଭିନ୍ନ ବ୍ୟବସାୟୀ ସଂଘ ମଧ ବନ୍ଦରେ ସାମିଲ ହୋଇଛନ୍ତି। ବ୍ୟବସାୟୀ ସଂଘର ଜଣେ ସଦସ୍ୟ କହିଛନ୍ତି ଯେ, ଦିଲ୍ଲୀର ପ୍ରମୁଖ ବଜାର ମଧରୁ ଗୋଟିଏ, ଯାହା ସାଧାରଣତଃ ଗହଳିପୂର୍ଣ୍ଣ ଥାଏ, ସଦର ବଜାର ଶୁକ୍ରବାର ଜନଶୂନ୍ୟ ହୋଇପଡ଼ିଥିଲା। ବନ୍ଦ ଯୋଗୁଁ ପନିପରିବା ବିକ୍ରେତାମାନେ ମଧ ବଜାରକୁ ଆସି ନଥିଲେ। ବଜାର ସଂଘ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ ଗାନ୍ଧୀନଗରରେ ଅବସ୍ଥିତ ଏସିଆର ସର୍ବବୃହତ ପାଇକାରୀ ପ୍ରସ୍ତୁତ ପୋଷାକ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଛି। "ଏହି ବନ୍ଦର ଲକ୍ଷ୍ୟ ହେଉଛି ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ପାଇଁ ନ୍ୟାୟ ଦାବି କରିବା ଏବଂ ଆତଙ୍କବାଦ ବିରୁଦ୍ଧରେ ଏକତା ପ୍ରଦର୍ଶନ କରିବା," ବିବୃତ୍ତିରେ କୁହାଯାଇଛି। ଗୁରୁବାର ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (ସିଟିଆଇ) ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଥିଲା। ଆକ୍ରମଣର ପୀଡିତଙ୍କ ପ୍ରତି ଏକତା ପ୍ରକାଶ କରିବା ପାଇଁ ସିଟିଆଇ କନଟ୍ ପ୍ଲେସରେ ଏକ ମହମବତୀ ମାର୍ଚ୍ଚ ମଧ ବାହାର କରିଥିଲା।

ମଙ୍ଗଳବାର ପହଲଗାମରେ ହୋଇଥିବା ଏହି ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପ୍ରାଣ ହରାଇଥିଲେ, ସେମାନଙ୍କ ମଧରୁ ଅଧିକାଂଶ ପର୍ଯ୍ୟଟକ ଥିଲେ ଏବଂ ପର୍ଯ୍ୟଟନ ପାଇଁ କାଶ୍ମୀର ଆସିଥିଲେ। "ଏହା କେବଳ ଏକ ପ୍ରତିବାଦ ନୁହେଁ, ଏହା ଆତଙ୍କବାଦ ବିରୁଦ୍ଧରେ ଏକ ଗଣ ପ୍ରତିବାଦ। ଶୁକ୍ରବାର ସିଟିଆଇ ସଭାପତି ବ୍ରିଜେଶ ଗୋୟଲ ଏହା କହିଛନ୍ତି। ଆମେ ସମସ୍ତେ ଏହି ଲଢ଼େଇରେ ଏକଜୁଟ ଏବଂ ପହଲଗାମରେ ପ୍ରାଣ ହରାଇଥିବା ଲୋକଙ୍କ ସ୍ମୃତିରେ ବନ୍ଦ ପାଳନ କରୁଛୁ।" ଗୋୟଲ ସରକାରଙ୍କୁ ପାକିସ୍ତାନ ସହିତ ସମସ୍ତ ବ୍ୟବସାୟିକ ସମ୍ପର୍କ ସମାପ୍ତ କରିବାକୁ ଏବଂ ଭାରତରେ ପାକିସ୍ତାନୀ ଉତ୍ପାଦ ବର୍ଜନ କରିବାକୁ ନିବେଦନ କରିଛନ୍ତି। ମଙ୍ଗଳବାର ପହଲଗାମରେ ହୋଇଥିବା ଆକ୍ରମଣ ୨୦୧୯ ପୁଲୱାମା ଆକ୍ରମଣ ପରେ ଉପତ୍ୟକାର ସବୁଠାରୁ ଭୟଙ୍କର ଆକ୍ରମଣ।

## କାଶ୍ମୀରରେ ୨୪ ଘଣ୍ଟାରେ ୯୦% ହୋଟେଲ ରୁମ୍ ଖାଲି



ଶ୍ରୀନଗର, ୨୫।୪: ଜମ୍ମୁ-କାଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁପରେ ସେଠାରେ କୋକୁଆ ଭୟ ସୃଷ୍ଟି ହୋଇଛି। ୯୦ ପ୍ରତିଶତ ଲୋକ ସେମାନଙ୍କ ଟ୍ରାଭେଲ ବୁକିଂ ବାତିଲ କରିଛନ୍ତି। ଘାଟିରୁ ଯଥାଶୀଘ୍ର ପର୍ଯ୍ୟଟକମାନେ ବାହାରି ପଳାଇବାକୁ ପ୍ରୟାସ ଚଳାଇଛନ୍ତି। ହିନ୍ଦୁର ଏକ ରିପୋର୍ଟ ଅନୁଯାୟୀ, ୨୪ ଘଣ୍ଟା ମଧରେ ପ୍ରାୟ ୨୦ ହଜାର ହୋଟେଲ ରୁମ୍ ମଧରୁ ୯୦ ପ୍ରତିଶତରୁ ଅଧିକ ଖାଲି ହୋଇଯାଇଛି। ପହଲଗାମ୍ ହୋଟେଲ ଆଣ୍ଡ ଓନର୍ସ ସଂଘର ସଭାପତି ଜାବେଦ ବୁର୍ଜା କହିଛନ୍ତି, ବର୍ତ୍ତମାନ ରୁମ୍ ବାତିଲ ପାଇଁ ଲଗାତାର କଲ୍ ଆସୁଛି। ଆମେ ସେମାନଙ୍କୁ କିଛିଦିନ ଅପେକ୍ଷା କରିବାକୁ ଚେଷ୍ଟା କରୁଛୁ। କିନ୍ତୁ ସେମାନେ ତୁରନ୍ତ ବାତିଲ୍ ଉପରେ ଜୋର୍ ଦେଉଛନ୍ତି।

### ଷ୍ଟକ୍ ମାର୍କେଟ୍ ଉପରେ ଭାରତ-ପାକିସ୍ତାନ ବିବାଦ ପ୍ରଭାବ

## ୧୦୦୦ ପଏଣ୍ଟ୍ ଖସିଲା ସେନ୍‌ସେକ୍ସ

ମୁମ୍ବାଇ,୨୫।୪: ଭାରତୀୟ ଷ୍ଟକ୍ ବଜାର ଆଜି ପୁଣି ଏକ ବଡ଼ ଧରଣର ହ୍ରାସର ସମ୍ମୁଖୀନ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନସେକ୍ସ ୧୦୦୦ ପଏଣ୍ଟରୁ ଅଧିକ ହ୍ରାସ ପାଇ ୭୮,୮୦୦ ପଏଣ୍ଟ ସ୍ତରରେ କାରବାର କରୁଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି ୩୦୦ ପଏଣ୍ଟରୁ ଅଧିକ ଖସି ୨୩,୯୪୧.୨୦ ପଏଣ୍ଟରେ ରହିଛି। ପ୍ରାରମ୍ଭିକ କାରବାରରେ ବଜାରରେ ଉତ୍ସାହ ଦେଖାଦେଇଥିଲେ ମଧ, ଦିନ ଗଡ଼ିବା ସହ ଏହା ତୀବ୍ର ହ୍ରାସ ପାଇଥିଲା। ସାମ୍ପ୍ରତିକ ରାଜନୈତିକ ଘଟଣାବଳୀ ଏବଂ ଭାରତ-ପାକିସ୍ତାନ ମଧରେ ବୃଦ୍ଧି ପାଉଥିବା ଉତ୍ତେଜନା ବଜାରରେ ନକାରାତ୍ମକ ପ୍ରଭାବ ପକାଇଛି। ଏହା ନିବେଶକଙ୍କ ମନୋବଳକୁ ଦୁର୍ବଳ କରିଛି, ଯାହା ବଜାରରେ ବିକ୍ରି ଚାପ ବୃଦ୍ଧି କରିଛି। ଆମେରିକାରେ ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ନୂଆ ସରକାର ଗଠନ ପରେ ବୈଶ୍ୱିକ ବାଣିଜ୍ୟ ନୀତିରେ ପରିବର୍ତ୍ତନର



ଆଶଙ୍କା ରହିଛି। ଟ୍ରମ୍ପଙ୍କ ଟାରିଫ ନୀତି ଘୋଷଣା ଏସୀୟ ବଜାରଗୁଡ଼ିକ ଉପରେ ଚାପ ସୃଷ୍ଟି କରିଛି, ଯାହାର ପ୍ରଭାବ ଭାରତୀୟ ବଜାରରେ ମଧ ପଡ଼ିଛି। ଆର୍ଥିକ ମାନ୍ଦାବସ୍ଥା, ବିଶେଷକରି ବ୍ୟାଙ୍କିଙ୍ଗ ଏବଂ ରିଅଲ୍‌ଟି ସେକ୍ଟରରେ ଭାରୀ ବିକ୍ରି ଦେଖାଦେଇଛି। ଏନର୍ଜି, ପିଏସୟୁ ବ୍ୟାଙ୍କ, ଏବଂ ମିଡିଆ ଶେୟାରଗୁଡ଼ିକରେ ମଧ ତୀବ୍ର ହ୍ରାସ ରେକର୍ଡ କରାଯାଇଛି। ଏହା ବଜାରର ସାମଗ୍ରିକ ସେଣ୍ଟିମେଣ୍ଟକୁ ଆହୁରି ଦୁର୍ବଳ କରିଛି। ଆଜିର ହ୍ରାସ ସେନସେକ୍ସକୁ ଗତ ପାଞ୍ଚ କାରବାର ଅଧିବେଶନରେ ଲଗାତାର ହ୍ରାସର ଶିକାର କରିଛି। ଏହା ପୂର୍ବରୁ ଫେବୃଆରୀ ୨୦୨୫ରେ ମଧ ବଜାର ୯ ଲକ୍ଷ କୋଟି ଟଙ୍କାର ନିବେଶକ ସମ୍ପତ୍ତି ହରାଇଥିଲା। ଆଜିର ହ୍ରାସ ବ୍ୟାଙ୍କିଙ୍ଗ, ରିଅଲ୍‌ଟି, ଏବଂ ଏନର୍ଜି ସେକ୍ଟରରେ ସବୁଠାରୁ ଅଧିକ ଦେଖାଯାଇଛି, ଯେଉଁଠାରେ ବଡ଼ କମ୍ପାନୀଗୁଡ଼ିକର ଶେୟାର ମୂଲ୍ୟ ତୀବ୍ର ଭାବେ ଖସିଛି। ବଜାର ବିଶେଷଜ୍ଞମାନେ କହୁଛନ୍ତି ଯେ ଏହି ହ୍ରାସ ଅସ୍ଥାୟୀ ହୋଇପାରେ, କିନ୍ତୁ ରାଜନୈତିକ ଏବଂ ବୈଶ୍ୱିକ ଅର୍ଥନୈତିକ ସ୍ଥିତି ଉପରେ ନିର୍ଭର କରି ବଜାରର ଗତିବିଧି ଆଗକୁ ମଧ ଅସ୍ଥିର ରହିପାରେ। ନିବେଶକମାନଙ୍କୁ ଧୈର୍ଯ୍ୟ ଧରିବାକୁ ଏବଂ ଦୀର୍ଘମିଆଦୀ ନିବେଶ ଉପରେ ଧାନ ଦେବାକୁ ପରାମର୍ଶ ଦିଆଯାଉଛି।

## ଆସନ୍ତା ବର୍ଷ ସୁଦ୍ଧା ଆପଲ୍ ଆମେରିକାରୁ ସମ୍ପୂର୍ଣ୍ଣ ଆଇଫୋନ୍ ଫ୍ୟାକ୍ଟ୍ରି ଭାରତ ସ୍ଥାନାନ୍ତର କରିପାରେ

ନୂଆଦିଲ୍ଲୀ,୨୫।୪: ଆପଲ୍ କମ୍ପାନୀ ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ ସୁଦ୍ଧା ଆମେରିକା ବଜାର ପାଇଁ ସମ୍ପୂର୍ଣ୍ଣ ଆଇଫୋନ୍ ଆସେମ୍ବଲିକୁ ଭାରତକୁ ସ୍ଥାନାନ୍ତର କରିବାକୁ ଯୋଜନା କରୁଛି ବୋଲି ଏକ ରିପୋର୍ଟରେ ଦାବି କରାଯାଇଛି। ଫାଇନାନ୍‌ସିଆଲ୍ ଟାଇମ୍‌ସ୍‌ର ରିପୋର୍ଟ ଅନୁଯାୟୀ, ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚାଇନା ଉପରେ ନିର୍ଭରତା ହ୍ରାସ କରିବା ଏବଂ ଆମେରିକାର ନୂଆ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଚାଇନାରୁ ଆମଦାନୀ ଉପରେ ଲଗାଯାଉଥିବା ଉଚ୍ଚ ଶୁଳ୍କକୁ ଏଡାଇବା। ଆପଲ୍ ବର୍ତ୍ତମାନ ଚାଇନାରେ ଥିବା ଉତ୍ପାଦନ କେନ୍ଦ୍ରଗୁଡିକରୁ ବାହାରକୁ ଆସି ଅନ୍ୟ ଦେଶମାନଙ୍କୁ ବିକଳ୍ପ ଭାବେ ବାଛୁଛି। ଭାରତରେ ଫକ୍ସକନ୍ ଏବଂ ଟାଟା ଇଲେକ୍ଟ୍ରୋନିକ୍ସ ଭଳି କମ୍ପାନୀମାନଙ୍କ ସହାୟତାରେ ଆପଲ୍ ତା'ର ଉତ୍ପାଦନ କ୍ଷମତାକୁ ବୃଦ୍ଧି କରୁଛି। ୨୦୨୪ରେ ଭାରତରୁ ଆପଲ୍‌ର ଆଇଫୋନ୍ ରପ୍ତାନି ୧୧.୫୩ ବିଲିୟନ୍ ଡଲାର (ପ୍ରାୟ ୧ ଲକ୍ଷ କୋଟି ଟଙ୍କା) ରେ ପହଞ୍ଚିଛି, ଯାହା ୨୦୨୩ ତୁଳନାରେ ୪୨% ଅଧିକ। ଏହା ସହିତ, ଭାରତରେ ଆଇଫୋନ୍




୧୬ ପ୍ରୋ ଭଳି ଉଚ୍ଚ-ମାନର ମଡେଲ୍‌ଗୁଡିକର ଉତ୍ପାଦନ ଆରମ୍ଭ ହୋଇଛି, ଯାହା ଦେଶର ଉତ୍ପାଦନ କ୍ଷମତାକୁ ପ୍ରମାଣ କରୁଛି। ଟ୍ରମ୍ପ ପ୍ରଶାସନ ଚାଇନାରୁ ଆମଦାନୀ ଉପରେ ୨୦% ଶୁଳ୍କ ଲାଗୁ କରିବାକୁ ଯୋଜନା କରୁଛି, ଯାହା ଆପଲ୍‌ର ଉତ୍ପାଦନ ଖର୍ଚ୍ଚ ବୃଦ୍ଧି କରିପାରେ। ଏହି ଶୁଳ୍କରୁ ବଞ୍ଚିବା ପାଇଁ ଆପଲ୍ ଭାରତକୁ ଏକ ବିକଳ୍ପ ଉତ୍ପାଦନ କେନ୍ଦ୍ର ଭାବେ ବାଛିଛି, ଯେଉଁଠାରେ ଶୁଳ୍କ ୨୬% ହେଲେ ମଧ ଅନ୍ୟ ଅର୍ଥନୈତିକ ସୁବିଧା ଏବଂ ସରକାରୀ ସହାୟତା ଉପଲବ୍ଧ। ଏହା ସହିତ, ଆମେରିକା ଏବଂ ଭାରତ ମଧରେ ଆଲୋଚିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଏହି ପଦକ୍ଷେପକୁ ଆହୁରି ସହଜ କରିପାରେ। ଏହି ସ୍ଥାନାନ୍ତର ଭାରତୀୟ ଅର୍ଥନୀତି ପାଇଁ ଏକ ବଡ଼ ସୁଯୋଗ ସୃଷ୍ଟି କରିବ। ୨୦୨୫ ଆର୍ଥିକ ବର୍ଷରେ ଭାରତରେ ଆଇଫୋନ୍ ଉତ୍ପାଦନ ୬୦% ବୃଦ୍ଧି ପାଇଛି, ଯାହା ବିଶ୍ୱର ୨୦% ଆଇଫୋନ୍ ଉତ୍ପାଦନରେ ଯୋଗଦାନ କରୁଛି। ଏହା ଦେଶରେ ନୂଆ ନିଯୁକ୍ତି ସୃଷ୍ଟି କରିବ ଏବଂ ଉତ୍ପାଦନ କ୍ଷେତ୍ରକୁ ଆହୁରି ମଜବୁତ କରିବ। ଏକ ରିପୋର୍ଟ ଅନୁଯାୟୀ, ଆପଲ୍ ଆମେରିକା ବଜାର ପାଇଁ ପ୍ରାୟ ୬୦ ନିୟୁତ (୬ କୋଟି) ଆଇଫୋନ୍‌ର ଉତ୍ପାଦନ ଭାରତରେ କରିବାକୁ ଲକ୍ଷ୍ୟ ରଖିଛି।

### ପହଲଗାମ ଆତଙ୍କୀ ହମ୍‌ଲା ପରେ

# ଭାରତ-ପାକ୍ ବାଣିଜ୍ୟରେ ପୂର୍ଣ୍ଣଚ୍ଛେଦ

- ଆହୁରି ଭୁଶୁଡ଼ିବ ପାକିସ୍ତାନ ଅର୍ଥନୀତି
- ପୁଣି ତେଜିବ ଦରଦାମ ସମସ୍ୟା



ନୂଆଦିଲ୍ଲୀ,୨୫/୦୪: ପହଲ୍‌ଗାମ ହମ୍‌ଲା ପରେ ଭାରତ ପାକିସ୍ତାନ ବିରୋଧରେ ନେଇଛି କଡ଼ା ପଦକ୍ଷେପ। ପାକିସ୍ତାନରୁ ଯିବା ଆସିବା ବାଟ ବନ୍ଦ କରିଦେଇଛି। ଏହାସହିତ ସାର୍କ ଭିସା ଛାଡ଼ ଯୋଜନାକୁ ବି ରଦ୍ଦ କରିଦେଇଛି। ଏହାର ଉଦ୍ଦେଶ୍ୟ ହେଉଛି ପାକିସ୍ତାନରୁ ଆସୁଥିବା ଲୋକଙ୍କ ଉପରେ ରୋକ୍ ଲଗାଇବା। ଅଟାରୀରେ ଇଣ୍ଟିଗ୍ରେଟେଡ୍ ଚେକ୍ ପୋଷ୍ଟକୁ ତତ୍କାଳ ବନ୍ଦ କରିଦିଆଯାଇଛି। ଉଦ୍ଦେଶ୍ୟ ହେଉଛି ଆର୍ଥିକ ଚାପରେ ସନ୍ତୁଳି ହେଉଥିବା ତଥା ଆତଙ୍କବାଦକୁ ପ୍ରଶୟ ଦେଉଥିବା ପାକିସ୍ତାନକୁ ଶାସ୍ତି ଦେବା। ଅନ୍ୟପକ୍ଷରେ, ଭାରତ ସହିତ ପଙ୍ଗା ପାକିସ୍ତାନ ଅର୍ଥନୀତିକୁ ଭୁଶୁଡ଼ିବ କରିଦେବ ବୋଲି ପ୍ରକାଶ କରିଛନ୍ତି ବିଶେଷଜ୍ଞ। ଅଟାରୀ-ୱାଘା ବର୍ଡର ବନ୍ଦ କରାଯିବା ଦ୍ୱାରା ଭାରତ ଏବଂ ପାକିସ୍ତାନ ମଧରେ ବ୍ୟାପାର ବନ୍ଦ ହୋଇଯିବ। ଏହି ବର୍ଡର ଉଭୟ ଦେଶ ମଧରେ ବ୍ୟାପାରର ଏକମାତ୍ର ରାସ୍ତା। ଭାରତରୁ ସୋୟାବିନ, ଫଳମୂଳ, ନାଲି ଲଙ୍କା, ପ୍ଲାଷ୍ଟିକ୍ ଦାନା ଏବଂ ଅନ୍ୟାନ୍ୟ ସାମଗ୍ରୀ ରପ୍ତାନି ହେଉଥିବାବେଳେ ପାକିସ୍ତାନରୁ ଖଜୁରୀ, ଜିପ୍‌ସମ, ସିମେଣ୍ଟ, କାଚ ଏବଂ ଜଡ଼ିବୁଟି ଭାରତକୁ ଆସୁଥିଲା। ଏହି ରାସ୍ତାର ବ୍ୟବହାର ଭାରତ ଏବଂ ଆଫ୍‌ଗାନିସ୍ତାନ ମଧରେ ବ୍ୟାପାର ପାଇଁ ମଧ ହେଉଥିଲା। ଅଟାରୀ ଲ୍ୟାଣ୍ଡ୍ ପୋର୍ଟ ଜାତୀୟ ରାଜପଥ ସହ ଲାଗିଛି। ଏହା ବନ୍ଦ ହେବା ଦ୍ୱାରା ଉଭୟ ଦେଶ ମଧରେ ବ୍ୟାପାର ବନ୍ଦ ହୋଇଯିବ। ୨୦୨୩-୨୪ରେ ଏହି ପୋର୍ଟ ମାଧ୍ୟମରେ ୩୮୮୬.୫୩ କୋଟି ଟଙ୍କାର କାରବାର ହୋଇଥିଲା। ଏ ସମୟରେ ୬,୮୭୧ କାର୍ଗୋ ପରିବହନ ଏବଂ ୭୧,୫୬୩ ଯାତ୍ରୀ ଆସିଥିଲେ ଏବଂ ଯାଇଥିଲେ। ଭାରତର ଏ ପଦକ୍ଷେପ ପାକିସ୍ତାନ ବିରୋଧରେ ଏକ କଡ଼ା ସନ୍ଦେଶ। ଦ୍ୱିପାକ୍ଷିକ ଉତ୍ତେଜନା ସତ୍ତ୍ୱେ ୨୦୨୪ରେ ପାକିସ୍ତାନକୁ ଭାରତର ରପ୍ତାନି ଥିଲା ୫ ବର୍ଷର ସର୍ବୋଚ୍ଚ ସ୍ତର।

୨୦୨୪ରେ ଭାରତ ପାକିସ୍ତାନକୁ ୧୨୧ କୋଟି ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଥିଲା। ଏହା ୨୦୨୩ରେ ଥିଲା ୫୪ କୋଟି ଡଲାର। ବର୍ତ୍ତମାନ ଉଭୟ ଦେଶ ମଧରେ ବାଣିଜ୍ୟିକ ସମ୍ପର୍କ ଛିନ୍ନ ହୋଇଛି। ପାକିସ୍ତାନକୁ ଭାରତରୁ ଆଉ ଯିବନି ଜରୁରୀ ସାମଗ୍ରୀ। ଏପ୍ରିଲ ୨୨ରେ ଜମ୍ମୁ କାଶ୍ମୀରର ପହଲଗାମଠାରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀ ହମ୍‌ଲା ଉଭୟ ରାଷ୍ଟ୍ର ମଧରେ ତିକ୍ତତାକୁ ଆହୁରି ତେଜିଛି। ଭାରତ ମଧ ସିନ୍ଧୁ ଚୁକ୍ତିକୁ ବାତିଲ କରି ପାକିସ୍ତାନର ନିଦ ହଜାଇଦେଇଛି। ଅନ୍ୟପଟେ ତୃତୀୟ ରାଷ୍ଟ୍ର ଦେଇ ଯାଉଥିବା ରୁଟ୍‌ଗୁଡ଼ିକ ସମେତ ଭାରତ ସହ ସମସ୍ତ କାରବାର ବନ୍ଦ କରିଛି ପାକ୍। ପାକିସ୍ତାନର ଏ ନିଷ୍ପତ୍ତିକୁ ନେଇ ରପ୍ତାନି ସଂଘ ଫିଓ ସଭାପତି ଏସ୍.ସି. ରାଲହନ୍ କହିଛନ୍ତି ଯେ, ପାକିସ୍ତାନ ସହ ଭାରତର ଦ୍ୱିପାକ୍ଷିକ ବ୍ୟାପାର ଅତି କମ୍। ଦେଶର ମୋଟ ବାଣିଜ୍ୟରେ ପାକ୍‌ର ଯୋଗଦାନ ମାତ୍ର ୦.୦୬%। ୨୦୨୪-୨୫ ଏପ୍ରିଲ-ଜାନୁଆରୀରେ ଏହା ୫୦ କୋଟି ଡଲାର ବି ନ ଥିଲା। ବର୍ତ୍ତମାନ ଏହା ଶୂନ ହୋଇଯିବ। ପାକିସ୍ତାନକୁ ଅନେକ ପ୍ରମୁଖ ସାମଗ୍ରୀ ରପ୍ତାନି ବନ୍ଦ ହୋଇଯିବ। ସେଠାରେ ଦରଦାମ ସମସ୍ୟା ଆହୁରି ତେଜିବ। ଏହା ସେମାନଙ୍କ ଅର୍ଥନୀତିକୁ ବର୍ବାଦ କରିଦେବ।

୨୦୨୪-୨୫ ଏପ୍ରିଲ-ଜାନୁଆରୀରେ ପାକିସ୍ତାନକୁ ଭାରତରୁ ଯାଇଥିଲା ୪୫ କୋଟି ଡଲାର ମୂଲ୍ୟର ସାମଗ୍ରୀ ଏବଂ ସେଠାରୁ ଆସିଥିଲା ମାତ୍ର ୦.୪୨ ନିୟୁତ ଡଲାର ମୂଲ୍ୟର ସାମଗ୍ରୀ। ୨୦୨୩-୨୪ରେ ଭାରତରୁ ପାକିସ୍ତାନକୁ ଯାଇଥିଲା ୧୧୮ କୋଟି ଡଲାର ମୂଲ୍ୟର ସାମଗ୍ରୀ ଏବଂ ସେଠାରୁ ଆସିଥିଲା ମାତ୍ର ୨୮.୮ ଲକ୍ଷ କୋଟି ଡଲାରର ସାମଗ୍ରୀ। ଏଭଳି ସ୍ଥିତିରେ ପାକିସ୍ତାନର କଟକଣା ଭାରତକୁ ନୁହେଁ ବରଂ ପାକ୍‌କୁ ବାଧିବ ବୋଲି କୁହନ୍ତି ଫିଓ ଅଧକ୍ଷ।

### କେତେବେଳେ ବି ପ୍ରବେଶ କରିପାରନ୍ତି ଶତ୍ରୁ

# ଉପକୂଳ ସୁରକ୍ଷା ନେଇ ପ୍ରଶ୍ନବାଚୀ

- ବିଭିନ୍ନ ବିଭାଗର ପଦବୀ ଖାଲି
- ସାମୁଦ୍ରିକ ଥାନାରେ ଭିତ୍ତିଭୂମି ନାହିଁ



**କାକଟପୁର/ଅସ୍ତରଙ୍ଗ,୨୫।୪(ସଂଚାର ବ୍ୟୁରୋ):** ସମୁଦ୍ରକୂଳ ଦେଇ ଅନୁପ୍ରବେଶ ସର୍ବଦା ଭୟ ରହିଛି। ଏହା ଛଡା ନିଷିଦ୍ଧ କରାଯାଇଥିବା ସମୟରେ ବେଆଇନି ମାଛ ଧରିବାକୁ ଜଳସୀମା ଡେଇଁ ଟ୍ରଲର ପହଂଚିବାକୁ ରୋକିବା ଏକ ବଡ଼ ଚ୍ୟାଲେଞ୍ଜ। ଏ ସବୁକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ଼ ସାମୁଦ୍ରିକ ଥାନା ୨୦୧୪ମସିହାରେ ସ୍ଥାପିତ ହୋଇଛି। ନୂଆଗଡ଼ ସାମୁଦ୍ରିକ ଥାନାରେ ବର୍ତମାନ ସୁଦ୍ଧା ଜଣେଥାନାଅଧିକାରୀ, ଜଣେ ଏ ଏସ ଆଇ, ୧୧ଜଣ କନେଷ୍ଟବଳ, ୯ଜଣ ହୋମଗାର୍ଡ, ୯ଜଣ ଟେକ୍ନିକାଲ ଷ୍ଟାଫ ସହ ଅନ୍ୟାନ୍ୟ କର୍ମଚାରୀ ରହିଛନ୍ତି। ନୂଆଗଡ଼ ସାମୁଦ୍ରିକ ଥାନାରେ ମଞ୍ଜୁର ପଦ ୫୫ଟି ହୋଇଥିବା ବେଳେ ଖାଲିପଡ଼ିଛି ୩୩ଟି ପଦବି। ପୁଲିସ ମୁତୟନ ସତ୍ୱେ ବେଆଇନି ଟ୍ରଲର ଚଳାଚଳ କରୁଥିବା ଅନେକ ଘଟଣା ସାମ୍ନାକୁ ଆସୁଛି। ପୁଲିସ ନଜର ପଡ଼ିଲେ ଏହା ଜବତ ହେଉଛି। ନଚେତ ଏହା ବେଫିକର ସମୁଦ୍ର ସୀମା ଭିତରେ ମାଛ ମାରି ଚାଲିଯାଉଛନ୍ତି। ସମୁଦ୍ର ଭିତରେ ଏହି ଟ୍ରଲର ଯୋଗେ ନିଶାକାରବାର, ଜୀବଜନ୍ତୁ କାରବାର ହେବାର ଆଶଙ୍କା ମଧ୍ୟ ରହିଛି। ଆବଶ୍ୟକ ସମୟରେ ବାହ୍ୟ ଶତ୍ରୁଙ୍କ ପ୍ରତିହତ କରିବା ମେରାଇନି ଥାନା ନିମନ୍ତେ ଚ୍ୟାଲେଞ୍ଜ। ଏହା ସହ ନୂଆଗଡ଼ ସାମୁଦ୍ରିକ ଥାନା ଅଞ୍ଚଳରେ ଅସ୍ତରଙ୍ଗ ବ୍ଲକର ୨ଟି ପଂଚାୟତ ଝାଡ଼ଲିଙ୍ଗ ଓ ନୂଆଗଡ଼ ରହିଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି କୁ ମଧ୍ୟ ନଜର ରଖିବାକୁ ପୁଲିସ ପଡୁଛି। ମାତ୍ର ଦୁର୍ବଳ ଭିତ୍ତିଭୂମି କୁ ନେଇ ସର୍ବଦା ନୂଆଗଡ଼ ସାମୁଦ୍ରିକ ଥାନା ଆଲୋଚନାରେ ରହିଆସିଛି। ବିଭିନ୍ନ ସମୟରେ ସାଗର କବଚ ସମରାଭ୍ୟାସ କରି ନିଜକୁ ସଜାଗ ଥିବା ଦର୍ଶାଉଛି ସାମୁଦ୍ରିକ ଥାନା ପୁଲିସ। ମାତ୍ର ସ୍ଥିତି ପୂରା ଅଲଗା। ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ଼ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା କହିଛନ୍ତି, ସାମୁଦ୍ରିକ ଥାନାରେ ସରକାରୀ ମଞ୍ଜୁରୀ ମୁତାବକ କର୍ମଚାରୀ ନାହାନ୍ତି, ମାତ୍ର ଯେତିକି ଲୋକ ବଳ ରହିଛି ସ୍ଥିତିକୁ ଠିକ ଭାବେ କଷ୍ଟମଷ୍ଟେ ପରିଚାଳନା କରାଯାଇପାରୁଛି। ମଞ୍ଜୁରୀ ମୁତାବକ ନିଯୁକ୍ତି ଦେଲେ କାମ ଆହୁରି ସହଜ ହେବ। କାରଣ ସମୁଦ୍ର ରେ ଅନୁପ୍ରବେଶକାରୀ ଙ୍କ ଧରିବାକୁ ପୋଲିସ ଅଧିକାରୀ ଓ କର୍ମଚାରୀ ନାହାନ୍ତି। ସାଧାରଣ ରେ ଦାବୀ ହୋଇଛି ନୂଆଗଡ଼ ସାମୁଦ୍ରିକ ଥାନାରେ ପୁଲିସ ଅଫିସର ଓ କର୍ମଚାରୀ ଙ୍କୁ ନିଯୁକ୍ତି କରନ୍ତୁ, ଏହା ପୁଲିସ ବ୍ୟବସ୍ଥା ଓ ଉପକୂଳ ସୁରକ୍ଷାକୁ ଆହୁରି ମଜଭୁତ କରିବ।

## ଜୟପୁର ପଞ୍ଚାୟତ ସମିତିକୁ ଜିଲ୍ଲାରେ ଶ୍ରେଷ୍ଠ ପୁରସ୍କାର



**ବୋରିଗୁମ୍ମା/ଜୟପୁର,୨୫।୪(ସଂଚାର ବ୍ୟୁର):** ଜାତୀୟ ପଞ୍ଚାୟତରାଜ ଦିବସ ଅବସରରେ ଆଜି କୋରାପୁଟ ଜିଲ୍ଲା ସଦରମହକୁମାର ଠାରେ ଜିଲ୍ଲାସ୍ତରୀୟ ସମାରୋହ ଉତ୍ସବରେ ଜୟପୁର ପଞ୍ଚାୟତ ସମିତିକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ଗତ ୨୦୨୫ ପଞ୍ଚାୟତରାଜ ପାଳନ ଦିବସ ଅବସରରେ କୋରାପୁଟ ଜିଲ୍ଲାପାଳ ଭି. କିର୍ତ୍ତି ଭାସନ ଓ କୋରାପୁଟ ବିଧାୟକ ରଘୁରାମ ମାଛ ଉପସ୍ଥିତ ରହି ଜୟପୁର ବିଡିଓ ଶକ୍ତି ମହାପାତ୍ରଙ୍କୁ ଏହି ପ୍ରଶଂସା ପତ୍ର ସହ ପୁରସ୍କାର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, କୋରାପୁଟ ବ୍ଲକଅଧକ୍ଷା ନମିତା ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## କୃତୀ ଛାତ୍ରଛାତ୍ରୀଙ୍କୁ ମୋବାଇଲ ବାଣ୍ଟିଲେ ପୂର୍ବତନ ସାଂସଦ

**ଜଗତସିଂହପୁର,୨୫।୪(ସଂଚାର ବ୍ୟୁର):** ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅଧିନସ୍ତ ବିଭିନ୍ନ ମାଧ୍ୟମିକ ବିଦ୍ୟାଳୟରେ ଚଳିତବର୍ଷ ସେହି ବିଦ୍ୟାଳୟରେ ଅଧିକ ନଂ ରଖି କୃତ କାର୍ଯ୍ୟ ହୋଇଥିବା ପିଲା ମାନଙ୍କୁ ଅନଲାଇନ ମାଧ୍ୟମରେ ପାଠ ପଢ଼ିବା ପାଇଁ 'ଆଣ୍ଡଇଡ଼' ମୋବାଇଲ ବଣ୍ଟନ କରିଛନ୍ତି ରାଜ୍ୟର ପୂର୍ବତନ ଆକାଉଣ୍ଟ ଜେନେରାଲ ତଥା ପୂର୍ବତନ ରାଜ୍ୟସଭା ସାଂସଦ ଡ଼.ଅମର ପଟ୍ଟନାୟକ। ଏହାକୁ ପ୍ରଦାନ କରି ଡ଼. ପଟ୍ଟନାୟକ କହିଛନ୍ତି ଆଜିର ଏହି ଅନଲାଇନ ଯୁଗରେ ପିଲାମାନେ ଆଗକୁ କିଭଳି ଆହୁରି ଭଲ ପାଠ ପଢ଼ିବା ସହିତ ରାଜ୍ୟ ତଥା ଦେଶର ନାମ ରଖିବେ ଏହା ଏକ ଆମର ଛୋଟ ପ୍ରୟାସ। କେବଳ ଏତିକି ନୁହେଁ ଆହୁରି ମଧ୍ୟ ଡ଼. ପଟ୍ଟନାୟକ କହିଛନ୍ତି ଆଗକୁ ଆହୁରି ବିଭିନ୍ନ କୃତକାର୍ଯ୍ୟ ପିଲାଙ୍କୁ ସି.ଏସ.ଆର. ଫଣ୍ଡ ମାଧ୍ୟମରେ ପାଠପଢ଼ା ଉପକରଣ ଯୋଗାଇ ଦିଆଯିବ। ସେହିପରି ପ୍ରକାଶ ଥାଉକି ଚଳିତବର୍ଷ ଡ଼. ପଟ୍ଟନାୟକ ତିର୍ତ୍ତୋଲ, ଏରସମା ଓ ରଘୁନାଥପୁର ବ୍ଲକ ର କିଛି ବି.ପି.ଏଲ ଶ୍ରେଣୀ ପରିବାରରୁ ଆସି ଲୋକମାନେ କରିଥିବା ଯେରକ୍ସ ଓ ପ୍ରିଣ୍ଟର ବ୍ୟବସାୟି ମାନଙ୍କୁ ଫୋଟୋ ପ୍ରିଣ୍ଟର ମେସିନ ପ୍ରଦାନ କରିଥିଲେ। ଡ଼. ପଟ୍ଟନାୟକ ଙ୍କ ଏଭଳି ପ୍ରୟାସ କୁ ଦେଖି ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କ ସମେତ ଅଭିଭାବକ ମାନେ ପ୍ରସଂସା କରିଛନ୍ତି।

## ପ୍ରବଳ ଖରାରେ ବ୍ଲକସ୍ତରୀୟ ପଞ୍ଚାୟତରାଜ ଦିବସ ପାଳିତ



**ଖପ୍ରାଖୋଲ,୨୫।୪ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ପରିସରରେ ଜାତୀୟ ପଞ୍ଚାୟତି ରାଜ ଦିବସ ଖପ୍ରାଖୋଲ ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ବିବେକାନନ୍ଦ ଷଡ଼ଙ୍ଗୀ ଙ୍କ ଅଧ୍ୟକ୍ଷତାରେ ଗୁରୁବାର ଦିବା ୧୦ଘଣ୍ଟା ରେ ସମୟ ଧାର୍ଯ୍ୟ ହୋଇଥିବା ବେଳେ ୧୧ ଘଣ୍ଟା ପର୍ଯ୍ୟନ୍ତ କେହି ଆସିନଥିଲେ ଫଳରେ ଚେୟାର ଖାଲିପଡ଼ି ଥିଲା ଏପଟେ ଯାନ୍ତ୍ରିକ ତୃଟି ଯୋଗୁଁ ଭି.ସି କାର୍ଯ୍ୟ ଆହୁରି ବିଳମ୍ବ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଉପମୁଖ୍ୟମନ୍ତ୍ରୀ ଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଯୋଗାଣ ଅଧିକାରୀ ବିକାଶ ବାର୍ଲା ମଞ୍ଚାସିନ ଥିଲେ। ବ୍ଲକ ର କର୍ମଚାରୀ ଆଶା କର୍ମୀ, ସ୍ୱେଚ୍ଛାସେବୀ ମହିଳା ଅନୁଷ୍ଠାନ ର ସଦସ୍ୟା ଓ ବିଭିନ୍ନ ଗ୍ରାମର ମହିଳା ପୁରୁଷ ଉପସ୍ଥିତ ରହିଥିଲେ। ଏହି ଅବସରରେ ଯୋଗ୍ୟ ହିତାଧିକାରୀ ଙ୍କୁ ଖାଉଟି କାର୍ଡ ବଣ୍ଟନ କରାଯାଇଥିଲା। ଜାତୀୟ ପଞ୍ଚାୟତ ରାଜ ଦିବସ ପାଳନ ସ୍ୱାଗତ ଯୋଗ୍ୟ ହେଲେ ପ୍ରଚଣ୍ଡ ରୌଦ୍ର ତାପରେ ଏହି ଦିବସ ପାଳନ ଲୋକଙ୍କ ପାଇଁ କଷ୍ଟକର ହୋଇଥିବା ଜଣା ପଡୁଥିଲା। ୪୬° ଡିଗ୍ରୀ ତାପରେ ଲୋକେ ଦୂରଦୂରାନ୍ତ ରୁ ଆସି ପୁଣି ଘରକୁ ଫେରି ଯିବା ଦୁଃଖର କଥା ଏହା ଫଳରେ ଅଂଶୁଘାତ ହେବାର ସମ୍ଭାବନା କୁ ଏଡାଇ ଦିଆଯାଇନପାରେ। ସେ ସବୁ ଦୃଷ୍ଟି କୋଣରୁ ସମୟର ପରିବର୍ତନ ହେବାର ଆବଶ୍ୟକତା ରହିଥିଲା ବୋଲି ଲୋକେ ଚର୍ଚ୍ଚା ହେଉଥିବା ଜଣା ପଡ଼ିଥିଲା।

ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ସଦ୍‌ଗତି କାମନା

## ବଜାର କମିଟ ଓ ଗ୍ରାମ୍ୟ କମିଟର କ୍ୟାଣ୍ଡେଲ ଶୋଭାଯାତ୍ରା



**କଣାସ,୨୫।୪(ସଂଚାର ବ୍ୟୁରୋ):** ଜାମ୍ମୁକାଶ୍ମିରୀର ପହଲଗାମ ବୁଲିବାକୁ ଯାଇଥିବା ପର୍ଯ୍ୟଟକମାନଙ୍କୁ ଗତ ୨୨ ତାରିଖ ଦିନ ଗୁଳିକରି ଆତଙ୍କବାଦୀମାନେ ୨୭ ଜଣଙ୍କୁ ମାରିଦେଇଥିବାରୁ ଗତକାଲି ସଂନ୍ଧ୍ୟାରେ କଣାସ କୁଞ୍ଜେଶ୍ୱରୀ ବଜାର କମିଟ ଏବଂ କଣାସ ଗ୍ରାମ୍ୟ କମିଟର କର୍ମକର୍ତ୍ତାମାନେ ଦୃଢ ନିନ୍ଦା କରିବା ସହିତ କଣାସର ଆରାଧ୍ୟ ଠାକୁରାଣୀ ମା କୁଞ୍ଜେଶ୍ୱରୀଙ୍କ ପୀଠରେ ଆମ୍‌ଚାର ସଦଗତି ନିମନ୍ତେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ମନ୍ଦିର ଠାରୁ ବାହାରି କୁଞ୍ଜେଶ୍ୱରୀ ଛକ, ବସଷ୍ଟାଣ୍ଡ, ଗୋଲାବଜାର, ବାଲିଘାଇ ଛକ, ପଞ୍ଚାୟତ ସମିତି, ସହୀଦପୀଠକୁ ଯାଇଥିଲେ। ବଜାର କମିଟ ସଭାପତି ଶ୍ରୀକାନ୍ତ ପଟଯୋଷୀ, ଗ୍ରାମ୍ୟ କମିଟ ସଭାପତି ରୋହିତ ପ୍ରଧାନ, ଦାମୋଦର ବେହେରା, ପ୍ରଦୀପ ଭୋଳ, ସୁବାଷ ଚନ୍ଦ୍ର ପ୍ରଧାନ, ଭାଗୀରଥୀ ଖୁଣ୍ଟିଆ, ଗୁଣ୍ଡିଚି ପ୍ରଧାନ, ପୂନ୍ୟପର୍ନଚନ୍ଦ୍ର ଭୋଳ, ଅନୀଲ ବରିଷଲ, ଧୂଳିଧର ଦାସ, ସୁଧିର ମହାପାତ୍ର, ଅନ୍ତନ୍ତ ପ୍ରଧାନ, ଧନୁର୍ଦ୍ଧର ସୁବୁଦ୍ଧି, ବେଣୁଧର ପାଇକରାୟ, ଶରତ ମହାପାତ୍ର ପ୍ରମୁଖ ଶତାଧିକ କର୍ମକର୍ତ୍ତା ଶୋଭାଯାତ୍ରାରେ ସାମିଲି ହୋଇଥିଲେ। ଫଟୋ ଇ ମେଲରେ ପଠାଗଲା

## ଭିସାଗ୍ରୁପ୍ ପକ୍ଷରୁ ଜଳଛତ୍ର ଆରମ୍ଭ




**କଳିଙ୍ଗନଗର,୨୫।୪(ସଂଚାର ବ୍ୟୁରୋ):** ପ୍ରଚଣ୍ଡ ଖରା ସହିତ ଅସହ୍ୟ ଗୁଳୁଗୁଳି କୁ ଅନୁଭବକରି ଭୀସାକମ୍ପାନୀ ତରଫରୁ ଦାନଗଦି ମିଲିଟାରୀ ଛକ ଠାରେ ଓ ବ୍ଲକ ସମ୍ମୁଖରେ ଦୁଇଟି ଜଳଛତ୍ର କେନ୍ଦ୍ରର ଶୁଭାରମ୍ଭ ହୋଇଛି, ଆଜି ୨୪ ଏପ୍ରିଲ ପଞ୍ଚାୟତିରାଜ ଦିବସ ରେ ପ୍ରଥମ ଟି ଦାନଗଦି ବ୍ଲକ ସମ୍ମୁଖରେ ଉଦ୍ଘାଟନ ହୋଇଥିବା ବେଳେ ଏହି ଜଳଛତ୍ର କୁ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ଙ୍କ ପ୍ରତିନିଧି ପ୍ରଶାନ୍ତ ରାୟ, ଦାନଗଦି ବ୍ଲକ ମଣ୍ଡଳ ଅଧିକାରୀ ପ୍ରଦୀପ ସେଠୀ, ସମାଜସେବୀ ପ୍ରତାପ ଧୀର, ସୁଧାଂଶୁ ଭଞ୍ଜ, ୧୦ ନମ୍ବର ଜୋନ୍ ମଣ୍ଡଳ ସଭାପତି କୃପାସିନ୍ଧୁ ସାମନ୍ତରାୟ ଙ୍କ ଉପସ୍ଥିତରେ ଉଦଘାଟନ ହୋଇଥିଲା,। ଭିସା ଗ୍ରୁପ ପକ୍ଷରୁ ଆସନ୍ତା ଦୁଇ ମାସ ପର୍ଯ୍ୟନ୍ତ ପ୍ରତିଦିନ ଏହି ଜଳଛତ୍ର ଚାଲୁ ରହିବ ବୋଲି ଜଣା ପଡ଼ିଛି ର। ଠିକ୍ ସେହିପରି ଅନ୍ୟ ଜଳଛତ୍ର ଟି ମିଲିଟାରୀ ଛକରେ ସରପଞ୍ଚ ବାବୁଲି ନାଟିଆ ଓ ପଙ୍କପାଳ ସରପଞ୍ଚ ସ୍ମୃତି ରଞ୍ଜନ ଜେନା ଙ୍କ ଉପସ୍ଥିତି ରେ ଆରମ୍ଭ କରାଯାଇଥିବା ଦେଖିବାକୁ ମିଳିଛି। ତେଣୁ ଆଗକୁ କଳିଙ୍ଗ ନଗର ଶିଳ୍ପାଞ୍ଚଳରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ଅନ୍ୟ କମ୍ପାନୀମାନେ ଆଗକୁ ଆସିବା ଆବଶ୍ୟକତା ରହିଛି ବୋଲି ସାଧାରଣରେ ଆଲୋଚନା ହେଉଛି।

## ବ୍ଲକସ୍ତରୀୟ ପ୍ରାଣୀ ସମ୍ପଦ ମେଳା

**ବେତନଟୀ,୨୫।୪(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅଧୀନ ଆଗ୍ରିଆ ଠାରେ ବେତନଟୀ ବ୍ଲକ ସ୍ତରୀୟ ପ୍ରାଣୀ ସମ୍ପଦ ମେଳା ଆୟୋଜିତ ହୋଇଯାଇଛି। ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡ଼ଃ ରଞ୍ଜନ କୁମାର ସେଠି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟ ବକ୍ତା ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡ଼ଃ ଅର୍କେନ୍ଦୁ ପାତ୍ର, ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡ଼ଃ ଗୋପାଳ ଚରଣ ବଳ, ଜିଲ୍ଲା ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡ଼ଃ ଭାଗବତ ଘୋଷ, ବୈଜ୍ଞାନିକ ପ୍ରଫେସର ଗୁରୁପ୍ରସାଦ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ବିଶ୍ୱନାଥ ହେମ୍ବ୍ରମ, ୩୫ ନମ୍ବର ମଣ୍ଡଳ ସଭାପତି ଜୀବନ ପରିଡା ପ୍ରମୁଖ ମଞ୍ଚାସୀନ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାଣୀ ସମ୍ପଦର ଚିକିତ୍ସା କ୍ଷେତ୍ରରେ ହାସଲ କରିଥିବା ସଫଳତାକୁ ପାଥେୟ କରି ବିଭାଗୀୟ ବିଶେଷଜ୍ଞ ଡ଼ାକ୍ତର ମାନଙ୍କ ଦ୍ୱାରା ରଚିତ ପୁସ୍ତକ 'ମୟୂରୀ' ର ମୁଖ୍ୟ ଅତିଥି ସନାତନ ବିଜୁଳି ଉନ୍ମୋଚିନ କରିଥିଲେ। ପ୍ରାଣୀ ସମ୍ପଦ ମେଳାରେ ଅନେକ ଚାଷୀ ସେମାନଙ୍କ ଗୃହପାଳିତ ପ୍ରାଣୀ ମାନଙ୍କୁ ନେଇ ମେଳାରେ ଅଂଶଗ୍ରହଣ କରିଥିଲେ। ଗୋପାଳକମାନେ ବିଭିନ୍ନ ପ୍ରଜାତିର ଗାଈଗୋରୁ, ପୋଷା କୁକୁର, ଛେଳି, ଘୁଷୁରୀ, ମଇଁଷି, କୁକୁଡ଼ା ଆଦି ଗୃହପାଳିତ ପ୍ରାଣୀ ମାନଙ୍କୁ ନେଇ ମେଳାରେ ଅଂଶଗ୍ରହଣ କରିଥିଲେ। ପ୍ରାଣୀ ସମ୍ପଦର ବିକାଶରେ ସହାୟକ ହୋଇଥିବା ସଫଳ ଚାଷୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



## ପହଲଗାମ୍ ଆକ୍ରମଣରେ ୨୮ ମୃତ ପର୍ଯ୍ୟଟକଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା



**ଖପ୍ରାଖୋଲ,୨୫।୪ (ସଂଚାର ବ୍ୟୁରୋ):** କାଶ୍ମୀର ର ପହଲଗାମ୍ ଠାରେ ଗତ ୨୨ ତାରିଖ ଆତଙ୍କବାଦୀ ଆକ୍ରମଣରେ ରେ ୨୮ ପର୍ଯ୍ୟଟକ ଙ୍କ ଅକାଳ ବିୟୋଗ ହୋଇଥିଲା। ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହିତ ବିଭିନ୍ନ ସଂଗଠନ ତରଫରୁ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ସଦର ମହକୁମା ଠାରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ସହିତ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଥମେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସମସ୍ତେ ଏକତ୍ରିତ ହୋଇ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ଥାନା ଛକ ବୁଦ୍ଧ ଙ୍କ ପ୍ରତିମୂର୍ତ୍ତି ପାଖରେ ପହଞ୍ଚି ଥିଲେ। ଏହି ଅବସରରେ ଏକ ଶୋକ ସଭା ସହ ମୃତକ ଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଥାନା ଅଧିକାରୀ ନରେନ୍ଦ୍ର ଛତର, ବ୍ଲକ୍ ସହ ଶିକ୍ଷା ଅଧିକାରୀ ଷଡ଼ଙ୍ଗୀ, ଅଗ୍ନିଶମ ଅଧିକାରୀ ଜୟ ଗୋପାଳ ପଣ୍ଡା, ବୁଲୁ ପଣ୍ଡା ସମେତ ବ୍ଲକ୍ ପ୍ରଶାସନ, ଗଣମାଧ୍ୟମ, ଗ୍ରାମବାସୀ ଓ ବିଭିନ୍ନ ସଂଗଠନ ର ସଦସ୍ୟ ଉପସ୍ଥିତ ଥିଲେ।

## ଗାଧୋଇବାକୁ ଯାଇ ପୋଖରୀରେ ବୁଡ଼ିଗଲେ ନାବାଳକ

**ଆନନ୍ଦପୁର,୨୫।୪(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନ କନ୍ତୋ ପଞ୍ଚାୟତ ନୂଆପଡ଼ା ଗାଁ ପୋଖରୀରେ ବୁଡ଼ିଯାଇ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ନୂଆପଡ଼ା ଗ୍ରାମର ନାଉରି ମୁଣ୍ଡାଙ୍କ ୧୨ ବର୍ଷୀୟ ପୁଅ ଆଦିତ୍ୟ। ସୂଚନାରୁ ଜଣାପଡ଼ିଛି, ନାଉରୀ ବାହାର ରାଜ୍ୟରେ ରହି କାମ କରୁଥିବା ବେଳେ ତା' ସ୍ତ୍ରୀ ଓ ମା ସ୍ଥାନୀୟ ହାଟକୁ ଯାଇଥିଲେ । ଏହି ସମୟରେ ନାଉରୀ ମୁଣ୍ଡାଙ୍କ ୧୨ ବର୍ଷୀୟ ପୁଅ ସାଙ୍ଗମାନଙ୍କ ସହ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ ପୋଖରୀରେ ଗଭୀର ପାଣିରେ ଆଦିତ୍ୟ ହଠାତ୍ ବୁଡ଼ିଯାଇଥିଲା, ଏହା ଦେଖି ଅନ୍ୟ ସାଙ୍ଗମାନେ ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ ଏବଂ ଗାଁ ଲୋକଙ୍କୁ ଡାକିଆଣିଥିଲେ ଖବର ପାଇ ପରିବାର ଲୋକ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହା ଭିତରେ ସ୍ଥାନୀୟ ଲୋକେ ଆଦିତ୍ୟଙ୍କୁ ପୋଖରୀରୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି।

## ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ପ୍ରଧାନମନ୍ତ୍ରୀ ସଡ଼କ ଏବେ ମରଣଯନ୍ତା



**ବୈଶିଙ୍ଗା,୨୫।୪ (ସଂଚାର ବ୍ୟୁରୋ):** ଯେଉଁ ଦେଶର ରାସ୍ତା ସୁନ୍ଦର ସେ ଦେଶ ସେତେ ଉନ୍ନତ।ଆମ ଭାରତର କେନ୍ଦ୍ର ତଥା ରାଜ୍ୟ ସରକାର ସହର ସହିତ ଗ୍ରାମ ସଂଯୋଗ ପାଇଁ କୋଟି କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ସଡ଼କ ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ ଯୋଜନା କରୁଛନ୍ତି ସତ ମାତ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ନିମ୍ନମାନର କାର୍ଯ୍ୟ ପାଇଁ ବର୍ଷେ ଦୁଇ ବର୍ଷ ମଧ୍ୟରେ ଖରାପ ହୋଇଯାଉଛି। ଜିଲ୍ଲା ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନ ୧୮ନମ୍ବଜାତୀୟ ରାଜପଥର ଜରକା ଠାରୁ ବୈଦିପୁର୍ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲେ ମଧ୍ୟ ବିଭାଗ ଏହି ରାସ୍ତାର ମରାମତି କରିବାର ନାମ ଧରୁନଥିବାରୁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଯାନ ବାହାନ ଚଳା ଚଳରେ ବାଧା ଉପୁଜିଛି। ଏହି ରାସ୍ତାର ୭.୩୭୦କି ମି ରାସ୍ତା ତିଆରି ନିମନ୍ତେ ୨ କୋଟି୪୮ ଲକ୍ଷ ୮୮. ୯୬୪ ଲକ୍ଷ ଅର୍ଥ ମଞ୍ଜୁରୀ କରାଯାଇତା ୨୮.୧୧.୨୧ରେ ସାଂସଦ ପ୍ରତାପ ଷଡ଼ଙ୍ଗୀ ଏବଂ ବିଧାୟକ ସନାତନ ବିଜୁଳି ଙ୍କ ଦ୍ୱାରା ଶୁଭ ଦିଆଯାଇଥିବା ବେଳେ ୨୦୨୨ ମସିହା ଜୁଲାଇ ମାସ ରେ ଶେଷ ହେବା ସହିତ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରକ୍ଷଣା ବେକ୍ଷଣ ହେବାର ଚୁକ୍ତି ରହିଛି।ମାତ୍ର ଏହି ରାସ୍ତା ମରାମତି ନହେବାରୁ ଏହା ସିଧା ସଳଖ ବିଭାଗ ର ଅପାରଗତା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି, ଅର୍ଥ ଥାଇ ମଧ୍ୟ ଅବଧି ଶେଷ ହେବାକୁ ଆହୁରି ଦେଢ଼ ବର୍ଷ ରହିଥିବାବେଳେ ମରାମତି ନହେବା କାରଣ କଣ ବୋଲି ସାଧାରଣ ରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି। ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ ତାହା ନଦେଖିଲେ ବିଶ୍ୱାସ ହେବ ନାହିଁ। ଏହି ରାସ୍ତା ମରାମତି ହେବା ଠାରୁ ରକ୍ଷଣା ବେକ୍ଷଣର ଅବଧି ଶେଷ ହେଉଥିବା ବେଳେ ବଡ଼ସାହି ବିଧାୟକ ତାଙ୍କର ୫ ବର୍ଷ ଅବଧି ଶେଷ କରି ଦ୍ୱିତୀୟ ଥର ବିଧାୟକ ହୋଇଥିଲେ ମଧ୍ୟ ଏହି ଅଞ୍ଚଳ ଗସ୍ତ କରି ନାହାନ୍ତି କି ଏହି ରାସ୍ତାର ଅବସ୍ଥା ଦେଖି ନାହାନ୍ତି। ଉକ୍ତ ରାସ୍ତା ଦେଇ ସୁବର୍ଣ୍ଣ ରେଖା କେନାଲ ଯାଉ ଥିବା ବେଳେ ଓ ଏହି ରାସ୍ତା ଉପରେ କେନାଲ ନିମନ୍ତେ ଏକ ପୋଲ ନିର୍ମାଣ ରାସ୍ତା ଉପରେ ନିର୍ମିତ ହେବାକୁ ଥିବାରୁ ଏଥିପାଇଁ ଲୋକଙ୍କ ନିମନ୍ତେ ଓ ଯାନ ବାହାନ ଚଳା ଚଳର ସୁବ୍ୟବସ୍ଥା ନିମନ୍ତେ କେନାଲ ବିଭାଗ ମଧ୍ୟ ଯତ୍ନବାନ ହେବା ଜରୁରୀ ଅଟେ। ଏତଦ ବ୍ୟତିତ ଏହି ରାସ୍ତା ଜାରକା ରୁ ମେର୍ଦା ମଧ୍ୟରେ ମରାମତି ନସାରିବା ପୂର୍ବରୁ ଅବସ୍ଥା ଶୋଚନୀୟ ହୋଇ ପଡ଼ିଲାଣି, କଂକ୍ରିଟ ରାସ୍ତା ଉପରୁ ଲୋକ ଙ୍କ ଭରସା ତୁଟି ଗଲାଣି, କଂକ୍ରିଟ ଉଠି ରାସ୍ତା ଯାକ ଖାଲରେ ଭର୍ତି ହେବାସହ ରାସ୍ତା ଉପରେ ହମ୍ପସ ନିର୍ମାଣ ଯୋଗୁଁ ଜରୁରୀକାଳୀନ ସେବାରେ ବ୍ୟାଘାତ ସୃଷ୍ଟି ହେଉଛି, ବିଶେଷ ଭାବେ ୧୦୮ ଆମ୍ବୁଲାନ୍ସ ଓ ଦମକଳ ପାଇଁ ବିପଦ ସୃଷ୍ଟି କରୁଛି।

## ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ହିନ୍ଦୁଙ୍କ ନିର୍ମମ ହତ୍ୟା ପ୍ରତିବାଦ

- କୋକସରା ବିଡିଓଙ୍କ ଜରିଆରେ ଦାବିପତ୍ର




**ଭବାନୀପାଟଣା, ୨୫।୪(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ମିଳିତ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ଗତ ୨୨ ତାରିଖରେ କାଶ୍ମୀର ପହେଲଗାଁଓ ଠାରେ ୨୭ ଜଣ ପର୍ଯ୍ୟଟକ ହିନ୍ଦୁ ଙ୍କୁ ଆତଙ୍କବାଦୀ ମାନେ ନିର୍ମମ ଗୁଳି କରି ହତ୍ୟା କରିବା ଘଟଣାର ତୀବ୍ର ନିନ୍ଦା କରିବା ସହ ଆତଙ୍କବାଦୀ ଓ ଆତଙ୍କବାଦ କୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନ ରାଷ୍ଟ୍ର ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଆଜି କୋକସରା ବ୍ଲକ ହିନ୍ଦୁ ସଙ୍ଗଠନ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରାରେ କୋକସରା ସହର ପରିକ୍ରମା କରି କୋକସରା ବିଡ଼ିଓ ଙ୍କ ଜରିଆରେ ଏକ ଦାବିପତ୍ର ମହାମହିମ ରାଜ୍ୟପାଳ ଙ୍କ ଉଦ୍ଦେଶ୍ୟ ରେ ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ବିଜେପି ସମ୍ପାଦକ ଗୋଦାବରୀଶ ପାତ୍ର, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ମୋଟେର ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ, ବ୍ଲକ ସମ୍ପାଦକ ମନୋଜ କୁମାର ନାଏକ, କିଶନ ପଟ୍ଟନାୟକ, ବିଜେପି ବରିଷ୍ଠ ନେତା ଗଣେଶ ନନ୍ଦ, ତ୍ରିନାଥ ଶବର, ଦୁର୍ଗା ପ୍ରଧାନୀ, ଅନ୍ୟକର୍ମି ମାନେ ସାମିଲ ହୋଇଥିଲେ ।

### କାଶ୍ମୀରରେ ଆତଙ୍କବାଦୀଙ୍କ ଆକ୍ରମଣ

## ଦୋଷୀଙ୍କୁ ଓ ଫାଶୀ ଦଣ୍ଡ ଦେବାକୁ ଦାବି କଲେ ମୁସଲିମ ସମାଜ



**କଳାହାଣ୍ଡି, ୨୫।୪ (ସଂଚାର ବ୍ୟୁରୋ):** କାଶ୍ମୀରରେ ଆତଙ୍କବାଦୀ ମାନେ ଯେଉଁ ପର୍ଯ୍ୟଟକ ଙ୍କୁ ଆକ୍ରମଣ କରି ମାରିଦେଇ ଥିବା ପର୍ଯ୍ୟଟକ ଙ୍କ ଆତ୍ମାର ସଦ୍ଗତି ଓ ଦୋଷୀ ଙ୍କୁ କଠୋର ଦଣ୍ଡ ଦେବାପାଇଁ କେସିଙ୍ଗା ମୁସଲିମ ସମାଜ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କୁ ଦାବି କରି ସ୍ଥାନୀୟ ମଜ୍ଜିଦ ଠାରେ ସଭାପତି ଜାକିର ହୁସେନ ଙ୍କ ନେତୃତ୍ୱରେ ଶୁକ୍ରବାର ଏକ ଦୋହା କରି କଳା ପଟି ବାନ୍ଧି ମୃତ ପର୍ଯ୍ୟଟକ ଙ୍କ ଆତ୍ମାର ସଦ୍ଗତି ପାଇଁ ପାର୍ଥନା କରିଥିଲେ।ଉକ୍ତ ସମାଜ ପକ୍ଷରୁ ପର୍ଯ୍ୟଟକ ମାନକୁ ଆକ୍ରମଣ କରି ଯେ ଭଳି ହତ୍ୟା କରାଯାଇଛି, ସେହି ଦୋଷୀ ଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାର ଫାଶୀ ଦଣ୍ଡ ଦେବା ସହ କଠୋର ଦଣ୍ଡ ଦେବା ପାଇଁ ନିବେଦନ କରିଛନ୍ତି। ମୃତ ପର୍ଯ୍ୟଟକ ଙ୍କ ଆତ୍ମାର ସଦ୍ଗତି ନିମନ୍ତେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ କୁ ଖାତିର ନ କରି ମୁସଲିମ ସମାଜ ପକ୍ଷରୁ ଶୁକ୍ରବାର ଅପରାହ୍ନ ସାଢେ ଏକ ଘଣ୍ଟା ସମୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାଶ୍ମୀର ରେ ମୃତ ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ଆଗାମୀ ଦିନରେ ଯଦି ଏ ଭଳି ଆକ୍ରମଣ କରାଯାଏ ତେବେ କେସିଙ୍ଗା ମୁସଲମାନ ସମାଜ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କୁ ସହଯୋଗ କରିବ ବୋଲି ସମାଜ ର ସଭାପତି ଜାକିର ହୁସେନ ଦୃଢ଼ତା ସହ ପ୍ରକାଶ କରିଛନ୍ତି।ଏହି କାର୍ଯ୍ୟକ୍ରମ ରେ ମୁସଲମାନ ସମାଜ ର ସମ୍ପାଦକ ଅବଦୁଲ ହମ୍ମୀଦ, ଡା. ଏହେଁସାନ ଖାନ, ଅନୁ ହୁସେନ, ଛୋଟୁ ଖାନ, ମହମ୍ମଦ ଆୟୁବ ଖାନ, ତହିର ହୁସେନ ପ୍ରମୁଖ ସମାଜ ବିଶିଷ୍ଟ ବ୍ୟକ୍ତି ବିଶେଷ ଓ ସମସ୍ତ ମହିଳା, ଯୁବକ, ଯୁବତୀ ଗୋଷ୍ଠୀ ଏହି କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରି ଆତଙ୍କବାଦୀ ବିରୋଧ ସ୍ୱର ଉତ୍ତୋଳନ କରି ମୃତ ପରିବାର ବର୍ଗ ଙ୍କୁ ସମବେଦନା ଜଣାଇଛନ୍ତି।

## ଜଳକଷ୍ଟ ଭୋଗୁଛନ୍ତି ଗୁମୁରିଖୋଲ ଗ୍ରାମବାସୀ

**ଖଜୁରିପଡ଼ା,୨୫।୪(ସଂଚାର ବ୍ୟୁରୋ):** ଖଜୁରିପଡ଼ା ବ୍ଲକ୍ ପୀରିକୁଡି ପଞ୍ଚାୟତ ଗୁମୁରିଖୋଲ ଗ୍ରାମବାସୀ ବୈଶାଖ ମାସରେ ଜଳକଷ୍ଟ ଭୋଗୁଛନ୍ତି। ଏହି ଗାଁରେ ପିଇବା ପାଣି ଏକ ପ୍ରମୁଖ ସମସ୍ୟା ବୋଲି ଲୋକମାନେ କହିଛନ୍ତି। ଏହି ସମସ୍ୟା ଦୂର କରିବା ପାଇଁ କିଛି ବର୍ଷ ପୂର୍ବେ ଗାଁରେ ପାନୀୟ ଜଳ ବିଭାଗ ପକ୍ଷରୁ ବସୁଧା ଯୋଜନାରେ ପାଣି ଟାଙ୍କି ନିର୍ମାଣ କରି ପିଇବା ପାଣି ଯୋଗାଇ ଦିଆଯାଉଥିଲା। ପାଣି ଉଠା ଯାଉଥିବା କୂଅରେ ଯଥେଷ୍ଟ ପାଣି ବାହାରୁ ନ ଥିବାରୁ କିଛି ସମୟ ଆସି ବନ୍ଦ ହୋଇଯାଏ। ଯାହା ଫଳରେ ଗ୍ରାମବାସୀ ନିୟମିତ ପାଣି ପାଇବାରୁ ବଞ୍ଚିତ ହୁଅନ୍ତି। ଏ ନେଇ ଗ୍ରାମବାସୀ ଅଭିଯୋଗ କଲା ପରେ ଆଉ ଗୋଟେ କୂଅ ଖୋଳା ହେଲା। କିନ୍ତୁ ସେହି କୂଅ ଅଧା ନିର୍ମାଣ ହୋଇ ପଡ଼ିରହିଛି। ସେଥିରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଲାଇନ ଖୁମ୍ବ ପୋତା ଯାଇଛି। କିନ୍ତୁ ତାର ଟଣା ହୋଇ ନାହିଁ। ଏବେ ବୈଶାଖ ମାସ ତାପମାତ୍ରା ବଢ଼ିବା ସହିତ ଖରା ଗରମ ଗୁଳୁଗୁଳି ଦିନକୁଦିନ ବଢ଼ି ଯାଉଛି। ନଦୀ ନାଳ ଚୁଆ ସବୁ ଶୁଖି ଆସିଲାଣି। ଏହି ପରିପ୍ରେକ୍ଷୀରେ ଗୁମୁରିଖୋଲା ସମେତ ସାକାଡ଼ି ଗ୍ରାମବାସୀ ପାଣି ଟୋପେ ପାଇଁ ତହଳ ବିକଳ ହେଉଥିବା କହିଛନ୍ତି।



## ଆପଣଙ୍କ ପ୍ରଶ୍ନ ଡାକ୍ତରଙ୍କ ଉତ୍ତର



**ମହିଳାଙ୍କ ସ୍ୱାସ୍ଥ୍ୟ ନେଇ ବିଭିନ୍ନ ପ୍ରକାର ସମସ୍ୟା ଦେଖାଯାଉଛି। ଏ ନେଇ ଆମ ପାଠକମାନଙ୍କ ପ୍ରଶ୍ନର ଉତ୍ତର ରଖିଛନ୍ତି ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ଆରତୀ ନାୟକ।**

**ବର୍ତ୍ତମାନ ସମୟରେ ଯୁବତୀମାନଙ୍କର ଋତୁସ୍ରାବ ପ୍ରକ୍ରିୟାର ଅନିୟମିତତା ଦେଖାଯାଉଛି। ବିବାହ ପରେ ସନ୍ତାନ ପ୍ରାପ୍ତି ଉପରେ ଏହାର ପ୍ରଭାବ କ'ଣ ରହୁଛି? ଏହାର କାରଣ ଓ ନିରାକରଣ ବିଷୟରେ ଅବଗତ କରିବାକୁ ଅନୁରୋଧ।**

**ପଙ୍କଜିନୀ ପାଲ, ପୁରୀ**

**ଉତ୍ତର:** ଋତୁସ୍ରାବ ଅନିୟମିତତାର ପ୍ରଥମ କାରଣ ହେଲା ଓଜନ। ବୟସ ଅନୁଯାୟୀ ଶରୀରର ଓଜନ ଅଧିକ ରହିଲେ ମାସିକ ଋତୁଚକ୍ରରେ ଅସୁବିଧା ଉତ୍ପନ୍ନ ହୋଇଥାଏ। ଏହି କାରଣରୁ ପିସିଓଡି ପରି ସମସ୍ୟା ଦେଖାଯାଉଛି। ଆଜିକାଲିର ଜୀବନଶୈଳୀରେ ପରିବର୍ତ୍ତନ, ଫାଷ୍ଟ ଫୁଡ୍ ଖାଇବା, ଯୋଗ ନ କରିବା, ରାତି ଅନିଦ୍ରା, ଡେରିରେ ବିବାହ କରିବା ଦ୍ୱାରା ଏହି ସମସ୍ୟା ଅଧିକ ହେଉଛି। ସେଥିପାଇଁ ଯଥାସମ୍ଭବ ନିଜର ଓଜନକୁ ସନ୍ତୁଳିତ କରିବା ଉଚିତ।

**ମୁଁ ୫ ମାସର ଗର୍ଭବତୀ। ସବୁବେଳେ ମୋର ପେଟ ବ୍ୟଥା ଲାଗି ରହୁଛି କାହିଁକି?**

**ଅହଲ୍ୟା ସାହୁ**

**ଉତ୍ତର:** ଆପଣଙ୍କର ଏସିଡିଟି ସମସ୍ୟା ଅଧିକ ରହୁଥିବ। ଅଧିକ ତେଲ ମସଲା ଖାଦ୍ୟ, ଖାଦ୍ୟରେ ଅନିୟମିତତା, ଏକକାଳୀନ ପେଟପୂରା ଖାଦ୍ୟ ଭୋଜନ ଓ ପରିସ୍ରା ଠିକ୍‌ରେ ନ ହେଉଥିଲେ ପେଟ ବ୍ୟଥା ଲାଗି ରହିବ। ଯଦି ଏପରି ହେଉଛି ତେବେ ତୁରନ୍ତ ଡାକ୍ତରଙ୍କ ପାଖକୁ ଯିବା ଉଚିତ।

***ଜଣେ ମହିଳା କେଉଁ ଜୀବନଶୈଳୀରେ ରହିଲେ ସ୍ତନ କର୍କଟ ହେବ ନାହିଁ?**

**ବୁଲୁ ପଟ୍ଟନାୟକ, ଘସିପୁରା, କେନ୍ଦୁଝର**

**ଉତ୍ତର:** ସ୍ତନ କର୍କଟ ପାଇଁ ସବୁବେଳେ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ଯଦି ସ୍ତନରେ ଗୋଟା ଭଳି କିଛି ଲାଗୁଛି କିମ୍ବା ସବୁବେଳେ ଦରଜ ରହୁଛି ତେବେ ସଙ୍ଗେ ସଙ୍ଗେ ଏହାର ଚିକିତ୍ସା କରିନେବା ଭଲ। ଏଥିପାଇଁ ମେନୋଗ୍ରାଫି କରିବା ଉଚିତ।

**ଜଣେ ମା' ହେବା ପାଇଁ କେଉଁ ବୟସ ଠିକ୍? ଆଜିକାଲି କେଉଁ ସମସ୍ୟା ପାଇଁ ମିସ୍‌କ୍ୟାରେଜ୍ ଅଧିକ ହେଉଛି?**

**ରୁହି ନାୟକ, ଗୋବିନ୍ଦପୁର, ଢେଙ୍କାନାଳ**

**ଉତ୍ତର:** ଜଣେ ମହିଳାଙ୍କର ପ୍ରଜନନର ଉଚିତ ସମୟ ହେଉଛି ୨୨ରୁ ୩୦ ବର୍ଷ। ଏହି ସମୟରେ ଓଭାରିର ସ୍ଥିତି ଠିକ୍ ଥାଏ। ୩୦ ବର୍ଷ ପରେ ଏହାର କ୍ଷମତା କମିଯାଏ। ଯଦି ଡେରିରେ ଛୁଆ ରହିଯାଏ ତେବେ ଏହା ଶୀଘ୍ର ମିସ୍‌କ୍ୟାରେଜ୍ ହେବାର ସମ୍ଭାବନା ରହିଥାଏ।

**ଗର୍ଭାଶୟ କର୍କଟରୁ ମୁକୁଳିବା ପାଇଁ କେବେ ଓ କେଉଁ ଟିକା ନେବା ଆବଶ୍ୟକ। ମତେ ଏବେ ୩୦ ବର୍ଷ ହୋଇଛି। ଏହି ଟିକା ଏବେ ମୁଁ ନେଇ ପାରିବି କି?**

**ପ୍ରମିଳା ରାଉତରାୟ, କଟକ**



**ଉତ୍ତର:** ହଁ ଆପଣ ଗର୍ଭାଶୟ କର୍କଟ ପାଇଁ ଟିକା ନେଇପାରିବେ। ୧୫ରୁ ୬୦ ବର୍ଷ ପର୍ଯ୍ୟନ୍ତ ଏହି ଟିକା ନେବାର ସମୟ ରହୁଛି। ଗର୍ଭାଶୟ କର୍କଟ କେତେକ ପ୍ରକାରର ହ୍ୟୁମାନ ପାପିଲୋମା ଭାଇରସ୍ (ଏଚପିଭି) କାରଣରୁ ହୋଇଥାଏ। ସେଥିପାଇଁ ସର୍ଭାଇକାଲ୍ କ୍ୟାନ୍‌ସର ଟିକା ସମସ୍ତେ ନେବା ଉଚିତ।

# ସୁଖୀ କରାଉଛି 'ସୁଖବିଜ୍ଞାନ' ପାଠ୍ୟକ୍ରମ

ଇଂଲାଣ୍ଡର ବ୍ରିଷ୍ଟଲ ବିଶ୍ୱବିଦ୍ୟାଳୟରେ ପ୍ରଦାନ କରାଯାଉଥିବା ଏକ ଅଭିନବ ପାଠ୍ୟକ୍ରମ ଏବେ ଚର୍ଚ୍ଚାର ବିଷୟ ହୋଇଛି। 'ସୁଖବିଜ୍ଞାନ' ନାମକ ଏହି ପାଠ୍ୟକ୍ରମ ବିଦ୍ୟାର୍ଥୀମାନଙ୍କୁ ସୁଖୀ ହେବାର ଶିକ୍ଷା ଦେଉଛି। ତତ୍କାଳ ସୁଖଲାଭ ପାଇଁ ଏଠାରେ କି ବ୍ୟବସ୍ଥା ରହିଛି ବୋଲି ଜାଣିବାକୁ ସମସ୍ତେ ଉତ୍ସୁକ। ବାସ୍ତବରେ ଏହି ପାଠ୍ୟକ୍ରମରେ ଜୀବନକୁ ପରିବର୍ତ୍ତନ କଲା ଭଳି କିଛି ନୂତନ ପଦ୍ଧତି କି ଆବିଷ୍କାର ନାହିଁ। ପୂର୍ବରୁ ସମସ୍ତେ ଜାଣିଥିବା ଏବଂ ବହୁଳ ଆଲୋଚିତ ହୋଇ ଆସୁଥିବା ପ୍ରକ୍ରିୟାଗୁଡ଼ିକ ହିଁ ଏହି ପାଠ୍ୟକ୍ରମର ଭିତ୍ତିଭୂମି। ସେଗୁଡ଼ିକ ମଧ୍ୟରେ ସାମାଜିକ ସଂଯୋଗ, ମନୋଯୋଗିତା, କୃତଜ୍ଞତା ଜ୍ଞାପନ, ଦୟାଶୀଳତା, ପ୍ରକୃତି କୋଳରେ ପରିଭ୍ରମଣ, ସୁଖନିଦ୍ରା, ସୀମିତ ସାମାଜିକ ଗଣମାଧ୍ୟମ ବ୍ୟବହାର ଆଦି ବିଷୟଗୁଡ଼ିକ ଉପରେ ଗୁରୁତ୍ୱାରୋପ କରାଯାଉଛି।





ସୂଚନାଯୋଗ୍ୟ, ଏପରି ୮୦ରୁ ଅଧିକ ମନସ୍ତାତ୍ତ୍ୱିକ ହସ୍ତକ୍ଷେପ ରହିଛି ଯାହା ଆମ ସୁଖକୁ ଅଳ୍ପ ବହୁତ ଉନ୍ନତ କରାଇବାରେ ସହାୟକ ହୋଇଥାଏ। ସ୍ଥଳବିଶେଷରେ ଆମ ପାଇଁ କେଉଁ ଉପାଦାନଟି କାମ କରୁଛି, ତାହା ଜାଣିଗଲେ ଆଉ ସୁଖଲାଭ କରିବାର ସ୍ୱତନ୍ତ୍ର ଉପାୟ ଖୋଜିବା ଦରକାର ପଡ଼ିବନି। ଏକ ଅନୁଧ୍ୟାନ ଅନୁଯାୟୀ, ବିଶେଷ କରି ଆମେରିକା ଓ ୟୁନାଇଟେଡ୍ କିଙ୍ଗଡମ୍‌ରେ ଛାତ୍ରଛାତ୍ରୀ ଓ ଯୁବଗୋଷ୍ଠୀ ଅଧିକ ମାତ୍ରାରେ ଦୁଃଖୀ ରହୁଥିବା ଜଣାଯାଇଛି। ତାହାକୁ ଦୃଷ୍ଟିରେ ରଖି ୨୦୧୯ ମସିହାରୁ ଏଭଳି ପାଠ୍ୟକ୍ରମର ପରିକଳ୍ପନା କରାଯାଇଥିଲା ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ପାଠ୍ୟକ୍ରମରେ ଆଶାୟୀ ବିଦ୍ୟାର୍ଥୀମାନଙ୍କୁ ସକାରାତ୍ମକ ମନୋବିଜ୍ଞାନ ଉପରେ ଶିକ୍ଷାଦାନ କରାଯାଇଥାଏ ଏବଂ ସେମାନଙ୍କୁ ତାହା ଅଭ୍ୟାସ କରିବା ପାଇଁ ମଧ୍ୟ ସୁଯୋଗ ଦିଆଯାଇଥାଏ। ଏହି ପାଠ୍ୟକ୍ରମ ଦିନକୁ ଦିନ ଅଧିକ ଲୋକପ୍ରିୟ ହେବା ସହ ପ୍ରତିବର୍ଷ ୧୦ରୁ ୧୫ ପ୍ରତିଶତ ଅଧିକ ଛାତ୍ରଛାତ୍ରୀ ଏଥିରେ ନାମ ଲେଖାଉଛନ୍ତି।

**'ସୁଖବିଜ୍ଞାନ' ପାଠ୍ୟକ୍ରମ ବିଦ୍ୟାର୍ଥୀମାନଙ୍କୁ ସୁଖୀ ହେବାର ଶିକ୍ଷା ଦେଉଛି। ଏଥିରେ ରହିଛି ସାମାଜିକ ସମ୍ପର୍କ, କୃତଜ୍ଞତା, ପ୍ରକୃତିରେ ଭ୍ରମଣ, ସୀମିତ ସାମାଜିକ ଗଣମାଧ୍ୟମ ବ୍ୟବହାର ଆଦି ବିଷୟ**

# ମଶାକାମୁଡ଼ାର ତତ୍କାଳ ଉପଚାର



ଖରାଦିନ ଆସିଲେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ମଶାମାନଙ୍କର ଉପଦ୍ରବ ଆମକୁ ଅତିଷ୍ଠ କରିପକାଏ। ଏଣେ ତାପମାତ୍ରା ବଢ଼ିବା ସହ ବାୟୁମଣ୍ଡଳର ଆର୍ଦ୍ରତା ସ୍ତର ମଧ୍ୟ ବଢ଼ିଥାଏ ଯାହା ମଶାମାନଙ୍କ ପ୍ରଜନନ ବୃଦ୍ଧିକୁ ସୁହାଇଥାଏ। ଗରମ ଯୋଗୁଁ ଆମେ ଅଧିକ ସମୟ ଘର ବାହାରେ ବିତାଇବା ପାଇଁ ପସନ୍ଦ କରିଥାଉ। ସୁତରାଂ ମଶାକାମୁଡ଼ାର ଆଶଙ୍କା ବଢ଼ିଯାଇଥାଏ। ତେବେ କିଛି ଘରୋଇ ଉପଚାର ଦ୍ୱାରା କିପରି ତାହାର ସଫଳ ମୁକାବିଲା କରିହେବ, ସେ ବାବଦରେ ଆଲୋଚନା କରିବା। ଆପଲ୍ ସାଇଡର ଭିନେଗାର ଏକ ଭଲ ପ୍ରଦାହ ବିରୋଧୀ ରୂପେ କାମ କରେ। ତୁଳାକୁ ଏହି ଭିନେଗାରରେ ଭିଜାଇ ମଶା କାମୁଡ଼ିଥିବା ସ୍ଥାନରେ ଲଗାଇଦେଲେ ମଶାକାମୁଡ଼ା ଜନିତ କୁଣ୍ଡାଇ ହେବା ଓ ଚର୍ମଫୁଲାରୁ ଆରାମ ମିଳିଥାଏ।

ମଶା କାମୁଡ଼ା ପାଇଁ ମହୁ ଅନ୍ୟତମ ମହୌଷଧି। ମହୁର ବୀଜାଣୁବିରୋଧୀ ଗୁଣ ମଶାକାମୁଡ଼ା ଜନିତ ସଂକ୍ରମଣ ଆଶଙ୍କାକୁ କମାଇଦେଇଥାଏ। ମଶା କାମୁଡ଼ିଥିବା ଚର୍ମ ଉପରେ ମହୁର ବହଳ ପ୍ରଲେପ କୁଣ୍ଡାଇହେବାରୁ ତୁରନ୍ତ ଉପଶମ ଆଣିଥାଏ। ମଶା କାମୁଡ଼ାର ପ୍ରଭାବ କମାଇବା ଦିଗରେ ଖାଇବା ସୋଡ଼ା ମଧ୍ୟ ଏକ ଅବ୍ୟର୍ଥ ଘରୋଇ ଉପଚାର। ଅଳ୍ପ ଖାଇବା ସୋଡ଼ାରେ ଚାରି ପାଞ୍ଚ ଠୋପା ପାଣି ମିଶାଇ ଏକ ମଲମ ପ୍ରସ୍ତୁତ କରନ୍ତୁ। ତାହାକୁ ମଶାକାମୁଡ଼ା ସ୍ଥାନରେ ଲଗାଇ ୧୦ରୁ ୧୫ ମିନିଟ୍ ପରେ ତାହାକୁ ଧୋଇଦେଲେ ଆଉ କିଛି ଜଳାପୋଡ଼ା ଦୂର ହୋଇଯାଏ। ଘିକୁଆଁରୀ ବା ଆଲୋଭେରା ମଧ୍ୟ ଏଥି ପାଇଁ ଏକ ଅମୋଘ ଅସ୍ତ୍ର। ଆଲୋଭେରା ପତ୍ରକୁ ଭାଙ୍ଗି ତାହାର ବହଳ ରସକୁ ମଶାକାମୁଡ଼ା ସ୍ଥାନରେ ଲଗାଇଲେ ତତ୍କାଳ ଆରାମ ମିଳିଥାଏ।

ତୁଳସୀପତ୍ର ରସକୁ ମଶା କାମୁଡ଼ା ସ୍ଥାନରେ ଲଗାଇଲେ ତାହାର ପ୍ରଦାହବିରୋଧୀ ଗୁଣ କୁଣ୍ଡାଇହେବାକୁ କମାଇଦେବା ସହ ଚର୍ମ ଫୁଲିବାକୁ ମଧ୍ୟ ଦେବନାହିଁ। ସେହିପରି ରସୁଣର ଉଭୟ ପ୍ରଦାହ ବିରୋଧୀ ଓ କବକବିରୋଧୀ (ଆଣ୍ଟିଫଙ୍ଗାଲ) ଗୁଣ ରହିଛି। କିଛି ରସୁଣ ପାଖୁଡ଼ାକୁ ବାଟି ମଲମ ସଦୃଶ ମଶାକାମୁଡ଼ା ସ୍ଥାନରେ ମାରିଲେ ତୁରନ୍ତ ଉପଶମ ମିଳିପାରିବ।

# ଡିଏନ୍‌ଏ ପେଡ଼ିରେ ସାଇତା ସ୍ମୃତି



**ସାଧାରଣତଃ ରୋଗ ପ୍ରତିରୋଧକ ଶକ୍ତିର ବିନିଯୋଗ ତଥା ଶିକ୍ଷାଲାଭ ପ୍ରକ୍ରିୟା ସହ ମସ୍ତିଷ୍କ ଡିଏନ୍‌ଏର ଭଙ୍ଗୁରଶୀଳତା ଜଡ଼ିତ ବୋଲି ପୂର୍ବରୁ ଜଣାଯାଇଛି। ତେବେ ଦୀର୍ଘକାଳୀନ ସ୍ମୃତି ସହ ମଧ୍ୟ ଏହା ଜଡ଼ିତ ବୋଲି ଏବେ ସ୍ପଷ୍ଟ ହୋଇଛି।**

ନ୍ୟୁୟର୍କର ଆଲବର୍ଟ ଆଇନ୍‌ଷ୍ଟାଇନ୍ ଭେଷଜ ମହାବିଦ୍ୟାଳୟର ଦଳେ ଗବେଷକଙ୍କ ସଦ୍ୟ ଅନୁଧ୍ୟାନ ଅନୁଯାୟୀ, ଆମ ମସ୍ତିଷ୍କରେ ଡିଏନ୍‌ଏଗୁଡ଼ିକ ଭାଙ୍ଗିଯିବା ଓ ସେଗୁଡ଼ିକର ପୁନର୍ଗଠନ ପ୍ରକ୍ରିୟା ବଳରେ ଆମ ମନରେ କୌଣସି କଥା ଦୀର୍ଘ ଦିନ ମନେ ରହିଥାଏ। ପଲେ ମୂଷାଙ୍କ ଉପରେ ଗବେଷଣା ଚଳାଇ ସେମାନେ ଏହି ନିଷ୍କର୍ଷ ପାଇଛନ୍ତି। ସେମାନଙ୍କ ନିର୍ଯାସ ଅନୁଯାୟୀ, ଦୀର୍ଘକାଳୀନ ସ୍ମୃତି ଧାରଣ କରିବା ଲାଗି ମସ୍ତିଷ୍କର କିଛି ନ୍ୟୁରନ୍ ଏକ ଶକ୍ତ ବିଦ୍ୟୁତ୍ ତରଙ୍ଗ ଅନୁଭବ କରିଥା'ନ୍ତି ଯାହା ଡିଏନ୍‌ଏଗୁଡ଼ିକର ଭାଙ୍ଗିବା ଓ ଯୋଡ଼ିହେବା ପ୍ରକ୍ରିୟାରୁ ଜାତ ହୋଇଥାଏ। ଏହି ତରଙ୍ଗ ଆମର ରୋଗପ୍ରତିରୋଧକ ପ୍ରଣାଳୀକୁ ଉତ୍ତେଜିତ କରି ନଷ୍ଟ ହୋଇଥିବା ଡିଏନ୍‌ଏର ମରାମତି କରିଥାଏ। ଏହି ପ୍ରକ୍ରିୟା ଦ୍ୱାରା ଦୀର୍ଘସ୍ଥାୟୀ ସ୍ମରଣଶକ୍ତି ଆହରଣ ହୋଇଥାଏ। ସାଧାରଣତଃ ରୋଗ ପ୍ରତିରୋଧକ ଶକ୍ତିର ବିନିଯୋଗ ପ୍ରକ୍ରିୟାରେ ଡିଏନ୍‌ଏଗୁଡ଼ିକର ଭଙ୍ଗୁରତା ଦେଖାଯାଇଥାଏ। ଶିକ୍ଷା ସହ ମସ୍ତିଷ୍କ ଡିଏନ୍‌ଏର ଭଙ୍ଗୁରଶୀଳତା ଜଡ଼ିତ ବୋଲି ପୂର୍ବରୁ ଜଣାଯାଇଛି। ତେବେ ଦୀର୍ଘକାଳୀନ ସ୍ମୃତି ସହ ମଧ୍ୟ ଏହା ଜଡ଼ିତ ବୋଲି ଏବେ ସ୍ପଷ୍ଟ ହୋଇଛି। ଖରାପ ଅନୁଭୂତିର ସାମନା କଲାବେଳେ ମଧ୍ୟ ଡିଏନ୍‌ଏର ଭଙ୍ଗାଗଢ଼ା ପ୍ରକ୍ରିୟା ଉତ୍ପ୍ରେରିତ ହୋଇଥାଏ। ସୁତରାଂ ଖରାପ ସ୍ମୃତିସବୁ ବେଶୀ ଦିନ ମନେ ରହେ। ଗବେଷକମାନଙ୍କ ଏହି ନୂତନ ତତ୍ତ୍ୱ ଅଲଝାଇମର୍ସ ପରି ରୋଗ ଉପରେ ବିଶେଷ ଆଲୋକପାତ କରିବ ବୋଲି ଆଶା କରାଯାଉଛି। ଭଗ୍ନ ଡିଏନ୍‌ଏର ମରାମତି ପ୍ରକ୍ରିୟାରେ ନ୍ୟୁରନ୍ ଅଧିକ ପ୍ରୋଟିନ୍ ଆହରଣ କରୁଥିବାରୁ ଅଲଝାଇମର୍ସ ହେଉଥାଇପାରେ ବୋଲି ସେମାନେ ଅନୁମାନ କରୁଛନ୍ତି।

# ଦୃଷ୍ଟି ହରଣକାରୀ ଗ୍ଲୁକୋମା

ଗ୍ଲୁକୋମା ବା କଳା ମୋତିଆବିନ୍ଦୁ ଏକ ଲକ୍ଷଣବିହୀନ ମାରାତ୍ମକ ଚକ୍ଷୁରୋଗ, ଯାହା ମନୁଷ୍ୟକୁ ସମ୍ପୂର୍ଣ୍ଣ ଅନ୍ଧ କରିଦେଇଥାଏ। ତେଣୁ ସମସ୍ତେ ଏହାର କାରଣ, ଆଶଙ୍କା ଓ ଚିକିତ୍ସା ସମ୍ପର୍କରେ ଜାଣିବା ଗୁରୁତ୍ୱପୂର୍ଣ୍ଣ।

ଆମ ଶରୀରରେ ରକ୍ତଚାପ ପରି ଚକ୍ଷୁର ମଧ୍ୟ ଚାପ ଥାଏ। ଏହି ଚାପ ସାଧାରଣ ସ୍ତରଠାରୁ ଅଧିକ ହେଲେ ଚକ୍ଷୁ ଭିତରେ ଥିବା ଦୃଷ୍ଟି ସ୍ନାୟୁର କ୍ଷତି ଘଟାଇ ମନୁଷ୍ୟକୁ ଅନ୍ଧ କରିଦେଇଥାଏ। ଗ୍ଲୁକୋମା ରୋଗର ଆରମ୍ଭରୁ ଯନ୍ତ୍ରଣା ପରି ଲକ୍ଷଣ ଦେଖାଦିଏ ନାହିଁ, ତେଣୁ ସାଧାରଣଲୋକ ଏଥିପାଇଁ ସଚେତନ ହୋଇପାରି ନ ଥାନ୍ତି। ତେଣୁ ସେମାନଙ୍କ ରୋଗ ନିରୂପଣ କଲାବେଳକୁ ସେମାନେ କିଛିମାତ୍ରାରେ ଦୃଷ୍ଟିଶକ୍ତି ହରାଇ ସାରିଥାନ୍ତି। ୪୦ ବର୍ଷ ବୟସରୁ ଅଧିକ ବୟସ୍କ ଲୋକଙ୍କ ଠାରେ ଏହି ରୋଗର ଆଶଙ୍କା ଅଧିକ। ମଧୁମେହ ରୋଗୀ, ପରିବାରରେ ଗ୍ଲୁକୋମାର ଇତିହାସ, ଦୀର୍ଘ ସମୟ ଷ୍ଟେରଏଡ୍ ଔଷଧ ସେବନ, ଚକ୍ଷୁରେ ଆଘାତ, ଉଚ୍ଚ ରକ୍ତଚାପ, ମୋତିଆବିନ୍ଦୁ ଅସ୍ତ୍ରୋପଚାରରେ ଅବହେଳା ଆଦି ଗ୍ଲୁକୋମାର ଆଶଙ୍କାକୁ ବଢ଼ାଇଦେଇଥାଏ।

ଆଖିର ନିୟମିତ ପରୀକ୍ଷଣ ମାଧ୍ୟମରେ ଗ୍ଲୁକୋମା ନିରୂପଣ ସମ୍ଭବ। ଏଥିପାଇଁ ଚକ୍ଷୁ ବିଶେଷଜ୍ଞ ଆଖିର ଆଭ୍ୟନ୍ତରୀଣ ଚାପକୁ ମାପିଥାନ୍ତି; ଆଖିର ସ୍ନାୟୁ ପରୀକ୍ଷା କରି କେନ୍ଦ୍ରୀୟ ଏବଂ ପାର୍ଶ୍ୱ ତଥା ପରିପାର୍ଶ୍ୱ ଦୃଷ୍ଟିରୁ ମୂଲ୍ୟାଙ୍କନ କରିଥାନ୍ତି।



ରୋଗ ନିରୂପଣ ହେବା ପରେ ଯଥାଶୀଘ୍ର ଚିକିତ୍ସା ଆରମ୍ଭ କରିବା ଗୁରୁତ୍ୱପୂର୍ଣ୍ଣ। ଗ୍ଲୁକୋମା ଚିକିତ୍ସା ପାଇଁ, ଉଭୟ ରୋଗୀ ଓ ଡାକ୍ତରଙ୍କ ମିଳିତ ସହଯୋଗ ଆବଶ୍ୟକ। ଚିକିତ୍ସାର ଉଦ୍ଦେଶ୍ୟ ହେଉଛି ଆଗକୁ ଅଧିକ ଦୃଷ୍ଟିଶକ୍ତି ହ୍ରାସ ନ ପାଇବା। ରୋଗୀଙ୍କୁ ନିୟମିତ ଭାବେ ଆଖିରେ ଔଷଧ ପକାଇବାକୁ ପଡ଼ିଥାଏ। ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ବିନା, ଆଖିରେ ଔଷଧ ପକାଇବା ବନ୍ଦ କରିବେ ନାହିଁ କିମ୍ବା ଔଷଧ ବଦଳାଇବେ ନାହିଁ।

ସରକାର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ପ୍ରାଥମିକ ଓ ସାମୂହିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣା ଚକ୍ଷୁ ଶିବିର ଆୟୋଜନ କରି ବିଶେଷଜ୍ଞମାନଙ୍କୁ ନିଯୁକ୍ତ କରିଛନ୍ତି ଯଦ୍ୱାରା ଯଥାଶୀଘ୍ର କଳା ମୋତିଆବିନ୍ଦୁ ନିରାକରଣ ସମ୍ଭବ ହେବ।

**- ଡାକ୍ତର ଦିଲ୍ଲୀପ କୁମାର ସାହୁ, ବରିଷ୍ଠ ଚକ୍ଷୁ ବିଶେଷଜ୍ଞ**

# ସ୍ୱାସ୍ଥ୍ୟପ୍ରଦ ଅଖରୋଟ



ଏକ ପୁଷ୍ଟିକର ଶୁଷ୍କ ଫଳ ଭାବେ ଅଖ୍‌ରୋଟ୍‌ର ସ୍ୱତନ୍ତ୍ର ପରିଚିତି ରହିଛି। ଏହାର ଉପକାର ବାବଦରେ ବିଜ୍ଞାନସମ୍ମତ ପ୍ରାମାଣିକ ତଥ୍ୟ ଅଛି। ବିଭିନ୍ନ ଖଣିଜ ଓ ଖାଦ୍ୟସାରରେ ଭରପୂର ଅଖରୋଟର ବିଭିନ୍ନ ଉପକାରିତା ବାବଦରେ ଜାଣିବା।

ଏହି ସାନ୍ଦ୍ର ପୁଷ୍ଟିକର ଫଳରେ ଓମେଗା-୩ ଚର୍ବିଳାମ୍ଳ ପରି ଉପକାରୀ ଅପରିପୃକ୍ତ ଚର୍ବି ରହିଛି, ଯାହା ଶରୀରରେ ପ୍ରଦାହ କ୍ରିୟାକୁ ହ୍ରାସ କରିବା ସହ ହୃଦ୍‌ସ୍ୱାସ୍ଥ୍ୟକୁ ଉନ୍ନତ ରଖିଥାଏ। ସୂଚନାଯୋଗ୍ୟ, ଗୋଟିଏ ଆଉନ୍‌ସ (୨୮.୩ ଗ୍ରାମ) ଅଖରୋଟରୁ ୧୮୫ କ୍ୟାଲୋରି ଶକ୍ତି ମିଳିଥାଏ ଯେଉଁଥିରେ ମୋଟ ୧୮.୫ ଗ୍ରାମ୍ ଚର୍ବି, ୨ ଗ୍ରାମ୍ ପରିପୃକ୍ତ ଚର୍ବି, ଶୂନ କୋଲେଷ୍ଟେରଲ୍, ୧ ମି.ଗ୍ରା. ସୋଡିଅମ୍, ୪ ଗ୍ରାମ୍ ମୋଟ ଶର୍କରା, ୨ ଗ୍ରାମ୍ ତନ୍ତୁ, ୨୮ ମି.ଗ୍ରା. ଭିଟାମିନ୍ ଡି, ୧ ଗ୍ରାମ୍ ଲୌହସାର, ୧୨୫ ମି.ଗ୍ରା. ପୋଟାସିଅମ୍ ଓ ୪ ଗ୍ରାମ୍ ପୁଷ୍ଟିସାର ରହିଛି। ଏଥିରେ ଥିବା ଭିଟାମିନ୍ ଇ, ମେଲାଟୋନିନ ଓ ପଲିଫିନଲ୍ ଯୋଗୁଁ ଏହା ଏକ ଉଚ୍ଚକୋଟିର ପ୍ରଦାହବିରୋଧୀ ଭାବେ ପରିଗଣିତ। ଏହା ପାକସ୍ଥଳୀର ସ୍ୱାସ୍ଥ୍ୟକୁ ଉନ୍ନତ ରଖିବା ସହ ମଧୁମେହ-୨, କର୍କଟ ଓ ହୃଦ୍‌ରୋଗ ଦୂରେଇବାରେ ସହାୟକ ହୋଇଥାଏ। ଏଥିରେ ଥିବା ଘନ ଶର୍କରା ସତ୍ତ୍ୱେ ଏହା କ୍ଷୁଧା ନିୟନ୍ତ୍ରଣ କରି ଓଜନବୃଦ୍ଧିକୁ ମଧ୍ୟ ରୋକିଥାଏ। ଏହା ରକ୍ତଚାପକୁ କମାଇ ଧାର୍ଯ୍ୟସ୍ତରରେ ରଖିବା ସହ ହୃଦ୍‌ଘାତ ଆଶଙ୍କା କମାଇଥାଏ। ଏହା ଆମର ମସ୍ତିଷ୍କକୁ ସକ୍ରିୟ ରଖିବା ସହ ସ୍ମରଣଶକ୍ତି ବଢ଼ାଇଥାଏ। ଏହାର ଆଉ ଏକ ବିଶେଷ ଗୁଣ ହେଲା ଏହା ପୁରୁଷମାନଙ୍କର ପ୍ରଜନନ କ୍ଷମତା ବଢ଼ାଇଥାଏ। ଅଖରୋଟ ଖାଇବା ଦ୍ୱାରା ପୁରୁଷଙ୍କର ଶୁକ୍ରାଣୁ ସାନ୍ଦ୍ରତା ବଢ଼ିବା ସହ ସେମାନଙ୍କର ଆକାରରେ ଦୃଢ଼ତା ଆସି ଗତିଶୀଳତା ବଢ଼ିଥାଏ। ସେହିପରି ନିୟମିତ ଅଖରୋଟ ଖାଇଲେ ରକ୍ତରେ କ୍ଷତିକାରକ କୋଲେଷ୍ଟେରଲ୍ ସ୍ତର କମିବା ସହ ହୃଦ୍‌ରୋଗର ଅନ୍ୟତମ ପ୍ରମୁଖ କାରଣ ଆପୋଲିପୋପ୍ରୋଟିନ୍-ବି ପରିମାଣରେ ହ୍ରାସ ହୋଇଥାଏ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

# ପେଟି ଠିକାଦାର ଉପରେ ସବୁ ଦାୟିତ୍ୱ ନ୍ୟସ୍ତ




- ଅବଧି ଶେଷ ପରେବି ଅଧାପନ୍ତରିଆ ହୋଇ ପଡ଼ିରହିଛି କାର୍ଯ୍ୟ
- କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ନିମ୍ନ ମାନର ଅଭିଯୋଗ
- କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସକ ଓ ରାଜନେତାଙ୍କୁ ଅଞ୍ଚଳବାସୀଙ୍କ ଦାବି

**ଦଶରଥପୁର,୨୫।୪ (ସଂଚାର ବ୍ୟୁରୋ):** ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗେଇ ଦେବା ସହ ଭିତ୍ତିଭୂମି ବିକାଶ ନିମନ୍ତେ ସରକାର କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଥିବା ବେଳେ କେତେକ ସ୍ଥାନରେ କେତେକ ବେପରୁଆ ବିଭାଗୀୟ ଅଧିକାରୀ ଓ ଦୁର୍ନୀତିଗ୍ରସ୍ତ ଠିକାଦାର ମାନଙ୍କ ପାଇଁ ଯୋଜନାର ସଫଳ ରୂପାୟନ ହୋଇପାରୁନଥିବା ଦେଖିବା ପାଇଁ ମିଳିଛି। ଏମିତି ଏକ ଘଟଣା ଦେଖିବା ପାଇଁ ମିଳିଛି ଦଶରଥପୁର ବ୍ଲକ ଅଧିନ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କ୍ଷେତ୍ରରେ। ୩୦ ବେଡ଼ ବିଶିଷ୍ଟ ସ୍ୱାସ୍ଥ୍ୟ କେନ୍ଦ୍ରର ନିର୍ମାଣ ଦାୟିତ୍ୱ ଏମଏସ ସରୋଜ କନଷ୍ଟ୍ରକସନ ନାମକ ଏକ ଠିକା ସଂସ୍ଥାକୁ ବିଭାଗ ପକ୍ଷରୁ ଦାୟିତ୍ୱ ଦିଆଯାଇଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ରଟିର ନିର୍ମାଣ କାର୍ଯ୍ୟ ୧୧-୦୭-୨୨ ରୁ ଆରମ୍ଭ ହୋଇ ୧୦-୦୭-୨୩ ରିଖରେ ଶେଷ ହେବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଥିଲା। ସେହିପରି ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ପାଇଁ ୬, ୬୩, ୦୯, ୦୫୫, ୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ମାତ୍ର ଇତି ମଧ୍ୟରେ ପ୍ରାୟ ୨ ବର୍ଷ ହେବ ଅବଧି ଶେଷ ହୋଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଅଧାପନ୍ତରୀୟ ଭାବେ ପଡ଼ିରହିଛି। ଜଦିଓ କାର୍ଯ୍ୟ ଚାଲିଛି ତାହା ଅତି ମନ୍ଥର ଗତିରେ ଚାଲିଥିବା ଦେଖିବା ପାଇଁ ମିଳିଛି। କାର୍ଯ୍ୟରେ ମାଟି ମିଶା ବାଲି ସାଙ୍ଗକୁ ନିମ୍ନ ମାନର ଚିପ୍ସ ଓ ଅତି ନିମ୍ନ ମାନର ଇଟା ବ୍ୟବହାର କରାଯାଉଥିବା ବେଳେ ଏଥିନେଇ ସ୍ଥାନୀୟ ଜନସାଧାରଣ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ କିମ୍ବା ଠିକାଦାର ଏଥିପ୍ରତି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। କାର୍ଯ୍ୟ ସ୍ଥଳକୁ କୌଣସି ବିଭାଗୀୟ ଅଧିକାରୀ ମାନେ ଆସୁନଥିବା ବେଳେ ଠିକାଦାର ଜଣକ ଅତ୍ୟନ୍ତ ନିମ୍ନ ମାନର କାର୍ଯ୍ୟ କରୁଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ସେହିପରି ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ, ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକ ଓ ପଡ଼ୋଶୀ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଏବଂ ରାଜକନିକା ବ୍ଲକର ଜନସାଧାରଣ ମାନେ ନିର୍ଭର କରିଥାନ୍ତି। ପ୍ରତିଦିନ ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରାୟ ୪ ସହରୁ ୫ ସହ ରୋଗି ଆସିଥାନ୍ତି। ଅଭିଯୋଗ ମୁତାବକ କାର୍ଯ୍ୟାଦେଶ ପାଇଥିବା ଠିକାଦାର ଜଣକ ନିଜେ କାର୍ଯ୍ୟ ନକରି ସ୍ଥାନୀୟ ଜଣେ କୁଜି ଠିକାଦାରଙ୍କ ଉପରେ କାର୍ଯ୍ୟର ଦାୟିତ୍ୱ ନ୍ୟସ୍ତ କରିଦେଇ ଥିବାରୁ କୁଜି ଠିକାଦାର ଜଣକ ଅଧିକ ଲାଭଖୋର ନିତି ଆପଣେଇ ଅତ୍ୟନ୍ତ ନିମ୍ନ ମାନର କାର୍ଯ୍ୟ କରୁଥିବା ନେଇ ସ୍ଥାନୀୟ ଜନସାଧାରଣ ମାନଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣରେ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଜନସାଧାରଣ ମାନେ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ଠିକାଦାର ଜଣକ ସ୍ଥାନୀୟ ଜନସାଧାରଣ ମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ହୋଇଥିବା ବଡଧରଣର ଅନିୟମିତତାର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ଏଥିରେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଯାଜପୁର ଜିଲ୍ଲାପାଳ ପି ଅନ୍ୱେଷା ରେଡ଼ି, ସ୍ଥାନୀୟ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ଯାଜପୁର ସାଂସଦ ରବି ନାରାୟଣ ବେହେରା ଓ ବିଜେପିର ପୂର୍ବତନ ଜିଲ୍ଲା ସଭାପତି ଗୌତମ ରାୟ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳ ବାସୀଙ୍କ ପକ୍ଷରୁ ଦାବି ହୋଇଛି।

## କାଟ୍ ଖାଇଲା ଅନାସ୍ଥା ପ୍ରସ୍ତାବ

**ଭେଡେନ,୨୫।୪(ସଂଚାର ବ୍ୟୁରୋ):** ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତ ସରପଞ୍ଚ ବିଜୟ କର୍ମୀଙ୍କ ବିରୋଧ ରେ ଆସିଥିବା ଅନାସ୍ଥା ପ୍ରସ୍ତାବ କାଟ ଖାଇ ପୁଣି ତାଙ୍କ ପଦ ବଜାୟ ରଖିଛନ୍ତି। ଉପଜିଲ୍ଲାପାଳ ଙ୍କ ଆଦେଶ ଅନୁସାରେ ତହସିଲଦାର ରଶ୍ମିତା ସ୍ୱାଇଁ, ମାଜିଷ୍ଟ୍ରେଟ ଦାଇତ୍ୱ ରେ ଥିବା ଅତିରିକ୍ତ ତହସିଲଦାର ଆଲମ ନାଏକ, କାର୍ଯ୍ୟନିର୍ବାହୀ ଅଧିକାରୀ ସୁଦାମସୁ ଦାଶ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ନିର୍ଦ୍ଧାରିତ ସମୟ ୧୧.୩୦ ପର୍ଯ୍ୟନ୍ତ କୌଣସି ଉଆଡ଼ ମେମ୍ବର ନଆସିବାରୁ ଗ୍ରାମପଞ୍ଚାୟତ ଧାରା ଅନୁଯାୟୀ ଆଗତ ଅନାସ୍ଥା ପ୍ରସ୍ତାବ କୁ କୋରାମ ଅଭାବରୁ ରଦ୍ଦ କରାଯାଇଥିଲା !ସରପଞ୍ଚ ବିଜୟ କର୍ମୀ ତାଙ୍କ ପଦ ବଜାୟ ରଖିଛନ୍ତି।

## ଆଚାର ଗୋଦାମ୍‌ରେ ବଡ ଧରଣର ଅଗ୍ନିକାଣ୍ଡ

- କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଓ ମେସିନ୍ ନଷ୍ଟ



**ବ୍ରହ୍ମପୁର,୨୫।୪(ସଂଚାର ବ୍ୟୁରୋ):** ସ୍ଥାନୀୟ ବଡବଜାର ଅନ୍ତର୍ଗତ ବ୍ରଜରାଜ ନଗର ପ୍ରଥମ ଗଳିରେ ଥିବା ଏକ ଆଚାର ଓ ମସଲା ଗୋଦାମ୍ ରେ ବଡ ଧରଣର ଅଗ୍ନିକାଣ୍ଡ ଘଟିଛି। ଶୁକ୍ରବାର ସକାଳୁ ନିଆଁ ଲାଗିଯିବା ଫଳରେ ଫ୍ୟାକ୍ଟ୍ରି ପରିସରରେ ଥିବା ଆଚାର ଓ ମସଲା ପ୍ରସ୍ତୁତି ସାମଗ୍ରୀ ସମେତ ମେସିନ୍ ଗୁଡିକ ପୋଡି ନଷ୍ଟ ହୋଉଯାଇଥିବା ଜଣାପଡ଼ିଛି। ଗୁରୁବାର ମଧ୍ୟ ରାତ୍ରରେ ଗୋଦାମ୍ ବନ୍ଦ କରି ମାଲିକ ଘରକୁ ଫେରିଥିଲେ। ସକାଳ ପହରୁ ଗୋଦାମ୍ ରୁ ହୁ ହୁ ହୋଇ ଧୂଆଁ ବାହାରୁଥିବା ଦେଖି ଜଣେ କର୍ମଚାରୀ ମାଲିକଙ୍କୁ ସୂଚନା ଦେଇଥିଲେ। ପରେ ଖବର ପାଇଁ ବ୍ରହ୍ମପୁର ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ସର୍ଟସର୍କିଟ୍ ରୁ ଏଭଳି ବଡ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି। ଜଳିପୋଡି ନଷ୍ଟ ହୋଇଯାଇଥିବା ସାମଗ୍ରୀ ଏବଂ ମେସିନ୍ ର ଅନୁମାନିକ ମୂଲ୍ୟ ଏକ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି।

## ଦାନଗଦୀ ବ୍ଲକ ପରିସରରେ ପଞ୍ଚାୟତିରାଜ ଦିବସ ପାଳିତ



**କଳିଙ୍ଗନଗର,୨୫।୪ (ସଂଚାର ବ୍ୟୁରୋ):** ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଓଡିଶା ସରକାରଙ୍କ ତରଫରୁ ଜାତୀୟ ପଞ୍ଚାୟତିରାଜ ଦିବସର ବ୍ଲକ ସ୍ତରୀୟ ସମାରୋହ ଦାନଗଦି ବ୍ଲକ ପରିସରରେ ପାଳିତ ହୋଇଯାଇଛି, ଏହି ସମାରୋହର ପ୍ରାରମ୍ଭରେ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ରାୟ, ସୁଧାଂଶୁ ଶେଖର ଭଞ୍ଜ, ପ୍ରତାପଧୀର, କୃପାସିନ୍ଧୁ ସାମନ୍ତରାୟ, ବିଡିଓ ପ୍ରଦୀପ କୁମାର ସେଠୀ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ, ଜାମୁକାଶ୍ମୀର ର ପହଲଗାମ ରେ ହୋଇଥିବା ଆତଙ୍କୀ ଆକ୍ରମଣ ରେ ମୃତ୍ୟୁ ବରଣ କରିଥିବା ଲୋକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା, ତା ପରେ ପରେ ସାମୂହିକ ବନ୍ଦେ ଉତ୍କଳ ଜନନୀ ଗାନ ହୋଇଥିଲା, ମୁଖ୍ୟ ଅତିଥି ମାନେ କିପରି ସରକାରଙ୍କ ସମସ୍ତ ଯୋଜନା ଗୁଡିକର ସଫଳ ରୂପାୟନ ହେବ ଓ ତାହା ଗ୍ରାମ ସ୍ତରରେ ଲୋକମାନଙ୍କ ପାଖରେ ପହଞ୍ଚିବ ପଞ୍ଚାୟତି ରାଜ ଦିବସ ପାଳନ କରିବାର ଏହା ମୁଖ୍ୟ ଉଦେଶ୍ୟ ବୋଲି କହିଥିଲେ, ଗ୍ରାମ ସ୍ତରରୁ ବ୍ଲକ ଓ ଜିଲ୍ଲା ପ୍ରଯ୍ୟନ୍ତ ହୋଇଥିବା ତ୍ରୀ ସ୍ତରୀୟ ବ୍ୟବସ୍ଥା ବିଷୟରେ ସବିଶେଷ ଆଲୋକପାତ କରିଥିଲେ, ଜଣେ ଚାହିଁଲେ ନୁହେଁ ସମସ୍ତଙ୍କ ସହଯୋଗରେ ଏ ସମସ୍ତ ଜନମଙ୍ଗଳ କାର୍ଯ୍ୟକ୍ରମ ହୋଇ ପାରିବ, ପ୍ରଧାନମନ୍ତ୍ରୀ ମୋଦୀଜୀ କେନ୍ଦ୍ରରେ ଯେଉଁ ସବୁ ଯୋଜନାମାନ ଗ୍ରାମାଞ୍ଚଳ ଜନସାଧାରଣଙ୍କ ପାଇଁ କରିଛନ୍ତି ଯେପରି କୌଣସି ଜଣେ ବି ଲୋକ ଅନାହାରରେ ମୃତ୍ୟୁ ବରଣ ନ କରେ ସେଥିପାଇଁ ଖାଦ୍ୟ ସୁରକ୍ଷା ଯୋଜନାରେ ଆଜି ନୂଆ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଥିଲା, ସମସ୍ତଙ୍କ ମୁଣ୍ଡ ଉପରେ ଛାତ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମସ୍ତଙ୍କୁ ସାମିଲ କରାଯିବ, ଯଦି ଯେ କୌଣସି ଲୋକ ଅସୁବିଧାରେ କିଏ ଗାଁ ମାନଙ୍କରେ ରହୁଛନ୍ତି ଯେ କୌଣସି ବ୍ୟକ୍ତି ଆସି ବ୍ଲକରେ ତାହା ଜଣାଇ ପାରିବେ ବୋଲି ବି. ଡି. ଓ କହିଥିଲେ, ଆଜିର ଏହି କାର୍ଯ୍ୟକ୍ରମରେ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ତେଇଶିଗୋଟି ପଞ୍ଚାୟତର ଜନପ୍ରତିନିଧି, ବ୍ଲକ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ମହିଳାଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରକ୍ତଦାନ ଶିବିର



**ନୀଳଗିରି,୨୫।୪(ସଂଚାର ବ୍ୟୁରୋ):** ରକ୍ତଦାନ ମହତଦାନ। କେଇବୁନ୍ଦା ରକ୍ତସଂଗ୍ରହ କରି ଅନ୍ୟର ଜୀବନ ବଞ୍ଚାଇବାର ଛୋଟିଆ ପ୍ରୟାସ କରିଛି ନୀଳଗିରି ବ୍ଲକ୍ ସିଆଡିମାଳ ଗ୍ରାମର ଲେଙ୍କା ପରିବାର।ଉକ୍ତ ଗ୍ରାମର ଶ୍ରୀଧର ଲେଙ୍କାଙ୍କ ପତ୍ନୀ ଭଗବତୀ ଲେଙ୍କା ଗତବର୍ଷ ହୃଦଘାତରେ ମୃତ୍ୟୁବରଣ କରିଥିଲେ। ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିରେ ଶୁକ୍ରବାର ପୂର୍ବାହ୍ନରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ଆଖପାଖ ଅଞ୍ଚଳର ବହୁ ଯୁବରକ୍ତଦାତା କରିଥିବା ଜଣାଯାଇଛି। ନୀଳଗିରି ରକ୍ତଭଣ୍ଡାର ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ଡ଼ାକ୍ତର ଶିବାଶିଷ ନାୟକଙ୍କ ତତ୍ତ୍ୱାବଧାନରେ ଟେକ୍ନିସିଆନ ସରୋଜ ପଣ୍ଡା, ରାଜେଶ ଦାସ, ମଞ୍ଜରୀ ବେହେରା, ସଂଗ୍ରାମଜ୍ୟୋତି ମହାନ୍ତି, ଗତିକୃଷ୍ଣ ମହାନ୍ତି, ରାଜେନ୍ଦ୍ର ବେହେରା ରକ୍ତସଂଗ୍ରହ କରିଥିଲେ। ଏହି ଶିବିରରେ ମୋଟ ୫୩ୟୁନିଟ ରକ୍ତ ସଂଗ୍ରହ କରି ନୀଳଗିରି ରକ୍ତଭଣ୍ଡାରକୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଲେଙ୍କା ପରିବାର ସମେତ ମହିଳା ସମାଜସେବୀ ସୁନିତି ସିଂ, ଗତିକୃଷ୍ଣ ନନ୍ଦ, ତାପସ ପରିଡା, ଉଦୟଜ୍ୟୋତି ମହାନ୍ତି, ଶରତ ଦାସ ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ।

## ଘନଘନ ବିଦ୍ୟୁତ୍ କାଟ, ଜନଜୀବନ ଅସ୍ତବ୍ୟସ୍ତ

**ଦାରିଙ୍ଗବାଡି,୨୫।୪(ଅରୁଣ ସାହୁ):** ରାଜ୍ୟର ଚାରିଆଡେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଗରମରେ ଲୋକେ ଆଉଟୁପାଉଟୁ ହେଉଥିବା ବେଳେ ଗତ କିଛିଦିନ ହେଲା ଘନଘନ ବିଦ୍ୟୁତ୍ କାଟକୁ ନେଇ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ। ପ୍ରକାଶ ଯେ, କିଛିଦିନ ହେଲା ଅଞ୍ଚଳରେ ୩୬ରୁ ୩୮ ଡିଗ୍ରୀ ତାପମାତ୍ରା ରହୁଥିବା ଦିନରେ ତାପମାତ୍ରା ଅସହ୍ୟ ଅନୁଭୂତ ହେଉଛି। ଗ୍ରୀଷ୍ମ ପ୍ରବାହକୁ ଅଞ୍ଚଳବାସୀ ସହ୍ୟ କରିବା ମୁସ୍କିଲ ହୋଇପଡିଛି। ଯେଉଁଠି ସେପ୍ଟେମ୍ବରଠାରୁ ଜାନୁୟାରୀ ପର୍ଯ୍ୟନ୍ତ ପ୍ରବଳ ଜାଡ଼ ସହ ତୁଷାରପାତ ହେଉଛି ସେଠି ଏବେ ଗୋଟିଏ ପ୍ରକାର ଅଗ୍ନିବର୍ଷା ହେଲା ଭଳି ଅନୁଭବ ହେଉଛି। ଫଳରେ ପରିବେଶବିଙ୍କ ମଧ୍ୟରେ ଚିନ୍ତା ବଢିଛି । ଗ୍ରୀଷ୍ମ ପ୍ରବାହ ପାଇଁ କାମଧନ୍ଦା ନ ଥିଲେ ଲୋକ ଘରୁ ପଦାକୁ ବାହାରୁନାହାନ୍ତି। ଫଳରେ ରାସ୍ତଘାଟ, ବଜାର ଜନ ଶୂନ୍ୟ ହୋଇପଡୁଛି। ବିଶେଷ କରି ମଧ୍ୟାହ୍ନ ୨ଟା ପରଠାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଲୋକେ ବାହାରକୁ ବାହାରି ପାରୁ ନାହାନ୍ତି।

## ସ୍ୱାଧୀନତା ସଂଗ୍ରାମୀ ଭାଗିରଥିଙ୍କ ଜୟନ୍ତୀ ପାଳିତ

**ଜଗତସିଂହପୁର,୨୫।୪(ସଂଚାର ବ୍ୟୁର):** ଜଗତସିଂହପୁର ସହର ଅନ୍ତର୍ଗତ ଚାଟରା ସ୍ଥିତ ଅଳକା ଆଶ୍ରମ ପରିସରରେ ମହାନ ସ୍ୱାଧୀନତା ସଂଗ୍ରାମୀ ଭାଗିରଥି ମହାପାତ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମାଜସେବୀ ଗୌରାଙ୍ଗ ହୋତା, ବିନାୟକ ପଟନାୟକ, ବିଜୟ କୁମାର ରଥ, ଉତ୍କଳ ରଞ୍ଜନ ମହାନ୍ତି, ବରିଷ୍ଠ ଆଇନିଜିବି ଶିବପ୍ରସାଦ ମାଝି, ଭରତ ଚନ୍ଦ୍ର ସାହୁ, ଅଧ୍ୟାପକ ଭଗବାନ ଦାସ, ପ୍ରତାପ ଲେଙ୍କା, ଲାଲାସଂଗ୍ରାମ କେଶର ରାୟ, ତିଳୋତମା ଦାଶ ପ୍ରମୁଖ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ଭାଗିରଥି ମହାପାତ୍ର ଭାରତର ମୁକ୍ତି ସଂଗ୍ରାମରେ ଅନେକ ତ୍ୟାଗ ଓ ବଳିଦାନ ସମ୍ପର୍କରେ କହିବା ସହ ଜଗତସିଂହପୁର ପାଇଁ ତାଙ୍କ ଅବଦାନ ଅନେକ ଥିଲା ବୋଲି ଆଲୋକ ପାତ କରିଥିଲେ।



## ଜିଲ୍ଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ



**ସୁବର୍ଣ୍ଣପୁର,୨୫।୪(ସଂଚାର ବ୍ୟୁରୋ):** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ଥାନୀୟ ତାଲିମ ଗୃହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସୁବର୍ଣ୍ଣପୁର ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ-୨୦୨୫ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡ଼ା ଦୈତ୍ୟ ନାରାୟଣ ପାଢ଼ୀ ଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆମେ ସମସ୍ତେ ମଶାରୀ ବ୍ୟବହାର କରିବା ଓ ଯଦି ରକ୍ତ ପରୀକ୍ଷା ପରେ ମ୍ୟାଲେରିଆ ରୋଗ ଜଣା ପଡ଼ିଲା ତେବେ ବିଳମ୍ବ ନ କରି ସଙ୍ଗେ ସଙ୍ଗେ ପୂର୍ଣ୍ଣ ମାତ୍ରା ରେ ଔଷଧ ସେବନ କଲେ ମ୍ୟାଲେରିଆ ରୋଗ ରୁ ମୁକ୍ତି ପାଇବା ଓ ମ୍ୟାଲେରିଆ ନିରାକରଣ ହୋଇ ପାରିବା ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଗୋପାଳ ଚନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଡି ସି)ଡ଼ା ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, କାର୍ଯ୍ୟନିର୍ବାହୀ ଅଧିକାରୀ ସୁବର୍ଣ୍ଣପୁର ପୌରପାରିଷଦ ଋଷି ମାଝୀ ଓ ଜିଲ୍ଲା କର୍ଯ୍ୟ ପରିଚାଳକ ବିଶ୍ୱମ୍ଭର ବେହେରା ପ୍ରମୁଖ ଆଜିକାର ଦିବସ ର ସ୍ୱାସ୍ଥ୍ୟ ବାର୍ତ୍ତା ଓ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋଚନା କରି ଥିଲେ। ଉକ୍ତ ସଭାରେ ସରକାରୀ ନର୍ସିଂ ସ୍କୁଲ ଅଧ୍ୟକ୍ଷ, ଛାତ୍ରୀ, ନର୍ସିଂ ଅଫିସର, ସ୍ୱାସ୍ଥ୍ୟ ବିଭାଗ ର କର୍ମଚାରୀ ଅଧିକାରୀ ବୃନ୍ଦ ଏବଂ ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ଥିଲେ। ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ସଭା ପରିଚାଳନା କରିଥିବାବେଳେ ଜିଲ୍ଲା ମ୍ୟାଲେରିଆ ପରାମର୍ଶ ଦାତା ଚନ୍ଦ୍ରଶେଖର ମିଶ୍ର, ଦେବାଶିଷ ବାରିକ, ବାସୁଦେବ ଜଗଦଲା କାର୍ଯ୍ୟକ୍ରମ କୁ ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା

**ସୁବର୍ଣ୍ଣପୁର,୨୫।୪(ସଂଚାର ବ୍ୟୁରୋ):** ଜାମ୍ମୁ କାଶ୍ମୀରର ପହଲଗାମ୍ ଠାରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ ବୀରମହାରାଜପୁର ଠାରେ ଶୁକ୍ରବାର ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରା ଯାଇଥିଲା। ଅନୁଷ୍ଠାନର ସଭାପତି ଡ.ପ୍ରଫୁଲ୍ଲ କୁମାର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ସଦସ୍ୟ ଗୋପୀନାଥ ମହାକୁର, ଭୂଷଣ କୁମାର ପାତ୍ର, ଜ୍ଞାନେନ୍ଦ୍ର ତ୍ରିପାଠୀ, ସନ୍ତୋଷ ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସୀନ ହୋଇ ଆତଙ୍କବାଦୀ ଆକ୍ରମଣ ର ଘୋର ନିନ୍ଦା କରିଥିଲେ।ପରେ ପରେ ସଭାପତି ଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବ ରେ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ଓ ଆତଙ୍କବାଦୀ ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଉପ ଜିଲ୍ଲାପାଳ, ବୀରମହାରାଜପୁର ଙ୍କ ମଧ୍ୟବର୍ତ୍ତିତାରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଏକ ସ୍ମାରକ ପତ୍ର ପ୍ରେରଣ କରାଗଲା। ଶ୍ରଦ୍ଧାଞ୍ଜଳି ସଭାରେ ବାସୁଦେବ ପଣ୍ଡା, ସୌମିତ୍ରୀ ମେହେର, ନିତ୍ୟାନନ୍ଦ ତ୍ରିପାଠୀ, ଅକ୍ଷୟ ମିଶ୍ର, ଅକୂର ଦନ୍ତା, ଦିଲ୍ଲିପ କୁମାର ମିଶ୍ର, ତ୍ରିନାଥ ମିଶ୍ର, ଭୀମସେନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଡ.ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିଲେ।



## ତିରିଶ ବର୍ଷ ପରେ ବି ଖୁଣ୍ଟାପୁର ରାସ୍ତା ମରାମତି ହୋଇପାରୁନି

- ଆମ୍ବୁଲାନ୍ସ ଟିଏ ମଧ୍ୟ ଯିବା ଅସମ୍ଭବ



**ବୈଶିଙ୍ଗା,୨୫।୪(ସଂଚାର ବ୍ୟୁରୋ):** ସାରାଦେଶରେ ବା ରାଜ୍ୟରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ କୋଟି କୋଟି ଟଙ୍କାର ଅର୍ଥ ମଞ୍ଜୁରୀ ହେବାପରେ ଗ୍ରାମାଞ୍ଚଳରେ ଏହା କିପରି ରୂପାନ୍ତରିତ ହେଉଛି, ଠିକାଦାର କିପରି କାମ କରୁଛି, ପାଞ୍ଚବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ହେଉଛି କି ନାହିଁ, ଏ ସବୁ ଦେଖିବା ପାଇଁ ବିଭାଗୀୟ ଅଧିକାରୀଙ୍କ ପାଖରେ ସମୟ ନାହିଁ। ଫଳରେ ଅଳ୍ପ କିଛି ଦିନ ପରେ ଏହି ରାସ୍ତାଗୁଡିକ ର ଅବସ୍ଥା ଏମିତି ଖରାପ ହୋଇ ଯାଉଛି ଯେ ବିନା ମରାମତିରେ ଖାଲି ପାଦରେ ଚାଲିବା ମଧ୍ୟ କଷ୍ଟକର ହୋଇପଡୁଛି। ଏହାର ନଗ୍ନ ଉଦାହରଣ ପାଲଟିଛି ଖୁଣ୍ଟାପୁର-ଅସ୍ତପୁରା ଗ୍ରାମ୍ୟ ସଡ଼କ। ପଣସିଆ-ଝିଙ୍କିରିଆ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନ ଖୁଣ୍ଟାପୁର ସ୍କୁଲ ଛକ ଠାରୁ ଅସ୍ତପୁରା ନିକଟରେ ବୈଶିଙ୍ଗା -ରୂପସା ଏମଡିଆର ୭୦କୁ ସଂଯୋଗ କରୁଥିବା ଦେଢ଼ କି.ମି ରାସ୍ତା ଟିକୁ ପ୍ରାୟ ୩୦ ବର୍ଷ ତଳେ ପିଚୁ ରାସ୍ତା ତିଆରି କରାଯାଇଥିଲା। ବର୍ତ୍ତମାନ ଏହି ରାସ୍ତାରେ ବଡ ବଡ ମେଟାଲ ସବୁ ଉଠିଯାଇ ରାସ୍ତାରେ ବିଛୁଡି ହୋଇପଡି ଥିବାରୁ ଗାଡି, ବାଇକ୍ ଚାଲିବା ତ ଦୂରର କଥା ଖାଲି ପାଦରେ ଚାଲିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଏହି ୩୦ ବର୍ଷ ମଧ୍ୟରେ କେତେ ସାଂସଦ, ବିଧାୟକ ଓ ସରପଞ୍ଚ ନିଜର ଦାୟିତ୍ୱ ନିଭାଇ ବିଦାୟ ହୋଇଯାଇଛନ୍ତି, ମାତ୍ର ଏହି ରାସ୍ତା ପ୍ରତି କାହାରି ଦରଦ ଥିବା ଭଳି ପରିଲକ୍ଷିତ ହୋଇନାହିଁ। ଏହି ୩୦ ବର୍ଷ ମଧ୍ୟରେ ବିଜୁ ଜନତାଦଳ ୨୫ ବର୍ଷ କ୍ଷମତାସୀନ ଥାଇ ମଧ୍ୟ ଏହି ରାସ୍ତା ପ୍ରତି ଗୁରୁତ୍ୱ ନ ଦେବା ପରିତାପର ବିଷୟ ପାଲଟିଛି।

### ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା

## ବିଧାୟକଙ୍କ ନେତୃତ୍ୱରେ ବିଶାଳ ମଶାଲ ଶୋଭାଯାତ୍ରା




**ବ୍ରହ୍ମପୁର,୨୫।୪(ସଂଚାର ବ୍ୟୁରୋ):** ଜମ୍ମୁ-କାଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣ ଘଟଣାକୁ ଦୃଢ଼ ନିନ୍ଦା କରି ବ୍ରହ୍ମପୁରରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ କେ. ଅନୀଲ କୁମାରଙ୍କ ନେତୃତ୍ୱରେ ଶହ ଶହ ସମର୍ଥକ ଓ କର୍ଯ୍ୟକର୍ତ୍ତା ଏଥିରେ ସାମିଲ ହୋଇ ପାକିସ୍ତାନର ଷଡଯନ୍ତ୍ର ବିରୋଧରେ ପ୍ରତିବାଦ କରିଥିଲେ। ରାମଲିଙ୍ଗେଶ୍ୱର ପାର୍କ ଠାରୁ ଏହି ଶୋଭାଯାତ୍ରା ବାହାରି ସହରର ଅର୍ଣ୍ଣପୂର୍ଣ୍ଣା ମାର୍କେଟ, ବାରାକ୍ସ ସାହି ସମେତ ବିଭିନ୍ନ ଅଞ୍ଚଳ ବୁଲି ଗାନ୍ଧୀ ନଗର ଛକ ନିକଟରେ ଏହା ଶେଷ ହୋଇଥିଲା। ନୀରିହ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀଙ୍କ ଗୁଳି ମାଡକୁ ତୀବ୍ର ନିନ୍ଦା କରାଯାଇ ସହିଦ୍ ଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଳାଙ୍କ ସମେତ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ରାମ ପାତ୍ର, ବନମାଳୀ ସେଠି, ଟି.ଗୋପୀଙ୍କ ସମେତ ସ୍ଥାନୀୟ ବିଜେପି ନେତା, କର୍ମୀ ଓ ସମର୍ଥକ ଏଥିରେ ସାମିଲ ହୋଇଥିଲେ।

## ୧୩ ଚୋରା ବାଇକ ଜବତ, ଜଣେ ଅଟକ

**ନୀଳଗିରି,୨୫।୪(ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ବରହମପୁର ଥାନା ଅଧୀନସ୍ଥ ମାଟିଆଳୀ ପଞ୍ଚାୟତ ନଟାପଡା ଗ୍ରାମର ପ୍ରଭାକର ଦାସଙ୍କ ଘରେ ବିଭିନ୍ନ କମ୍ପାନୀର ୧୩ଟି ବାଇକ୍ ଚୋରାରେ ରଖିଥିବାର ପୋଲିସ ନିକଟରେ ତଥ୍ୟ ଥିଲା।ନୀଳଗିରି ଏସଡିପିଓ ପ୍ରମୋଦ ମଲ୍ଲିକଙ୍କ ନିର୍ଦ୍ଦେଶରେ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଏବଂ ବରହମପୁର ଆଇଆଇସି ପ୍ରେମଦା ନାୟକ ସଦଳବଳେ ପ୍ରଭାକରଙ୍କ ଘରେ ଚଢ଼ାଉ କରି ୧୩ଟି ବାଇକ୍ ଜବତ କରିଛନ୍ତି। ତେବେ ଏହିସବୁ ବାଇକ୍ ବନ୍ଧକ ରଖିଥିବାର ପ୍ରଭାକର ପ୍ରକାଶ କରିଥିବା ବେଳେ ପୋଲିସ ପ୍ରଭାକରଙ୍କୁ ଗିରଫ କରି ଘଟଣାର ତଦନ୍ତ ଜାରିରଖିଛନ୍ତି। ତେବେ ତଦନ୍ତପରେ ଜବତ ବାଇକର ରହସ୍ୟ ଜଣାପଡ଼ିବ ବୋଲି ପୋଲିସ ପ୍ରକାଶ କରିଛନ୍ତି।

## କାକଟପୁର ଓ ଅସ୍ତରଙ୍ଗକୁ ଆନ୍ଧ୍ର ଆମ୍ବ ଭରସା



- ଚାହିଦା ଅନୁସାରେ ଆମ୍ବ ଆସୁନି
- ଦର ଖସୁନାହିଁ ;ଗ୍ରାହକ ଅସନ୍ତୁଷ୍ଟ

**କାକଟପୁର/ଅସ୍ତରଙ୍ଗ,୨୫।୪(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବଜାରରେ ବେଶ ସରଗରମ୍ ହୋଇଛି ଆମ୍ବ ବିକ୍ରି। ବାଇଗଣ ପଲ୍ଲେଇ, ପଣ୍ଡୁ ପଲ୍ଲୀ, ସୁନ୍ଦରୀ ଭଳି ଆମ୍ବର ଦର ଚଢ଼ା ରହିଛି। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ରେ ଚାହିଦା ମୁତାବକ ଆମ୍ବ ଉପଲବ୍ଧ ନଥିବାରୁ ଦର ଖସୁନି। କେବଳ ଆନ୍ଧ୍ର ପ୍ରଦେଶରୁ ଆସୁଥିବା ଆମ୍ବ ହିଁ କାକଟପୁର ଓ ଅସ୍ତରଙ୍ଗ ବିକ୍ରି ହେଉଛି। ନିମାପଡା ଫଳଗୋଦାମ ରୁ ବ୍ୟବସାୟୀ ମାନେ ଆମ୍ବ କିଣି କାକଟପୁର ଓ ଅସ୍ତରଙ୍ଗ ବଜାରରେ ବିକ୍ରି କରୁଛନ୍ତି। ବାଇଗଣ ପଲ୍ଲେଇ ଗୋଦାମ ଦର କିଲୋ ପିଛା ୮୦ରୁ ୮୫ଟଙ୍କା, ପଣ୍ଡୁପଲ୍ଲୀ ୭୦, ସୁନ୍ଦରୀ ୧୦୦ଟଙ୍କା ରହିଛି। ଗୋଦାମ ରୁ ଆଣି ବ୍ୟବସାୟୀ ମାନେ ବାଇଗଣ ପଲ୍ଲେଇ ୧୦୦ରୁ ୧୨୦ଟଙ୍କା, ପଣ୍ଡୁପଲ୍ଲୀ ୧୧୦ଟଙ୍କା ରୁ ୧୫୦ଟଙ୍କାରେ ବିକ୍ରି କରୁଛନ୍ତି। ଦୁଇ ଦିନ ବ୍ୟବଧାନ ରେ ଗାଡି ଆସୁଛି। ତାହା ପୁଣି ଆନ୍ଧ୍ରପ୍ରଦେଶ ରୁ। ଆମ୍ବ ଗୁଡିକ ଆନ୍ଧ୍ର ପ୍ରଦେଶ ରୁ ଆସୁଥିବାରୁ ଦର ଉଚ୍ଚା ରହିଛି। ପୂର୍ବରୁ ମାର୍ଚ୍ଚ ଓ ଏପ୍ରିଲ ମାସ ବେଳକୁ କେରଳ, ମହାରାଷ୍ଟ୍ର, ହରୀୟାଣା, ଦିଲ୍ଲୀଓ ପଶ୍ଚିମବଙ୍ଗ ଆଦି ଅଞ୍ଚଳରୁ ଅଧିକ ପରିମାଣରେ ଆମ୍ବ କାକଟପୁର ଆସୁଥିଲା। କିନ୍ତୁ ଚଳିତ ବର୍ଷ ଏ ସବୁ ଅଞ୍ଚଳରୁ ଆମ୍ବ ଗାଡି ଆସୁନାହିଁ। ଏଣୁ ବ୍ୟବସାୟୀ ମାନେ ଆନ୍ଧ୍ର ଉପରେ ଆମ୍ବ ପାଇଁ ଭରସା କରିଛନ୍ତି। ସେହିପରି କଞ୍ଚା ଦେଶୀ ଆମ୍ବ ବଜାର କୁ ଯାହା ଆସୁଛି ତାହା କେବଳ ଆଚାର ପାଇଁ ଉପଯୋଗୀ। ଏହାର ଦର କିଲୋ ପିଛା ୪୦ଟଙ୍କା ରହିଛି।ଆମ୍ବର ଉଚ୍ଚା ଦର ଯୋଗୁଁ ଲୋକେ ଏହାକୁ କିଣିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଦୁଇ ରୁ ତିନି କିଲୋ କିଣିବା ଜାଗାରେ ଏକ କିଲୋ ଆମ୍ବ କିଣିକି ଘରକୁ ନେଉଛନ୍ତି।ଏଣୁ ବେପାର ଠିକି ସେ ହେଉନାହିଁ। ଅନ୍ୟ ପକ୍ଷରେ ମେ 'ଓ ଜୁନ ମାସ ତଥା ରଜ ଏବଂ ସାବିତ୍ରୀ ବେଳକୁ ବଜାରରେ ଅଧିକ ମାତ୍ରାରେ ଆମ୍ବ ବଜାରକୁ ଆସେ। କାରଣ ଏହି ସମୟରେ ରାଜ୍ୟର ବ୍ରହ୍ମପୁର, ଖୋର୍ଦ୍ଧା, ସମ୍ବଲପୁରଓ ଢେଙ୍କାନାଳ ଆଦି ଜିଲାରୁ ଦେଶୀ ଆମ୍ବ ଆସେ।

## ୭ ପଞ୍ଚାୟତକୁ ପ୍ରୋତ୍ସାହନ ରାଶି ପ୍ରଦାନ



**ସାଲେପୁର,୨୫।୪(ସଂଚାର ବ୍ୟୁରୋ):** ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ସାଲେପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଖଗେଶ୍ୱର ପାତ୍ରଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏହି ଅବସରରେ ସାଲେପୁର ବ୍ଲକ ପ୍ରଶାସନ ପକ୍ଷରୁ ସାଲେପୁର ବ୍ଲକର ୩୫ଟି ପଞ୍ଚାତ ମଧ୍ୟରୁ ୭ଗୋଟି ପଞ୍ଚାୟତକୁ କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ପାତ୍ର ଚନ୍ଦ୍ରାଦେଇପୁର ଚମ୍ପତି, ପିକୋଳ, ରାଇସୁଙ୍ଗୁଡ଼ା, ଗୋପିନାଥପୁର ପଞ୍ଚାୟତକୁ ୭ଲକ୍ଷ ୭୨ହଜାର ୯୪୭ଟଙ୍କା ଲେଖାଁ ଅନୁଦାନ ରାଶି ପ୍ରଦାନ କରାଯାଇଥିବାବେଳେ ଭୀମଦାସପୁର ପଞ୍ଚାୟତକୁ ୫ଲକ୍ଷ ୭୯ହଜାର ୭୧୦ଟଙ୍କା ଓ କଟରପା ପଞ୍ଚାୟତକୁ ୩ଲକ୍ଷ ୪୬ହଜାର ୪୩୭ଟଙ୍କାର ଚେକ୍ ସରପଞ୍ଚ ଓ ସମିତିସଭ୍ୟଙ୍କୁ ପ୍ରଦାନ କରାଯାଇଛି।